ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ' ୧୯/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, May 19/2023 | Page 20 | ₹ 7.00

୪୯ଶ ଭାଗ ୧୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 173 | ମୂଲ୍ୟ₹୭/-

DSPL-49

ODISHA
NEW OPPORTUNITIES

JOIN THE JUGGERNAUT



# Odisha ranks 2nd among states in India attracting ongoing investments

## THE STATE EMERGES AS INDIA'S THRIVING INDUSTRIAL POWERHOUSE

### Top States attracting higher ongoing investments in FY23 (₹ Lakh crore)




"With implementation of our '5T' framework, Odisha has become the investment destination of choice for the investor community.

We welcome you to join our journey of industrial growth."

**Shri Naveen Patnaik**
Hon'ble Chief Minister, Odisha

## ODISHA LEADS THE WAY

**IPR- 2022**
To make Odisha the "**Destination of Choice**" for investors

**District Investment Promotion Agency (DIPA)**
Investment Facilitation, Project Monitoring and Aftercare **at the District level**

**First of its kind Single Window Clearance System is awarded "Silver" in E-Governance System by Govt of India**
GO-SWIFT has bagged the National E-governance Silver Award in 2019-20 under the category "**Excellence in Government Process Re-engineering for Digital Transformation**"

**LEADS Award Odisha**
"**Achiever**" state in the LEADS rankings 2022

**Ease of Doing Business Odisha**
"**Achiever**" in the Ease of Doing Business rankings released by DPIIT, Government of India in 2022

**IPICOL among the leading IPAs in the country**
IPICOL has been a Top performer IPA among 20 states with an **overall score of 98%** by Invest India in collaboration with the World Bank Group

**Enabling Infrastructure by creating vast Industrial Landbanks**
**1 lakh+** acres in the next **5 years** along with industrial-grade utilities like electricity and water

**MSME Parks developed in every district**
**18 parks** have been created and additional **12 parks** are planned to be completed in next **5 years**

**Biju Expressway The lifeline of Western Odisha**
**10 districts** covering more than **3000 acres** of land along the Biju Economic Corridor from Biramitrapur (Sundergarh) to Mottu (Malkangiri)

OIPR-14005/13/0003/2324

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

**ଏଭରେଷ୍ଟ ଆରୋହଣ ଉଦ୍ୟମ ବେଳେ ଭାରତୀୟ ମହିଳାଙ୍କ ମୃତ୍ୟୁ**

ଏଭେରେଷ୍ଟ ଆରୋହଣ ପାଇଁ ଉଦ୍ୟମରତ ଜଣେ ୫୯ ବର୍ଷୀୟା ଭାରତୀୟ ମହିଳାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ନେପାଳ ବେସ୍ କ୍ୟାମ୍ପରେ ପର୍ବତାରୋହଣ ଅଭ୍ୟାସ କରୁଥିବାବେଳେ ସେ ଅସୁସ୍ଥ ହୋଇପଡ଼ିଥିଲେ। ସୁଜାନେ ଜେସସ୍ ଏଭେରେଷ୍ଟ ଆରୋହଣ କରିବାରେ ଏସିଆର ପ୍ରଥମ ମହିଳା ପେସ୍‌ମେକର ହେବାକୁ ଲକ୍ଷ୍ୟ ରଖିଥିଲେ।

# କାହିଁକି ପଛରେ ପଡ଼ିଲେ ଡିକେଏସ୍

**ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୧୮।୫**

ଉଭୟ ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାର (ଡିକେଏସ୍) କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିଲେ। କିନ୍ତୁ ସିଦ୍ଧାରାମାୟାଙ୍କ ପଲା ଭାରି ଥିବା ଫଳାଫଳ ଆସିବା ପରଠୁ ଏକପ୍ରକାର ସ୍ପଷ୍ଟ ଥିଲା। କର୍ଣ୍ଣାଟକ କଂଗ୍ରେସ ସଭାପତି ଶିବକୁମାର କଠିନ ପରିଶ୍ରମ କରି ଦଳ ପାଇଁ ଆଶାତୀତ ସଫଳତା ଆଣିଦେବା ସତ୍ତ୍ୱେ ତାଙ୍କୁ ବଡ଼ ପଦବୀ ପାଇବା ଲାଗି ୨୦୨୪ ଲୋକ ସଭା ନିର୍ବାଚନ ଫଳାଫଳ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ। ସିଦ୍ଧାରାମାୟାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲେ ହେଁ ଶିବକୁମାରଙ୍କ ଡିଲ୍ ମଧ୍ୟ କମ୍ ଲାଭଜନକ ନୁହେଁ। ଦୁହିଁଙ୍କୁ ହାଇକମାଣ୍ଡ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ରୂପେ ଚୟନ କରିବା ପଛର କେତେକ କାରଣ ସମ୍ପର୍କରେ ଉଲ୍ଲେଖ କରାଗଲା।

▶▶ଶିବକୁମାରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଥିବାରୁ ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କ ପଛରେ ପଡ଼ିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଏହି ମାମଲାଗୁଡ଼ିକୁ ଆଗକୁ ବଢ଼ାଇବା ନେଇ ଯଥେଷ୍ଟ ସମ୍ଭାବନା ରହିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା କଂଗ୍ରେସ ପାଇଁ ଅଡୁଆ ସ୍ଥିତି ଉପୁଜାଇପାରେ। ବିଶେଷକରି କର୍ଣ୍ଣାଟକର ବିଦାୟୀ ବୋମାଇ ସରକାର ବିରୋଧରେ କଂଗ୍ରେସ '୪୦ ପ୍ରତିଶତ କମିଶନ ସରକାର' ସ୍ଲୋଗାନ ଦେଇ ଜିତିଥିବାରୁ ଭାଜପା ଶିବକୁମାରଙ୍କ ଆଳରେ କଂଗ୍ରେସକୁ ଦୁର୍ନୀତିଗ୍ରସ୍ତ ବୋଲି ସାବ୍ୟସ୍ତ କରିବାକୁ ଉଦ୍ୟମ କରିପାରେ। ଶିବକୁମାରଙ୍କ ବିରୋଧରେ ସିବିଆଇ ମଧ୍ୟ ତଦନ୍ତ ଚଳାଇଛି। ଏହା ଉପରେ କର୍ଣ୍ଣାଟକ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଥିବାବେଳେ ସିବିଆଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସର୍ବୋଚ୍ଚ ଅଦାଲତ ଜୁଲାଇରେ ଏହାର ଶୁଣାଣି କରିବେ। ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ ନ କରାଇବା ପଛରେ ଏହାକୁ ସବୁଠୁ ବଡ଼ କାରଣ ବୋଲି କୁହାଯାଉଛି।

▶▶ସିଦ୍ଧାରାମାୟା ହେଉଛନ୍ତି କର୍ଣ୍ଣାଟକ ବିଧାୟକମାନଙ୍କ ମଧ୍ୟରେ ସର୍ବାଧିକ ଗ୍ରହଣଯୋଗ୍ୟ ଜନନେତା। ରାଜ୍ୟର ସବୁ ଅଞ୍ଚଳରେ ତାଙ୍କ ଅପିଲକୁ ଶୁଣାଯାଇଥାଏ। ସଂଖ୍ୟାଧିକ କଂଗ୍ରେସ ବିଧାୟକ ମଧ୍ୟ ସିଦ୍ଧାରାମାୟାଙ୍କୁ ସମର୍ଥନ କରୁଛନ୍ତି। ଦଳରେ ତାଙ୍କ ସ୍ଥିତି ଓ ପୂରା ୫ ବର୍ଷ ମୁଖ୍ୟମନ୍ତ୍ରୀ ଭାବେ ଅଭିଜ୍ଞତା ସିଦ୍ଧାରାମାୟାଙ୍କ ସପକ୍ଷରେ କାମ କରିଛି। ଜଣେ ପ୍ରଶାସକ ଭାବେ ସିଦ୍ଧାରାମାୟାଙ୍କୁ ତାଙ୍କ ପୂର୍ବ କ୍ୟାବିନେଟ ସହଯୋଗୀମାନେ ମଧ୍ୟ ପସନ୍ଦ କରନ୍ତି।

▶▶ଶିବକୁମାର ଓବିସି ଭୋକାଲିଙ୍ଗା ଜାତିର। ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲେ ଅନ୍ୟ ଜାତିଗୁଡ଼ିକର ଲୋକେ କଂଗ୍ରେସକୁ ନାପସନ୍ଦ କରିଥାନ୍ତେ। ନିର୍ବାଚନରେ ମିଳିଥିବା ୪୨% ଭୋଟ ସବୁ ବର୍ଗର। ତେଣୁ ଅଣଭୋକାଲିଙ୍ଗା ଭୋଟରଙ୍କୁ ହାତଛଡ଼ା କରିବା ଭଳି ରିସ୍କ ନେବାକୁ କଂଗ୍ରେସ ଚାହିଁ ନ ଥିବ।

▶▶ସବୁକିଛି ସିଦ୍ଧାରାମାୟାଙ୍କ ସପକ୍ଷରେ ଥିବା ସତ୍ତ୍ୱେ ଶିବକୁମାରଙ୍କ ଦୃଢ଼ ମୂଳଚାଲ କଂଗ୍ରେସକୁ 'ଜଣେ ବ୍ୟକ୍ତି, ଗୋଟିଏ ପଦବୀ' ନୀତିରୁ ବିଚ୍ୟୁତ କରିଛି। ଶିବକୁମାର ଉପମୁଖ୍ୟମନ୍ତ୍ରୀ ପଦରେ ଥାଇ ପିସିସି ସଭାପତି ରହିବେ। ଫଳରେ ଦଳରେ ତାଙ୍କ ଦଖଲ ରହିବା ସହ କ୍ୟାବିନେଟ ଉପରେ ମଧ୍ୟ ବିଶେଷ ପ୍ରଭାବ ରହିବ।

▶▶ଶିବକୁମାର ଓ ତାଙ୍କ ଅନୁଗତ ବିଧାୟକମାନଙ୍କୁ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିବା ଆଶା କରାଯାଉଛି। ମନ୍ତ୍ରିମଣ୍ଡଳରେ କ୍ଷମତା ସନ୍ତୁଳନ ଯେମିତି ନ ବିଗିଡ଼େ ଏହା ତାଙ୍କୁ ସୁନିଶ୍ଚିତ କରିବ।

▶▶ସିଦ୍ଧାରାମାୟା ନିଜ ପୂର୍ବ ସରକାର (୨୦୧୩-୨୦୧୮) ଅମଳରେ ପ୍ରଥମ ବର୍ଷରେ ଶିବକୁମାରଙ୍କୁ କ୍ୟାବିନେଟରେ ସାମିଲ କରି ନ ଥିଲେ। ଏପରି କି ବର୍ତ୍ତମାନର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ମଧ୍ୟ ସେ ଅଣଦେଖା କରିଥିଲେ। ଏହାକୁ ନେଇ ସେତେବେଳେ ସିଦ୍ଧାରାମାୟା ଜଣେ ଏକଚ୍ଛତ୍ରବାଦୀ ବୋଲି ଅନେକେ ମନେକରିଥିଲେ। ତେଣୁ ଶିବକୁମାରଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇ କଂଗ୍ରେସ ଏକ ଭିନ୍ନ ବାର୍ତ୍ତା ଦେବାକୁ ଉଦ୍ୟମ କରିଛି। ଭାରତୀୟ ରାଜନୀତିରେ ୧ ବର୍ଷ ହେଉଛି ଲମ୍ବା ସମୟ। ୨୦୨୪ ନିର୍ବାଚନ ପରେ କଂଗ୍ରେସ ଶିବକୁମାରଙ୍କଠାରୁ ପିସିସି ମୁଖ୍ୟ ପଦ ନେଇ ତାଙ୍କୁ କେବଳ ମୁଖ୍ୟମନ୍ତ୍ରୀ କରିପାରେ।


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ(ମଝି)ଙ୍କ ସହ ଡି.କେ. ଶିବକୁମାର ଓ ସିଦ୍ଧାରାମାୟା।

> କର୍ଣ୍ଣାଟକର ସୁରକ୍ଷିତ ଭବିଷ୍ୟତ ଓ ଆମ ଲୋକଙ୍କ ମଙ୍ଗଳ ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା। ଆମେ ଏକାଠି ହୋଇ ଏହାର ଗ୍ୟାରେଣ୍ଟି ଦେଉଛୁ।
>
> **-ସିଦ୍ଧାରାମାୟା**

> ହାଇକମାଣ୍ଡଙ୍କ ନିଷ୍ପତ୍ତି ମୋ ପାଇଁ କୋର୍ଟରେ ବିଚାରପତିଙ୍କ ରାୟ ସଦୃଶ। କଂଗ୍ରେସର ସ୍ୱାର୍ଥରକ୍ଷା ଲାଗି ତ୍ୟାଗ କରିଛି।
>
> **-ଡି.କେ. ଶିବକୁମାର**

## କର୍ଣ୍ଣାଟକବାସୀ ବିଦ୍ୟୁତ୍ ବିଲ୍ ପୈଠ କରୁନାହାନ୍ତି

### ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇଥିଲା କଂଗ୍ରେସ

**ବେଙ୍ଗାଲୁରୁ, ୧୮।୫**

ସଦ୍ୟସମାପ୍ତ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ ସରକାର ଗଢ଼ିବାକୁ ଯାଉଥିବାବେଳେ ଏହି ଦଳ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ବିଭିନ୍ନ ଅଞ୍ଚଳରେ ଦାବି ହେଲାଣି। କଂଗ୍ରେସର ପ୍ରମୁଖ ପ୍ରତିଶ୍ରୁତି ମଧ୍ୟରେ ଥିଲା ୨୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇ ଦିଆଯିବ। ଏବେ କୋପ୍ପାଲ, କଲାବୁରଗି ଏବଂ ଚିତ୍ରଦର୍ଗ ଜିଲାର ଲୋକମାନେ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ମନା କରିଦେଇଛନ୍ତି। କଂଗ୍ରେସ ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇଥିବାରୁ ବିଲ୍ ପୈଠ କରିବା ଆବଶ୍ୟକ ନାହିଁ ବୋଲି ସେମାନେ କହିଛନ୍ତି। କଂଗ୍ରେସ ଜିତିବା ସମୟରୁ ହିଁ ଲୋକମାନେ ମାଗଣା ବିଜୁଳି ପାଇବାକୁ ହକ୍‌ଦାର ହୋଇଛନ୍ତି ବୋଲି ଚିତ୍ରଦୁର୍ଗ ଜିଲାର ଜଣେ ମହିଳା କହିବା ସହ ବିଲ୍ ପୈଠ କରିବାକୁ ବିଦ୍ୟୁତ୍ କର୍ମଚାରୀଙ୍କୁ ମନା କରିଦେଇଛନ୍ତି। ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାର ଆମ ବିଲ୍ ପୈଠ କରନ୍ତୁ। ନିର୍ବାଚନ ପରେ ମାଗଣା ୨୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଇଦିଆଯିବ ବୋଲି ସେମାନେ ଗ୍ୟାରେଣ୍ଟି ଦେଇଥିଲେ। ଆମେ ଇଭିଏମ୍ ବଟନ ଚିପିବା ସହ ଉକ୍ତ ଗ୍ୟାରେଣ୍ଟି ପାଇବାକୁ ହକ୍‌ଦାର ହୋଇଛୁ। ଯାହା ହୋଇଗଲେ ବି ଆମେ ବିଜୁଳି ବିଲ୍ ଦେବୁ ନାହିଁ ବୋଲି କୋପାଲର ଜଣେ ଉପଭୋକ୍ତା କହିଛନ୍ତି।

## ରାଣାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବ ଆମେରିକା


୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତାହାୱୁର ରାଣା

**ନ୍ୟୁୟର୍କ, ୧୮।୫**

୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଅଭିଯୁକ୍ତ ତାହାୱୁର ରାଣାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ କରାଯାଇଥିବା ଆବେଦନକୁ ଆମେରିକାର ଏକ କୋର୍ଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଡିଷ୍ଟ୍ରିକ୍ଟ କୋର୍ଟ ଅଫ୍ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଅଫ୍ କାଲିଫର୍ନିଆ ମାଜିଷ୍ଟ୍ରେଟ୍ ଜଜ୍ ଜ୍ୟାକ୍‌ଲିନ୍ ଚୁଲଜିଆନ୍ ଗତ ୧୬ରେ ୪୮ ପୃଷ୍ଠା ସମ୍ବଳିତ ଏକ ଅର୍ଡର୍ ଇସ୍ୟୁ କରିଥିଲେ। ପାକିସ୍ତାନ ବଂଶୋଦ୍ଭବ କାନାଡା ବ୍ୟବସାୟୀ ତାହାୱୁର ରାଣା(୬୨)ଙ୍କୁ ଭାରତ ଓ ଆମେରିକା ମଧ୍ୟରେ ଥିବା ପ୍ରତ୍ୟର୍ପଣ ଚୁକ୍ତି ଅଧୀନରେ ରାଣାଙ୍କୁ ପ୍ରତ୍ୟର୍ପଣ କରାଯିବା ଜରୁରୀ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଥିଲା। ସେ ବର୍ତ୍ତମାନ ଲସ୍ ଏଞ୍ଜେଲସ୍‌ସ୍ଥିତ ଡାଉନ୍ ଟାଉନ୍ ଜେଲରେ ଅଛନ୍ତି। ରାଣାଙ୍କ ପ୍ରତ୍ୟର୍ପଣ ପାଇଁ ଆମେରିକୀୟ କୋର୍ଟ ପକ୍ଷରୁ ଅନୁମତି ମିଳିବା ଭାରତ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି। ରାଣାଙ୍କ ପ୍ରତ୍ୟର୍ପଣ ଶୀଘ୍ର କରାଇବା ଲାଗି ଆମେରିକୀୟ ସଂସ୍ଥା ସହିତ ଭାରତ ଯୋଗାଯୋଗ ଚଳାଇଥିବା ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଛନ୍ତି।

## ସଂକ୍ଷେପରେ

### ୨୮ରେ ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ

**ନୂଆଦିଲ୍ଲୀ, ୧୮।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖରେ ନୂଆ ପାର୍ଲାମେଣ୍ଟ ଭବନର ଉଦ୍‌ଘାଟନ କରିବେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗୁରୁବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ଉଦ୍‌ଘାଟନ ପାଇଁ ଆମନ୍ତ୍ରଣ କରିଛନ୍ତି। ଆତ୍ମନିର୍ଭର ଭାରତ ଭାବନାର ପ୍ରତୀକ ଏହି ବିଲ୍ଡିଂର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି। ଏନ୍‌ଡିଏ ସରକାର ମେ' ୨୯ରେ ୯ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ପାର୍ଲାମେଣ୍ଟ ଭବନର ଉଦ୍‌ଘାଟନ ହେବାକୁ ଯାଉଛି।

### ଉଦ୍ଧାର କାର୍ଯ୍ୟରେ ଆଇଏନ୍‌ଏସ୍ ବିମାନ

**ଚାଇନା ବୋଟ୍ ଦୁର୍ଘଟଣା**

**ନୂଆଦିଲ୍ଲୀ, ୧୮।୫:** ଭାରତ ମହାସାଗରରେ ଚାଇନାର ଏକ ମାଛଧରା ବୋଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବାରୁ ସେଥିରେ ଥିବା ୩୯ କର୍ମଚାରୀ ନିଖୋଜ ଅଛନ୍ତି। ବେଜିଂର ଅନୁରୋଧ କ୍ରମେ ଉଦ୍ଧାର କାର୍ଯ୍ୟରେ ଭାରତୀୟ ନୌସେନା ସାମିଲ ହୋଇଛି। ଉକ୍ତ ଜାହାଜରେ ୧୭ ଚାଇନା କ୍ରିଉ ମେମ୍ବରଙ୍କ ସମେତ ଇଣ୍ଡୋନେସିଆର ୧୭ ଜଣ ଏବଂ ଫିଲିପାଇନ୍ସର ୫ ଜଣ ଥିଲେ। ଖରାପ ପାଗ ସତ୍ତ୍ୱେ ଭାରତୀୟ ନୌସେନାର ପି୮ଆଇ ବିମାନ ତଲାସି ଅଭିଯାନ ଜାରି ରଖିଛି। ବୁଡ଼ିଯାଇଥିବା ବୋଟ୍‌କୁ ଠାବ କରିବା ପାଇଁ ଦକ୍ଷିଣ ଭାରତ ମହାସାଗର ଅଞ୍ଚଳରେ ନୌସେନା ଏହାର ଏୟାର ଏମ୍‌ଆର୍ ଉପକରଣକୁ ନିୟୋଜିତ କରିଛି।

### ଚାକିରି ପାଇଁ ଜମି ଦୁର୍ନୀତି: ରାବ୍ରି ଦେବୀଙ୍କୁ ଇଡି ଜେରା



**ନୂଆଦିଲ୍ଲୀ, ୧୮।୫:** ବିହାରରେ ଚାକିରି ପାଇଁ ଜମି ଦୁର୍ନୀତିର ମନିଲଣ୍ଡରିଂ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରି ଦେବୀଙ୍କୁ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୫ ଘଣ୍ଟା ଜେରା କରିଛି। ସକାଳ ୧୧ଟାରେ ରାବ୍ରି ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମଧ୍ୟାହ୍ନ ଭୋଜନ ପାଇଁ ବାହାରକୁ ଆସିବା ପରେ ଅପରାହ୍ନ ୨ଟାରେ ପୁଣି କାର୍ଯ୍ୟାଳୟକୁ ଯାଇଥିଲେ। ମନିଲଣ୍ଡରିଂ ନିରୋଧୀ ଆକ୍ଟ ଅଧୀନରେ ଇଡି ପକ୍ଷରୁ ରାବ୍ରିଙ୍କ ବୟାନ ରେକର୍ଡ କରାଯାଉଛି। ରାବ୍ରି ଦେବୀଙ୍କ ସମେତ ପୁଅ ତେଜସ୍ୱୀ ଯାଦବ, ଝିଅ ମିସା ଭାରତୀ, ଚନ୍ଦା ଯାଦବ ଏବଂ ରାଗିଣୀ ଯାଦବଙ୍କ ମନିଲଣ୍ଡରିଂ ମାମଲା ନେଇ ଇଡି ଜେରା କରିସାରିଛି।

## ଜାଲିକାଟ୍ଟୁକୁ ଅନୁମତି ଦେଉଥିବା ସଂଶୋଧିତ ଆଇନ ବୈଧ

**ନୂଆଦିଲ୍ଲୀ, ୧୮।୫ (ପି.ଟି.)**

ତାମିଲନାଡୁର ଜାଲିକଟ୍ଟୁ, ମହାରାଷ୍ଟ୍ରର ଶଗଡ଼ ଗାଡ଼ି ପ୍ରତିଯୋଗିତା ଏବଂ କର୍ଣ୍ଣାଟକର ମଇଁଷି ଦୌଡ଼ କ୍ରୀଡ଼ା 'କମ୍ବାଲା'କୁ ଅନୁମତି ଦେଉଥିବା ସମ୍ପୃକ୍ତ ରାଜ୍ୟଗୁଡ଼ିକର ସଂଶୋଧିତ ଆଇନ ବୈଧ ବୋଲି ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ କେ.ଏମ୍. ଜୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସର୍ବସମ୍ମତିକ୍ରମେ ଏହି ରାୟ ଦେଇଛନ୍ତି। ୨୦୧୮ରେ ଦୁଇ ଜଣିଆ ଖଣ୍ଡପୀଠ ଏ ସମ୍ପର୍କିତ ୫ଟି ପ୍ରଶ୍ନକୁ ସାମ୍ବିଧାନିକ ପୀଠକୁ ବିଚାର ପାଇଁ ପଠାଇଥିଲେ। ତାମିଲନାଡୁରେ ପୋଙ୍ଗଲ ଉତ୍ସବ ଅବସରରେ ଷଣ୍ଢଙ୍କୁ କାବୁ କରିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ, ଯାହା ଜାଲିକାଟ୍ଟୁ ବା ଏରୁଥାଝୁବୁଥଲ ଭାବେ ପରିଚିତ। ସେହିପରି ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ କର୍ଣ୍ଣାଟକରେ କମ୍ବଲା ରେସ୍ ହୋଇଥାଏ, ଯେଉଁଥିରେ ଦୁଇଟି ଲେଖାଏ ମଇଁଷିକୁ ହଳରେ ଯୋଚି ଏହାକୁ କାଦୁଅ ଟ୍ରାକ୍‌ରେ ଦୌଡ଼ାଇଥାନ୍ତି। ଏଥିରେ ଯିଏ ଆଗରେ ପହଞ୍ଚେ, ସେ ବିଜୟୀ ଘୋଷିତ ହୋଇଥାଏ। ତାମିଲନାଡୁର ସଂଶୋଧିତ ଆଇନ ଉପରେ ଅଦାଲତଙ୍କ ନିଷ୍ପତ୍ତି ମହାରାଷ୍ଟ୍ର ଓ କର୍ଣ୍ଣାଟକର ସଂଶୋଧିତ ଆଇନ ପାଇଁ ଗାଇଡ୍। ୩ଟି ଯାକ ସଂଶୋଧିତ ଆଇନ ବୈଧ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି। ଉପରୋକ୍ତ ପ୍ରତିଯୋଗିତାକୁ ଅନୁମତି ଦେଉଥିବା ୩ ରାଜ୍ୟର ସଂଶୋଧିତ ଆଇନକୁ ଚ୍ୟାଲେଞ୍ଜ କରି ଦାଏର ଅନେକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।






## ବିପର୍ଯ୍ୟୟ ଆଡ଼କୁ ମୁହାଁଉଛି ପାକିସ୍ତାନ: ଇମ୍ରାନ୍

**ଇସ୍‌ଲାମାବାଦ, ୧୮।୫(ପି.ଟି.)**

ପାକିସ୍ତାନ ଆସନ୍ନ ବିପର୍ଯ୍ୟୟ ଆଡ଼କୁ ମୁହାଁଉଛି, ଏହା ବିଭାଜନର ସମ୍ମୁଖୀନ ହୋଇପାରେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସତର୍କ କରାଇଛନ୍ତି। ତାଙ୍କ ଦଳ ବିରୋଧରେ ସେନାକୁ ଲଗାଇବା ପାଇଁ ଶାସକ ମେଣ୍ଟ ଷଡ଼ଯନ୍ତ୍ର କରୁଥିବା ଇମ୍ରାନ୍ ଅଭିଯୋଗ କରିଛନ୍ତି। ଦେଶରେ ଲାଗିରହିଥିବା ରାଜନୈତିକ ଅସ୍ଥିରତାର ଏକମାତ୍ର ସମାଧାନ ନିର୍ବାଚନ ବୋଲି ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ୭୦ ବର୍ଷୀୟ ନେତା ତାଙ୍କ ଜମନ ପାର୍କ ବାସଭବନରୁ ଏକ ଭିଡିଓ ଲିଙ୍କ୍ ଉଦ୍‌ବୋଧନରେ କହିଛନ୍ତି। ତୁରନ୍ତ ନିର୍ବାଚନ କରାଇ ଦେଶକୁ ରକ୍ଷା କରିବା ପାଇଁ ସେ କ୍ଷମତାରେ ଥିବା ନେତାମାନଙ୍କୁ ନିବେଦନ କରିଛନ୍ତି। କ୍ଷମତାସୀନ ନେତୃବୃନ୍ଦ ଏନେଇ ଚିନ୍ତା ନ କଲେ ଦେଶରେ ପୂର୍ବ ପାକିସ୍ତାନ ଭଳି ସ୍ଥିତି ସୃଷ୍ଟି ହେବ ବୋଲି ସେ ସତର୍କ କରାଇଛନ୍ତି। ଗତ ୯ ତାରିଖରେ ତାଙ୍କ ଗିରଫଦାରି ଓ ହିଂସାକାଣ୍ଡ ପଛରେ ଶାସକ ମେଣ୍ଟ ଏବଂ ପଞ୍ଜାବର କାମଚଳା ସରକାରଙ୍କ ଷଡ଼ଯନ୍ତ୍ର ଥିଲା ବୋଲି ଇମ୍ରାନ୍ କହିଛନ୍ତି।


ଇମ୍ରାନ୍ ଖାନ୍

## ଅଭିଷେକଙ୍କୁ ସିବିଆଇ, ଇଡି ଜେରା କରିପାରିବେ: ହାଇକୋର୍ଟ

### ଶିକ୍ଷକ ନିଯୁକ୍ତି ମାମଲା

**କୋଲକାତା, ୧୮।୫**

ପଶ୍ଚିମବଙ୍ଗର ବହୁକୋଟି ଟଙ୍କା ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ତୃଣମୂଳ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଜେରା କରିପାରିବେ। କାଲକାଟା ହାଇକୋର୍ଟ ଗୁରୁବାର ତାଙ୍କ ପୂର୍ବ ରାୟକୁ କାଏମ ରଖିଛନ୍ତି। ସିବିଆଇ ଏବଂ ଇଡି ଏହି ମାମଲାରେ ଅଭିଷେକଙ୍କ ସମେତ ଟିଏମ୍‌ସିର ଯୁବନେତା କୁନ୍ତଳ ଘୋଷଙ୍କୁ ଜେରା କରିବା ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଅଭିଷେକଙ୍କ ନାଁ ନେବାକୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତାଙ୍କ ଉପରେ ଚାପ ପକାଉଥିବା ପୂର୍ବରୁ ଘୋଷ ଅଭିଯୋଗ କରିଥିଲେ। ଉଭୟଙ୍କ ଉପରେ ଜଷ୍ଟିସ୍ ଅମୃତା ସିଂଙ୍କ ଜଣିକିଆ ଖଣ୍ଡପୀଠ ୨୫ ଲକ୍ଷ ଟଙ୍କା ଲେଖାଏ ଜରିମାନା ଲଗାଇଛନ୍ତି। ଅଦାଲତଙ୍କ ସମୟ ବରବାଦ କରିଥିବାରୁ ଆବେଦନକାରୀଙ୍କ ଉପରେ ଜରିମାନା ଲଗାଯାଇଥିବା ଆଇନଜୀବୀ ଫିରଦୁସ୍ ଶମିମ କହିଛନ୍ତି। ପୂର୍ବରୁ ଜଷ୍ଟିସ୍ ଅଭିଜିତ ଗଙ୍ଗୋପାଧ୍ୟାୟ ଅଭିଷେକଙ୍କ ଜେରା କରିବା ଲାଗି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ କ୍ଷମତା ଦେଇଥିଲେ। ଏହା ବିରୋଧରେ ଅଭିଷେକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦୁଇଟିଯାକ ପିଟିଶନ ଜଷ୍ଟିସ୍ ସିହ୍ନାଙ୍କ ଖଣ୍ଡପୀଠକୁ ପଠାଯାଇଥିଲା। ଗତ ୧୫ ତାରିଖରେ ଏହାର ଶୁଣାଣି ଶେଷ ହେବା ପରେ ଜଷ୍ଟିସ ସିହ୍ନା ରାୟକୁ ସଂରକ୍ଷିତ ରଖିଥିଲେ।


ଅଭିଷେକ ବାନାର୍ଜୀ

## ବିହାରରେ ଜାତିଗତ ସର୍ଭେ: ହାଇକୋର୍ଟ ରାୟ ବଦଳାଇବାକୁ ମନାକଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧୮।୫ (ପି.ଟି.)**

ବିହାର ସରକାରଙ୍କ ଜାତିଗତ ସର୍ଭେ ଉପରେ ପାଟନା ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଲଗାଇଥିବାବେଳେ ଉକ୍ତ ରାୟକୁ ବଦଳାଇବା ପାଇଁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ବିହାରରେ ପ୍ରଥମ ପର୍ଯ୍ୟାୟ ଜାତି ଜନଗଣନା ଜାନୁୟାରୀ ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୧୫ରୁ ଆରମ୍ଭ ହୋଇ ମେ' ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପାଟନା ହାଇକୋର୍ଟ ଏହାକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ ନାମରେ ଏହା ଜନଗଣନା କି ନୁହେଁ, ତାହା ଅନୁଧ୍ୟାନ କରି ଦେଖାଯିବ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ କହିଥିଲେ। ଏହା କେବଳ ଜନଗଣନା ବୋଲି ବିଭିନ୍ନ ଦସ୍ତାବିଜ୍‌ରୁ ଜଣାପଡୁଥିବା ଜଷ୍ଟିସ୍ ବିନ୍ଦଲ କହିଥିଲେ। ହାଇକୋର୍ଟ ଜୁଲାଇ ୩ରେ ମୁଖ୍ୟ ଆବେଦନର ଶୁଣାଣି କରିବାକୁ ଥିବାରୁ ଜୁଲାଇ ୧୪ରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି କରିବେ ବୋଲି କହିଛନ୍ତି।




# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧୯/୨୦୨୩ | Bhubaneswar, Friday, May 19/2023






## ଆକରମାନ ୧୧ଶ ଷ୍ଟେଜ୍ ବିଜେତା

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୧ଶ ଷ୍ଟେଜ୍ ବିଜେତା ହୋଇଛନ୍ତି ଜର୍ମାନୀର ପାସ୍କାଲ ଆକରମାନ।

୧୦

୦୭

## କାନ୍ସରେ ମନ ମୋହିଲେ ଇଶା

ଅନ୍ତର୍ଜାତୀୟ ଶୋ' କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୩ରେ ବଲିଉଡ୍ ଅଭିନେତ୍ରୀ ଇଶା ଗୁପ୍ତା ଯୋଗଦେଇଥିବା ବେଳେ ସେ ଏକ ଧଳା ସ୍ଲିଟ୍ ଗାଉନ ପିନ୍ଧି ସମସ୍ତଙ୍କ ମନ ମୋହିଛନ୍ତି।





ମାଟ୍ରିକ୍ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇବା ପରେ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। **(ଫଟୋ: ବିକାଶ)**

## ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷାଫଳ | ଏଥର ଝିଅ ଆଗରେ

### ■ ପାସ୍ ହାର ୯୬.୪୦% ■ କଟକ, ଜଗତ୍‌ସିଂହପୁରରେ ସର୍ବାଧିକ ୯୭.୯୯%

କଟକ ଅଫିସ,୧୮।୫

### ୨୩ରୁ ରିଚେକିଂ ପ୍ରକ୍ରିୟା ଆରମ୍ଭ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିସହିତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇଛି। ଏଥର ରେକର୍ଡ ସଂଖ୍ୟକ ପାସ୍ ହାର ୯୬.୪୦% ରହିଛି। ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଛାତ୍ରୀଙ୍କ ପାସ ହାର ୯୭.୦୫% ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୯୫.୭୫% ରହିଛି। ୨ଲକ୍ଷ ୫୭ ହଜାର ୧୦୬ ଜଣ ଛାତ୍ରୀ ପାସ କରିଥିବା ବେଳେ ୨ ଲକ୍ଷ ୫୧ ହଜାର ୨୯୮ ଜଣ ଛାତ୍ର ପାସ କରିଛନ୍ତି। ୯୦%ରୁ ଅଧିକ ନମ୍ବର ରଖିଥିବା ଝିଅଙ୍କ ସଂଖ୍ୟା ୨,୨୫୪ ରହିଥିବା ବେଳେ ୯୦%ରୁ ଅଧିକ ନମ୍ବର ରଖିଥିବା ପୁଅଙ୍କ ସଂଖ୍ୟା ୧,୯୦୪ ରହିଛି। ୩,୨୨୨ଟି ସ୍କୁଲରେ ଶତପ୍ରତିଶତ ପିଲା ପାସ କରିଛନ୍ତି। ☞ପୃଷ୍ଠା-୨

# ସିଦ୍ଧାରାମାୟା କର୍ନାଟକ ମୁଖ୍ୟମନ୍ତ୍ରୀ

### ଶିବକୁମାର ଉପମୁଖ୍ୟମନ୍ତ୍ରୀ ସହ ପିସିସି ସଭାପତି ପଦରେ ରହିବେ



ସିଦ୍ଧାରାମାୟା



ଡି.କେ. ଶିବକୁମାର

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୧୮।୫

### ■ ଶନିବାର ଶପଥ ଗ୍ରହଣ

କର୍ନାଟକ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ୫ ଦିନ ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଅଚଳାବସ୍ଥା ଦୂର ହୋଇଛି। ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା ମୁଖ୍ୟମନ୍ତ୍ରୀ ଏବଂ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଡି.କେ. ଶିବକୁମାର ଉପମୁଖ୍ୟମନ୍ତ୍ରୀ ହେବେ। ବେଙ୍ଗାଲୁରୁରେ ଉଭୟେ ଶନିବାର ଅପରାହ୍ଣ ୧୨ଟା ୩୦ରେ ଶପଥ ନେବେ ବୋଲି ଗୁରୁବାର କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟପାଳ ଥାୱରଚନ୍ଦ ଗେହଲଟଙ୍କୁ ଏହି ବିଷୟ ଜଣାଇବା ପାଇଁ କଂଗ୍ରେସ ବିଧାୟକ ଜି. ପରମେଶ୍ୱରଙ୍କୁ ଦଳୀୟ ପ୍ରତିନିଧି ଭାବେ ପଠାଯାଇଥିଲା। ଇତିମଧ୍ୟରେ ସିଦ୍ଧାରାମାୟା ସରକାର ଗଠନ ଲାଗି ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।

କର୍ନାଟକ ବିଧାନସଭାର ୨୨୪ ଆସନ ପାଇଁ ଗତ ୧୦ ତାରିଖରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ୧୩୫ ଆସନ ଦଖଲ କରି ଅଭୂତପୂର୍ବ ସଫଳତା ପାଇଛି। ୧୩ରେ ଫଳାଫଳ ଆସିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହିସାବ ଛିଣ୍ଡି ନ ଥିଲା। ୭୫ ବର୍ଷୀୟ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏହି ବିଜୟର ସଫଳ ବିନ୍ଧାଣି କୁହାଯାଉଥିବା ୬୧ ବର୍ଷୀୟ ଶିବକୁମାର ମୁଖ୍ୟମନ୍ତ୍ରୀ ହେବା ପାଇଁ ଅଡ଼ିବସିଥିଲେ। ଫଳରେ ଦଳୀୟ ହାଇକମାଣ୍ଡଙ୍କୁ ନିଷ୍ପତ୍ତି ନେବାରେ ବିଳମ୍ବ ହେଲା। ଦିଲ୍ଲୀରେ ଅନେକ ପର୍ଯ୍ୟାୟ ଆଲୋଚନା ଓ ବିଚାରବିମର୍ଶ ପରେ ଶେଷରେ କେନ୍ଦ୍ରୀୟ ନେତୃତ୍ୱ ଓଲ୍ଡ ହର୍ସ ସିଦ୍ଧାରାମାୟାଙ୍କ ଉପରେ ଅଧିକ ଭରସା କରିଛନ୍ତି। ଶିବକୁମାର ସିଦ୍ଧାରାମାୟାଙ୍କ ଡେପୁଟି ହେବେ ବୋଲି କଂଗ୍ରେସ ମୁଖ୍ୟାଳୟରେ ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳ ଘୋଷଣା କରିଛନ୍ତି। ଶିବକୁମାର ଜଣେ ମାତ୍ର ଉପମୁଖ୍ୟମନ୍ତ୍ରୀ ହେବେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ବିଗ୍ ଟେକ୍ ଫାର୍ମର ଚକ୍ରାନ୍ତ

# ବଦଳିଲେ ୫ ଏସ୍‌ପି

■ ଅମିତାଭ ଠାକୁର ଟ୍ରାନ୍ସପୋର୍ଟ କମିଶନର

■ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏଥିସହ ୫ଟି ଜିଲାରେ ନୂଆ ଏସ୍‌ପିଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ଗୁରୁବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ରୀୟ ଡେପୁଟେଶନରୁ ଫେରି ନିଯୁକ୍ତି ଅପେକ୍ଷାରେ ଥିବା ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ଅମିତ ମୋହନ ପ୍ରସାଦଙ୍କୁ ମାନବାଧିକାର ସୁରକ୍ଷା ସେଲ୍‌ର ସ୍ୱତନ୍ତ୍ର ଡିଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ରେଳବାଇ ଓ ଉପକୂଳ ସୁରକ୍ଷା ସ୍ୱତନ୍ତ୍ର ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଅଗ୍ନିଶମ ଓ ହୋମ୍‌ଗାର୍ଡ ଡିଜି ସହ ସିଭିଲ ଡିଫେନ୍ସ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

“ଦେଶ ପାଇଁ ବହୁ ସମ୍ମାନ ଜିତିଥିବା କୁସ୍ତିଯୋଦ୍ଧାମାନେ ୪ ମାସ ଧରି ନ୍ୟାୟ ମାଗୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ଏମ୍‌ପିଙ୍କୁ ସୁରକ୍ଷା ଦେବାକୁ ଯାଇ ମୁହଁ ଖୋଲୁ ନାହାନ୍ତି।

– ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଆ ଘର, ଭେଣ୍ଡିଆ ବର,**
**ହସ ମାଡୁଥାଏ କରକର।**
**ପଥର ଘର ବୁଢ଼ା ବର,**
**ଲୁହ ବୋହୁଥାଏ ଝରଝର।**

ଘର ଚାଳଛପର ହୋଇଥାଉ ପଛେ, ବର ଯଦି ଯୁବା ହୋଇଥାଏ, ତେବେ କନିଆ ମନକୁ ସେ ମୋହିନିଏ। ସେହିପରି ପକ୍କାଘରେ ବୁଢ଼ା ବରର ହାତ ଧରି ଯେତେ ଧନ ସମ୍ପତ୍ତିରେ ବୁଡି ରହିଲେ ସୁଦ୍ଧା କନିଆର ଦୁଃଖର ଦିନ ମୋଟେ ସରିନଥାଏ। ତେଣୁ ବିବାହ ଭଳି ଶୁଭକର୍ମରେ ବର ଓ କନ୍ୟାଙ୍କ ବୟସରେ ଥିବା ତାରତମ୍ୟ ପ୍ରତି ଦୃଷ୍ଟି ଦିଆଯିବା ଉଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖାଇବ ପିତା ଗାଇବ ଗୀତା**
**ତେବେ ହୋଇବ ଜଗତଜିତା।**

ପିତା ନିୟମିତ ଖାଇବା ସ୍ୱାସ୍ଥ୍ୟପକ୍ଷେ ଖୁବ ହିତକର ହୋଇଥାଏ। ଗୀତା ଅତ୍ୟନ୍ତ ପବିତ୍ର ଗ୍ରନ୍ଥ। ଜୀବନର ବହୁ ସାରତତ୍ତ୍ୱ ଗୀତାରେ ଉଲ୍ଲେଖ କରାଯାଇଛି। ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଯୋଜନାର ଅଗ୍ରଗତି ସମ୍ପର୍କିତ ପଦକ୍ଷେପ ନେଇହେବ: ମୁଖ୍ୟମନ୍ତ୍ରୀ

## ରାଜ୍ୟ ଡାସ୍‌ବୋର୍ଡ ଲୋକାର୍ପିତ




ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଡାଟା ଏବଂ ଆନାଲିଟିକ୍ସ-ପରିଚାଳିତ ପ୍ଲାଟ୍‌ଫର୍ମ ରାଜ୍ୟ ଡାସ୍‌ବୋର୍ଡ ଲୋକାର୍ପିତ ହୋଇଛି। ଲୋକଙ୍କ ସୁବିଧା ପାଇଁ ତଥ୍ୟ ଭିତ୍ତିରେ ସରକାରୀ ଯୋଜନାଗୁଡ଼ିକର ତଦାରଖ ଏବଂ ଉତ୍ତମ ପରିଚାଳନା ଦିଗରେ ଏହା ବିଶେଷ ସହାୟକ ହେବ। ରାଜ୍ୟ ଡାସ୍‌ବୋର୍ଡରେ ୩ଟି ପ୍ରମୁଖ ବର୍ଗ ରହିଛି। ସେଗୁଡ଼ିକ ହେଉଛି ମୁଖ୍ୟମନ୍ତ୍ରୀ ଡାସ୍‌ବୋର୍ଡ, ବିଭାଗ ଡାସ୍‌ବୋର୍ଡ ଏବଂ ପ୍ରଶାସନିକ ପଦକ୍ଷେପ ତଦାରଖ ପୋର୍ଟାଲ। ଏହି ବ୍ୟବସ୍ଥା ଦ୍ୱାରା ୫-ଟି ଭିତ୍ତିରେ ବିଭିନ୍ନ ପ୍ରଶାସନିକ ବିଭାଗର କାର୍ଯ୍ୟଦକ୍ଷତା ମୂଲ୍ୟାୟନ ହେବ।

ଏହି ଡାସ୍‌ବୋର୍ଡର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି କେପିଆଇଏସ୍ (କି ପର୍ଫମାନ୍ସ ଇଣ୍ଡିକେଟର୍ସ) ପ୍ରଦର୍ଶନ ମୂଲ୍ୟାଙ୍କନ ବ୍ୟବସ୍ଥା ଏବଂ କାର୍ଯ୍ୟର ଅଗ୍ରଗତି ଦର୍ଶାଉଥିବା ଏକ ଭିଜୁଆଲ ଡିସ୍‌ପ୍ଲେ, ଯାହା ସମୟୋଚିତ ପଦକ୍ଷେପ ନେବାରେ ବେଶ୍ ସହାୟକ ହେବ। ବର୍ତ୍ତମାନ ଏଥିରେ ୩୦ଟି ଭିନ୍ନ ଭିନ୍ନ ଡାସ୍‌ବୋର୍ଡ ମାଧ୍ୟମରେ ୧୬ ବିଭାଗ ଯୋଡ଼ିହୋଇଛି। ପରବର୍ତ୍ତୀ ସମୟରେ ଅଧିକ ବିଭାଗକୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ଯୋଜନା ରଖାଯାଇଛି। ବିଭାଗଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ସେମାନଙ୍କ ଦ୍ୱାରା ପରିଚାଳିତ ଯୋଜନାଗୁଡ଼ିକର ମୂଲ୍ୟାୟନ କରିବା ପାଇଁ ଏଥିରେ ଭିଜୁଆଲାଇଜେସନ୍ ଏବଂ ଆଡଭାନ୍ସଡ ଆନାଲିଟିକ୍ସର ବ୍ୟବହାର କରାଯାଇଛି। ମୁଖ୍ୟମନ୍ତ୍ରୀ ଡାସ୍‌ବୋର୍ଡରେ ଲୋକଙ୍କ ସୁବିଧା ପାଇଁ ସମସ୍ତ ତଥ୍ୟ ଉପଲବ୍ଧ ରହିଛି। https://cmdashboard.odisha.gov.in/ ଲିଙ୍କ୍ ମାଧ୍ୟମରେ ସାଧାରଣ ଲୋକ ଏହି ଡାସ୍‌ବୋର୍ଡର ବ୍ୟବହାର କରିପାରିବେ। ଜନ ଭାଗୀଦାରି ଦ୍ୱାରା ବିଭାଗଗୁଡ଼ିକର ଉତ୍ତରଦାୟିତ୍ୱ ବଢ଼ିବା ସହ ଲୋକଙ୍କୁ ଉତ୍ତମ ସେବା ପ୍ରଦାନ ବ୍ୟବସ୍ଥାରେ ଆହୁରି ସ୍ୱଚ୍ଛତା ଆସିବ। ଏହାଦ୍ୱାରା ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ ନେଇ ପୁଙ୍ଖାନୁପୁଙ୍ଖ ସୂଚନା ମିଳିପାରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଟେକ୍ନୋଲୋଜି ଆମ ଶାସନ ମଡେଲର ଆଧାରବିନ୍ଦୁ ପାଲଟିଛି। ଶାସନ ବ୍ୟବସ୍ଥାକୁ ଆହୁରି ପ୍ରଭାବୀ କରିବା ସହ ଜନସେବାରେ ଆହୁରି ସ୍ୱଚ୍ଛତା ଆଣିବାକୁ ଆମେ ଶ୍ରେଷ୍ଠ ଟେକ୍ନୋଲୋଜିର ନିରନ୍ତର ବ୍ୟବହାର ଜାରି ରଖିବୁ। ସରକାରୀ ଯୋଜନାଗୁଡ଼ିକ ତଦାରଖ ବ୍ୟତୀତ ଏହି ଡାସ୍‌ବୋର୍ଡ ଦ୍ୱାରା ଯୋଜନାଗୁଡ଼ିକର ଅଗ୍ରଗତି ନେଇ ଅଧିକାରୀମାନେ ପଦକ୍ଷେପ ନେଇପାରିବେ ବୋଲି ସେ କହିଛନ୍ତି।

# ରତନଲାଲ କଟାରିଆଙ୍କ ପରଲୋକ

ନୂଆଦିଲ୍ଲୀ, ୧୮।୫


ରତନଲାଲ କଟାରିଆ

ଭାରତୀୟ ଜନତା ପାର୍ଟି (ଭାଜପା)ର ଅମ୍ବାଲା ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରତନଲାଲ କଟାରିଆଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୭୨ ବର୍ଷ ବୟସ ହେଉଥିଲା। ୩ ଥର ଏମ୍‌ପି ରହିଥିବା କଟାରିଆ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପିଜିଆଇ ଚଣ୍ଡିଗଡ଼ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଦେହାନ୍ତ ଘଟିଛି। କଟାରିଆ ୭ ଜୁଲାଇ ୨୦୨୧ ଯାଏ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।

# ୩ ଜିଲାକୁ ସମ୍ପ୍ରସାରିତ ହେବ ମୋ ବସ୍ ସେବା

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ରାଜ୍ୟର ଆଉ ୩ ଜିଲାକୁ ମୋ ବସ୍ ସେବା ସମ୍ପ୍ରସାରିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ଗଞ୍ଜାମ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାରେ ମୋ ବସ୍ ଗଡ଼ିବ ବୋଲି ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ଗଞ୍ଜାମ ଜିଲାର ଯାତ୍ରୀ ଉପକୃତ ହେବେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

# କଟକରୁ ୩ ଅଭିଯୁକ୍ତ ଗିରଫ

## ପଶ୍ଚିମବଙ୍ଗରେ ବାଣ ବିସ୍ଫୋରଣ ମାମଲା

କଟକ ଅଫିସ, ୧୮।୫

ପଶ୍ଚିମବଙ୍ଗର ଏକ ବାଣ ବିସ୍ଫୋରଣ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ ୩ ଜଣଙ୍କୁ ପଶ୍ଚିମବଙ୍ଗ ପୋଲିସ କଟକରୁ ବୁଧବାର ଗିରଫ କରିଛି। ଗିରଫ ପରେ ଜଣଙ୍କୁ ସାଙ୍ଗରେ ନେଇଯିବା ସହ ଚିକିତ୍ସାଧୀନ କାରଣରୁ ଅନ୍ୟ ୨ ଜଣଙ୍କୁ କଟକ କମିଶନରେଟ୍ ପୋଲିସ ହେପାଜତରେ ପଶ୍ଚିମବଙ୍ଗ ପୋଲିସ ଛାଡ଼ି ଯାଇଥିବା ଡିସିପି ପିନାକ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ଡିସିପିଙ୍କ ସୂଚନାନୁସାରେ, ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲା ଏଗ୍ରା ଥାନା ଅଞ୍ଚଳରେ ବେଆଇନ ଭାବେ ବାଣ ତିଆରି ହେଉଥିବା କାରଖାନାରେ ବିସ୍ଫୋରଣ ଘଟିଥିଲା। ଏଥିରେ ୯ ଜଣ ମୃତାହତ ହୋଇଥିଲେ। ଏନେଇ ଏଗ୍ରା ଥାନାରେ ଏକ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା ଯେ ବେଆଇନ ବାଣ ତିଆରି ଓ ବାଣ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ନିଜେ ଆହତ ହୋଇ କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପରେ ପଶ୍ଚିମବଙ୍ଗ ପୋଲିସ କଟକ କମିଶନରେଟ୍ ପୋଲିସ ସହ ଯୋଗାଯୋଗ କରି ସଦର ଥାନା ଅଞ୍ଚଳରୁ ଗିରଫ କରିଥିଲା।

# ବେଙ୍ଗାଲୁରୁ ଟେକ୍ସଟାଇଲ ଇନ୍‌ଭେଷ୍ଟର୍ସ ମିଟ୍

## ୧୧,୫୦୦ କୋଟି ପୁଞ୍ଜିନିବେଶ, ୩୧ ହଜାର ନିଯୁକ୍ତି ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ବେଙ୍ଗାଲୁରୁଠାରେ ମେ’ ୧୭ ଓ ୧୮ ଦୁଇଦିନ ଧରି ବୟନ ଶିଳ୍ପ, ଟେକ୍ନିକାଲ ଟେକ୍ସଟାଇଲ ସେକ୍ଟର ଉପରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ହୋଇଯାଇଛି। ଏଥିରେ ଓଡ଼ିଶା ୧୧,୫୦୦ କୋଟି ଟଙ୍କାର ପୁଞ୍ଜି ଆକୃଷ୍ଟ କରିବାରେ ସଫଳ ହୋଇଥିବା ବେଳେ ପ୍ରାୟ ୩୧,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହି ଅବସରରେ ଶିଳ୍ପ ସଚିବ ହେମନ୍ତ ଶର୍ମା କହିଛନ୍ତି, ଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ ଦୃଢ଼ ପ୍ରଶାସନ ରହିଛି। ଓଡ଼ିଶା ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍‌ରେ ଉତ୍ତମ ପ୍ରଦର୍ଶନ କରିବା ସହ ରାଜ୍ୟରେ ଉଚ୍ଚ କ୍ଷମତା ସମ୍ପନ୍ନ ମାନବ ସମ୍ବଳ, ବିଶ୍ୱସ୍ତରୀୟ ପ୍ରୋତ୍ସାହନ ବ୍ୟବସ୍ଥା ସୃଷ୍ଟି କରିପାରିଛି। ପୁଞ୍ଜିନିବେଶକାରୀଙ୍କୁ ଉତ୍ତମ ସୁଯୋଗ ଦେବା ଲାଗି ରାଜ୍ୟ ସରକାର ଇଣ୍ଡଷ୍ଟ୍ରିଆଲ ପାର୍କ ବିକାଶ କରିବା ସହିତ ସର୍ବୋତ୍ତମ ବ୍ୟବସ୍ଥା କରିଛନ୍ତି। ହସ୍ତତନ୍ତ ଓ ବୟନ ଶିଳ୍ପ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ରାଜ୍ୟ ସରକାର ବସ୍ତ୍ର ଓ ବୟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଆପାରେଲ ଆଣ୍ଡ ଟେକ୍ସଟାଇଲ ନୀତି-୨୦୨୨ କାର୍ଯ୍ୟକାରୀ କରିଛନ୍ତି। ଟେକ୍ସଟାଇଲ ପାର୍କଗୁଡ଼ିକ ପୁଞ୍ଜିନିବେଶକାରୀଙ୍କୁ ସହାୟତା କରିବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ବୟନ ଶିଳ୍ପପତିମାନେ ଓଡ଼ିଶାକୁ ଆଗେଇ ଆସିବାକୁ ସେ କହିଛନ୍ତି।

ଏହି ଅବସରରେ ମେ’ ୧୭ ତାରିଖରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ୨୪ ଜଣ ପୁଞ୍ଜିନିବେଶକାରୀଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମୁଖ୍ୟ ଶାସନ ସଚିବ ଶିଳ୍ପ ବିଭାଗ ଏବଂ ଇପିକଲକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଓଡ଼ିଶା ଦେଶର ଅଗ୍ରଣୀ ଆର୍ଥିକ ଅଭିବୃଦ୍ଧି ରାଜ୍ୟରେ ପରିଣତ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ସିଦ୍ଧାରାମାୟା କର୍ଣ୍ଣାଟକ...

ଏଥିସହ ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ପିସିସି ସଭାପତି ପଦରେ ରହିବେ। ଏହି ଘୋଷଣା ପରେ କର୍ଣ୍ଣାଟକର ଭବିଷ୍ୟତ ଓ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ଦୁଇ ନେତା ମିଳିମିଶି କାର୍ଯ୍ୟ କରିବେ ବୋଲି ଶିବକୁମାର ଟୁଇଟ୍ କରିଛନ୍ତି। ସେହିପରି କନ୍ନାଡିଗାମାନଙ୍କ ସ୍ୱାର୍ଥରକ୍ଷା ଲାଗି କଂଗ୍ରେସ ଦଳ ଏକ ପରିବାର ଭାବେ କାମ କରିବ ବୋଲି ସିଦ୍ଧାରାମାୟା କହିଛନ୍ତି। ସିଦ୍ଧାରାମାୟା ଓ ଶିବକୁମାର ଗୁରୁବାର ସକାଳେ ବେଣୁଗୋପାଳଙ୍କୁ ଭେଟିଥିଲେ। ଶୀର୍ଷ ପଦବୀ ପାଇଁ ଦୁଇନେତାଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହେବା ପରେ ଏହା ଥିଲା ଉଭୟଙ୍କ ପ୍ରଥମ ସାକ୍ଷାତ। ସେଠାରୁ ଦୁହେଁ ଏଆଇସିସି ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେଙ୍କୁ ଭେଟିବାକୁ ଯାଇଥିଲେ। ଏହା ପୂର୍ବରୁ ଖାର୍ଗେ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶିବକୁମାରଙ୍କୁ ଦୁଇଟି ଅଫର କରିଥିଲେ। ତାହା ହେଲା ଉଭୟେ ପାଳିକରି ମୁଖ୍ୟମନ୍ତ୍ରୀ ହେବେ ଏବଂ ଶିବକୁମାର ପ୍ରଥମେ ଉପମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ସହ ପିସିସି ସଭାପତି ପଦ ନିଜ ପାଖରେ ରଖିବେ। ଏହି ଦୁଇ ପ୍ରସ୍ତାବକୁ ସେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ସିଦ୍ଧାରାମାୟା ମଧ୍ୟ ଏଥିରେ ରାଜି ହୋଇ ନ ଥିଲେ। ଶେଷରେ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କ ହସ୍ତକ୍ଷେପ ପରେ ଶିବକୁମାର ନଂ.୨ ପୋଜିଶନରେ ରହିବା ପାଇଁ ରାଜି ହୋଇଛନ୍ତି। ସେ ପୂର୍ବବତ୍ ପିସିସି ସଭାପତି ପଦରେ ରହିଥିବେ। ଦଳୀୟ ସ୍ୱାର୍ଥ ପାଇଁ ସେ ତ୍ୟାଗ କରିବାକୁ ସହମତି ପ୍ରକାଶ କରିଥିବା କୁହାଯାଉଛି। କଂଗ୍ରେସ ଏମ୍‌ପି ତଥା ଶିବକୁମାରଙ୍କ ଭାଇ ଡି.କେ. ସୁରେଶ କହିଛନ୍ତି, ଏହି ନିଷ୍ପତ୍ତିକୁ ନେଇ ଆମେ ଖୁସି ନୋହୁଁ। ଭାଇ ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିଲେ।

ସିଦ୍ଧାରାମାୟା ଓ ଶିବକୁମାରଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦ ଲାଗି କ୍ଷମତା ଭାଗବଣ୍ଟା ଉପରେ କୌଣସି ନିଷ୍ପତ୍ତି ନିଆଯାଇଥିବା ନେଇ କିଛି ସ୍ପଷ୍ଟ ହୋଇନାହିଁ। ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଉପରେ ଏହା ନିର୍ଭର କରେ ବୋଲି କୁହାଯାଉଛି। ରାଜ୍ୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଭୋକାଲିଙ୍ଗା ସମ୍ପ୍ରଦାୟ ଶିବକୁମାରଙ୍କୁ ସମର୍ଥନ କରୁଥିବାବେଳେ ସିଦ୍ଧାରାମାୟାଙ୍କ ସପକ୍ଷରେ କଂଗ୍ରେସକୁ ଭୋଟ ଦେଇଥିବା ଅହିନ୍ଦ ମଞ୍ଚ (ସଂଖ୍ୟାଲଘୁ, ଅନ୍ୟ ପଛୁଆ ବର୍ଗ ଏବଂ ଦଳିତଙ୍କ ଏକ ପୁରୁଣା ସାମାଜିକ ସମୀକରଣ) ରହିଛି।

## ବଦଳିଲେ ୫...

୧୯୯୫ ବ୍ୟାଚ୍ ଆଇପିଏସ୍ ଅଫିସର ଆର୍.କେ. ଶର୍ମାଙ୍କୁ ଆଇନଶୃଙ୍ଖଳାରୁ ହଟାଇ ଅତିରିକ୍ତ ଡିଜିପି ମୁଖ୍ୟାଳୟ ଭାବେ ବଦଳି କରାଯାଇଥିବା ବେଳେ ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ସଞ୍ଜୟ କୁମାରଙ୍କୁ ଆଇନଶୃଙ୍ଖଳା ଅତିରିକ୍ତ ଡିଜି ସହ କମ୍ୟୁନିକେଶନ ଅତିରିକ୍ତ ଡିଜିପି ଭାବେ ବଦଳି କରାଯାଇଛି। ସେହିପରି ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଅତିରିକ୍ତ ଡିଜି ଅପରେଶନ ଦାୟିତ୍ୱରେଥିବା ଅମିତାଭ ଠାକୁରଙ୍କୁ ପରିବହନ କମିଶନର ଭାବେ ବଦଳି କରାଯାଇଛି। ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ସୁରେଶ ଦେବଦତ୍ତ ସିଂହଙ୍କୁ ଅତିରିକ୍ତ ଡିଜି ଅପରେଶନ ଭାବେ ବଦଳି କରାଯାଇଥିବା ବେଳେ କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ଦୟାଲ ଗଙ୍ଗୱାରଙ୍କୁ ରେଳବାଇ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଡିଜି, ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ରାଜେଶ କୁମାରଙ୍କୁ ଏଡିଜି ଆଧୁନିକୀକରଣ ଭାବେ ଅବସ୍ଥାପିତ କରାଯାଇଛି। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଫିସର ତଥା କେନ୍ଦ୍ରାଞ୍ଚଳ ଆଇଜି ଥିବା ନରସିଂହ ଭୋଳଙ୍କୁ ଅବକାରୀ କମିଶନର ଭାବେ ବଦଳି କରାଯାଇଥିବା ବେଳେ ସେଠାରେ ଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ ସିଂଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ଓ ରାଜ୍ୟ ଫୋରେନ୍‌ସିକ ସାଇନ୍ସ ଲ୍ୟାବ୍‌ର ଆଇଜି ଭାବେ ବଦଳି କରାଯାଇଛି। ସେହିପରି ୨୦୦୭ ବ୍ୟାଚ୍ ଆଇପିଏସ୍ ଅଫିସର ରାଜେଶ ପଣ୍ଡିତଙ୍କୁ ରାଜ୍ୟ ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜି ଭାବେ ବଦଳି କରାଯାଇଛି। ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂଙ୍କୁ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍ ଡିଆଇଜି ଭାବେ ବଦଳି କରାଯାଇଛି। ସିଂ ଏବେ ସ୍ପେଶାଲ ଆର୍ମଡ ଫୋର୍ସ ଡିଆଇଜି ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ସି.ଏସ୍. ମୀନାଙ୍କୁ କୋରାପୁଟ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଭାବେ ବଦଳି କରାଯାଇଛି।

ଏତଦ୍‌ବ୍ୟତୀତ କେନ୍ଦୁଝର ଏସ୍‌ପି ତଥା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ମିତ୍ରଭାନୁ ମହାପାତ୍ରଙ୍କୁ ରାଉରକେଲା ଏସ୍‌ପି ଭାବେ ବଦଳି କରାଯାଇଥିବାବେଳେ ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧରଙ୍କୁ ମୟୂରଭଞ୍ଜ, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୋଙ୍କୁ ସମ୍ବଲପୁର, ବଲାଙ୍ଗୀର ଏସ୍‌ପି କୁସାଲକାର ନୀତିନ୍ ଦାଗଡୁଙ୍କୁ କେନ୍ଦୁଝର ଓ ୨୦୧୬ ବ୍ୟାଚ୍ ଆଇପିଏସ୍ ଅଫିସର ଖିଲାରୀ ରିଷିକେଶଙ୍କୁ ବଲାଙ୍ଗୀର ଏସ୍‌ପି ଭାବେ ବଦଳି କରାଯାଇଛି। ରିଷିକେଶ ଏବେ ମୟୂରଭଞ୍ଜ ଏସ୍‌ପି ଅଛନ୍ତି।

## ଏଥର ଝିଅ...

କଟକ ଓ ଜଗତ୍‌ସିଂହପୁର ଜିଲାରେ ପାସ୍‌ହାର ସର୍ବାଧିକ ୯୭.୯୯% ରହିଛି। ମାଲ୍‌କାନଗିରି ଜିଲାରେ ସବୁଠାରୁ କମ୍ ରେଜଲ୍ଟ ହୋଇଛି। ଏଠାରେ ପାସ ହାର ୯୨.୬୩ % ରହିଛି। www.bseodisha.ac.inରେ ରେଜଲ୍ଟ ଉପଲବ୍ଧ ହେଉଛି। ଆସନ୍ତା ୨୩ତାରିଖରୁ ରିଚେକିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ମିଳିଛି।

କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ଗଣଶିକ୍ଷା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏହି ପୁସ୍ତିକାକୁ ଉନ୍ମୋଚନ କରି ଫଳାଫଳ ପ୍ରକାଶ କରିଥିଲେ। ଚଳିତ ବର୍ଷ ପରୀକ୍ଷା ଫଳ ଭଲ ହୋଇଥିବାବେଳେ ରାଜ୍ୟରେ ୩,୨୨୨ଟି ସ୍କୁଲରେ ଶତ ପ୍ରତିଶତ ଫଳ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍, ବୋର୍ଡ ସଭାପତି ରାମାଶିଷ ହାଜରା ଓ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଚଳିତବର୍ଷ ମୋଟ ୫ଲକ୍ଷ ୨୭ହଜାର ୩୭୪ଜଣ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫ଲକ୍ଷ ୧୬ହଜାର ୪୩୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୮୬ଜଣଙ୍କୁ ଏମ୍‌ପି କରାଯାଇଥିବାବେଳେ ୫ଲକ୍ଷ ୮ହଜାର ୪୦୪ଜଣ ପାସ୍ କରିଛନ୍ତି। ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪,୧୫୮ ଜଣ ଏ-୧ ଗ୍ରେଡରେ ପାସ୍ କରିଥିବାବେଳେ ୨୯ହଜାର ୮୩୮ଜଣ ଏ-୨, ୭୭ ହଜାର ୫୬୭ ଜଣ ବି-୧, ୧ଲକ୍ଷ ୧୮ ହଜାର ୭୫୦ ଜଣ ବି-୨, ୧ଲକ୍ଷ ୨୧ ହଜାର ୬୧୧ ଜଣ ସି, ୯୫ ହଜାର ୬ ଜଣ ଡି, ୬୧ ହଜାର ୪୭୪ ଜଣ ଇ ଓ ୭,୬୪୫ ଜଣ ଏଫ୍ ଗ୍ରେଡରେ ରହିଛନ୍ତି।

ସେହିପରି ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି। ଚଳିତବର୍ଷ ମଧ୍ୟମା ପରୀକ୍ଷା ନିମନ୍ତେ ୩,୬୨୭ ଜଣ ପଞ୍ଜୀକରଣ କରିଥିବାବେଳେ ୪୭୯ ଜଣ ପରୀକ୍ଷା ଦେଇ ନ ଥିଲେ। ସେଥିରୁ ୩,୧୧୭ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏ - ୧ରେ ୧୪ ଜଣ, ଏ - ୨ରେ ୫୮୯ ଜଣ, ବି-୧ରେ ୧୦୫୧ ଜଣ, ବି-୨ରେ ୮୩୪ ଜଣ, ସି ଗ୍ରେଡ୍‌ରେ ୪୭୫ ଜଣ, ଡି ଗ୍ରେଡ୍‌ରେ ୧୦୩ଜଣ, ଇ-ଗ୍ରେଡ୍‌ରେ ୫୧ଜଣ, ଏଫ୍ ଗ୍ରେଡରେ ୩୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ମଧ୍ୟମା ପରୀକ୍ଷାରେ ପାସ୍ ହାର ୮୫.୯୪ ପ୍ରତିଶତ ରହିଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବା ପାଇଁ ୫୦୧୮ ଜଣ ପଞ୍ଜୀକରଣ କରିଥିବାବେଳେ ୫୨୮ ଜଣ ପରୀକ୍ଷା ଦେଇ ନ ଥିଲେ। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୭୪୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ -୨ରେ ୨୧ ଜଣ, ବି-୧ରେ ୧୬୮ ଜଣ, ବି-୨ରେ ୭୧୬ ଜଣ, ସି ଗ୍ରେଡ୍‌ରେ ୯୧୩ ଜଣ, ଡି ଗ୍ରେଡ୍‌ରେ ୧,୨୦୪ ଜଣ, ଇ ଗ୍ରେଡ୍‌ରେ ୭୨୪ଜଣ, ଏଫ୍ ଗ୍ରେଡ୍‌ରେ ୭୦୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ପାସ୍ ହାର ୭୫.୦୭ ପ୍ରତିଶତ ରହିଛି।

# ଏଥର ରେକର୍ଡ ସଂଖ୍ୟକ ପାସ୍ ହାର

- **ବଦଳିବ ପରୀକ୍ଷା ପଦ୍ଧତି**
- **ବର୍ଷକୁ ହେବ ଗୋଟିଏ ପରୀକ୍ଷା**

କଟକ ଅଫିସ, ୧୮।୫

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପାସ୍ ହାର ପୂର୍ବ ୫ବର୍ଷର ରେକର୍ଡ ଭାଙ୍ଗିଛି। ଏଥର ସବୁ ଜିଲାରେ ୯୦% ଉପରେ ପାସ୍ ହାର ରହିଛି। କଟକ ଓ ଜଗତ୍‌ସିଂହପୁର ଜିଲାରେ ପାସ୍ ହାର ସର୍ବାଧିକ ୯୭.୯୯% ଥିବାବେଳେ ଖୋର୍ଦ୍ଧା ଜିଲାରେ ପାସ୍ ହାର ୯୭.୪୮% ଦ୍ୱିତୀୟ ଓ ସୁନ୍ଦରଗଡ ଜିଲାରେ ପାସ୍ ହାର ୯୭.୩୯% ରଖି ତୃତୀୟରେ ରହିଛି। ୨୦୨୧ରେ କୋଭିଡ୍ ପାଇଁ ମାଟ୍ରିକ ପରୀକ୍ଷା କରା ନଯାଇ ଫଳାଫଳ ପ୍ରକାଶ ପାଇଥିଲା। ସେଥିରେ ରାଜ୍ୟର ପାସ୍ ହାର ୯୭.୮୯% ରହିଥିଲା। ତେବେ ପରୀକ୍ଷା କରାଯାଇ ପାସ୍ ହାର ଦେଖିଲେ ଚଳିତବର୍ଷ ସର୍ବାଧିକ ପାସ୍ ହାର ରହିଛି। ୨୦୨୩ରେ ୯୬.୪୦% ପାସ୍ ହାର ରହିଥିବାବେଳେ, ୨୦୨୨ରେ ୯୦.୫୫%, ୨୦୨୦ରେ ୭୮.୭୬%, ୨୦୧୯ରେ ୭୬.୨୩%, ୨୦୧୮ରେ ୭୦.୭୮% ପାସ୍ ହାର ରହିଥିଲା। କୋଭିଡ୍ ପରଠାରୁ ରାଜ୍ୟରେ ନୂତନ ପଦ୍ଧତିରେ ପରୀକ୍ଷା ଆରମ୍ଭ ହୋଇଥିଲା। ତେବେ ଗତ ଦୁଇ ବର୍ଷରେ ନୂତନପଦ୍ଧତି ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ପାସ୍ ହାରରେ ବଡ ପରିବର୍ତ୍ତନ ଆସିଛି। ୨୦୧୮, ୨୦୧୯, ୨୦୨୦ରେ ପାସ୍ ହାର ୮୦% ଛୁଇଁ ନ ଥିବାବେଳେ ନୂତନ ପଦ୍ଧତିରେ ପରୀକ୍ଷା ଦ୍ୱାରା ୯୦%କୁ ବୃଦ୍ଧିପାଇଛି। ତେବେ ସର୍ବନିମ୍ନରେ ରହୁଥିବା ଜିଲାଗୁଡିକର ପାସ୍ ହାର ମଧ୍ୟ ୯୦% ଉପରେ ରହିଛି।

ଅପରପକ୍ଷରେ ପୁଣି ମାଟ୍ରିକ ପରୀକ୍ଷା ପଦ୍ଧତି ବଦଳିବାକୁ ଯାଉଛି। ବର୍ଷରେ ଆଉ ଦୁଇଟି ପରୀକ୍ଷା ହେବନାହିଁ। ପୂର୍ବଭଳି ବର୍ଷ ଶେଷରେ ଗୋଟିଏ ଥର ପରୀକ୍ଷା କରାଯିବ। କରୋନା ଯୋଗୁ କାର୍ଯ୍ୟକାରୀ କରାଯାଇଥିବା ନୂତନ ପରୀକ୍ଷା ପଦ୍ଧତିକୁ ଚଳିତବର୍ଷଠାରୁ ବନ୍ଦ କରିଦିଆଯିବ। ଏ ନେଇ ଖୁବ୍‌ଶୀଘ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ତେବେ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଭଲ ପ୍ରଦର୍ଶନ ପରେ ମଧ୍ୟ ପୁନର୍ବାର ପରୀକ୍ଷା ପଦ୍ଧତି ପରିବର୍ତ୍ତନ ହେବା ଖବର ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପବିତ୍ର ସାବିତ୍ରୀବ୍ରତରେ ଉଚ୍ଚମନ, ଉତ୍କୃଷ୍ଟ ବିଚାରଧାରା, ପାରିବାରିକ ସହଯୋଗରେ କାମ ହାସଲ କରିବାରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ର ସାମାଜିକ ସ୍ତରରେ ଉଚ୍ଚାସନ ଲଭିବେ। ବ୍ୟବସାୟ, ପରିବହନ, ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ଭଲରେ ଚାଲିବ।

**ବୃଷ** – ଆଜି ରୋହିଣୀ ନକ୍ଷତ୍ର ସକାଶେ ପ୍ରତ୍ୟୁଷ ଯାତ୍ରା ଦ୍ୱାଦଶଚନ୍ଦ୍ର ପ୍ରଭାବରୁ ମିଶ୍ରିତଫଳ ପ୍ରଦାନ କରିବ। ଆପଣଙ୍କ ଚିନ୍ତା ଓ ଯୋଜନାନୁଯାୟୀ ପ୍ରତ୍ୟେକ କାମ ଠିକ୍ ସମୟରେ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବେ।

**ମିଥୁନ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ଯେତିକି ପାଇବେ ତାହାଠାରୁ ଅଧିକ ଦେବେ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ କଅଁଳିଆ କଥା କହି ମନେଇବାରେ ସମର୍ଥ ହେବେ। ଆର୍ଦ୍ରା ନକ୍ଷତ୍ରର ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରନ୍ତୁ କିଛି ସମୟ ପରେ ସଫଳତା ମିଳିବ।

**କର୍କଟ** – ପରିସ୍ଥିତି ଓ ପରିଣାମକୁ ଆଖିଆଗରେ ରଖି କାମ କଲେ ସଫଳତା ମିଳିବ। ପରୀକ୍ଷା ଓ ଅନୁସନ୍ଧାନ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଠିକ୍ ହେବ ନାହିଁ। ଅଶ୍ଳେଷା ନକ୍ଷତ୍ର ହଠାତ୍ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବାକୁ ପଡିପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ସିଂହ** – ଯେଉଁ ଦୃଷ୍ଟିକୋଣ ନେଇ ଅନ୍ୟକୁ ସାହାଯ୍ୟ କରିବେ ତାହାକୁ ଖଳବୁଦ୍ଧିବିଶିଷ୍ଟ ବନ୍ଧୁମାନେ ଅନ୍ୟାର୍ଥରେ ଗ୍ରହଣ କରିବେ। ମଘା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ଅନ୍ୟକୁ ସନ୍ତୁଷ୍ଟ କରିପାରିବେ ନାହିଁ। କାହାର ଭଲ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ହେବନି ମାତ୍ର କର୍ମକ୍ଷେତ୍ରରେ ଜମା ଫୁରସତ୍ ପାଇବେ ନାହିଁ।

**କନ୍ୟା** – ଯାହାକୁ ନିଜର ଭାବିବେ ସେ ହିଁ ସରଳତାର ସୁଯୋଗ ନେବାକୁ ପଛାଇବ ନାହିଁ। ହସ୍ତା ନକ୍ଷତ୍ରର ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ନିର୍ମାଣ, ପରିବହନ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ଆଜି କୌଣସି ଆନୁଷ୍ଠାନିକ କାମରେ ଯୋଗ ଦେଲେ ସାମାଜିକ ସ୍ତରରେ ସମ୍ମାନିତ ହେବେ।

**ତୁଳା** – ଅନାଗତ ଭବିଷ୍ୟତ ସମୟର ଅସୁବିଧା କଳ୍ପନା କରି ଅବସାଦ ଦେଖାଦେଇପାରେ। ସ୍ୱାତୀ ନକ୍ଷତ୍ର ଅସୁସ୍ଥତା ସତ୍ତ୍ୱେ ଘରକାମ କରିବାକୁ ବାଧ ହେବେ। ମନର ଭାବାବେଗକୁ ବନ୍ଧୁ ନିକଟରେ ପ୍ରକାଶ କରିବା ହେତୁ ଭୁଲ୍ ବୁଝାମଣାର ପରିସ୍ଥିତି ସୃଷ୍ଟି ହେବ। ଆପଣଙ୍କର ସୁସଂଯତ କାର୍ଯ୍ୟଶୈଳୀ ଜନସମାଜରେ ଆଦରଣୀୟ ହୋଇପାରିବ।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ଅବଶ୍ୟ ମାପିଚୁପି କହିବାକୁ ପସନ୍ଦ କରିପାରନ୍ତି। ମନକଥାକୁ ଗୋପନ ରଖି କାମ ହାସଲର ଆନୁଷଙ୍ଗିକ ପଦ୍ଧତିକୁ ଅନୁସରଣ କରିପାରନ୍ତି। ଅନୁରାଧା ନକ୍ଷତ୍ରର ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କୌଣସି କାମରେ ମନ ଲାଗିବ ନାହିଁ। ଅବଶ୍ୟ କର୍ମକ୍ଷେତ୍ରରେ ବହୁଦିନର ମନାନ୍ତର ସମାଧାନ ହୋଇଯିବ।

**ଧନୁ** – ଉତ୍ତରାଷାଢ଼ା ନକ୍ଷତ୍ରର ଚିନ୍ତାଜନକ ପରିସ୍ଥିତି ଆଜିର ଦିନଟିକୁ ନିରୁତ୍ସାହିତ କରିପାରେ। କୌଣସି କାମ ଶୃଙ୍ଖଳିତ ଭାବରେ ନ ହେବା କାରଣରୁ ଧୈର୍ଯ୍ୟଚ୍ୟୁତି ଘଟିବାର ଆଶଙ୍କା ରହିଛି। ବ୍ୟବସାୟ ଓ ପରିବହନରେ କେତେକ ଆଧୁନିକୀକରଣ କରିପାରନ୍ତି। ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ଜିନିଷ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିପାରେ।

**ମକର** – ପରିବାରରେ ନିଜର ଅସ୍ଥିର ମନର ଭାବକୁ ପ୍ରକାଶ କରି ସମାଲୋଚିତ ହେବେ। କର୍ମକ୍ଷେତ୍ର ଓ ବ୍ୟବସାୟିକ ଦିଗଟି ମନ୍ଦ ହେବ ନାହିଁ କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ଶ୍ରବଣା ନକ୍ଷତ୍ର ଦିନ ତମାମ ପରିଶ୍ରମଜନିତ ସାମୟିକ କ୍ଳାନ୍ତି ଅନୁଭବ କରିପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବକୁ ନେଇ ନିର୍ମାଣାଧୀନ ଗୃହ, ଯାନବାହନକୁ ଶେଷ ସ୍ପର୍ଶ ଦେବେ।

**କୁମ୍ଭ** – ଘରେ ଅଶାନ୍ତି ଲାଗିରହୁଥିବା ହେତୁ କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନ ନ ହୋଇପାରେ। ପୂର୍ବଭାଦ୍ରପଦ ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। ଅଫିସ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ ଏବଂ ସମସ୍ୟା ଦୂରେଇ ଯିବ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ ମାତ୍ର ବିଶେଷ ଅସୁବିଧା ହେବ ନାହିଁ।

**ମୀନ** – କାର୍ଯ୍ୟବ୍ୟସ୍ତତା କାରଣରୁ ପରିବାର ପାଇଁ ସମୟ ଦେଇ ପାରିବେ ନାହିଁ। ଚନ୍ଦ୍ରଙ୍କ ସୁପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରୁ ଆଶାନୁରୂପ ସ୍ନେହ, ସହାନୁଭୂତି ପାଇ ମନ ଖୁସି ରହିବ। କର୍ମକୁ ଜୀବନରବ୍ରତ ରୂପେ ଗ୍ରହଣ କରି ନିଜେ ଜଳି ଅନ୍ୟମାନଙ୍କ ହିତ ସାଧନରେ ନିଜକୁ ସାମିଲ କରିପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସା ଏବଂ ପଡ଼ୋଶୀଙ୍କ ସ୍ନେହ ଓ ଶ୍ରଦ୍ଧା ପାଇବେ।

ଆଜି ସାବିତ୍ରୀବ୍ରତ, ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା, ଅମାବାସ୍ୟାର ନିଶାପାଳନ, ମେ’୧୯ ତାରିଖ ଶୁକ୍ରବାର, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୦୧।୩୫ ଗତେ ବୃଷ ଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୫ ଗତେ ଘ. ୦୬।୫୭ ମଧ୍ୟେ, ଘ.୧୨।୦୯ ଗତେ ଘ.୦୨।୪୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ ଘ.୧୧।୪୩ ମଧ୍ୟେ ରାହୁ କାଳ।




# ୩୨୩ ଆମ୍ବୁଲାନ୍ସ ଲୋକାର୍ପିତ

## ପ୍ରତି ବ୍ଲକକୁ ମିଳିବ ଅତ୍ୟାଧୁନିକ ସେବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସଠାରେ ୩୨୩ଟି ଅତ୍ୟାଧୁନିକ ଆମ୍ବୁଲାନ୍ସ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ତନ୍ମଧ୍ୟରେ ୨୪ଟି ମୌଳିକ ଜୀବନ ରକ୍ଷାକାରୀ (ବେସିକ୍ ଲାଇଫ୍ ସପୋର୍ଟ) ଏବଂ ୨୯୯ଟି ରୂପାନ୍ତରିତ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ (ଆଡ୍‌ଭାନ୍ସଡ ଲାଇଫ୍ ସପୋର୍ଟ) ଆମ୍ବୁଲାନ୍ସ। ଏହା ଦ୍ୱାରା ରାଜ୍ୟର ପ୍ରତି ବ୍ଲକକୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଜରୁରିକାଳୀନ ଆମ୍ବୁଲାନ୍ସ ସେବାରେ ଉନ୍ନତି ଆଣିବା ପାଇଁ ୯୨ଟି ନୂଆ ଆମ୍ବୁଲାନ୍ସ ପର୍ଯ୍ୟାୟକ୍ରମେ ଯୋଗାଇ ଦେବା ବ୍ୟବସ୍ଥା ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୪ଟି ନୂଆ ଆମ୍ବୁଲାନ୍ସ କିଣାଯାଇଥିବାବେଳେ ଏଥିରେ ୯.୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଛଡ଼ା ୨୯୯ଟି ମୌଳିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସକୁ ରୂପାନ୍ତରିତ କରାଯାଇ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସରେ ପରିଣତ କରାଯାଇଛି। ଏହା ପରେ ରାଜ୍ୟରେ ମୋଟ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ସଂଖ୍ୟା ୪୧୧ରେ ପହଞ୍ଚିଛି। ଏହି ଉନ୍ନତୀକରଣରେ ରାଜ୍ୟ ସରକାର ନିଜ ପାଣ୍ଠିରୁ ମୋଟ ୫୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୩ ମାର୍ଚ୍ଚ ୫ରେ ରାଜ୍ୟରେ ୧୦୮ ଜରୁରିକାଳୀନ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ଅଦ୍ୟାବଧି ୬୨୪ଟି ଆମ୍ବୁଲାନ୍ସ ୩୦ଟି ଜିଲାରେ ନିଃଶୁଳ୍କ ସେବା ଯୋଗାଉଛି। ତନ୍ମଧ୍ୟରେ ୫୧୨ଟି ମୌଳିକ ଜୀବନ ରକ୍ଷାକାରୀ ଓ ୧୧୨ଟି ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ। ୬ଟି ବୋଟ୍ ଆମ୍ବୁଲାନ୍ସ ମଧ୍ୟ କାର୍ଯ୍ୟ କରୁଛି। ଏହାବ୍ୟତୀତ ଗର୍ଭବତୀ ଓ ଅସୁସ୍ଥ ଶିଶୁଙ୍କୁ ଡାକ୍ତରଖାନା ନେବା ଆଣିବା ନିମନ୍ତେ ୫୦୦ଟି ଜନନୀ ଏକ୍ସପ୍ରେସ୍ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ରହିଛି। ଏସବୁ ଆମ୍ବୁଲାନ୍ସ ସୁବିଧା ଦ୍ୱାରା ୮୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନବୀନ ନିବାସ ପରିସରରେ ୨୪ଟି ନୂତନ ବିଏଲ୍ଏସ୍ ଆମ୍ବୁଲାନ୍ସକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ଆଜି ଓଡ଼ିଶା ଆସିବେ ମହାନଦୀ ଟ୍ରିବ୍ୟୁନାଲ

■ ୨୦ରେ ‘ମହାନଦୀ ସତ୍ୟାଗ୍ରହ’ କରିବ ମହାନଦୀ ବଞ୍ଚାଅ ଆନ୍ଦୋଳନ

■ ଅଣମୌସୁମୀ ସମୟରେ ମହାନଦୀରେ ପାଣି ଛାଡ଼ିବାକୁ ଦାବି

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ାରେ ପହଞ୍ଚିବେ। ଦୁଇଟି ପର୍ଯ୍ୟାୟରେ ଟ୍ରିବ୍ୟୁନାଲର ପ୍ରତିନିଧି ମଣ୍ଡଳୀ ଛତିଶଗଡ଼ରେ ମହାନଦୀର ସ୍ଥିତି ଅନୁଧ୍ୟାନ କରିସାରିବା ପରେ ୧୯ରୁ ୨୮ ତାରିଖ ପର୍ଯ୍ୟନ୍ତ ୯ଦିନ ଧରି ଓଡ଼ିଶାରେ ମହାନଦୀ ସ୍ଥିତିକୁ ଅନୁଧ୍ୟାନ କରିବେ। ଏହି ସମୟରେ ହୀରାକୁଦ ଠାରୁ ମହାନଦୀର ଡେଲ୍‌ଟା ପର୍ଯ୍ୟନ୍ତ ସେମାନେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ୨୦ ତାରିଖ ଶନିବାର ମହାନଦୀ ସତ୍ୟାଗ୍ରହ ଆୟୋଜନ ହେବ। ଝାରସୁଗୁଡ଼ାର କନକତୋରାସ୍ଥିତ କେଲୋ ନଦୀ କୂଳରେ ଲୁହାବଗାଠାରେ ସତ୍ୟାଗ୍ରହ କରାଯିବ। ମହାନଦୀ ଟ୍ରିବ୍ୟୁନାଲ୍‌ର କାର୍ଯ୍ୟକାଳ ୫ବର୍ଷ ପୂରିଯାଇଛି। ମାତ୍ର ଇତିମଧ୍ୟରେ ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାର ଓ ନଦୀର ପରିବେଶଗତ ପ୍ରବାହ ସୁରକ୍ଷା ପାଇଁ ମହାନଦୀରେ ଆବଶ୍ୟକ ପରିମାଣର ପାଣି ଛଡ଼ାଯିବାର ଆବେଦନକୁ ଟ୍ରିବ୍ୟୁନାଲ ଗୁରୁତ୍ୱ ଦେଇନାହିଁ। ଖରାଦିନେ ମହାନଦୀ ଶୁଖିଲା ପଡ଼ୁଛି। ଛତିଶଗଡ଼ ପଟରେ ମହାନଦୀରୁ ଓଡ଼ିଶା ପଟକୁ ପାଣି ଛଡ଼ାଯାଉ ନାହିଁ। ଫଳରେ ହୀରାକୁଦରେ ପାଣିର ଅଭାବ ସାଙ୍ଗକୁ ତଳମୁଣ୍ଡରେ ମଧ୍ୟ ଜଳାଭାବ ଦେଖାଦେଉଛି। ହୀରାକୁଦର ତଳମୁଣ୍ଡରେ ଏବେ ପିଇବା ପାଣିର ସଙ୍କଟ ଦେଖା ଦେଇଛି। ଜଳସେଚନର ଅବସ୍ଥା କହିଲେ ନ ସରେ। ଏଭଳି ସ୍ଥିତିରେ ଟ୍ରିବ୍ୟୁନାଲ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ପରିତାପର ବିଷୟ। ମହାନଦୀର ଏହି ବାସ୍ତବ ଚିତ୍ର ପ୍ରତି ଟ୍ରିବ୍ୟୁନାଲ୍‌ର ଦୃଷ୍ଟି ଆକର୍ଷଣ ପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ସତ୍ୟାଗ୍ରହ ଆୟୋଜନ କରାଯାଉଥିବା ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସଂଯୋଜକ ବିଜୟ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।

# ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେଲେ

ପୁରୁଷୋତ୍ତମପୁର, ୧୮।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଚିଙ୍ଗୁଡିଘାଇ ଗ୍ରାମରେ ଗୁରବାର ଭୋର୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଲୋକେ ପିଟି ପିଟି ମାରି ଦେଇଛନ୍ତି। ମୃତକ ଜଣକ ପୁରୀ ଜିଲା ଗଡିଶାଗଦା ଥାନା ଅନ୍ତର୍ଗତ ବାଦୁରାଗଡ ଗ୍ରାମର ବାହୁଡା ସାହୁ ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ୩ଟାରେ ଚିଙ୍ଗୁଡିଘାଇ ଗ୍ରାମର କିଶୋର ନାୟକଙ୍କ ବାରିପଟେ କିଛି ଜିନିଷ ପଡ଼ିବା ଶବ୍ଦ ହୋଇଥିଲା। କିଶୋର ବାହାରକୁ ଆସିବାରେ ଜଣେ ଅପରିଚିତ ବ୍ୟକ୍ତିଙ୍କୁ ଦେଖି ଚୋର ଭାବି ପାଟି କରିଥିଲେ। ବାହାରକୁ ଯିବାବେଳେ ବ୍ୟକ୍ତି ଜଣକ କିଶୋରଙ୍କ ଉପରକୁ ଇଟା ଓ ପାଖରେ ପଡ଼ିଥିବା ଏକ ଟିଣ ଫୋପାଡି ଥିଲେ। ଏଥିରେ କିଶୋର ଆହତ ହୋଇ ଚିତ୍କାର କରିଥିଲେ। ଏହାଶୁଣି ଗ୍ରାମର କେତେଜଣ ଲୋକ ସେଠାକୁ ଆସିଯିବାରୁ ବ୍ୟକ୍ତି ଜଣଙ୍କ ଦୌଡି ପଳାଇଥିଲେ। ଲୋକେ ତାଙ୍କୁ ଗୋଡାଇ କାବୁ କରି ଗ୍ରାମ ନିକଟସ୍ଥ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ପରେ ଏକ ଗଛ ମୂଳରେ ସମ୍ପୃକ୍ତ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ଖବରପାଇ ପୁରୁଷୋତ୍ତମପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ନଂ ୩୩୩/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ମୃତ ବାହୁଡ଼ାଙ୍କ ପରିବାର ସହ ପୋଲିସ ଯୋଗାଯୋଗ କରିଛି। ସେ ୩ ଦିନ ତଳେ ଜଣେ ସାଙ୍ଗ ଘରକୁ ଯାଉଛି କହି ଘରୁ ଆସିଥିଲେ ବୋଲି ସୂଚନା ମିଳିଛି।


ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ତଦନ୍ତ।

INDIAN MARITIME UNIVERSITY
(A Central University, Government of India)
(Established by an Act of the Parliament in 2008)
Azadi Ka Amrit Mahotsav
G20

NOTIFICATION

The Last date for registration of IMU-CET 2023 is extended up to 23-05-2023.

There is no change in IMU-CET 2023 date.
Please visit: www.imu.edu.in for further details.

To Register
SCAN THE BELOW QR CODE
UG & PG Programmes
(except BBA)



ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦିଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। **-ଶ୍ରୀମା**



# ବିଗ୍ ଟେକ୍ ଫାର୍ମର ଚକ୍ରାନ୍ତ



ଅନ୍ୟା ସ୍କିଫ୍ରିନ୍

ଦୁଇ ବର୍ଷ ପୂର୍ବେ ଅଷ୍ଟ୍ରେଲିଆ ସଂସଦ ନ୍ୟୁଜ ମିଡିଆ ବାର୍ଗେନିଂ କୋଡ୍ ନାମକ ଏକ ଆଇନ ପାସ୍ କରିଥିଲା। ମେଟା (ଫେସ୍‌ବୁକ୍) ଏବଂ ଆଲ୍‌ଫାବେଟ(ଗୁଗଲ) ସେମାନଙ୍କ ପ୍ଲାଟ୍‌ଫର୍ମରେ ଶେୟାର କରୁଥିବା ନ୍ୟୁଜ୍ ତଥ୍ୟ ପାଇଁ ପାଉଥିବା ରାଜସ୍ୱକୁ ମିଡିଆ ସଂସ୍ଥାଗୁଡ଼ିକୁ ଦେବା ଲାଗି ଏହି ଆଇନ ବାଧ୍ୟକରିଛି। ଏହି ଆଇନ ଏବେ ଆଖିଦୃଶିଆ ସଫଳତା ପାଇଛି। ଅଷ୍ଟ୍ରେଲିଆ ମିଡିଆଗୁଡ଼ିକ ଏବେ ବୃହତ୍ ଟେକ୍ ଫାର୍ମଗୁଡ଼ିକଠାରୁ ୨୦୦ ମିଲିୟନ ଅଷ୍ଟ୍ରେଲିୟ ଡଲାର (୧୩୩ ମିଲିୟନ ଆମେରିକୀୟ ଡଲାର)ରୁ ଉର୍ଦ୍ଧ୍ୱ ଅର୍ଥ ପାଉଛନ୍ତି। ସ୍ଥାନୀୟ ନ୍ୟୁଜ୍ ଲାଗି ଅର୍ଥଯୋଗାଣ ହ୍ରାସ ପାଇବା, ସାମ୍ବାଦିକତା ଚାକିରି ସଂଖ୍ୟା କମିବା ଓ ଉଚ୍ଚ ମାନର ନ୍ୟୁଜ ପ୍ରଡକ୍ସନ ଜାରି ରଖିବା ପାଇଁ ନୂତନ ନୀତିଗୁଡ଼ିକର ଜରୁରୀ ଆବଶ୍ୟକତା ଥିବାରୁ ଅଷ୍ଟ୍ରେଲିଆ ମିଡିଆ ଆଇନ ବିଶ୍ୱରେ ଅଧିକ ଦୃଷ୍ଟି ଆକର୍ଷଣ କରିଛି। ଗୁଗଲ ଏବଂ ଫେସ୍‌ବୁକ୍ ଅବୈଧ ଭାବେ ବିପୁଳ ପରିମାଣର ଅର୍ଥ ବୈଧ ମିଡିଆ ସଂସ୍ଥାଗୁଡ଼ିକଠାରୁ ନେଇଛନ୍ତି ଏବଂ ବିଶ୍ୱ ସାରା ଆଇନ ନିର୍ମାତାମାନେ ସ୍ୱୀକାର କରୁଛନ୍ତି ଯେ, ସାର୍ବଜନୀନ ସ୍ୱାର୍ଥ ସମ୍ବଳିତ ସାମ୍ବାଦିକତାକୁ ସମର୍ଥନ କରିବା ପାଇଁ ପ୍ରମୁଖ ଟେକ୍ ପ୍ଲାଟଫର୍ମଗୁଡ଼ିକର ଏକ ଗୁରୁଦାୟିତ୍ୱ ରହିଛି। ଅଷ୍ଟ୍ରେଲିଆ ଆଇନର ଦୃଷ୍ଟି ଆକର୍ଷଣକାରୀ କାର୍ଯ୍ୟକୁ ଦେଖି ବ୍ରାଜିଲ, କାନାଡା, ଇଂଲଣ୍ଡ ଏବଂ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକ ଉକ୍ତ ଆଇନ ଭଳି ସେମାନଙ୍କ ଦେଶର ନିଜସ୍ୱ ଆଇନ ପାଇଁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଜନସ୍ୱାର୍ଥ ସମ୍ବଳିତ ମିଡିଆ ପାଇଁ ଗଠିତ ନୂଆ ଅନ୍ତର୍ଜାତୀୟ ପାଣ୍ଠିର ଡାଇରେକ୍ଟର ଅଫ୍ ପୋର୍ଟଫୋଲିଓ ପେରିକ୍ ଜୁଡେଅକ୍ସଙ୍କ ଦ୍ୱାରା ନିକଟରେ କରାଯାଇଥିବା ଅନୁଧ୍ୟାନ ଅନୁଯାୟୀ ମିଡିଆ କୋଡ୍ ଅଷ୍ଟ୍ରେଲିଆ 'ସଫ୍ଟ ପାୱାର'ର ଅଂଶ ହୋଇଯାଇଛି। ଗତ ଦୁଇବର୍ଷରେ ଅଷ୍ଟ୍ରେଲୀୟ ଅଧିକାରୀମାନେ ଏହି ଆଇନକୁ ଉତ୍ସାହିତ କରିବା ଲାଗି ବିଶ୍ୱ ସାରା ଗସ୍ତ କରିଛନ୍ତି। ସେମାନେ ସେମାନଙ୍କ ସାଥୀମାନଙ୍କୁ ସତର୍କ କରି ଦେଇଛନ୍ତି ଯେ, ଗୁଗଲ ଓ ଫେସ୍‌ବୁକ୍ ଏଥିପାଇଁ ଜୋରଦାର ଲବି କରିବେ, ଅତ୍ୟଧିକ ଖର୍ଚ୍ଚ କରିବେ, ଏପରି କି ଏଭଳି ବିଲ୍‌ଗୁଡ଼ିକୁ ଆଗକୁ ନ ବଢ଼ିବା ଲାଗି ବାଧା ଦେବାକୁ ଅନୁଚିତ ଆଚରଣ ଆପଣାଇବେ।

ବିଶେଷକରି ଗୁଗଲ ଏଭଳି ଆଇନଗୁଡ଼ିକୁ ବନ୍ଦ କରିବା ସକାଶେ ଜୋରସୋର ଉଦ୍ୟମ କରିଛି। ଅନେକ ଦେଶରେ କ୍ଷୁଦ୍ର ଏବଂ ଅନ୍‌ଲାଇନ ସଂସ୍ଥାଗୁଡ଼ିକ ଚିନ୍ତିତ ଯେ, ମିଡିଆ କୋଡ୍ ମୁଖ୍ୟତଃ ବୃହତ୍ ପାରମ୍ପରିକ ପ୍ରକାଶକମାନଙ୍କୁ ଲାଭ ପହଞ୍ଚାଇବ। ଏଭଳି ଦ୍ୱନ୍ଦ୍ୱର ସୁଯୋଗ ନେଇ ଏକ ବିଭାଜନ ସୃଷ୍ଟି କରିବାକୁ ଗୁଗଲ ଚକ୍ରାନ୍ତ କରିଛି। କାନାଡାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପ୍ରକାଶକମାନଙ୍କ ସହ ଚୁକ୍ତି କରିଛି ଏବଂ ଆସନ୍ତା ସପ୍ତାହରେ ଦକ୍ଷିଣ ଆଫ୍ରିକାରେ ପ୍ରକାଶକମାନଙ୍କ ସହିତ ଔପଚାରିକ ବୁଝାମଣା ଆରମ୍ଭ କରିବାକୁ ଅଗ୍ରସର ହୋଇଛି। କମ୍ପାନୀଠାରୁ ଆର୍ଥିକ ସହଯୋଗ ପାଇବାକୁ ହେଲେ ପ୍ରକାଶକମାନେ ଲାଗୁ କରାଯାଇଥିବା ନୂଆ ଆଇନ ଅନୁଯାୟୀ ଅତିରିକ୍ତ ଅର୍ଥ ବା ଲାଭ ପାଇବାକୁ ଚାହିଁବେ ନାହିଁ ବୋଲି ପ୍ରତିଶ୍ରୁତି ଦେବାକୁ ପଡ଼ିବ। କେବଳ ପ୍ରମୁଖ ମିଡିଆ ସଂସ୍ଥାଗୁଡ଼ିକ ଅଷ୍ଟ୍ରେଲିଆର ମିଡିଆ କୋଡ୍‌ରୁ ଲାଭ ପାଇବେ ଏହି କଥାକୁ ଗୁଗଲ ଅଧିକ ପ୍ରାଧାନ୍ୟ ଦେବା ସହ ବାରମ୍ବାର ଦୋହରାଉଛି। ରୁପେଟ ମୁରଡକ୍ ମାଲିକାନାରେ ଅଷ୍ଟ୍ରେଲିଆରେ ଥିବା ଉଭୟ ବୃହତ୍ ଏବଂ କ୍ଷୁଦ୍ର ମିଡିଆ ସଂସ୍ଥାଗୁଡ଼ିକ ଏହି ଆଇନରୁ ଲାଭ ପାଇଛନ୍ତି ବୋଲି ଗୁଗଲର ଦାବି ସମ୍ପୂର୍ଣ୍ଣ ଭୁଆଁ ବୁଲାଇବା ଭଳି କଥା। ନୂଆ ଆଇନ ଉପରେ ଅଷ୍ଟ୍ରେଲିଆ ଟ୍ରେଜେରିର ସଦ୍ୟତମ ସମୀକ୍ଷାରୁ ଜଣାପଡ଼ିଛି ଯେ, ପାଣ୍ଠି ଯୋଗାଣ ଉପରେ ଏଯାବତ ୩୦ଟି ଚୁକ୍ତି କରାଯାଇଛି, ଯେଉଁଥିରେ ଏକ ଡଜନରୁ ଉର୍ଦ୍ଧ୍ୱ ପ୍ରକାଶନ ସଂସ୍ଥାଗୁଡ଼ିକ ସାମିଲ କରାଯାଇଛି।



ମିଡିଆ କୋଡ୍ ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ଯାହା ଉପରେ ଆକ୍ରମଣ କରିବା ବଦଳରେ ମଜଭୁତ କରିବା ଉଚିତ। ଅଷ୍ଟ୍ରେଲିଆ ଆଇନ ଉପରେ ଦୋଷ ଲଦାଯାଉଛି ଯେ ମିଡିଆ ସଂସ୍ଥାଗୁଡ଼ିକୁ ଟେକ୍ କମ୍ପାନୀଗୁଡ଼ିକ ଦେଇଥିବା ଅର୍ଥକୁ ଗୁପ୍ତ ରଖାଯାଇଛି। ଏଭଳି ଅଭିଯୋଗକୁ ଲକ୍ଷ୍ୟକରି, କାନାଡାରେ ଅଣାଯାଇଥିବା ଆଇନକୁ ଯଦି ପାସ୍ କରାଯାଏ, ତେବେ ଖବର ପ୍ରକାଶନ ସଂସ୍ଥାସବୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେବଳ ନିୟାମକଗୁଡ଼ିକୁ(ସାଧାରଣରେ ନୁହେଁ) ତଥ୍ୟ ପ୍ରକାଶ କରିବାରେ ଅଧିକ ସ୍ୱଚ୍ଛତା ଆଣିବାକୁ ହେବ। ତେବେ କାନାଡାର ବିଲ୍ ଯାହା ନିର୍ଦ୍ଦିଷ୍ଟ ସମ୍ପାଦକୀୟ ମାନ ହାସଲ କରିବା ଏବଂ ଅତିକମ୍‌ରେ ଫୁଲ୍ ଟାଇମ ଷ୍ଟାଫ୍ ନିଯୁକ୍ତ କରିବା ପାଇଁ ମଧ୍ୟ ଯୋଗ୍ୟତା ମାନଦଣ୍ଡ ସ୍ଥାପିତ କରିଛି। ଯୋଗ୍ୟ ସଂସ୍ଥାଗୁଡ଼ିକ ନିୟାମକ ସଂସ୍ଥାକୁ ସେମାନଙ୍କ ବାର୍ଷିକ ରିପୋର୍ଟ ଦେବାକୁ ପଡ଼ିବ।

ମିଡିଆ ଆଇନର ଭବିଷ୍ୟତର ଯାତ୍ରାରେ କିଛି ବାଧ୍ୟତାମୂଳକ ପ୍ରାବଧାନ ରଖାଯିବା ଉଚିତ, ଯାହା ମିଡିଆ ସଂସ୍ଥା ଓ ଟେକ୍ କମ୍ପାନୀଗୁଡ଼ିକ ମଧ୍ୟରେ ହେଉଥିବା ଚୁକ୍ତିଗୁଡ଼ିକୁ ସାର୍ବଜନୀନ କରିବ। ଡିଜିଟାଲ ପ୍ଲାଟ୍‌ଫର୍ମସବୁ ପ୍ରସାରଣ କରୁଥିବା ନ୍ୟୁଜ ଭାଲ୍ୟୁର ମୂଲ୍ୟାୟନ କିଭଳି କରୁଛନ୍ତି ସେସମ୍ପର୍କିତ ତଥ୍ୟ ଏବଂ ସେମାନଙ୍କର ପେମେଣ୍ଟ ଯୋଜନା କେମିତି ସ୍ଥିର ହେଉଛି ତାହା ମଧ୍ୟ ସାଧାରଣରେ ଉପଲବ୍ଧ କରାଇବା ଉଚିତ। ଏହି ସ୍ତରର ସ୍ୱଚ୍ଛତା ଅତି ଗୁରୁତ୍ୱପୂର୍ଣ୍ଣ। ମିଡିଆକୁ ସମର୍ଥନ କରୁଥିବା ସଂଗଠନଗୁଡ଼ିକ ଯଥା ଇଂଲଣ୍ଡର ପବ୍ଲିକ ଇଣ୍ଟରେଷ୍ଟ ନ୍ୟୁଜ ଫାଉଣ୍ଡେଶନ, ଦକ୍ଷିଣ ଆଫ୍ରିକାର ନ୍ୟାଶନାଲ ଏଡିଟର୍ସ ଫୋରମ୍ ଏବଂ ବ୍ରାଜିଲର ଆସୋସିଏଶନ ଅଫ୍ ଡିଜିଟାଲ ଜର୍ନାଲିଜମ୍ ଏହା ଉପରେ ଗୁରୁତ୍ୱ ଦେଇଥିବାରୁ ଏହି ଆଇନରେ କ୍ଷୁଦ୍ର ସଂସ୍ଥାଗୁଡ଼ିକୁ ସାମିଲ କରାଯିବା ଉଚିତ। ସରକାରଗୁଡ଼ିକ ସେମାନଙ୍କ ତରଫରୁ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ କଟକଣା ଲଗାଇବା ଭଳି ଆଇନରୁ ବିରତ ହେବା ଦରକାର ।

ବ୍ରାଜିଲର ସାମ୍ବାଦିକ ନାଟାଲିଆ ଭିଏନା ଉଲ୍ଲେଖ କରିଛନ୍ତି ଯେ, ଗୁଗଲର ରଣନୀତି ତା'ବିରୋଧରେ ଏକ ପ୍ରତିକ୍ରିୟା ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ମିଡିଆ ଆଇନର ଲୋକପ୍ରିୟତା ବୃଦ୍ଧିକୁ ଲକ୍ଷ୍ୟ କରି ଗୁଗଲ ଧମକାଇବାର ସାହାରା ନେଇଛି। ତାହା ସୂଚାଇ ଦେଇଛି ଯେ, ନ୍ୟୁଜ୍ ପାଇଁ ଯଦି ଦେୟ ଦେବାକୁ ପଡ଼ିବ ତେତେ ତାହା ନ୍ୟୁଜ ନେବା ବନ୍ଦ କରିଦେବ । ସାମ୍ବାଦିକମାନଙ୍କୁ କହିଛି ଯେ, ମିଡିଆ ସଂସ୍ଥାଗୁଡ଼ିକରୁ ଆର୍ଥିକ ସହାୟତା ପ୍ରତ୍ୟାହର କରିନେବ। ବ୍ରାଜିଲର ଅଧିକାରୀମାନେ ତାଙ୍କ ଦେଶର ମିଡିଆ କୋଡ୍ ବିରୋଧରେ ଗୁଗଲ କରୁଥିବା ଲବି ସମ୍ପର୍କିତ କାର୍ଯ୍ୟକଳାପ ଉପରେ ତଦନ୍ତ କରୁଛନ୍ତି।

ଦକ୍ଷିଣ ଆଫ୍ରିକାରେ ପ୍ଲାଟ୍‌ଫର୍ମ ଏବଂ ନ୍ୟୁଜ ସଂସ୍ଥାଗୁଡ଼ିକ ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁ ସେଠାରେ ହତାଶ ପ୍ରକାଶକମାନେ ଗୁଗଲ ସହ ଏକ ଚୁକ୍ତି କରିବାକୁ ଆଗେଇଛନ୍ତି। ଏହା ବାସ୍ତବରେ ସାମ୍ପ୍ରତିକ ସଙ୍କଟର ଗଭୀରତା ପ୍ରକାଶ କରୁଛି। ପାଣ୍ଠି ଯୋଗାଣଭିତ୍ତିକ ସାମ୍ବାଦିକତା ଏକ ସମ୍ମିଳିତ ପଦକ୍ଷେପ ଆବଶ୍ୟକ କରେ। ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ, ବୃହତ ଟେକ୍ ଫାର୍ମଗୁଡ଼ିକ ସେମାନଙ୍କ ପକ୍ଷରୁ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବା ଦରକାର। ଗୁଗଲ ଓ ଫେସ୍‌ବୁକ କପିରାଇଟ ପେମେଣ୍ଟକୁ ବିରୋଧ କରିବା ଅର୍ଥ ସେମାନେ ଟ୍ୟାକ୍ସ ଦେବାକୁ ଚାହୁଁନାହାନ୍ତି। ସେମାନେ ମଧ୍ୟ ଆଇନ ନିର୍ମାତା ଓ ସାମ୍ବାଦିକମାନଙ୍କୁ ପ୍ରଭାବିତ କରିବା ଲାଗି ଜୋରସୋର ଲବି ଚଳାଇଛନ୍ତି। ସେମାନେ କୌଣସି ପାଣ୍ଠି ଯୋଗାଣ ଯୋଜନାକୁ ଗ୍ରହଣ କରିବେ କି ନାହିଁ ତାହା ସ୍ପଷ୍ଟ ନୁହେଁ। କିନ୍ତୁ ଦୀର୍ଘ ବର୍ଷ ହେଲା ଅନ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ଉଚ୍ଚମାନର ସାମ୍ବାଦିକତାରୁ ବିପୁଳ ଲାଭ ପାଇବା ପରେ , ଏବେ ସେମାନେ ଅନ୍ୟ ମିଡିଆକୁ ଅର୍ଥ ଦେବାର ସମୟ ଉପନୀତ ହୋଇଛି।

**ସିନିୟର ଲେକ୍‌ଚରର, କଲମ୍ବିଆ ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ୍ ପବ୍ଲିକ୍ ଆଫେୟାର୍ସ**

## ଏଆଇ ପ୍ରଭାବ



ସୌରଜିତ୍ ପ୍ରଧାନୀ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଆସିବା ପରେ ଲୋକ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ୨୦୧୦ ଆରମ୍ଭରୁ ସ୍ମାର୍ଟ ଆଲଗୋରିଦମ ଆମର ଦୈନନ୍ଦିନ ଜୀବନରେ ପ୍ରଭାବ ପକାଇଛି। ସର୍ଚ୍ଚ ଇଞ୍ଜିନ୍, ଅନ୍‌ଲାଇନ୍ ଶପିଂ, ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ ଏହାର ଉଦାହରଣ। ଚାଟ୍‌ଜିପିଟି (ChatGPT)ର ଶୁଭାରମ୍ଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିଛି। ଟେକ୍ନୋଲୋଜିର ପରିଧି ବାହାରେ ଥିବା ମାନବ ସମ୍ବଳ ଚାଟ୍‌ଜିପିଟି ବୃଦ୍ଧି ଓ ଏହାର ଲାଭକୁ ନେଇ ସନ୍ଦିହାନ ହୋଇ ଚାଟ ଜିପିଟି ଯେକୌଣସି ବ୍ୟବହାରକାରୀ ଏହାର ଇଣ୍ଟରଫେସ୍‌କୁ ଯାଇ କୌଣସି ପ୍ରଶ୍ନ ପଚାରିପାରିବେ ବୋଲି ଅନୁମତି ଦେଇଛି। ବ୍ୟବହାରକାରୀଙ୍କ ପସନ୍ଦ ଅନୁସାରେ ଚାଟ ଜିପିଟି କବିତା, ପ୍ରେରଣାଦାୟୀ ଭାଷଣ, ପ୍ରବନ୍ଧ ଆଦି ଲେଖିପାରିବ। ଆଗାମୀ ଦିନରେ ଚାଟଜିପିଟି ରିପୋର୍ଟକୁ ବିଶ୍ଳେଷଣ କରି ଆଇନଗତ ସହିତ ବୈଷୟିକ ଦସ୍ତାବିଜ ମଧ୍ୟ ପ୍ରସ୍ତୁତ କରିପାରିବ।

ବ୍ୟବସାୟିକ ପରିଦୃଶ୍ୟ ଏବଂ ଆମ ଜୀବନଧାରଣର ମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ପାଇଁ ଇଣ୍ଟରନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଅନେକ ଆଶଙ୍କା କରୁଛନ୍ତି, ଏହି ଉପକରଣ ଶେଷରେ ବେକାରି ସୃଷ୍ଟି କରିବ। ତେଣୁ ନିଯୁକ୍ତି ବଜାର ସହିତ ସମାଜକୁ ମଧ୍ୟ ବେକାରି ସମସ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ପ୍ରଥମତଃ ଆମେ ସ୍ୱୀକାର କରିବା ଆବଶ୍ୟକ ଯେ ସାମାଜିକ ଏବଂ ଆର୍ଥିକ ପରିବର୍ତ୍ତନ ପାଇଁ ଟେକ୍ନୋଲୋଜି ଏକ ପ୍ରମୁଖ ସାଧନ ହେବ। ଏହାକୁ ଦମନ କରିହେବ ନାହିଁ । କୃତ୍ରିମ ବୁଦ୍ଧିମତ୍ତାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବା ସମାଜଗୁଡ଼ିକ ବ୍ୟାପକ ଲାଭ ଅନୁଭବ କରିବେ ଏବଂ ଯେଉଁମାନେ ଏହାକୁ ଗ୍ରହଣ କରିବାରେ ବିଫଳ ହେବେ, ସେମାନେ ପଛରେ ରହିଯିବେ ।

ଯୋଗାଯୋଗ ପ୍ରସଙ୍ଗକୁ ବିଚାରକୁ ନିଆଯାଉ। ପୂର୍ବରୁ ଡାକବାଲାଙ୍କ ଦ୍ୱାରା ଚିଠି ପହଞ୍ଚା ଯାଉଥିଲା। ଚିଠି ବଦଳରେ ଇ-ମେଲ୍ ଆସୁଥିଲା। ଏବେ ଇ-ମେଲ୍ ବଦଳରେ ଅତ୍ୟାଧୁନିକ ଟେଲିକମ୍ୟୁନିକେଶନର ମାଧ୍ୟମ ପାଲଟିଛି। ସେହିପରି ନଗଦ କାରବାର ବଦଳରେ ଅନ୍‌ଲାଇନ ପେମେଣ୍ଟ ଏବଂ ପରବର୍ତ୍ତୀ ସମୟରେ ଡିଜିଟାଲ ୱାଲେଟ ପ୍ରଚଳନ ହୋଇଛି। ନିବେଶ ଦୃଷ୍ଟିରୁ ଏଫ୍‌ଡିଏସ୍, ଇକ୍ୱିଟି ଓ ବଣ୍ଡ୍ ଏବଂ ଶେଷରେ କ୍ରିପ୍ଟୋ କରେନ୍ସି ଦ୍ୱାରା ବଦଳାଯାଇଛି। ମୌଳିକ ଆବଶ୍ୟକତା ସମାନ ରହିଥିବାବେଳେ ଆବଶ୍ୟକତା ପୂରଣ କରିବାର ପଦ୍ଧତିରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଚାଟ୍‌ଜିପିଟ ମଣିଷର ବିଶ୍ଳେଷଣାତ୍ମକ ମନର ସ୍ଥାନ ନେଇପାରିବ ନାହିଁ ବୋଲି ଏକ ମନ୍ତବ୍ୟ ଦେଇଥିଲେ। କିନ୍ତୁ ସେ ମଧ୍ୟ ଜାଣନ୍ତି ଯେ ଆମ ଦୈନନ୍ଦିନ ଜୀବନରେ ଟେକ୍ନୋଲୋଜିର ଅପରିହାର୍ଯ୍ୟ ପ୍ରଭାବ ରହିଛି। ତେଣୁ ଦ୍ରୁତଗତିରେ ବଦଳୁଥିବା ସାମାଜିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମକୁ ସମ୍ବଳ ସୃଷ୍ଟି କରିବାକୁ ହେବ। ଭାରତରେ ଅଧିକାଂଶ ଶ୍ରମଶକ୍ତି ଅଣସଙ୍ଗଠିତ କ୍ଷେତ୍ର ସହ ଜଡ଼ିତ। ଶ୍ରମଶକ୍ତିର ଏକ ଅଂଶ ଟେକ୍ନୋଲୋଜିର ପରିଧି ବାହାରେ ରହିଛି। ବୈଷୟିକ ପରିବର୍ତ୍ତନ ଦ୍ୱାରା କିଛି ଲୋକ ଲାଭବାନ୍ ହେବେ। ଦେଶଗୁଡ଼ିକୁ ସେମାନଙ୍କ ମାନବ ସମ୍ବଳ ଉପରେ ଧ୍ୟାନ ଦେବା ଆବଶ୍ୟକ ଏବଂ ଏଆଇର ଲାଭର ସର୍ବାଧିକ ଉପଯୋଗ କରିବା ପାଇଁ ଶ୍ରମଶକ୍ତି ପ୍ରସ୍ତୁତ କରିବା ଆବଶ୍ୟକ। ସରକାରୀ ଏବଂ ବେସରକାରୀ କ୍ଷେତ୍ରକୁ ସେମାନଙ୍କର ପ୍ରଚଳିତ ସମ୍ବଳର ଦକ୍ଷତା ବୃଦ୍ଧି କରିବା ଲାଗି ବ୍ୟାପକ ନିବେଶ କରିବା ଆବଶ୍ୟକ। କୌଶଳ ବିକାଶର ଆବଶ୍ୟକତା ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ ଏହା ବୈଷୟିକ ଆବଶ୍ୟକତା ସହିତ ମେଳ ଖାଉଥିବା ଦରକାର।

ଦେଶ ବିଶେଷ ଦୃଷ୍ଟିକୋଣରୁ ବୌଦ୍ଧିକ ସମ୍ପତ୍ତି ଅଧିକାରର ସୁରକ୍ଷା ଉପରେ ଅଧିକ ଧ୍ୟାନ ଦିଆଯିବା ଉଚିତ। ଆଇପିଆର୍‌ଏସ୍ ଫାଇଲିଂରେ ଭାରତର ରେକର୍ଡ ଆମେରିକା ଓ ଚାଇନା ଭଳି ଅନ୍ୟ ଦେଶ ତୁଳନାରେ ଯଥେଷ୍ଟ ତଳକୁ ରହିଛି।

ଆବଶ୍ୟକ ଏକାଡେମିକ ଭିତ୍ତିଭୂମି ସୃଷ୍ଟି କରିବା ଆବଶ୍ୟକ । ନୂତନ ଶିକ୍ଷାନୀତିରେ କୋଡିଂ ଭଳି ବୈଷୟିକ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି, କିନ୍ତୁ ଏଥିପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମିର ଆବଶ୍ୟକତା ରହିଛି। ସମାଜର ସମାବେଶୀ ଏବଂ ସାମଗ୍ରିକ ବିକାଶ ପାଇଁ ଚାଟ୍‌ଜିପିଟ ଭଳି ଏକ ବିକଶିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପକରଣର ଆହ୍ୱାନର ମୁକାବିଲା କରିବା ପାଇଁ ଶ୍ରମଶକ୍ତିକୁ ସକ୍ଷମ କରିବା ଆବଶ୍ୟକ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ମୋ-୯୯୬୭୧୦୨୨୬୪**

## ଏଇ ଭାରତରେ

ଗାଁ ସ୍କୁଲରେ ଶିକ୍ଷାକୁ ଅଧିକ ଆକର୍ଷଣୀୟ କରିବା ଲାଗି ଅକ୍ଷୟ ମାଶେଲକରଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ସେ ଏକ ମାନବ ରୋବୋ ମାଧ୍ୟମରେ ଏହା କରିବାକୁ ସକ୍ଷମ ହୋଇପାରିଛନ୍ତି। ଏହି ରୋବୋର ନାମ ଶିକ୍ଷା। ଏହା ୪ର୍ଥରୁ କମ୍ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ବେଶି ଉପଯୋଗୀ ହୋଇଛି। କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲା ଶୀର୍ସା ଗାଁରେ ଜନ୍ମିତ ଅକ୍ଷୟ ଉଚ୍ଚଶିକ୍ଷା ଶେଷ କରି ଏକ କଲେଜରେ ପଦାର୍ଥ ବିଜ୍ଞାନ ପ୍ରଫେସର ଭାବେ ଯୋଗ ଦେଇଥିଲେ। କିନ୍ତୁ ପିଲାମାନଙ୍କ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ସେ ବିଭିନ୍ନ ଉପାୟ ସମ୍ପର୍କରେ ଚିନ୍ତା କରିବା ପରେ ଏହି ରୋବୋ ବିକାଶ କରିଛନ୍ତି। ଦେଢ଼ ବର୍ଷ ଗବେଷଣା କରି ସେ ୨୦୨୨ରେ ଏହାର ନିର୍ମାଣ ଶେଷ କରିଥିଲେ। ଉକ୍ତ ରୋବୋ ଆଞ୍ଚଳିକ ଭାଷାରେ ପଢ଼ାଇପାରୁଛି। ଇଂଲିଶ ଓ କନ୍ନଡ ଭାଷାରେ ରାଇମ୍ ଓ ଅନ୍ୟ ବିଷୟ ଉପରେ ଶିକ୍ଷା ଦେଇପାରୁଛି। ମିଶାଣ, ଫେଡ଼ାଣ ଓ ଗୁଣନ କରିପାରୁଛି। ଏହା ଉତ୍ତର କନ୍ନଡ ଜିଲାର ୨୫ଟିରୁ ଉର୍ଦ୍ଧ୍ୱ ସ୍କୁଲରେ ପଢାଇବା ଦକ୍ଷତା ପ୍ରଦର୍ଶନ କରିସାରିଲାଣି। ଏହାଦ୍ୱାରା ସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ଅନେକାଂଶରେ ସମାଧାନ ହୋଇପାରିବ ବୋଲି କହନ୍ତି ଅକ୍ଷୟ। ଅନେକ ବିଶେଷତ୍ୱ ଥିବା ରୋବୋ 'ଶିକ୍ଷା'କୁ ନିର୍ମାଣ କରିବାରେ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ମେ ୧୯୯୮

- ବିଲୱାର ଘାଟ ନିକଟରେ ଘାଗ୍ରା ନଦୀରେ ଏକ ନୌକା ବୁଡ଼ିଯିବା ଫଳରେ ୧୪ ଜଣଙ୍କ ସଲିଳ ସମାଧି।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ଗଞ୍ଜାମଭୂଷଣ ବଳରାମ ପଣ୍ଡାଙ୍କ ୮୯ ବର୍ଷ ବୟସରେ ପରଲୋକ।
- ଆସାମ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ମହାନ୍ତଙ୍କ ମନ୍ତ୍ରିମଣ୍ଡଳରୁ ଜଙ୍ଗଲ ବିଭାଗ ମନ୍ତ୍ରୀ ଅତୁଲ ବୋରାଙ୍କ ଇସ୍ତଫା ପ୍ରଦାନ।
- ଭାରତ ବିରୋଧରେ କଟକଣା ଜାରିକୁ ଗ୍ରୁପ୍-୮ ସମ୍ମିଳନୀରେ ଅନୁମୋଦନ କରାଇ ନେବାକୁ ଉଦ୍ୟମ କରି ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ବିଫଳ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | 7 | | 4 | 5 |
| | | 3 | 9 | | 6 | 1 | | |
| | 5 | | | | 8 | | | |
| 3 | | | | | | | | |
| | | 7 | 1 | | | 3 | | |
| | | | | | | 9 | 5 | 1 |
| | | | | 8 | | | | |
| | 4 | 2 | | | | | | 6 |
| 1 | | | | | 5 | 4 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 3 | 7 | 4 | 8 | 9 | 1 | 5 |
| 8 | 1 | 9 | 3 | 5 | 6 | 7 | 4 | 2 |
| 4 | 5 | 7 | 1 | 9 | 2 | 8 | 6 | 3 |
| 5 | 3 | 4 | 6 | 8 | 9 | 1 | 2 | 7 |
| 2 | 9 | 6 | 4 | 1 | 7 | 5 | 3 | 8 |
| 1 | 7 | 8 | 2 | 3 | 5 | 4 | 9 | 6 |
| 7 | 8 | 1 | 9 | 6 | 3 | 2 | 5 | 4 |
| 9 | 6 | 2 | 5 | 7 | 4 | 3 | 8 | 1 |
| 3 | 4 | 5 | 8 | 2 | 1 | 6 | 7 | 9 |

ଗତକାଲିର ଉତ୍ତର

# ଟିକସର ବୋଝ



ସନ୍ତୋଷ କୁମାର ମହାପାତ୍ର

ଗତ ଏପ୍ରିଲ ମାସରେ ଦେଶରେ ସାମଗ୍ରୀ ଓ ସେବା ଟିକସ ବା ଜିଏସ୍‌ଟି ଆଦାୟରେ ଭାରତ ଇତିହାସ ସୃଷ୍ଟି କରିଛି ବୋଲି ସରକାରଙ୍କ ତରଫରୁ ବାରମ୍ବାର କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏପ୍ରିଲରେ ଜିଏସ୍‌ଟି ଆଦାୟ ବାର୍ଷିକ ୧୨ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୮୭ ହଜାର କୋଟିରେ ପହଞ୍ଚିଛି। ଅବଶ୍ୟ କରୋନା ମହାମାରୀ ଯୋଗୁ ୨୦୨୦ ବର୍ଷକୁ ଛାଡ଼ି ୨୦୧୯, ୨୦୨୧, ୨୦୨୨ର ଏପ୍ରିଲ ମାସରେ ଜିଏସ୍‌ଟି ଆଦାୟ ସର୍ବଦା ପୂର୍ବ ରେକର୍ଡସ୍ତର ଅତିକ୍ରମ କରିଛି। ଏଣୁ ଏ ବର୍ଷ ଅତିକ୍ରମ କରିବା କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ । ୨୦୨୨ ଏପ୍ରିଲରେ ୧ ଲକ୍ଷ ୬୮ ହଜାର କୋଟି ରହିଥିଲା। ୨୦୨୧ ଏପ୍ରିଲରେ ୧ ଲକ୍ଷ ୪୧ ହଜାର କୋଟି ଛୁଇଁଥିଲା। ୨୦୧୯ ଏପ୍ରିଲରେ ମୋଟ ୧ ଲକ୍ଷ ୧୩ ହଜାର ୮୬୫ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଛି।

ପ୍ରତ୍ୟକ୍ଷ କର ମାଧ୍ୟମରେ ଟିକସର ବୋଝ ସିଧାସଳଖ କରଦାତା ଉପରେ ପଡ଼ିଥାଏ। କୌଣସି ପ୍ରତ୍ୟକ୍ଷ କରକୁ ପ୍ରଗତିଶୀଳ କୁହାଯିବ, ଯେତେବେଳେ ଲାଭ ବା ଆୟ ବା ସମ୍ପଦ ବୃଦ୍ଧି ଅନୁସାରେ କର ହାର ବୃଦ୍ଧି ପାଇଥାଏ। ଏଣୁ ଆୟକର, କର୍ପୋରେଟ୍ ଟିକସ ପରି ପ୍ରତ୍ୟକ୍ଷ କର ମାଧ୍ୟମରେ ଅଧିକ ଟିକସ ଆଦାୟ ହେଲାବେଳେ ପରୋକ୍ଷ କର ଆଦି ବାବଦରେ କମ୍ ଆଦାୟ ହେବା ଉଚିତ୍। କାରଣ ଜିଏସ୍‌ଟି ଅବକାରୀ ବା ଉତ୍ପାଦ କର ସୀମାଶୁଳ୍କ ପରି ପରୋକ୍ଷ କର। ପରୋକ୍ଷ କର ପ୍ରତିଗାମୀ । ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରିଲାବେଳେ ଏହି ଟିକସ ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ସମାନ ହାରରେ ଦେଇଥା'ନ୍ତି। ଆୟ ଦୃଷ୍ଟିରୁ ଟିକସର ବୋଝ ଗରିବଙ୍କ ଉପରେ ବେଶି ପଡ଼ିଥାଏ। ପୁନଶ୍ଚ ଆମ ଦେଶରେ ଜିଡିପି ବା ମୋଟ ଟିକସରେ ପରୋକ୍ଷ କର ଅନୁପାତ ବୃଦ୍ଧି ପାଉଛି। ଏଣୁ ଜିଏସ୍‌ଟି ବାବଦରେ ଅଧିକ ସଂଗ୍ରହ ଖୁସିର କାରଣ ନୁହେଁ। ପୁନଶ୍ଚ ଜିଏସ୍‌ଟି ପ୍ରଚଳନ ବେଳେ କୁହାଯାଇଥିଲା ଟିକସ ଫାଙ୍କି ରୋକାଯିବ, ଅଧିକ ଟିକସ ଆଦାୟ ହେବ ଏବଂ ଦରଦାମ୍ ହ୍ରାସ ପାଇବ। ଏଥିରୁ ଗୋଟିଏ ବି ପୂରଣ ହୋଇନି। ଯେଉଁ ଟିକସ ଅଧିକ ଆଦାୟ ହୋଇଛି ତାହା ମୁଖ୍ୟତଃ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ନାମାଙ୍କନ ମୂଲ୍ୟରେ ବୃଦ୍ଧି ହୋଇଛି। ପୁନଶ୍ଚ ଅଧିକାଂଶ ବ୍ୟବସାୟିକ ସଂସ୍ଥା ଯେତିକି ଲୋକଙ୍କଠାରୁ ଆଦାୟ କରୁଛନ୍ତି, ପ୍ରାୟ ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ବାଟମାରଣା ହେଉଛି। ଅର୍ଥାତ୍ ବ୍ୟବସାୟିକ ସଂସ୍ଥା ଗ୍ରାହକଙ୍କଠାରୁ ଟିକସ ନେଉଛନ୍ତି କିନ୍ତୁ ସବୁ ସରକାରଙ୍କୁ ପଇଠ କରୁନାହାନ୍ତି। ଅନେକ ଦୋକାନୀ କମ୍ପ୍ୟୁଟର ବିଲ୍ ଦୂରର କଥା ଏପରିକି ହାତଲେଖା ବିଲ୍ ମଧ୍ୟ ଦେଉନାହାନ୍ତି।

ପୁନଶ୍ଚ ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି, ଆୟ ଅନୁସାରେ ଗରିବମାନେ ଧନୀଙ୍କ ଅପେକ୍ଷା ଅଧିକ ଜିଏସ୍‌ଟି ତଥା ଅନ୍ୟାନ୍ୟ ପରୋକ୍ଷ କର ଦେଇଥା'ନ୍ତି। ଅକ୍ସଫାମ୍ ରିପୋର୍ଟ ଅନୁସାରେ ଦେଶର ମୋଟ୍ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ର ପ୍ରାୟ ଦୁଇ ତୃତୀୟାଂଶ ବା ୬୪% ନିମ୍ନରେ ଥିବା ୫୦% ଜନତାଙ୍କଠାରୁ ଆସିଥିବାବେଳେ ଏକ ତୃତୀୟାଂଶ ମଧ୍ୟବିତ୍ତ ୪୦%ଙ୍କଠାରୁ ଆସିଛି। କେବଳ ୩% ଶୀର୍ଷ ୧୦% ଧନୀଙ୍କଠାରୁ ଆସିଛି। ୨୦୨୧-୨୨ରେ ଜିଏସ୍‌ଟି(ଉଭୟ କେନ୍ଦ୍ର ଏବଂ ରାଜ୍ୟ ମିଶିକି) ୧୪.୭ ଲକ୍ଷ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ନିମ୍ନ ୫୦% ଜନତା ଧନୀ ଓ ମଧ୍ୟବିତ୍ତଙ୍କଠାରୁ ଆୟ ଅନୁସାରେ ବହୁ ଅଧିକ ପରୋକ୍ଷ କର ଦେଇଥା'ନ୍ତି। ନିମ୍ନ ୫୦% ଲୋକ ଧନୀ ୪%ଠାରୁ ଆୟ ଅନୁସାରେ ୬ ଗୁଣ ଅଧିକ ଟିକସ ଦେଇଥା'ନ୍ତି। କିନ୍ତୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହାକୁ ଖଣ୍ଡନ କରି କହିଛନ୍ତି ଯେ ଜିଏସ୍‌ଟି ହେଉଛି ଏକ ପରୋକ୍ଷ ଟ୍ୟାକ୍ସ, ଯାହା ଚୂଡ଼ାନ୍ତ ଗ୍ରାହକଙ୍କ ଅପେକ୍ଷା ସାମଗ୍ରୀ ଏବଂ ସେବା ଯୋଗାଣକାରୀଙ୍କଠାରୁ ସଂଗୃହୀତ ହୋଇଥାଏ। ଫଳସ୍ୱରୂପ, କିଏ କେତେ ଜିଏସ୍‌ଟି ଦେଉଛି ତାହା ସ୍ଥିର କରିବା ଅସମ୍ଭବ। ରିଟର୍ନ ଫାଇଲରୁ ମିଳିଥିବା ତଥ୍ୟ ଅନୁଯାୟୀ, ୫୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରୁଥିବା ୨୨% ଭାରତୀୟ ବ୍ୟବସାୟୀ ମୋଟ୍ ଜିଏସ୍‌ଟିର ୯୦% ପ୍ରଦାନ କରନ୍ତି। ପ୍ରଥମ କଥା ଅର୍ଥମନ୍ତ୍ରୀ ଭୁଲ୍ କଥା କହିଛନ୍ତି। ଜିଏସ୍‌ଟି ଚୂଡ଼ାନ୍ତ ଗ୍ରାହକଙ୍କଠାରୁ ଆଦାୟ କରାଯାଇଥାଏ। ବଡ଼ ବା ଛୋଟ ବ୍ୟବସାୟିକ ସଂସ୍ଥା ଯେଉଁ ଟିକସ ପଇଠ କରିଥା'ନ୍ତି ତାହା ଗ୍ରାହକ ବା ଉପଭୋକ୍ତାଙ୍କଠାରୁ ଆଦାୟ କରିଥା'ନ୍ତି। ଏଣୁ ଅକ୍ସଫାମ୍ ରିପୋର୍ଟ ଆପାତତଃ ଠିକ୍।



କେବଳ ଜିଏସ୍‌ଟି ନୁହେଁ, ଆମ ଦେଶରେ ଟିକସ ବ୍ୟବସ୍ଥା ଏପରି ପ୍ରତିଗାମୀ ଯେ ଆୟ ଅନୁସାରେ ଗରିବ ଏପରିକି ଭିକାରିଟି ଧନୀ, ଶିଳ୍ପପତିଙ୍କଠାରୁ ଅଧିକ ଟିକସ ଦେଇଥା'ନ୍ତି। ଯାହାର ଏକ ଉଦାହରଣ କେବଳ ଜିଏସ୍‌ଟି ନୁହେଁ, ପେଟ୍ରୋଲିୟମ ସାମଗ୍ରୀ ମାଧ୍ୟମରେ ଅଧିକ ଟିକସ ଆଦାୟ ହେବା ଏବଂ ତାହାର ବୋଝ ଗରିବ ଓ ମଧ୍ୟବିତ୍ତଙ୍କ ଉପରେ ପଡ଼ିବା। ପେଟ୍ରୋଲିୟମ ସାମଗ୍ରୀ ଉପରେ ଟିକସ ବାବଦରେ ୨୦୨୧-୨୨ରେ କେନ୍ଦ୍ର ୪,୯୨,୩୦୩ କୋଟି ଏବଂ ରାଜ୍ୟ ୨,୮୨,୧୨୨ କୋଟି ଟଙ୍କା ପ୍ରାପ୍ତ ହେଲାବେଳେ ମୋଟ୍ ଉପରେ ୭,୭୪,୪୨୫ କୋଟି ଟଙ୍କା ଆଦାୟ କରାଯାଇଛି। ପୁନଶ୍ଚ ଗତ କିଛିମାସ ହେବ ବିଶ୍ୱ ବଜାରରେ ଅଶୋଧିତ ତୈଳଦର ହ୍ରାସ ଘଟିବା ସତ୍ତ୍ୱେ ସରକାର ତୈଳଦର ହ୍ରାସ କରୁନାହାନ୍ତି, ଯାହାଦ୍ୱାରା ଜନବିରୋଧୀ ଚରିତ୍ର ପରିସ୍ଫୁଟିତ ହେଉଛି। ପେଟ୍ରୋଲ, ଡିଜେଲ ଉପରେ ଅହେତୁକ ଟିକସ ଆଦାୟ କରିବାଯୋଗୁ ଦରଦାମ୍ ଓ ମୁଦ୍ରାସ୍ଫୀତି ବୃଦ୍ଧି ଘଟୁଛି, ଯାହାଦ୍ୱାରା ଗରିବଙ୍କ କ୍ରୟଶକ୍ତି ହ୍ରାସ ପାଉଛି।

ପୁନଶ୍ଚ ସରକାର ସେସ୍ ଏବଂ ସର୍‌ଚାର୍ଜ ବାବଦରେ ଅଧିକ ଟିକସ ଆଦାୟ କରୁଛନ୍ତି, ଯେଉଁଥିରେ ରାଜ୍ୟର ଅଂଶ ରହୁନି ଏବଂ ରାଜ୍ୟଗୁଡ଼ିକ ଗରିବଙ୍କ ପାଇଁ କିଛି କରିବାରେ ସମ୍ବଳ ଅଭାବର ସମ୍ମୁଖୀନ ହେଉଛନ୍ତି। ୨୦୧୦-୧୧ରେ କେନ୍ଦ୍ରର ମୋଟ ରାଜସ୍ୱରେ ସେସ୍ ଏବଂ ସରଚାର୍ଜ ବାବଦରେ ଆଦାୟ ରାଜସ୍ୱ ୮.୬% ଥିଲା। ୨୦୨୧-୨୨ ଏହା ୨୮%କୁ ବୃଦ୍ଧି ପାଇଛି। ସେସ୍ ଏବଂ ସରଚାର୍ଜ ବାବଦରେ କେନ୍ଦ୍ର ୨୦୧୯-୨୦ରେ ୩.୬୫ ଲକ୍ଷ କୋଟି ପାଇଥିଲାବେଳେ ୨୦୨୦-୨୧ରେ ୫.୦୯ ଲକ୍ଷ କୋଟି ଏବଂ ୨୦୨୧-୨୨ରେ ୭.୬ ଲକ୍ଷ କୋଟି ଟଙ୍କା ପାଇଛି। କେବଳ ପେଟ୍ରୋଲିୟମ ସାମଗ୍ରୀ ଉପରେ ୨.୭ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି।

ବାସ୍ତବରେ ସରକାର ଆମରି ଟିକସ ଅର୍ଥରେ କେବଳ ବ୍ୟୟକରି ବାହାବା ନେଉନାହାନ୍ତି ବରଂ ଧନୀ, କର୍ପୋରେଟ୍‌ଙ୍କୁ ପରୋକ୍ଷରେ ଅଧିକ ରିହାତି ଦେଇ ନିର୍ବାଚନ ବୈତରଣୀ ସହଜରେ ପାରିହେବାକୁ ଚେଷ୍ଟା କରୁଛନ୍ତି। ସରକାର ଧନୀ, କର୍ପୋରେଟ୍‌ଙ୍କଠାରୁ ଆବଶ୍ୟକଠାରୁ କମ୍ ହାରରେ ଟିକସ ଆଦାୟ କରିବାରୁ ସମ୍ବଳର ଅଭାବ ଦେଖାଦେଉଛି। ଭାରତରେ ଜିଡିପି ଅନୁସାରେ ଟିକସ ଆଦାୟ ହାର ପ୍ରାୟ ସର୍ବନିମ୍ନ ବା ୧୧% ପାଖାପାଖି। ସମ୍ବଳ ଅଭାବରୁ ସରକାର ଅଧିକ ଋଣ କରୁଛନ୍ତି ଏବଂ ବିଭିନ୍ନ ଜନହିତକର ବ୍ୟୟ ହ୍ରାସ କରୁଛନ୍ତି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅତ୍ୟାବଶ୍ୟକ ସେବାର ଘରୋଇକରଣ କରୁଛନ୍ତି। ଏହା ଚିନ୍ତାଜନକ।

**ମୋ: ୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଜମି ପଚ୍ଚାଜାଗା ଭଳି ବିକ୍ରି ହେଉଛି

ମହାଶୟ,

ବିଗତ କିଛିବର୍ଷ ହେଲା ଭୁବନେଶ୍ୱରର ୩୯ ନମ୍ବର ୱାର୍ଡ ଓ ତାହାର ଆଖପାଖ ଅଞ୍ଚଳରେ ସରକାରୀ ଜମି ପଚ୍ଚାଜାଗା ଭଳି କିଣାବିକା ହେଉଛି । ଲକ୍ଷ ଲକ୍ଷ ଟଙ୍କାରେ ଏହି କାରବାର ହେଉଛି । ଏଥିରେ ନା କୌଣସି କାଗଜପତ୍ରର ଭୟ ଅଛି ନା କୌଣସି ଆୟକର ହିସାବ ଦେବାକୁ ଅଛି । ବିନା କୌଣସି ଝମେଲାରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହେଉଛି । ଅନେକ ଜମି ମାଫିଆ ଏ ଅଞ୍ଚଳରେ ସକ୍ରିୟ ଅଛନ୍ତି । ନିଜର ଓ ନିଜ ପରିବାରର ରାଜନୈତିକ ସମ୍ପର୍କକୁ ବ୍ୟବହାର କରି ସେମାନେ ବର୍ଷ ବର୍ଷ ଧରି ଏହା ଭିଆଉଛନ୍ତି । ନିଜ ଅକ୍ତିଆରରେ ଥିବା ଜାଗା ବିକା ସରିଲା ପରେ ନିରୀହ ବସ୍ତିବାସିନ୍ଦାମାନଙ୍କ ଜାଗାକୁ ଜୋର ଜବରଦସ୍ତ ଗଣ୍ଡଗୋଳ ଭିଆଇ ମଧ୍ୟ ବିକ୍ରି କରାଯାଉଛି। ଏହା ଦେଖି ଅନେକ ଦଲାଲ ଏଠି ସମରୂପରେ ସମାନ ପ୍ରକାରର ଅପରାଧ ଘଟାଉଛନ୍ତି । ପ୍ରଶାସନ ସବୁ ଜାଣିଶୁଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛି ।

**-ତାପସ ରଞ୍ଜନ, ନୂଆପଲ୍ଲୀ, ନୂଆସାହି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ପଥହୀନ ଅନ୍ଧକାରେ ଏକା ସେହି
ଆଲୋକ ପ୍ରତ୍ୟକ୍ଷ
ସକଳ ବିଶ୍ୱର ଯେହୁ ଏକମାତ୍ର
ଚିରନ୍ତନ ଲକ୍ଷ୍ୟ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଏମ୍‌ସିର ଇ-ନିଲାମ ପ୍ରକ୍ରିୟା ପୁଣି ବିଫଳ

ଯାଜପୁର ଅଫିସ,୧୮।୫



- ୧.୩୬୪ ଏମ୍‌ଟି ଲୁହାପଥରରୁ ୦.୧୫୦ ଏମ୍‌ଟି ବିକ୍ରି
- ପେଲେଟ, ସ୍ପଞ୍ଜ ଆଇରନ ପ୍ଲାଣ୍ଟ ବନ୍ଦ ହେବ
- ଚିନ୍ତାରେ ଶ୍ରମିକ, କର୍ମଚାରୀ

ଭୁଲ ନୀତି ନିର୍ଦ୍ଧାରଣ ଏବଂ ପ୍ରାରମ୍ଭିକ ମୂଲ୍ୟ ବୃଦ୍ଧି ଯୋଗୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଲୁହାପଥର ଇ-ନିଲାମ ପ୍ରକ୍ରିୟା ପୁଣି ବିଫଳ ହୋଇଛି। ଏଥିଯୋଗୁ କଳିଙ୍ଗନଗରରେ ନିଜସ୍ୱ ଖଣି ନ ଥିବା ଶିଳ୍ପ ସଂସ୍ଥାଗୁଡିକରେ କଞ୍ଚାମାଲ ଅଭାବରୁ ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି କରିଛି। ଏଭଳି ଭାବେ ଲାଭରେ ହ୍ରାସ ଘଟୁଥିବାରୁ କର୍ପୋରେଟ ସେକ୍ଟର ସମୂହ ସେମାନଙ୍କ ଆଗାମୀ ପୁଞ୍ଜିନିବେଶକୁ ସାମୟିକ ସ୍ଥଗିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଏହାର ଘୋଷଣା ମଧ୍ୟ ଅନେକ କର୍ପୋରେଟ ସେକ୍ଟର କରିଛନ୍ତି । ଏହି କାରଣରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ପ୍ରାୟ ୨ ବର୍ଷ ହେବ ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ବଦଳରେ ଛଟେଇ ସଂଖ୍ୟା ଅଧିକ ରହୁଛି। ବିଶେଷକରି ଭିସା ଷ୍ଟିଲ, ଫେରୋକ୍ରୋମ, ରୋହିତ ଫେରୋଟେକ, କେଜେ ଇସ୍ପାତ ପ୍ରଭୃତି କମ୍ପାନୀଙ୍କ ନିଜସ୍ୱ ଖଣି ନାହିଁ। ରାଜ୍ୟ ସରକାରଙ୍କ ଶିଳ୍ପ ନାହିଁ ତ ଖଣି ନାହିଁ ନୀତି କଳିଙ୍ଗନଗର ଶିଳ୍ପାଞ୍ଚଳରେ କାର୍ଯ୍ୟକୁ ଆସୁ ନ ଥିବାରୁ କଞ୍ଚାମାଲ ପାଇଁ ଶିଳ୍ପ କମ୍ପାନୀଗୁଡିକ ଓଏମ୍‌ସି ଉପରେ ନିର୍ଭରଶୀଳ । କିନ୍ତୁ ଓଏମ୍‌ସିର ମନମୁଖୀ ମୂଲ୍ୟ ନିର୍ଦ୍ଧାରଣ ଯୋଗୁ ଉପରୋକ୍ତ କମ୍ପାନୀଗୁଡିକ ଦେବାଳିଆ ପରିସ୍ଥିତିର ସମ୍ମୁଖୀନ ହେବାର ଆଶଙ୍କା ସୃଷ୍ଟି କରିଛି।

ଓଏମ୍‌ସି ପକ୍ଷରୁ ଗୁରୁବାର ହୋଇଥିବା ଇ-ନିଲାମ ପ୍ରକ୍ରିୟାରେ ସମୁଦାୟ ୧.୩୬୪ ମିଲିୟନ ଟନ୍ ମଧ୍ୟରୁ ମାତ୍ର ୦.୧୫୦ ମିଲିୟନ ଟନ୍ ଲୁହାପଥର ବିକ୍ରି ହୋଇ ପାରିଛି। ବିଦେଶୀ କମ୍ପାନୀଗୁଡିକର ଚାହିଦା ଅନୁସାରେ ଓଏମ୍‌ସି ପ୍ରାରମ୍ଭିକ ମୂଲ୍ୟ ନିର୍ଦ୍ଧାରଣ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁ ନିଲାମ ପ୍ରକ୍ରିୟାରେ ବିଦେଶୀ କମ୍ପାନୀଗୁଡିକ ଭାଗ ନେଇ ଅଧିକ ଦରରେ ଲୁହାପଥର କିଣୁଛନ୍ତି, ସେହି ସମୟରେ ଓଏମ୍‌ସିର ନିଲାମ ପ୍ରକ୍ରିୟା ସନ୍ତୋଷଜନକ ରହୁଛି। କିନ୍ତୁ ସମସ୍ତ ନିଲାମରେ ବିଦେଶୀ କମ୍ପାନୀଗୁଡିକ ଭାଗ ନେବାର ଆଶା ରଖି ଓଏମ୍‌ସି ଯେଉଁ ପ୍ରାରମ୍ଭିକ ମୂଲ୍ୟ ନିର୍ଦ୍ଧାରଣ କରୁଛି ସେଥିରେ ବିଫଳ ହେଉଛି। ବହୁତ କମ ସମୟରେ ବିଦେଶୀ କମ୍ପାନୀଗୁଡିକ ନିଲାମ ପ୍ରକ୍ରିୟାରେ ଭାଗ ନେଉଥିବାରୁ ଅଧିକାଂଶ ନିଲାମ ବିଫଳ ହେଉଥିବା କୁହାଯାଉଛି। ଏଥିଯୋଗୁ ସ୍ଥାନୀୟ କମ୍ପାନୀଗୁଡିକ ପେଷି ହେଉଛନ୍ତି। ରାଜ୍ୟର ଛୋଟବଡ଼ ଶିଳ୍ପସଂସ୍ଥାଗୁଡିକ ଆବଶ୍ୟକ କଞ୍ଚାମାଲ ଲୁହାପଥର ଓ କ୍ରୋମାଇଟ ପାଇଁ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଓଏମ୍‌ସି ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ । ସଠିକ ମୂଲ୍ୟରେ କଞ୍ଚାମାଲ ପାଇବା ପାଇଁ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ଓଏମ୍‌ସିର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ନ ପାଇ ଏବେ ଅସ୍ଥିରତା ଦେଇ ଗତି କରୁଛନ୍ତି । ବିଫଳ ନିଲାମ ପ୍ରକ୍ରିୟା ସତ୍ତ୍ୱେ ଓଏମ୍‌ସି କଞ୍ଚାମାଲର ପ୍ରାରମ୍ଭିକ ମୂଲ୍ୟରେ ପରିବର୍ତ୍ତନ ନ କରି ମୂଲ୍ୟ ବୃଦ୍ଧି କରିବା ଆଶ୍ଚର୍ଯ୍ୟର କଥା ବୋଲି କଳିଙ୍ଗନଗର ଶିଳ୍ପ ସଂଘ ପକ୍ଷରୁ ଅଭିଯୋଗ ହୋଇ ଆସୁଛି। ଏହାବାଦ୍ ପେଲେଟ ପ୍ଲାଣ୍ଟ ଏବଂ ସ୍ପଞ୍ଜ ଆଇରନ କାରଖାନାଗୁଡିକ କଞ୍ଚାମାଲର ମୂଲ୍ୟବୃଦ୍ଧି ଯୋଗୁ ବନ୍ଦ କରିବା ପ୍ରକ୍ରିୟାର ଆରମ୍ଭ କଲେଣି। ତେଣୁ ଲୁହାପଥର ଦରର ପ୍ରାରମ୍ଭିକ ମୂଲ୍ୟବୃଦ୍ଧି ହ୍ରାସ କରି ପୁଣି ଇ-ନିଲାମ କରିବାକୁ ଶିଳ୍ପ କମ୍ପାନୀଗୁଡିକ ଓଏମ୍‌ସି ନିକଟରେ ଅନୁରୋଧ କରିଛନ୍ତି। ଓଡ଼ିଶାରେ ସମସ୍ତ ପ୍ରତିଷ୍ଠିତ ଏବଂ ନିର୍ମାଣାଧୀନ ସମସ୍ତ ଶିଳ୍ପ କାରଖାନାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଜମି, ଜଳ ଆଦିର ବ୍ୟବସ୍ଥା କରି ଶିଳ୍ପ ପ୍ରତିଷ୍ଠା ହେଲେ ବେକାରି ସମସ୍ୟା ଦୂର ହେବ ବୋଲି ରାଜ୍ୟ ସରକାର ଯେଉଁ ଆଶା ରଖୁଛନ୍ତି, ତାହା କଞ୍ଚାମାଲ ବିକ୍ରିବଟାରେ କେତେକ ତ୍ରୁଟି ଯୋଗୁ ପରାହତ ହେଉଥିବା ମତପ୍ରକାଶ ପାଇଛି। ଏହାବାଦ୍ ଶିଳ୍ପସଂସ୍ଥା ଗୁଡିକ ଉପରେ ନିଜର ଜୀବିକା ପାଇଁ ନିର୍ଭରଶୀଳ ସାଧାରଣ ଶ୍ରମିକ ଓ କର୍ମଚାରୀ ଜୀବିକା ହରାଇବାର ଆଶଙ୍କାରେ କାଳାତିପାତ କରୁଛନ୍ତି। ଏହି ପରିସ୍ଥିତିରେ ସୁଧାର ପାଇଁ କଳିଙ୍ଗନଗର ଶିଳ୍ପ ସଂଘ ଓ ଅନ୍ୟ ଶିଳ୍ପ ସମୂହ ତୁରନ୍ତ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

# ପରିତ୍ୟକ୍ତ କୂଅରେ ପଡ଼ିଲା ହାତୀ


ପରିତ୍ୟକ୍ତ କୂଅରେ ପଡ଼ିଥିବା ହାତୀ।

ଚମ୍ପୁଆ/କେନ୍ଦୁଝର,୧୮।୫
(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳର ଟୁଣ୍ଡୁଟୁଣାଠାରେ ଥିବା ଏକ ପରିତ୍ୟକ୍ତ କୂଅରେ ବୁଧବାର ରାତି ୩ଟାରେ ଏକ ମାଈହାତୀ ପଡ଼ିଯାଇଥିଲା। ଦୀର୍ଘ ୪ ଘଣ୍ଟା ପରିଶ୍ରମ ପରେ ବନ ବିଭାଗ ତାକୁ ଉଦ୍ଧାର କରିବାରେ ସଫଳ ହୋଇଛି।

ସୂଚନା ମୁତାବକ, ଚମ୍ପୁଆ ସେକ୍ସନରେ ରହିଥିବା ୨୪ ଟିକିଆ ହାତୀପଲ ଦୁଇଭାଗ ହୋଇଯାଇଛନ୍ତି। ୧୭ ହାତୀ ଚମ୍ପୁଆ ସେକ୍ସନରେ ଥିବା ବେଳେ ୭ ହାତୀ ବାଲିବନ୍ଧ ସେକ୍ସନକୁ ପଳାଇଛନ୍ତି। ୧୭ ଟିକିଆ ହାତୀ ପଲରୁ ଏକ ମାଈହାତୀ କାଳିକାପ୍ରସାଦ ରିଜର୍ଭ ଜଙ୍ଗଲରୁ ବାହାରି ପତଳା ଗ୍ରାମ ଦେଇ ଟୁଣ୍ଡୁଟୁଣା ଆଡ଼କୁ ଯାଉଥିବା ବେଳେ ବିଲ ମଝିରେ ଥିବା ପରିତ୍ୟକ୍ତ କୂଅରେ ଗଳି ପଡ଼ିଥିଲା। ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ବନ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ସୂଚନା ଦେଇଥିଲେ। ପରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ବନପାଳ କାଳନ୍ଦୀ ସାମଲ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଏକ ଜେସିବି ମେଶିନ ସାହାଯ୍ୟରେ ମାଟି ଖୋଳି ହାତୀଟିକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ। ବର୍ତ୍ତମାନ ହାତୀପଲ ସରେଇ ଜଙ୍ଗଲରେ ରହିଥିବା ବନ ବିଭାଗ ସୂଚନା ଦେଇଛି।

# ମାଟ୍ରିକ୍ ପରୀକ୍ଷାଫଳ ନେଇ ଆପତ୍ତି ଜଣାଇପାରିବେ ଛାତ୍ରୀଛାତ୍ର

କଟକ ଅଫିସ,୧୮।୫

- ଖୋଲିଲା କଣ୍ଟ୍ରୋଲରୁମ୍, ଫୋନ୍ ନମ୍ବର ଜାରି
- ଚଳିତବର୍ଷ ସପ୍ଲିମେଣ୍ଟାରୀ ପରୀକ୍ଷା ହେବ

ମାଟ୍ରିକ ପରୀକ୍ଷାଫଳକୁ ନେଇ ଆପତ୍ତି ଅଭିଯୋଗ ଥିଲେ ଛାତ୍ରୀଛାତ୍ରମାନେ ଏକ ମାସ ମଧ୍ୟରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇପାରିବେ। ଏଥିପାଇଁ ବୋର୍ଡ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ଫୋନ୍ ନମ୍ବର ୦୬୭୧-୨୪୧୫୪୬୦ ଜାରି କରାଯାଇଛି। ପରୀକ୍ଷାଫଳକୁ ନେଇ ଦ୍ୱନ୍ଦ୍ୱ ରହିଥିଲେ ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ଉକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରିବେ। ଏହି କଣ୍ଟ୍ରୋଲ ରୁମ୍‌ରେ ୨ ଜଣ କାଉନ୍‌ସେଲରଙ୍କ ସମେତ ବୋର୍ଡ କର୍ମଚାରୀ ରହିଛନ୍ତି। ଅପରପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଗତବର୍ଷ ସପ୍ଲିମେଣ୍ଟାରୀ ପରୀକ୍ଷା ହୋଇପାରି ନଥିବାବେଳେ ଚଳିତବର୍ଷ ଏହା କରାଯିବ। ଫେଲ୍ ତଥା ଡ୍ରପ୍‌ଆଉଟ୍ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ପରୀକ୍ଷା ହେବ। ଏନେଇ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

# ଛାତ୍ରୀଛାତ୍ର, ଅଭିଭାବକଙ୍କୁ କାଉନ୍‌ସେଲିଂ କରାଯିବ

କଟକ ଅଫିସ,୧୮।୫

**ମାଟ୍ରିକ୍ ପରୀକ୍ଷାରେ ଅନୁପସ୍ଥିତ ରହିବା ଘଟଣା**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ କାଉନ୍‌ସେଲିଂ କରାଯିବ। ଏଥିପାଇଁ ଓସେପା ପକ୍ଷରୁ ସ୍ୱତନ୍ତ୍ର କାଉନ୍‌ସିଲରଙ୍କୁ ଦାୟିତ୍ୱ ଦିଆଯାଇଛି । ଛାତ୍ରୀଛାତ୍ରଙ୍କ ସହ ଅଭିଭାବକଙ୍କୁ ମଧ ଏଥିରେ ସାମିଲ କରାଯିବ। କାଉନ୍‌ସେଲରମାନେ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସମସ୍ୟା ବୁଝିବା ସହ ପରୀକ୍ଷା ନ ଦେବା ନେଇ କାଉନ୍‌ସେଲିଂ କରିବେ ବୋଲି ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତିକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତବର୍ଷ ପ୍ରାୟ ୪୪ ହଜାର ପିଲା ଅନୁପସ୍ଥିତ ଥିଲେ। ଚଳିତବର୍ଷ ୫ ଲକ୍ଷ ୨୭ ହଜାର ୩୭୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବାବେଳେ ୧୦,୯୪୯ ଜଣ ଅନୁପସ୍ଥିତ ଥିଲେ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ କାଉନ୍‌ସେଲିଂ କରାଯାଇ ସମସ୍ୟାର ସମାଧାନ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ସେ କହିଛନ୍ତି।

# ୫୪ ଚୋରି ଗ୍ୟାସ୍ ସିଲିଣ୍ଡର ଜବତ, ୧୦ ଗିରଫ



ଗିରଫ ଅଭିଯୁକ୍ତମାନଙ୍କ ସହ ଜବତ ଗ୍ୟାସ୍ ସିଲିଣ୍ଡର ଓ ଗାଡ଼ି।

କୁଚିଣ୍ଡା,୧୮।୫(ଡି.ଏନ.ଏ.)

ସମ୍ବଲପୁର ଜିଲା ମହୁଲପାଲି ଥାନାର କେଶାଇବାହାଲ ଓ ଜମନକିରା ଥାନାର ଫାଶିମାଲଠାରେ ଥିବା ଇଣ୍ଡେନ୍ ଗୋଦାମରୁ ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗରେ ୧୦ଜଣଙ୍କୁ ପୋଲିସ ଗିରଫ କରି ଗୁରୁବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ମହୁଲପାଲି ଥାନା କେସ୍ ନଂ ୫୨/୨୩ ଏବଂ ଜମନକିରା ଥାନା କେସ୍ ନଂ ୪୫/୨୩ରେ ପୃଥକ୍ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡା ଜିଲା ସଦର ଥାନା ବିଟିଏମ୍ ଅଞ୍ଚଳର ସୁଜିତ ଦାସ (୩୫), କବରସ୍ଥାନ ପଡାର ମହମ୍ମଦ ସାକିର (୩୪), ଇଟାଭଟା ଅଞ୍ଚଳର ଉଦୟ ସାହୁ (୨୭), ଏଚ୍. କଟାପାଲିର ତେଜରାଜ ବେସନ ଓରଫ କିଟୋ (୨୯), ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ୱାର୍ଡ ନଂ-୯ର ଅଜିତ କୁମାର ରାୟ (୩୯), ଇଟାଭଟା ଅଞ୍ଚଳର ରବି ସା, ସଦର ଥାନା ଅଞ୍ଚଳର ସୁରଜ କୁମାର ସାହୁ ଓରଫ ଗଲୁ (୨୮), ବ୍ରଜରାଜନଗର ଥାନା ବଘିଆବେର୍ଣ୍ଣାର ପିଙ୍କୁ ପଟେଲ (୪୦), ଝାରସୁଗୁଡା ଥାନା ବେହେରାମାଲର ମାନସ କୁମାର ପାତ୍ର (୩୨) ଓ ସୁବୋଧ ସାହୁ। ପୋଲିସ ୫୪ ଚୋରି ଗ୍ୟାସ୍ ସିଲିଣ୍ଡର ସହ ଚୋରିରେ ବ୍ୟବହୃତ ମହିନ୍ଦ୍ରା ପିକ୍‌ଅପ ଭ୍ୟାନ (ଓଆର୨୩-୯୪୫୦), ଅଟୋରିକ୍ସା (ଓଡି୨୩କେ ୨୦୮୯), ମାରୁତି ଇକୋ (ଓଡି୨୩ଏମ୯୯୪୪) ଓ ୫ ମୋବାଇଲ ଫୋନ ଜବତ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ମହୁଲପାଲି ଥାନା କେଶାଇବାହାଲରେ ଥିବା ଇଣ୍ଡେନ ଗ୍ୟାସ୍ ଗୋଦାମ ତାଲା ଭାଙ୍ଗି ଅଭିଯୁକ୍ତମାନେ ଏପ୍ରିଲ ୧୯ତାରିଖ ରାତିରେ ଗ୍ୟାସ୍ ସିଲିଣ୍ଡର ଚୋରି କରିଥିଲେ। ସେହିପରି ଚଳିତମାସ ୬ତାରିଖରେ ଜମନକିରା ଥାନା ଫାଶିମାଲରେ ଥିବା ଇଣ୍ଡେନ ଗ୍ୟାସ୍ ଗୋଦାମ ତାଲା ଭାଙ୍ଗି ଗ୍ୟାସ୍ ସିଲିଣ୍ଡର ଚୋରି କରିଥିଲେ। ଏ ନେଇ ଅଭିଯୋଗ ପରେ ଉଭୟ ଥାନାରେ ପୋଲିସ ପୃଥକ୍ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଗୋଇନ୍ଦା ସୂତ୍ର ଓ ସିସିଟିଭି ଫୁଟେଜ ଆଧାରରେ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ଟି ପୋଲିସ ଟିମ୍ ଗଠିତ ହୋଇଥିଲା।

ପୋଲିସ ଟିମ୍ ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରି ଗ୍ୟାସ୍ ସିଲିଣ୍ଡର ଜବତ ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଝାରସୁଗୁଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଏହି ଗ୍ୟାସ୍ ସିଲିଣ୍ଡରକୁ ବିକ୍ରି କରୁଥିଲେ। ଗିରଫ ସୁବୋଧ, ତେଜରାଜ, ମହମ୍ମଦ ସାକିର, ଉଦୟ, ଅଜିତ, ରବି ଓ ସୁରଜ ଯୋଜନାବଦ୍ଧ ଭାବେ ସିଲିଣ୍ଡର ଚୋରି କରିବା ପରେ ସୁଜିତଙ୍କ ମହିନ୍ଦ୍ରା ପିକ୍ ଅପ୍ ଭ୍ୟାନରେ ପରିବହନ କରି ଏଚ୍‌ପି ଗ୍ୟାସ ଡିଲର ପିଙ୍କୁ ପଟେଲ, ଗ୍ୟାସ ମରାମତି ଦୋକାନୀ ସୁରଜ କୁମାର ସାହୁ ଓ ଗ୍ୟାସ ମରାମତି ଦୋକାନୀ ମାନସ କୁମାର ପାତ୍ରଙ୍କ ଦୋକାନରେ ଗଚ୍ଛିତ ରଖୁଥିଲେ। ଏହି ଚୋରି ଘଟଣାରେ ଆଉ କିଛି ବ୍ୟକ୍ତି ଜଡିତ ଥିବା ସନ୍ଦେହରେ ତଦନ୍ତ କରାଯାଉଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର କହିଛନ୍ତି।

# ଜାତୀୟ ଜଳ ପୁରସ୍କାର-୨୨ ପାଇଁ ଓଡ଼ିଶା ଯୋଗ୍ୟ ବିବେଚିତ

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷରେ ଜଳ ସମ୍ପଦ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଜାତୀୟ ଜଳ ପୁରସ୍କାର-୨୦୨୨ ପାଇଁ ଓଡ଼ିଶା ଯୋଗ୍ୟ ବିବେଚିତ ହୋଇଛି। ଏହା ସହ ଏ କ୍ଷେତ୍ରରେ ଓଡ଼ିଶାକୁ ଦେଶର ୨ୟ ଶ୍ରେଷ୍ଠ ରାଜ୍ୟ ମାନ୍ୟତା ପ୍ରଦାନ କରାଯାଇଛି। ଓଡ଼ିଶାରେ ୩.୨ ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରାଯାଇ ପ୍ରାୟ ୪ ଲକ୍ଷରୁ ଅଧିକ ଚାଷୀଙ୍କୁ ଜଳ ସୁରକ୍ଷା ଯୋଗାଇ ଦିଆଯାଇଛି। ଜଳ ସମ୍ପଦ ବିଭାଗ ଦ୍ୱାରା ୨ଟି ବୃହତ୍ ଜଳସେଚନ ପ୍ରକଳ୍ପ ଯଥା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ନୂଆପଡ଼ା ଏବଂ ବଲାଙ୍ଗୀର ଜିଲା) ଏବଂ ଉପର ଇନ୍ଦ୍ରାବତୀ ଲିଫ୍ଟ କେନାଲ ପ୍ରକଳ୍ପ, (କଳାହାଣ୍ଡି ଜିଲା), ଉଚ୍ଚ ଅଞ୍ଚଳକୁ ଜଳ ଯୋଗାଣ ନିମନ୍ତେ ୬୧ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ୨୮୩୩ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ ୨୨,୫୦୦ ଗଭୀର ନଳକୂପ(ଡିପ୍ ବୋର୍ ୱେଲ୍) ନିର୍ମାଣ କରାଯାଇଛି। ଏହାଦ୍ୱାରା ଭୌଗୋଳିକ ତଥା ସାମାଜିକ ସମାନତାକୁ ସୁନିଶ୍ଚିତ କରାଯାଇପାରିଛି। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୀର୍ଘଦିନର ସମସ୍ୟାର ସମାଧାନ କରାଯାଇ ପ୍ରାୟ ୩୨,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ସମସ୍ତ ବର୍ଗର ଜଳସେଚନ ପ୍ରକଳ୍ପର ବଣ୍ଟନ ପ୍ରଣାଳୀରେ ଭୂତଳ ପାଇପଲାଇନ ବ୍ୟବହାର କରାଯିବା ଦ୍ୱାରା ପ୍ରକଳ୍ପଗୁଡିକର ଜଳସେଚନ ଦକ୍ଷତା ୨୦%ରୁ ଅଧିକ ବୃଦ୍ଧି ପାଇଛି। ଜଳ ସମ୍ପଦର ସଂରକ୍ଷଣ ପାଇଁ ରାଜ୍ୟ ସରକାର ୫ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ବିନିଯୋଗ କରି ୪୬ଟି ଅନ୍ତଃନଦୀ ଜଳାଶୟ ନିର୍ମାଣ ଦ୍ୱାରା ପ୍ରାୟ ୫୦ ହଜାର ହେକ୍ଟର ମିଟର ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରଯାଇଛି। ଏହା ବ୍ୟତୀତ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ଜଳ ସଂରକ୍ଷଣ ପଦକ୍ଷେପ ଯୋଗୁ ରାଜ୍ୟର ଭୂତଳ ଜଳ ସମ୍ପଦ ପ୍ରାୟ ୧୭.୨୬ ବିଲିୟନ ଘନ ମିଟରକୁ ବୃଦ୍ଧି ପାଇଛି। ଜଳ ସମ୍ପଦ ବିଭାଗ, ପ୍ରଭାବୀ ଜଳ ପରିଚାଳନା ନିମନ୍ତେ ତଥା ଓଡ଼ିଶା ସରକାରଙ୍କ '୫-ଟି' ଉପକ୍ରମ ଆଧାରରେ ଲକ୍ଷ୍ୟ ପୂରଣ ଦିଗରେ ସୂଚନା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଜାରି ରଖିଛି। ଜଳଶକ୍ତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଖୁବ୍‌ଶୀଘ୍ର ଆୟୋଜନ ହେବାକୁ ଥିବା ଏକ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ୨୦ରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୨୦ ତାରିଖରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀରେ ରାଜ୍ୟର ୩ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ବିଶ୍ୱେଶର ଟୁଡୁ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀଙ୍କ ସମେତ ସମସ୍ତ ଏମ୍‌ପି ଓ ବିଧାୟକ, ରାଷ୍ଟ୍ରୀୟ ପଦାଧିକାରୀ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତି, ଜିଲା ପ୍ରଭାରୀ ଏବଂ ବିଭିନ୍ନ ମୋର୍ଚ୍ଚା ସଭାପତିମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଏବଂ ରାଜ୍ୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରାଯିବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କ ପାଇଁ ଘର ତିଆରି କଲେ କାଉନସିଲର

ଯୋଡ଼ା,୧୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ଜଣେ କାଉନ୍‌ସିଲର ନିଜ ମହାନତା ଦେଖାଇଛନ୍ତି। ଜଣେ ଅସହାୟ ଦିବ୍ୟାଙ୍ଗ ଘର ଖଣ୍ଡେ ପାଇଁ ଆବେଦନ କରି ନିରାଶ ହୋଇଥିଲେ। ଘର ମରାମତି କରିବାକୁ ମଧ୍ୟ ସେ ଅକ୍ଷମ ଥିଲେ। ଏହା ଜାଣିବା ପରେ କାଉନସିଲର ନିଜସ୍ୱ ଅର୍ଥରେ ଘର ନିର୍ମାଣ କରି ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଛନ୍ତି।

ସୂଚନା ଅନୁଯାୟୀ, ୧୩ ନଂ. ୱାର୍ଡ ସର୍ଗିତଳିଆ ଅଞ୍ଚଳର ଦଶରଥ ନାଏକ ନାମକ ଦିବ୍ୟାଙ୍ଗ ଭଙ୍ଗା କୁଡ଼ିଆରେ ସ୍ତ୍ରୀ ଓ ପୁଅ ସହ ରହୁଥିଲେ। ବିଭିନ୍ନ ସରକାରୀ ଯୋଜନାରେ ଆର୍ଥିକ ସହାୟତା ପାଇବା ପାଇଁ ସେ ଆବେଦନ କରି ବିଫଳ ହୋଇଥିଲେ। ଦଶରଥ ନିଜ ପରିବାରକୁ ଦୁଇଓଳି ଖାଇବା ଯୋଗାଇବାକୁ ଅସମର୍ଥ ଥିବା ବେଳେ ଭଙ୍ଗାଘର ମରାମତି ଚିନ୍ତା ତାଙ୍କୁ ବହୁ ଦୁଃଖ ଦେଉଥିଲା। ଆବାସ ଯୋଜନାରେ ଘରଟିଏ ନ ମିଳିବାରୁ ତାଙ୍କ ପାଇଁ ସ୍ଥାନୀୟ ୧୩ନଂ. ୱାର୍ଡ କାଉନ୍‌ସିଲର ଦୀପ୍ତିରଞ୍ଜନ ବେହେରା ଘର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିଜସ୍ୱ ଅର୍ଥରେ ତାଙ୍କ ପାଇଁ ଏକ ଘର ନିର୍ମାଣ କରି ଗତ ବୁଧବାର ବିଧିବଦ୍ଧ ଭାବେ ହସ୍ତାନ୍ତର କରିଥିଲେ। ଭଙ୍ଗା କୁଡ଼ିଆ ଛାଡ଼ି ନୂତନ ଘର ପାଇଥିବାରୁ ପରିବାର ବହୁତ ଖୁସି ଅନୁଭବ କରୁଥିବା ଛଳଛଳ ଆଖିରେ ଦଶରଥ ପ୍ରକାଶ କରିଥିଲେ। ଏ ନେଇ କାଉନ୍‌ସିଲର ଦୀପ୍ତିରଞ୍ଜନ କହିଛନ୍ତି, ସ୍ଥାନୀୟ ସାମାଜିକ କର୍ମୀ ଚର୍ଚ୍ଚିଲ୍ ମହାକୁଡ଼ ଉକ୍ତ ସମସ୍ୟା ତାଙ୍କ ନଜରକୁ ଆଣିଥିଲେ। ସରକାରୀସ୍ତରରେ ସମସ୍ୟା ସମାଧାନ କରିବାକୁ ପ୍ରୟାସ କରିଥିଲେ। ତାହା ସମ୍ଭବ ହୋଇ ନ ଥିବାରୁ ନିଜସ୍ୱ ଅର୍ଥରେ ଘର ନିର୍ମାଣ କରାଇଥିବା କହିଛନ୍ତି।


ନୂତନ ଘର ନିକଟରେ ଦଶରଥ ନାଏକଙ୍କ ସହ କାଉନସିଲର ଦୀପ୍ତିରଞ୍ଜନ ବେହେରା।


**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| କ୍ର. ନଂ. | ଇଟାମାଟି ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିର ବିବରଣୀ / ଋଣ ପ୍ରକାର |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଜୟ ଦୁର୍ଗା ଷ୍ଟୋନ୍ କ୍ରସର, ସ୍ୱତ୍ତ୍ୱାଧିକାରୀ: ରାଜିବ କୁମାର କର, ପିତା: ଫକିର କର, ସା: ଶ୍ୟାମଘନପୁର, ପୋ: ବିରୁଡା, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୮ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଦିଲ୍ଲୀପ କୁମାର ନାୟକ, ପିତା: ପ୍ରହଲ୍ଲାଦ ନାୟକ, ସା: ଶ୍ୟାମଘନପୁର, ପୋ: ବିରୁଡା, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୮ / ଜାମିନ୍‌ଦାର: ଶ୍ରୀ ଦୁର୍ଯ୍ୟୋଧନ ଚମ୍ପତରା, ପିତା: ପତିତପାବନ ଦାସ, ସା/ପୋ: ବିରୁଡା, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୮ | ୧୨.୦୫.୨୦୨୩ / ୧୨.୦୫.୨୦୨୩ ସୁଦ୍ଧା ଟ.୮,୮୧,୧୨୯/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ରାଜିବ କୁମାର କର, ପିତା: ଫକିର କର ଏବଂ ଶ୍ରୀ ଦିଲ୍ଲୀପ କୁମାର ନାୟକ, ପିତା: ପ୍ରହଲ୍ଲାଦ ନାୟକଙ୍କ ନାମରେ ରେକର୍ଡଭୁକ୍ତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ବିରୁଡା, ଖାତା ନଂ.: ୧୨୨୯/୮୦୭, ପ୍ଲଟ୍ ନଂ.: ୩୩୨୬, କ୍ଷେତ୍ର: ଏକର୦.୦୩୬ଡିସିମିଲି / ନଗଦ ଋଣ |
| ୨. | ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଧ୍ରୁବ ଚରଣ ବେହେରା, ପିତା: ସ୍ୱ ବାଞ୍ଛାନିଧି ବେହେରା, ସା: ସାଲୁଣି, ପୋ: ଚମ୍ପତିପୁର, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୮ / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ଶ୍ରୀମତୀ ବିଳାସ ନାୟକ, ସ୍ୱାମୀ: କୈବଲ୍ୟ ନାୟକ, ସା: ସାଲୁଣି, ପୋ: ଚମ୍ପତିପୁର, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୮, ୨) ଶ୍ରୀମତୀ ଅମୂଲ୍ୟ ପାଇକରାୟ, ସ୍ୱାମୀ: ଅନ୍ତର୍ଯ୍ୟାମି ପାଇକରାୟ, ସା: ଶ୍ୟାମଘନପୁର, ପୋ: ବ୍ରଜରାଜପୁର, ଜିଲ୍ଲା: ନୟାଗଡ, ପିନ୍-୭୫୨୦୨୬ / ଜାମିନ୍‌ଦାରମାନେ: ୧) ଶ୍ରୀ ସୁରେନ୍ଦ୍ର କୁମାର ସ୍ୱାଇଁ, ପିତା: ବ୍ରଜବନ୍ଧୁ ସ୍ୱାଇଁ, ୨) ଶ୍ରୀମତୀ ଝୁନୁ ବେହେରା, ସ୍ୱାମୀ: ଧ୍ରୁବ ଚରଣ ବେହେରା, ଉଭୟଙ୍କ ଠିକଣା- ସା: ସାଲୁଣି, ପୋ: ଚମ୍ପତିପୁର, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୮ | ୧୨.୦୫.୨୦୨୩ / ୧୨.୦୫.୨୦୨୩ ସୁଦ୍ଧା ଟ.୫,୧୪,୨୬୧/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ସ୍ୱ ବାଞ୍ଛାନିଧି ବେହେରାଙ୍କ ନାମରେ ରେକର୍ଡଭୁକ୍ତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ସାଲୁଣି, ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୪୪୫, କ୍ଷେତ୍ର: ଏକର୦.୦୯୦ଡିସିମିଲି, କିସମ: ଘରବାରୀ / ମିଆଦୀ ଋଣ |

ସ୍ଥାନ: ଖୋର୍ଦ୍ଧା
ତାରିଖ: ୧୮.୦୫.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

## ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ



ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ପୁରୀ ରେଳ ଷ୍ଟେଶନରେ ଥିବା ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଅତିଥିମାନେ ବୁଲି ଦେଖୁଛନ୍ତି।



ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିବା ଛାତ୍ରୀଛାତ୍ରଙ୍କ ସହ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରୁଛନ୍ତି।




ପୁରୀ ରେଳ ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଉଦ୍‌ଘାଟନ ଉତ୍ସବକୁ ନୃତ୍ୟଶିଳ୍ପୀମାନେ ନୃତ୍ୟକଳାରେ ସ୍ୱାଗତ କରୁଛନ୍ତି।

# ୫୦% ପ୍ରକଳ୍ପ ଖର୍ଚ୍ଚ, ମାଗଣା ଜମି

**■ ପୁରୀ-କୋଣାର୍କ ନୂଆ ରେଳଲାଇନ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ**

**■ ୪ ବର୍ଷରେ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଆଶାବାଦୀ**

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଓଡ଼ିଶା ମଧ୍ୟଦେଇ ଆଉ ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୋଟିଏ ପୁରୀରୁ ଭାୟା ସମ୍ବଲପୁର ଦେଇ ରାଉରକେଲା ଏବଂ ଅନ୍ୟଟି ଭୁବନେଶ୍ୱରରୁ ହାଇଦ୍ରାବାଦ ମଧ୍ୟରେ ଚଳାଚଳ କରିବାକୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି ରଖିଛନ୍ତି। ରାଜ୍ୟ ପର୍ଯ୍ୟଟନର ବିକାଶ ପାଇଁ ପୁରୀ-କୋଣାର୍କ ନୂଆ ରେଳଲାଇନ କାର୍ଯ୍ୟ ଆରମ୍ଭ କରିବା, ଏଥିପାଇଁ ୫୦% ପ୍ରକଳ୍ପ ଖର୍ଚ୍ଚ, ମାଗଣା ଜମି ଯୋଗାଇ ଦେବାକୁ ନବୀନ ସହମତି ଜଣାଇଛନ୍ତି। ଅନୁଗୋଳ-ସୁକିନ୍ଦା ଏବଂ ହରିଦାସପୁର-ପାରାଦୀପ ଲାଇନରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ୪ ବର୍ଷରେ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଶେଷ କରିବାକୁ ସେ ଆଶାବ୍ୟକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀ ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ କରିବା ସହ ପୁରୀ ଓ କଟକ ରେଳଷ୍ଟେଶନର ଆଧୁନିକୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନୁଗୋଳ-ସୁକିନ୍ଦା ନୂଆ ରେଳଲାଇନ୍, ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନ୍ ଦୋହରୀକରଣ ସମେତ ଆଉ ୨ଟି ରେଳଲାଇନ୍ ଲୋକାର୍ପଣ କରାଯାଇଛି। ଓଡ଼ିଶାରେ ରେଳଲାଇନର ଶହେ ପ୍ରତିଶତ ବିଦ୍ୟୁତୀକରଣ କାର୍ଯ୍ୟର ଲୋକାର୍ପଣ ମଧ୍ୟ ପ୍ରଧାନମନ୍ତ୍ରୀ କରିଛନ୍ତି। ଗୁରୁବାର ଭିଡିଓ କନ୍‌ଫରେନ୍ସରେ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ରେଳ ଭିତ୍ତିଭୂମି ବିକାଶ ସମ୍ପର୍କିତ ରାଜ୍ୟର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ରଖି ନବୀନ କହିଛନ୍ତି ଯେ, ଅଧିକ ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କଲେ ଏହା ଯାତ୍ରୀମାନଙ୍କ ପାଇଁ ଲାଭଦାୟକ ହେବ। ରାଜ୍ୟ ସରକାର ପୁରୀକୁ ଐତିହ୍ୟ ନଗରୀ କରିବାକୁ କାମ ଆରମ୍ଭ କରିଛନ୍ତି। ଶତ ପ୍ରତିଶତ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଯୋଗୁ ପୁରୀ ଦେଶରେ ପ୍ରଥମ ସହର ହୋଇଛି। ପୁରୀ ଓ କୋଣାର୍କ ମଧ୍ୟରେ ରେଳ ସଂଯୋଗ ଜରୁରୀ ହୋଇପଡ଼ିଛି। ଏହାଦ୍ୱାରା ୨ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଯାତାୟାତ ଆହୁରି ସୁଗମ ହୋଇପାରିବ। ଆଗାମୀ ଦିନରେ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର କାମ ଆରମ୍ଭ ହେବ। ନିକଟରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଦେଇଥିବା ସମସ୍ତ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ। ଆସନ୍ତା ୪ ବର୍ଷ ମଧ୍ୟରେ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହେବ। ପ୍ରଧାନମନ୍ତ୍ରୀ ଶ୍ରୀକ୍ଷେତ୍ର ନିଜେ ଆସି ଶ୍ରୀଜଗନ୍ନାଥ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ଲୋକାର୍ପଣ କରିବା ନେଇ ସେ ଆଶାବାଦୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀ-କୋଣାର୍କ ରେଳ ପ୍ରକଳ୍ପରେ ରାଜ୍ୟ ସରକାର ସବୁପ୍ରକାର ସହଯୋଗ କରିବେ। ରାଜ୍ୟ ସରକାର ପ୍ରକଳ୍ପର ୫୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ସମସ୍ତ ଜମି ମାଗଣା ଯୋଗାଇ ଦେବେ ବୋଲି ନବୀନ ପ୍ରସ୍ତାବ ଦେଇଛନ୍ତି। ଦେଶରେ ବୁଲେଟ୍ ଟ୍ରେନ୍ ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେବ। ବନ୍ଦେ ଭାରତ ଦେଶର ବୁଲେଟ୍ ଟ୍ରେନ୍ ସ୍ୱପ୍ନ ପୂରଣ ଦିଗରେ ଆଉ ପାଦେ ଆଗେଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଖୁବ୍‌ଶୀଘ୍ର ଦେଶ ନିଜର ବୁଲେଟ୍ ଟ୍ରେନ୍ ପାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

# ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

**■ ହାଇକୋର୍ଟରେ ଯାଜପୁର ଜିଲା ଅପପୁଷ୍ଟି ମାମଲା**

**■ ଅଗଷ୍ଟ ୧ରେ ପରବର୍ତ୍ତୀ ଶୁଣାଣି**

କଟକ ଅଫିସ,୧୮।୫

ଯାଜପୁର ଜିଲା ସମେତ ଅନ୍ୟ କେତେକ ଜିଲାରେ ବହୁ ସଂଖ୍ୟକ ଶିଶୁ ଅପପୁଷ୍ଟି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ଦୂର କରିବା ଲାଗି ହାଇକୋର୍ଟରେ ଆଗତ ମାମଲାର ଗୁରୁବାର ଶୁଣାଣି କରି ମୁଖ୍ୟ ଶାସନ ସଚିବଙ୍କୁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ମୁଖ୍ୟ ଶାସନ ସଚିବ ୧ ମାସ ମଧ୍ୟରେ ଏନେଇ ଏକ ବୈଠକ ଡାକିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ଖାଦ୍ୟ ଯୋଗାଣ ବିଭାଗ ସଚିବ, ଜନଜାତି କଲ୍ୟାଣ ବିଭାଗ ସଚିବ, ସ୍ୱାସ୍ଥ୍ୟ ସଚିବ, ମହିଳା ଓ ଶିଶୁ ବିଭାଗ ସଚିବ, ମହିଳା କମିଶନ ଏବଂ ଶିଶୁ ଅଧିକାର ସୁରକ୍ଷା କମିଶନ ଏହି ବୈଠକରେ ଯୋଗଦେବେ। ଆଗାମୀ ୬ ମାସ ମଧ୍ୟରେ ରାଜ୍ୟରୁ ଅତିଶୟ ପୁଷ୍ଟିହୀନତା ସମ୍ପୂର୍ଣ୍ଣ ଭାବେ ଦୂର କରାଯିବା ପାଇଁ ଆକ୍ସନ ପ୍ଲାନରେ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶ ରହିଛି। ସେହିପରି କେନ୍ଦୁଝର ଜିଲାରେ ଅପପୁଷ୍ଟି ଶିକାର ହୋଇଥିବା ଶିଶୁଙ୍କ ସଂକ୍ରାନ୍ତରେ ଜାଣିବା ପରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରତ୍ୟେକ ବ୍ଲକ ପରିଦର୍ଶନ କରିବା ପରେ ଅପପୁଷ୍ଟିର ସ୍ଥିତି ଉପରେ ଏକ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଯାଜପୁର ଜିଲା ଦାନଗଦି ବ୍ଲକ ଅଞ୍ଚଳରେ ଅପପୁଷ୍ଟି ରୋଗରେ ୧୧ ଜଣ ଶିଶୁ ଆକ୍ରାନ୍ତ ହୋଇଥିବା ଅଭିଯୋଗ କରି ସାମାଜିକ କର୍ମୀ ମଣ୍ଟୁ ଦାସ ହାଇକୋର୍ଟରେ ଏହି ମାମଲା ରୁଜୁ କରିଥିଲେ। ହାଇକୋର୍ଟ ପୂର୍ବ ଶୁଣାଣିରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଗୁରୁବାର ଶୁଣାଣିରେ ଜବାବ ଦାଖଲ କରିଛନ୍ତି।

# ଭୁଲ୍ ଫିଡ୍‌ବ୍ୟାକ୍ ଦେଲେ ଅଧିକାରୀଙ୍କୁ ଦଣ୍ଡ ମିଳିବ: ନବୀନ

**'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷାକରି ଅଧିକାରୀମାନଙ୍କୁ ନିୟମିତ ଫିଡ୍‌ବ୍ୟାକ୍ ସଂଗ୍ରହ କରିବାକୁ କହିଛନ୍ତି। ଭୁଲ୍ ଫିଡ୍‌ବ୍ୟାକ୍ ପାଇଁ ଦଣ୍ଡ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷାରେ ସ୍ୱାସ୍ଥ୍ୟ, ରାଜସ୍ୱ, ଗୃହ, କୃଷି ଓ ଅନ୍ୟାନ୍ୟ ବିଭାଗ ସେମାନଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ ରଖିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଅଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜସ୍ୱ ବିଭାଗରେ ମୋ ସରକାର କାର୍ଯ୍ୟକ୍ରମ ଦ୍ୱାରା କାର୍ଯ୍ୟଦକ୍ଷତା ବୃଦ୍ଧିପାଇଛି। ଲୋକଙ୍କୁ ବିଭିନ୍ନ ସେବା ଯୋଗାଇଦେବାର ସମୟସୀମା ବହୁତ କମିଯାଇଛି। ପୂର୍ବରୁ ମ୍ୟୁଟେଶନ ମାମଲାଗୁଡ଼ିକରେ ଫଇସଲା ପାଇଁ ୧୦୦ରୁ ୧୫୦ ଦିନ ଲାଗୁ ଥିଲା। ୨୦୨୩-୨୪ରେ ଏହା ୨୧ ଦିନରୁ କମ୍ ସମୟ ଲାଗୁଛି। ଏପରିକି ୩, ୭୦,୦୦୦ ପଟ୍ଟା ୭ ଦିନ ମଧ୍ୟରେ ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ ସାର୍ଟିଫିକେଟ ପ୍ରଦାନ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଉନ୍ନତି ଆସିଛି। ରାଜସ୍ୱ ବିଭାଗରେ ଫିଡ୍‌ବ୍ୟାକ୍ ଭିତ୍ତିରେ ୬ ଜଣ ଓଏଏସ୍ ଅଧିକାରୀଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି ୩୨ ଜଣ ଓଏଏସ୍ ଓ ୧୪ ଜଣ ଓଆର୍‌ଏସ୍‌ଙ୍କୁ ନିଲମ୍ବନ, ୪ ଜଣ ଓଏଏସ୍‌ଙ୍କୁ ବରଖାସ୍ତ କରାଯାଇଛି। ୧୧ ଜଣ ଓଏଏସ୍‌ଙ୍କ ଗ୍ରାଚ୍ୟୁଇଟି ଓ ପେନ୍‌ସନ ବନ୍ଦ କରାଯାଇଛି। ୬୭ ଜଣ ଓଏଏସ୍ ଓ ୩୦ ଜଣ ଓଆର୍‌ଏସ୍ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ୯୯ ପ୍ରତିଶତରୁ ଅଧିକ ଫିଡ୍‌ବ୍ୟାକ୍ ଆଉଟଷ୍ଟାଣ୍ଡିଂ ବା ଅତି ଭଲ ଅଛି ବୋଲି ଜଣାଯାଇଛି। ସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ମିଳୁଥିବା ବେଳେ ବେସରକାରୀ ହସ୍ପିଟାଲ ଗୁଡ଼ିକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରୂପାୟନ କ୍ଷେତ୍ରରେ ସାମାନ୍ୟ ଅବହେଳା ହେଲେ ତୁରନ୍ତ ପଦକ୍ଷେପ ନିଆଯାଉଛି। ପେନ୍‌ସନ ପ୍ରଦାନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସବୁ ବ୍ୟବସ୍ଥା ସତ୍ତ୍ୱେ ଅବସରପ୍ରାପ୍ତ କର୍ମଚାରୀମାନେ ଠିକ୍ ସମୟରେ ପେନ୍‌ସନ ପାଉନାହାନ୍ତି। ତେଣୁ ପ୍ରତ୍ୟେକ ବିଭାଗ ଏହାକୁ ସମୀକ୍ଷାକରି ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି, ଯେଉଁସବୁ କ୍ଷେତ୍ରରେ ନିୟମିତ ଭାବେ ଭଲ ଫିଡ୍‌ବ୍ୟାକ୍ ମିଳୁନାହିଁ, ସେସବୁ କ୍ଷେତ୍ରରେ ଯୋଜନାର ବ୍ୟବସ୍ଥାକୁ ପରିବର୍ତ୍ତନ କରି ସେଥିରେ ଅଧିକ ଉନ୍ନତି ଆଣିବାର ଆବଶ୍ୟକତା ରହିଛି।

# ପତିବ୍ରତା ସହ ପତ୍ନୀବ୍ରତା

ବୈଷ୍ଣବ ମେହେର

ନାରୀ ଓ ପୁରୁଷ ଉଭୟ ପରସ୍ପର ପରିପୂରକ। ଉଭୟଙ୍କ ମଧ୍ୟରୁ ଜଣକ ବିନା ପୂର୍ଣ୍ଣାଙ୍ଗ ସମାଜର ପରିକଳ୍ପନା ନିରର୍ଥକ। ସମାଜର ପ୍ରତ୍ୟେକ କାର୍ଯ୍ୟକଳାପରେ ଉଭୟଙ୍କ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଏବଂ ଅଙ୍ଗୀକାରବଦ୍ଧତା ସଦା ସ୍ୱୀକାର୍ଯ୍ୟ। ଜଣେ ନାରୀର ଉଚ୍ଚାରଣ ଓ ଆଚରଣ ମଣିଷ ସମାଜ ପାଇଁ ଯେତିକି ମହତ୍ତ୍ୱପୂର୍ଣ୍ଣ ପୁରୁଷଟିଏର ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏକଥା ଭୁଲିବାର ନୁହେଁ ଯେ, ସମାଜର ସୁଖସମୃଦ୍ଧି, ତଥା ଶ୍ରୀବୃଦ୍ଧି ପାଇଁ ଉଭୟ ନାରୀ ଓ ପୁରୁଷର ସମାନ ସାଧନା ଓ ସମର୍ପିତ ଭାବ ରହିବା ବିଧେୟ। ତେଣୁ ଭାରତୀୟ ସମାଜ ପାଇଁ ନାରୀଟିଏ ପତିବ୍ରତା ହେବା ଯେତିକି ଜରୁରୀ ସମ ପରିମାଣରେ ପୁରୁଷଟିଏ ପୁରୁଷୋତ୍ତମ ହେବାର ମଧ୍ୟ ଆବଶ୍ୟକତା ରହିଛି।

ଏବେ ସାବିତ୍ରୀ ବ୍ରତର ସମୟ। ଏହି ବ୍ରତ ଆଧୁନିକ ଆଭିଜାତ୍ୟ ଜୀବନ ଶୈଳୀରେ ମଧ୍ୟ ଅମଳିନ ଓ ରୁଚିପୂର୍ଣ୍ଣ ବାର୍ତ୍ତାର ବାହକ ସାଜିଛି। ଆମ ସଂସ୍କୃତିରେ ଜଣେ ନାରୀର ପତିବ୍ରତା ଧର୍ମ ଯେପରି ଶିକ୍ଷାଦିଏ, ପତ୍ନୀ ପ୍ରତି ସ୍ୱାମୀର ବିଶାଳ ବ୍ୟକ୍ତିତ୍ୱର ମଧ୍ୟ ପରିପ୍ରକାଶ ଘଟାଏ। ପତ୍ନୀଟିଏ ସ୍ୱାମୀ ପ୍ରତି ତ୍ୟାଗ, ସମର୍ପଣ, ସହିଷ୍ଣୁତା, ବିଶ୍ୱସନୀୟତାର ପରିପ୍ରକାଶ କରି ସାବିତ୍ରୀ ଭଳି ଆସ୍ଥାଭାଜନ ହେବା ପରି ସ୍ୱାମୀମାନଙ୍କ ମଧ୍ୟ ସତ୍ୟବାନଙ୍କ ଭଳି ଉତ୍ତରଦାୟିତ୍ୱ ନିଶ୍ଚିତ ରହିବି ଉଚିତ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଉଭୟଙ୍କ ମନ ସହ ମନ, ହୃଦୟ ସହ ହୃଦୟ ଓ ପ୍ରାଣ ସହ ପ୍ରାଣ ମିଶି ପାରିଲେ ହିଁ ପରିବାର ବୈକୁଣ୍ଠ ସମାନ ହୋଇପାରିବ। ଏଥିସହ ଉଭୟଙ୍କ ଏହି ପରିମାର୍ଜିତ ସମ୍ପର୍କ ଆମର ଈପ୍‌ସିତ ଶୃଙ୍ଖଳିତ ସମାଜ ଗଠନରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଭାରତୀୟ ସଂସ୍କୃତିରେ ଅନେକାଂଶରେ ନାରୀମାନଙ୍କୁ ହିଁ ପତିବ୍ରତାର ନିର୍ଦ୍ଦିଷ୍ଟ ନିୟମ ମଧ୍ୟରେ ବାନ୍ଧି ଦିଆଯାଏ। ଏହି ନ୍ୟାୟରେ ପତ୍ନୀମାନେ ପତିଙ୍କ ପାଇଁ ବ୍ରତ କରନ୍ତି। ପତି ହିଁ ପତ୍ନୀର ସଂସାର, ନାରୀଟିଏ ପତି ପାଇଁ ବଞ୍ଚେ ଓ ପତି ପାଇଁ ମରେ। ଖ୍ରୀଷ୍ଟପୂର୍ବ ୩୦୦ରୁ ୫୦୦ ମଧ୍ୟରେ ଜଣେ ହିନ୍ଦୁଧର୍ମର ନୀତି ପ୍ରଣେତାଙ୍କ ଭାଷାରେ "ସେ ହେଉଛି ଜଣେ ପତିବ୍ରତା ସତୀ, ଯାହାର ମନୋଦ୍ଦଶାରେ ନିଜ ପତି ପ୍ରତିଫଳିତ ହୋଇଥାନ୍ତି। ସେ ନିଜର ଅସହାୟତା, ନିଜର ସୁଖ ସ୍ୱାମୀ ସହ ବାଣ୍ଟନ୍ତି, ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କଠାରେ ରୁଗ୍ଣତା ଓ ନିରସତା ଦେଖାଦିଏ ଏବଂ ସେ ନିଜକୁ ଶେଷ କରିଦିଅନ୍ତି ଯେବେ ନିଜ ସ୍ୱାମୀ ସ୍ୱର୍ଗଯାତ୍ରୀ ହୁଅନ୍ତି"। ଯଦିଓ ସେ ଯୁଗ ଏବେ ଇତିହାସଠାରୁ ମଧ୍ୟ ଆହୁରି ପୁରୁଣା ହୋଇସାରିଛି ତଥାପି ବର୍ତ୍ତମାନ ମଧ୍ୟ ଭାରତୀୟ ସମାଜରେ ପତିବ୍ରତା ନାରୀର ଅଭାବ ନାହିଁ, ଯେଉଁମାନେ ସ୍ୱାମୀଙ୍କୁ ନିଜର ଜୀବନ ଠାରୁ ଅଧିକ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ସେହିଭଳି ନାରୀମାନେ କୌଣସି ପରିସ୍ଥିତିରେ ମଧ୍ୟ ସ୍ୱାମୀଙ୍କୁ ଜବାବ ଦିଅନ୍ତି ନାହିଁ, ନିଜ ବ୍ୟକ୍ତିଗତ ଇଚ୍ଛାକୁ ସଦା ପରିତ୍ୟାଗ କରିଥାନ୍ତି ଏବଂ ସବୁ ବେଳେ ସ୍ୱାମୀର ମଙ୍ଗଳ କାମନା କରିଥାନ୍ତି। ଏକଥା ବି ବିଶ୍ୱାସ ରହିଛି ଯେ, ଏଭଳି ମନୋଭାବ ପୋଷଣ କରିଥିବା ପତିବ୍ରତା ନାରୀ ନିଜ ସ୍ୱାମୀ ପାଇଁ ଯଦି ସମୁଦ୍ରର ଲବଣ ଯୁକ୍ତ ଜଳରେ ଭୋଜନ ପ୍ରସ୍ତୁତ କରନ୍ତି, ତେବେ ସେହି ଜଳ ମଧୁର ଜଳରେ ପରିଣତ ହୋଇ ଭୋଜନ ସୁସ୍ୱାଦୁ ହୋଇଯାଏ। ଏହି ନାରୀମାନଙ୍କ ପାଇଁ ହିଁ ଦିନେ ଭାରତ ଭୂଖଣ୍ଡ ପବିତ୍ର ଭୂମି ଭାବରେ ବିଶ୍ୱବିଦିତ ଥିଲା। ତେବେ ନାରୀ ଓ ପୁରୁଷ ଉଭୟ ପରିପୂରକ ଓ ସମାଜ ପାଇଁ ସମାନ ଉତ୍ତରଦାୟୀ ନ୍ୟାୟରେ ଏହି ସଂସ୍କୃତିରେ ନାରୀ ପାଇଁ ପତିବ୍ରତା ବିଚାର ପରି ପୁରୁଷଙ୍କ କ୍ଷେତ୍ରରେ ପୁରୁଷୋତ୍ତମ ମଧ୍ୟ ରହିଛନ୍ତି। ଏହିଭଳି ପୁରୁଷମାନେ "ଏକ ପତ୍ନୀ ବ୍ରତ" ପାଳନ କରୁଥିବା ବେଳେ ଶ୍ରେଷ୍ଠ ପୁରୁଷର ମହତ୍ତ୍ୱକୁ ନିର୍ବାହ କରିଥାନ୍ତି। ସେଥିପାଇଁ ତ ଯେଉଁଠି ଅହଲ୍ୟା, ସୀତା, ଦ୍ରୌପଦୀ, କୁନ୍ତି, ମନ୍ଦୋଦରୀ, ତାରାମତି, ଅନସୂୟା, ସାବିତ୍ରୀଙ୍କ ଭଳି ପତିବ୍ରତା ରହିଛନ୍ତି ସେଇଠି ଶ୍ରୀରାମଚନ୍ଦ୍ରଙ୍କ ପରି ପୁରୁଷୋତ୍ତମ ମଧ୍ୟ ବିଦ୍ୟମାନ ଅଛନ୍ତି।

ପତିବ୍ରତା ନାରୀ ଭଳି ଶ୍ରେଷ୍ଠ ପୁରୁଷମାନେ କଦାପି ପରନାରୀ ଚିନ୍ତା କରନ୍ତି ନାହିଁ। ଏଭଳି ପୁରୁଷ ଅତ୍ୟନ୍ତ ପ୍ରେମ ଓ ସମ୍ମାନରେ ନିଜ ପତ୍ନୀର ଇଚ୍ଛାକୁ ପୂରଣ କରିବାକୁ ନିଜର ଧର୍ମ ବୋଲି ବିବେଚନା କରନ୍ତି। କିନ୍ତୁ ପୁରାଣ କାଳରୁ ଆଜି ଯାଏ ଆମ ସମାଜ ପତିବ୍ରତା ନାରୀ ଗଠନରେ ଯେଉଁ ମାତ୍ରାରେ ପ୍ରାଧାନ୍ୟ ଦେଇ ଆସିଛି ତା'ର କିଂଚିତ୍ ପ୍ରାଧାନ୍ୟ ପତ୍ନୀବ୍ରତା ପୁରୁଷ ଗଠନରେ ନ ଦେବା ଆମ ସାମାଜିକ ବିଧାନ ଅସଙ୍ଗତ କଲା ଭଳି ହେଉଛି। ଏ ପରିପେକ୍ଷୀରେ ଆମର କହିବା ପ୍ରସଙ୍ଗ ହେଲା ପବିତ୍ରତା କେବଳ ନାରୀକୈନ୍ଦ୍ରିକ ନ ହୋଇ ଏହା ଉଭୟ ନାରୀ ଓ ପୁରୁଷଙ୍କ ପାଇଁ ସମାନ ଭାବରେ ପରିଚର୍ଯ୍ୟା ଓ ପାଳନୀୟ ହେଉ। ଫଳରେ ସାମ୍ପ୍ରତିକ ସମାଜ ପାଇଁ ଏହା ଅଧିକ ମଙ୍ଗଳକାରୀ ହେବା ସହ ଉଭୟ ନାରୀପୁରୁଷ ସମାନତାର ସ୍ୱର ଅଧିକ ମାର୍ଜିତ ଓ ନିରପେକ୍ଷ ଅନୁଭୂତ ହେବ।

ସିନାପାଲି, ନୂଆପଡ଼ା
ମୋ- ୯୭୭୭୬୫୩୯୩୫

# ରୂପ୍‌ମନ୍ତ୍ରା ଭାରତର ଶ୍ରେଷ୍ଠ ବ୍ରାଣ୍ଡ୍

**ଭୁବନେଶ୍ୱର,୧୮।୫**

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଲୋକପ୍ରିୟ ବ୍ରାଣ୍ଡ୍ ରୂପ୍‌ମନ୍ତ୍ରାକୁ ନିକଟରେ ଭାରତର ଶ୍ରେଷ୍ଠ ବ୍ରାଣ୍ଡ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ରୂପ୍‌ମନ୍ତ୍ରାକୁ ମୋଷ୍ଟ ଟ୍ରଷ୍ଟେଡ୍ ବ୍ରାଣ୍ଡ ଅଫ୍ ଇଣ୍ଡିଆ-୨୦୨୩ର ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ମାର୍କସମ୍ୟାନ୍ ଡେଲି ଟିମ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୂପ୍‌ମନ୍ତ୍ରା ବ୍ରାଣ୍ଡ୍ ପାଇଁ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ରାଧିକା ଚିମାଙ୍କୁ ଉକ୍ତ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏପରିକି ସଂସ୍ଥାର ମିଶନ ଅନୁଯାୟୀ କାର୍ଯ୍ୟ କରୁଥିବା ଏବଂ ଦେଶର ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନରେ ଯୋଗଦାନ ରଖିଥିବା ଦେଶର ୫୦ ପ୍ରମୁଖ ପ୍ରତିଷ୍ଠାନକୁ ସଂସ୍ଥା ପକ୍ଷରୁ ଚୟନ କରାଯାଇ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଦିଭିସା ଗ୍ରୁପ୍ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶେଷ ଅବଦାନ ଓ ଗ୍ରାହକଙ୍କ ଚାହିଦା ପୂରଣ କରୁଥିବା ବେଳେ ଗୁଣାତ୍ମକ ଉତ୍ପାଦ ଓ ପ୍ରିମିୟମ କ୍ୱାଲିଟିର ସାମଗ୍ରୀ ବଜାରରେ ଉପଲବ୍ଧ କରାଉଛି। ସେହିଭଳି ବ୍ରାଣ୍ଡ୍‌ରେ ଦକ୍ଷ ଓ ଅଭିଜ୍ଞ କର୍ମଚାରୀ ଏବଂ ସର୍ବୋତ୍ତମ ଗ୍ରାହକ ସେବା ଆଦି ପାଇଁ ବ୍ରାଣ୍ଡ୍‌କୁ ଏଭଳି ଏକ ଜାତୀୟସ୍ତରର ସମ୍ମାନ ଦିଆଯାଇଛି। ସୂଚନାଯୋଗ୍ୟ, ଦିଭିସା ଗ୍ରୁପ୍‌ର ଡା. ଅର୍ଥୋ, ପେଟ୍‌ସଫା, ରୂପ୍‌ମନ୍ତ୍ରା ଏବଂ ସଖୀ ସହେଲୀ ଭଳି ଅନେକ ଲୋକପ୍ରିୟ ବ୍ରାଣ୍ଡ୍‌ର ଆୟୁର୍ବେଦିକ୍ ଉତ୍ପାଦର ବଜାର ଚାହିଦା ଆଜି ମଧ୍ୟ ବେଶ୍ ଉଚ୍ଚରେ ରହିଛି।




ମୁମ୍ବାଇର ଏକ ୫ ତାରକା ହୋଟେଲରେ ଆୟୋଜିତ ସମ୍ମାନ ପ୍ରଦାନ ସମାରୋହରେ ବଲିଉଡ୍ ଅଭିନେତ୍ରୀ ନେହା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୂପ୍‌ମନ୍ତ୍ରା ବ୍ରାଣ୍ଡ୍‌କୁ ମୋଷ୍ଟ ଟ୍ରଷ୍ଟେଡ୍ ବ୍ରାଣ୍ଡ୍ ଅଫ୍ ଇଣ୍ଡିଆ-୨୦୨୩ ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦିଭିସା ହର୍ବାଲ୍ସ ପ୍ରା.ଲି.ର ରାଧିକା ଚିମା ଏବଂ ଗୁର୍‌ବିନ୍ଦର ଚିମା ନେହାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ନୋକିଆର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୧୮।୫**

ଏଚ୍‌ଏମ୍‌ଡି ଗ୍ଲୋବାଲର ପ୍ରମୁଖ ବ୍ରାଣ୍ଡ ନୋକିଆର ବହୁ ପ୍ରତୀକ୍ଷିତ ତଥା ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ଫିଚର ଫୋନ୍ ନୋକିଆ-୧୦୫ (୨୦୨୩) ଏବଂ ନୋକିଆ-୧୦୬ ୪ଜିକୁ ନିକଟରେ ଉନ୍ମୋଚନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୋକିଆର ଉକ୍ତ ଫୋନ ଦ୍ୱୟରେ ଏର୍ଗୋନୋମିକ୍ ଡିଜାଇନ୍ ସହ ୧୦୦୦ଏମ୍‌ଏଏଚ୍‌ର ବ୍ୟାଟେରି ରହିଛି, ଯାହା ପୂର୍ବ ମଡେଲ ତୁଳନାରେ ୨୫% ଅଧିକ ବୋଲି କୁହାଯାଉଛି। ସେହିଭଳି ନୋକିଆ-୧୦୬ ୪ଜିରେ ୧୪୫୦ଏମ୍‌ଏଏଚ୍ ବ୍ୟାଟେରି, ଏଫ୍‌ଏମ୍ ରେଡିଓ, ଏମ୍‌ପି୩ ପ୍ଲେୟାର ଭଳି ଅନେକ ସୁବିଧା ରହିଛି। ନୋକିଆ-୧୦୫ର ମୂଲ୍ୟ ୧୨୯୯ ଟଙ୍କା ଥିବାବେଳେ ନୋକିଆ ୧୦୬ ୪ଜିର ମୂଲ୍ୟ ୨୧୯୯ ଟଙ୍କା ରହିଛି। ନୋକିଆ-୧୦୫ ଚାରକୋଲ, ସିୟାନ ଓ ଲାଲ୍ ରଙ୍ଗ ଏବଂ ନୋକିଆ-୧୦୬ ୪ଜି ଚାରକୋଲ ଓ ନୀଳ ରଙ୍ଗରେ ଉପଲବ୍ଧ ହେଉଛି।

# ଖିମ୍‌ଜୀର ସ୍ୱତନ୍ତ୍ର 'ଶୁଭ ସାବିତ୍ରୀ ବ୍ରତ' ଅଫର

**ଭୁବନେଶ୍ୱର,୧୮।୫**

ରାଜ୍ୟର ପ୍ରମୁଖ ତଥା ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏକ ଅଭିନବ ତଥା ଚଳିତ ବର୍ଷର ସାବିତ୍ର ପୂଜା ଉପଲକ୍ଷେ 'ଶୁଭ ସାବିତ୍ରୀ ବ୍ରତ' ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସମସ୍ତ ବିବାହିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶୁଭ ସାବିତ୍ରୀ ବ୍ରତ ଅଫରର ଶୁଭାରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ହିନ୍ଦୁଧର୍ମ ଅନୁଯାୟୀ ମଙ୍ଗଳସୂତ୍ରକୁ ପବିତ୍ର ବନ୍ଧନର ପ୍ରତୀକ ରୂପେ ଗ୍ରହଣ କରାଯାଏ। ଏପରିକି ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ଥିବା ଶୁଦ୍ଧତାର ଉକ୍ତ ପବିତ୍ର ବନ୍ଧନକୁ ସମ୍ମାନ ଜଣାଇ ଖିମ୍‌ଜୀ ଜୁଏଲର୍ସ 'ଶୁଭ ସାବିତ୍ରୀ ବ୍ରତ'ର ଶୁଭାରମ୍ଭ କରାଇଛି। ସେହିଭଳି ଖିମ୍‌ଜୀ ଜୁଏଲର୍ସ ଆଶା କରୁଛି ଯେ ଏହି ଶୁଭ ସାବିତ୍ରୀ ବ୍ରତ ଅଫର ପ୍ରତ୍ୟେକ ଗ୍ରାହକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଏବଂ ସ୍ମରଣୀୟ ମୁହୂର୍ତ୍ତ ନେଇ ଆସିବ। ଅପରପକ୍ଷରେ ଏହି ଆକର୍ଷଣୀୟ ଅଫରର ଲାଭ ନେବା ପାଇଁ ନିକଟସ୍ଥ ଖିମ୍‌ଜୀ ଷ୍ଟୋରକୁ ଯାଆନ୍ତୁ ଏବଂ ଖିମ୍‌ଜୀ ସହ ପ୍ରେମ ଏବଂ ଭକ୍ତିର ପର୍ବକୁ ପାଳନ କରନ୍ତୁ। ଏପରିକି ଖିମ୍‌ଜୀ ଜୁଏଲର୍ସର ଗ୍ରାହକମାନେ ଏହି ଅବସରରେ ମଙ୍ଗଳସୂତ୍ରର ଗଢ଼ା ମୂଲ୍ୟ ଉପରେ ୩୦% ରିହାତି ପାଇପାରିବେ। ବିଶେଷ କରି ଗ୍ରାହକମାନେ ନିଜର ସୁବିଧା ଅନୁଯାୟୀ ଶପିଂ ମଧ୍ୟ କରିପାରିବେ ବୋଲି ଖିମ୍‌ଜୀ ଜୁଏଲର୍ସ ସୁନିଶ୍ଚିତ କରାଇଛି। ଏପରିକି ଖିମ୍‌ଜୀ ଜୁଏଲର୍ସର ସମସ୍ତ ଷ୍ଟୋରରେ ଉକ୍ତ ଅଫର ଉପଲବ୍ଧ ରହିଛି ବୋଲି ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ସାବିତ୍ରୀ ବ୍ରତ ହେଉଛି ଉତ୍ସବ ଏବଂ ଭକ୍ତିର ପର୍ବ।

KHIMJI®
Jewellers since 1936

# ଜୟଆଲୁକ୍କାସ୍‌ରେ ଅଳଙ୍କାର ମହୋତ୍ସବ

**ଭୁବନେଶ୍ୱର,୧୮।୫**

ବହୁରାଷ୍ଟ୍ରୀୟ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ୍ ପକ୍ଷରୁ ଚଳିତ ବର୍ଷର ସବୁଠାରୁ ବଡ଼ ଅଳଙ୍କାର ମହୋତ୍ସବ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶର ସମସ୍ତ ଅଳଙ୍କାର ପ୍ରେମୀଙ୍କୁ ପ୍ରତିଷ୍ଠାନର ସମସ୍ତ ଅଳଙ୍କାରର ମେକିଂ ଚାର୍ଜ ଉପରେ ୫୦%ର ଆକର୍ଷଣୀୟ ରିହାତି ପ୍ରଦାନ କରୁଛି ବୋଲି ଜୟଆଲୁକ୍କାସ୍ ପକ୍ଷରୁ କୁହାଯାଇଛି। ବିଶେଷକରି ଗ୍ରାହକମାନଙ୍କୁ ଉତ୍ସାହିତ କରିବାକୁ ପ୍ରତିଷ୍ଠାନର ପ୍ରମୁଖ ସୁନା, ହୀରା, ମୂଲ୍ୟବାନ୍ ପଥର ଏବଂ ରୁପା ଅଳଙ୍କାରର ବିଭିନ୍ନ ଡିଜାଇନ ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ଅଫର ୨୦୨୩ ଜୁନ୍ ୧୧ ପର୍ଯ୍ୟନ୍ତ ଦେଶର ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଉପଲବ୍ଧ। ଅପରପକ୍ଷରେ ଏହି ସ୍ୱତନ୍ତ୍ର ଅଫର ସହିତ ଗ୍ରାହକମାନେ ଜୟଆଲୁକ୍କାସ୍‌ଠାରୁ ପ୍ରତ୍ୟେକ କ୍ରୟ ଉପରେ ମାଗଣା ଆଜୀବନ ରକ୍ଷଣାବେକ୍ଷଣ ଓ ଏକ ବର୍ଷର ମାଗଣା ବୀମା ଏବଂ ବାଏ ବ୍ୟାକ୍ ନିଶ୍ଚିତତା ମଧ୍ୟ ପାଇଥାନ୍ତି ବୋଲି ଜୟଆଲୁକ୍କାସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍‌ର ଚେୟାରମ୍ୟାନ୍ ତଥା ଏମ୍‌ଡି ଜୟ ଆଲୁକ୍କାସ କହିଛନ୍ତି, ଆମେ ଆମର ଗ୍ରାହକମାନଙ୍କୁ ଏକ ଅଦ୍ୱିତୀୟ ଅଳଙ୍କାର ଶପିଂ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଆଉ ଏବଂ ଜୟ ଆଲୁକ୍କାସ୍‌ରେ ଆମର ପୃଷ୍ଠପୋଷକମାନେ ଏହା ଉପରେ ଦୃଢ଼ ସୁନିଶ୍ଚିତ ହୋଇପାରିବେ। ଏପରିକି ସେମାନଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବା ପାଇଁ ଆମେ ପ୍ରୟାସ ଜାରି ରଖିବା ସହ ସେମାନଙ୍କ ଲାଗି ଅଳଙ୍କାରର ସର୍ବୋତ୍ତମ ଏବଂ ବ୍ୟାପକ ପସନ୍ଦ ଆଣିବାକୁ ଲକ୍ଷ୍ୟ ରଖିଛୁ।

Joyalukkas
World's favourite jeweller

# କର୍ମଚାରୀ କମ୍ପାନୀର ବଡ଼ ସମ୍ପତ୍ତି



**ଭୁବନେଶ୍ୱର,୧୮।୫**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ପରିବାର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ପରିବାର ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଗର୍ବିତ ପରିବାର ପଦକ୍ଷେପ ମାଧ୍ୟମରେ କମ୍ପାନୀ ଚଳିତ ସପ୍ତାହରେ ଶହ ଶହ କର୍ମଚାରୀ ପରିବାରଙ୍କ ପାଇଁ ପରିବାର ଦିବସ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ସୂଚନାଯୋଗ୍ୟ, ବେଦାନ୍ତ ଆଲୁମିନିୟମର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ପରିବାରଙ୍କ ପାଇଁ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ। ବିଶେଷ କରି ଓଡ଼ିଶାର ଲାଞ୍ଜିଗଡ଼ସ୍ଥିତ ବିଶ୍ୱସ୍ତରୀୟ ଆଲୁମିନା ବିଶୋଧନାଗାର ସହିତ ଝାରସୁଗୁଡ଼ାର ଆଲୁମିନିୟମ ପାର୍କ ଏବଂ ଛତିଶଗଡ଼ର କୋରବାଠାରେ ଥିବା ଭାରତର ଆଇକନିକ୍ ବାଲ୍‌କୋ କାରଖାନା ପରିସରକୁ କର୍ମଚାରୀଙ୍କ ପିତାମାତାଙ୍କୁ ଭ୍ରମଣରେ ନିଆଯାଇଥିଲା। ବିଶେଷକରି କୋଭିଡ୍ ମହାମାରୀ ପରେ କମ୍ପାନୀର କର୍ମଚାରୀଙ୍କ ପରିବାରଙ୍କ ପାଇଁ ଏହା ପ୍ରଥମ ଭାବ ବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଥିଲେ, କର୍ମଚାରୀ ହେଉଛନ୍ତି କମ୍ପାନୀର ବଡ଼ ସମ୍ପତ୍ତି। କାରଣ କର୍ମଚାରୀଙ୍କ ବିନା କମ୍ପାନୀର ମୂଲ୍ୟ ନ ଥାଏ। ସେଥିପାଇଁ ଆମେ ବିଶ୍ୱାସ କରୁଛୁ ଯେ କର୍ମଚାରୀମାନେ ହେଉଛନ୍ତି ଆମର ବଡ଼ ସମ୍ପତ୍ତି ଓ ସେମାନଙ୍କ ପରିବାରକୁ ସମ୍ମାନ ଜଣାଇବା ହେଉଛି ଆମର ପ୍ରଥମ କର୍ତ୍ତବ୍ୟ।

# ଅନ୍‌ଏକାଡେମି ଷ୍ଟୋର ଉଦ୍‌ଘାଟିତ

**ଭୁବନେଶ୍ୱର,୧୮।୫**

ଭାରତର ସର୍ବବୃହତ୍ ଶିକ୍ଷା ପ୍ଲାଟ୍‌ଫର୍ମ ଅନ୍‌ଏକାଡେମି ଓଡ଼ିଶା ୟୁନିଟ୍ ପକ୍ଷରୁ ରାଜ୍ୟର ପ୍ରଥମ ଷ୍ଟୋର ଭୁବନେଶ୍ୱରର ଏକାମ୍ରବିହାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ୱାର୍ଡ ନଂ. ୧୫ର କର୍ପୋରେଟର ପିଙ୍କି ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍‌ଏକାଡେମି ଷ୍ଟୋର ଫ୍ରାଞ୍ଚାଇଜ ସ୍ୱତ୍ୱାଧିକାରୀ ଜୟ ସଦାନୀ, ଗ୍ରୋଥ୍ ମ୍ୟାନେଜର ଅନୁରାଗ ଶର୍ମା ଏବଂ ଅନ୍‌ଏକାଡେମି ଆସୋସିଏଟ ଡାଇରେକ୍ଟର ରାଜ କୁମାରନ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଅନ୍‌ଏକାଡେମି ଷ୍ଟୋରଗୁଡିକ ହେଉଛି ବ୍ରାଣ୍ଡ୍‌ର ସୁବିଧା ଏବଂ ବିଶେଷଜ୍ଞମାନଙ୍କ ସହଯୋଗ ହାସଲ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଏକ ଅଫ୍‌ଲାଇନ ଏକ୍ସପେରିଏନ୍ସିଆଲ ଟଚ୍‌ପଏଣ୍ଟ। ଏଠାରେ ଶିକ୍ଷାର୍ଥୀମାନେ ଏହାର ଉନ୍ନତ ସୁବିଧାଗୁଡିକର ଅନୁଭୂତି ସହିତ ପ୍ଲାଟ୍‌ଫର୍ମରେ ବ୍ରାଣ୍ଡ୍‌ର ଅଫରିଂଗୁଡିକୁ ବୁଝିପାରିବେ। ଏକ ଆଧୁନିକ ଓ ସରଳ ଡିଜାଇନ ଆଭିମୁଖ୍ୟ ସହ ନିର୍ମିତ ଏହି ଅନ୍‌ଏକାଡେମି ଷ୍ଟୋର୍ ମାଧ୍ୟମରେ ଶିକ୍ଷାର୍ଥୀମାନେ ନିଜର ଚୟନ କରିଥିବା କ୍ୟାରିୟର ମାର୍ଗ ସମ୍ପର୍କରେ ସୂଚନା ପାଇପାରିବେ ଏବଂ ସମାନ ଆଗ୍ରହ ରଖିଥିବା ଅନ୍ୟ ଶିକ୍ଷାର୍ଥୀମାନଙ୍କ ସହ ଯୋଡ଼ି ମଧ୍ୟ ହୋଇପାରିବେ। ସେହିଭଳି ଓଡ଼ିଶା ଉଚ୍ଚଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାକେନ୍ଦ୍ର, ଯାହା ଦେଶର ବିଭିନ୍ନ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଏଠାକୁ ଆକର୍ଷିତ କରିଥାଏ। ଗୁଣାତ୍ମକ ଶିକ୍ଷା ପାଇଁ ବର୍ଦ୍ଧିତ ଚାହିଦାକୁ ପୂରଣକରି ଅନ୍‌ଏକାଡେମି ଷ୍ଟୋର ପାଠ୍ୟକ୍ରମ ବିଶେଷଜ୍ଞଙ୍କ ସହିତ କାଉନ୍‌ସେଲିଂ, ବୈଠକ ଓ ଶୀର୍ଷ ଶିକ୍ଷାବିତ୍‌ଙ୍କ ସହ ସାମୟିକ ଅଧିବେଶନ ଆଦି ପ୍ରଦାନ କରିବ।

## ଫୁରସତ

# ପ୍ରାଣୀଙ୍କ ସୁରକ୍ଷା ଜରୁରୀ

### ଜାତୀୟ ବିପନ୍ନ ପ୍ରଜାତି ଦିବସ

ଆମେ ଅନେକ ପ୍ରାଣୀ, କୀଟପତଙ୍ଗ, ଉଦ୍ଭିଦଙ୍କ ପରିପୂର୍ଣ୍ଣ ଏକ ଦୁନିଆରେ ବାସ କରୁଛୁ। ଏଭଳି କେତେକ ପ୍ରଜାତି ଅଛନ୍ତି ଯେଉଁମାନଙ୍କର ବିଲୁପ୍ତ ହେବାର ଆଶଙ୍କା ରହିଛି। ଏଭଳି ପ୍ରଜାତିଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କ ପାଇଁ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ ମାସ ତୃତୀୟ ଶୁକ୍ରବାରରେ ଜାତୀୟ ବିପନ୍ନ ପ୍ରଜାତି ଦିବସ ପାଳନ କରାଯାଇଥାଏ। ଚଳିତ ୨୦୨୩ ବର୍ଷରେ ଏହା ମେ ୧୯ରେ ପାଳିତ ହେଉଅଛି।

ପୃଥିବୀରେ ସମସ୍ତ ପ୍ରଜାତିର ଜୈବବିବିଧତା ପ୍ରତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥାଏ। ଏପରି ସ୍ଥଳେ ସମସ୍ତ ପ୍ରଜାତିଙ୍କ ସୁରକ୍ଷା ଅପରିହାର୍ଯ୍ୟ। ଇତିହାସରେ ବିଲୁପ୍ତ ହୋଇଥିବା ପ୍ରଜାତି ମଧ୍ୟରେ ସର୍ବପ୍ରଥମ ମଧ୍ୟରୁ ଗୋଟିଏ ହେଉଛି ଡାଇନୋସର। ବହୁ ବିଲୁପ୍ତପ୍ରାୟ ପ୍ରଜାତି ଆଜି ପୃଥିବୀରେ ଅଛନ୍ତି। କିନ୍ତୁ ଠିକ୍ ପଦକ୍ଷେପ ନିଆ ନ ଗଲେ ସେମାନଙ୍କର ସ୍ଥିତି ଅଧିକ ସମୟ ପର୍ଯ୍ୟନ୍ତ ଜାରି ହୋଇ ନ ପାରେ। ପ୍ରକୃତିର ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ୟୁନିୟନ (ଆଇୟୁସିଏନ୍) ପକ୍ଷରୁ ବିପଦରେ ଥିବା ପ୍ରଜାତି ସମ୍ପର୍କରେ ଯୋଜନା ସ୍ଥିର କରେ। ଆଇୟୁସିଏନ୍ ଅନୁଯାୟୀ, ଅତି କମ୍‌ରେ ୪୦ ପ୍ରତିଶତ ପ୍ରାଣୀ, କୀଟପତଙ୍ଗ ଏବଂ ଉଦ୍ଭିଦ ସମଗ୍ର ବିଶ୍ୱରେ ବିଲୁପ୍ତ ହେବାର ଆଶଙ୍କାରେ ରହିଛନ୍ତି। ବିଲୁପ୍ତପ୍ରାୟ ପ୍ରଜାତିଗୁଡିକୁ ସାହାଯ୍ୟ କରିବାର କିଛି ଉପାୟ ମଧ୍ୟରେ ସ୍ୱତନ୍ତ୍ର ପ୍ରଜନନ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯାଇଥାଏ। ଏହା ବିଲୁପ୍ତପ୍ରାୟ କିମ୍ବା ବିଲୁପ୍ତ ପ୍ରଜାତିମାନଙ୍କ ସଂଖ୍ୟା ବୃଦ୍ଧିର ଉପାୟ ଗ୍ରହଣ କରିଥାଏ। ବିଭିନ୍ନ ପ୍ରାଣୀ ପ୍ରଜାତି ଉପରେ ଘନେଇ ଆସୁଥିବା ବିପଦର କାରଣଗୁଡିକ ମଧ୍ୟରେ ପରିବେଶ ପରିବର୍ତ୍ତନ, ଶିକାରୀଙ୍କ ଦ୍ୱାରା ଅତ୍ୟଧିକ ଶିକାର, ମାନବଙ୍କ ଦ୍ୱାରା ଅଭ୍ୟାସର ପରିବର୍ତ୍ତନ କିମ୍ବା ନଷ୍ଟ, କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଆଦି ରହିଛି।

ପ୍ରଥମ ଜାତୀୟ ବିପନ୍ନ ପ୍ରଜାତି ଦିବସ ୨୦୦୬ରେ ଅନୁଷ୍ଠିତ ହୋଇଥିଲା। ବିପନ୍ନ ପ୍ରଜାତିଙ୍କର ସୁରକ୍ଷା ପାଇଁ ପରିକଳ୍ପିତ ୪୦ବର୍ଷରୁ ଅଧିକ ସମୟ ଧରି ନିୟମ ରହିଆସିଛି। ସମ୍ପ୍ରତି ଦେଖାଦେଇଥିବା ପରିବେଶ ସମସ୍ୟା ବିଷୟରେ ଲୋକମାନଙ୍କୁ ଅଧିକ ଜାଣିବା ପାଇଁ ଜାତୀୟ ବିପନ୍ନ ପ୍ରଜାତି ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହା ସହିତ ଆମ ପାଖରେ ଥିବା ପରିବେଶ ସମସ୍ୟାର ସମାଧାନ ତଥା ପ୍ରାକୃତିକ ଦୁନିଆର ସୁରକ୍ଷା ପାଇଁ ସୃଜନଶୀଳ, ଉପାୟ ଖୋଜିବା ପାଇଁ ଏକତ୍ରିତ ହେବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହି ଦିବସ ଅବସରରେ ଆୟୋଜକମାନେ ବିଭିନ୍ନ ଜନସାଧାରଣ କାର୍ଯ୍ୟକ୍ରମ ଏବଂ ଅନଲାଇନ ମାଧ୍ୟମରେ ସଚେତନତା ସୃଷ୍ଟି କରିଥାନ୍ତି। ସାଧାରଣତଃ ବିଲୁପ୍ତପ୍ରାୟ ପ୍ରଜାତିର ଯତ୍ନର ମହତ୍ତ୍ୱ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥାଏ। ବିପଜ୍ଜନକ ପ୍ରଜାତିର ଆଇୟୁସିଏନ୍ ରେଡ ତାଲିକା ଅନୁଯାୟୀ, ବର୍ତ୍ତମାନ ୧୬ ହଜାରରୁ ଅଧିକ ପ୍ରଜାତିର କବକ, ଶାଗ, ଉଦ୍ଭିଦ ଏବଂ ପ୍ରାଣୀ ଅଛନ୍ତି ଯାହା ଆମ ଗ୍ରହରୁ ସବୁଦିନ ପାଇଁ ଅଦୃଶ୍ୟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ସେମାନଙ୍କ ମଧ୍ୟରେ ଇଗଲ, ଆଲିଗେଟର ଏବଂ ଧୂସର ଗଧିଆ ଆଦି ରହିଛନ୍ତି।




ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକା ସୂଚିତ କରେ ତାଲିକାରେ ଥିବା ସମସ୍ତ ପ୍ରଜାତିର ଅର୍ଦ୍ଧେକ ମାନବ କାର୍ଯ୍ୟକଳାପ ଯୋଗୁ ବିପଦରେ ଅଛନ୍ତି। ଗ୍ଲୋବାଲ ୱାର୍ମିଂ, ଆକ୍ରମଣକାରୀ ପ୍ରଜାତି, ଓଭରଫିସିଂ ଏବଂ ଅତ୍ୟଧିକ ଶିକାର ଭଳି ପ୍ରସଙ୍ଗଗୁଡିକ ବର୍ତ୍ତମାନର ସଙ୍କଟ ପାଇଁ ଏକ ପ୍ରମୁଖ କାରଣ। ଅନେକ ପ୍ରଜାତିଙ୍କୁ ସବୁଦିନ ପାଇଁ ନଷ୍ଟ ହେବାକୁ ରୋକିବାକୁ ଏକ ବିଶ୍ୱବ୍ୟାପୀ ସଂରକ୍ଷଣ ପ୍ରୟାସର ଏକ ବହୁତ ଆବଶ୍ୟକତା ଅଛି। ୧୯୬୦ ଏବଂ ୧୯୭୦ ଦଶକରେ ପ୍ରାଣୀ କଲ୍ୟାଣ ବିଷୟରେ ଚିନ୍ତା ବୃଦ୍ଧି ପାଇଥିଲା। ଫଳସ୍ୱରୂପ, ୨୮ ଡିସେମ୍ବର ୧୯୭୩ରେ ବିଲୁପ୍ତପ୍ରାୟ ପ୍ରଜାତି ଆଇନ ପ୍ରଣୟନ କରାଯାଇଥିଲା। ଏହି କାର୍ଯ୍ୟ ବନ୍ୟଜନ୍ତୁ ସୁରକ୍ଷା ଏବଂ ବିଲୁପ୍ତପ୍ରାୟ ପ୍ରଜାତିର ପୁନରୁଦ୍ଧାରର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ କାର୍ଯ୍ୟ କରୁଛି। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ଥିମ୍ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହାର ଥିମ୍ ହେଉଛି, 'ବିଲୁପ୍ତପ୍ରାୟ ପ୍ରଜାତି ଅଧିନିୟମର ୫୦ ତମ ବାର୍ଷିକୀ ପାଳନ!'( ସେଲିବ୍ରେଟିଂ ଦ ଫିପ୍ଟି ଆନିଭର୍ସାରି ଅଫ୍ ଦ ଏନଡେଞ୍ଜରଡ ସ୍ପେସିସ୍ ଆକ୍ଟ !)

# କାନ୍ସରେ ମନ ମୋହିଲେ ଇଶା



ମୁମ୍ବାଇ: ବିଶ୍ୱର ସବୁଠୁ ବଡ଼ ଅନ୍ତର୍ଜାତୀୟ ଶୋ' କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୩ ମେ'୧୬ରୁ ଆରମ୍ଭ ହୋଇଯାଇଛି। ଏଥିରେ ଚଳିତ ବର୍ଷ ଅନେକ ବଲିଉଡ୍ ତାରକା ଡେବ୍ୟୁ କରିବା ସହ ତାଙ୍କ ବୋଲ୍ଡନେସ୍‌ର ଜଲୱା ଦେଖାଇଛନ୍ତି। କାନ୍ସର ରେଡ୍ କାର୍ପେଟ୍‌ରେ ଚାଲିଥିବା ଅଭିନେତ୍ରୀ ଇଶା ଗୁପ୍ତା ତାଙ୍କ ବେଶରେ ସମସ୍ତଙ୍କ ମନ ମୋହିଛନ୍ତି। ସେ ଡିଜାଇନର୍ ନିକୋଲାସ ଜେବରାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଧଳା ରଙ୍ଗର ସ୍ଲିଟ୍ ଗାଉନ ପିନ୍ଧିଥିଲେ। ଯାହା ତାଙ୍କୁ ବହୁତ ଆକର୍ଷଣୀୟ ଲୁକ୍ ଦେଉଥିଲା। ଏଥିସହ ସେ ଏକ ନେକ୍‌ଲେସ ପିନ୍ଧିବା ସହ ମ୍ୟାଚିଂ ହିଲ୍ ପିନ୍ଧିଥିଲେ। ଇଶା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏହାର ଏକ ଭିଡିଓ ଶେୟାର କରି କହିଛନ୍ତି, କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୩ରେ ଇଣ୍ଡିଆନ ଡେଲିଗେଟର ଏକ ଅଂଶ ହୋଇଥିବାରୁ ସେ ଖୁସିବ୍ୟକ୍ତ କରୁଛନ୍ତି। ସେ ଭାରତ ସରକାର ଏବଂ ଏଫ୍‌ଆଇସିସିଆଇକୁ କୃତଜ୍ଞତା ଜଣାଇବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। ତେବେ ଇଶା ୨୦୧୨ରେ ବଲିଉଡ୍‌ରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏହା ମଧ୍ୟରେ ଅନେକ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ତାଙ୍କୁ ଶେଷ ଥର ପାଇଁ ୨୦୧୯ରେ ଫିଲ୍ମ 'ୱାନ ଡେ: ଜଷ୍ଟିସ ଡେଲିଭର୍ଡ'ରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଟେଲିଭିଜନ, ମ୍ୟୁଜିକ୍ ଭିଡିଓ ଏବଂ ୱେବ୍ ସିରିଜ୍‌ରେ ମଧ୍ୟ ନଜରକୁ ଆସିଛନ୍ତି।

# ନିଜକୁ ବିବାହକଲେ ୭୭ ବର୍ଷୀୟା



**ୱାଶିଂଟନ:** ପ୍ରତ୍ୟେକ ବ୍ୟକ୍ତି ନିଜ ବିବାହର ସ୍ୱପ୍ନ ଦେଖିଥାନ୍ତି। ସେଥିରେ ସେ ନିଜ ହିସାବରେ ବିବାହ କରିବାକୁ ଚାହିଁଥାନ୍ତି। ସେଥିପାଇଁ ଆଗରୁ ସବୁ ପ୍ଲାନ ମଧ୍ୟ କରନ୍ତି। ନିକଟରେ ଆମେରିକାର ଜଣେ ୭୭ ବର୍ଷୀୟା ଡୋରୋଥି ଡୋଟି ଫିଡେଲି ନିଜ ହିସାବରେ ବିବାହ କରି ଖୁସିବ୍ୟକ୍ତ କରିଛନ୍ତି। ଏଥିରେ ଏକ ଆଶ୍ଚର୍ଯ୍ୟକର କଥା ହେଉଛି, ୩ ସନ୍ତାନ ଥିବା ଡୋଟି ନିଜେ ନିଜକୁ ବିବାହ କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି, ୧୯୬୫ରେ ତାଙ୍କର ବିବାହ ହୋଇଥିଲା। ବିବାହ ପରେ ତାଙ୍କ ସ୍ୱାମୀ କାମ ଅନ୍ୱେଷଣରେ ବାହାରକୁ ପଳାଇଥିଲେ। ଏହାର ୯ ବର୍ଷ ପରେ ସେମାନଙ୍କ ଛାଡପତ୍ର ହୋଇଯାଇଥିଲା। ବିବାହ ସମୟରେ ସେ ଏକ କଳାରଙ୍ଗର ପୋଷାକ ପିନ୍ଧିଥିଲେ, ସେଥିପାଇଁ ତାଙ୍କର ବିବାହ ଜୀବନ ବରବାଦ ହୋଇଯାଇଥିଲା। ତା'ପରଠାରୁ ସେ ଦୀର୍ଘ ୪୦ ବର୍ଷ ହେବ ଏକା ରହୁଥିଲେ। ଏବେ ବହୁତ ଡେରି ହୋଇଯାଇଥିଲେ ମଧ୍ୟ ସେ ନିଜକୁ ଖୁସିରେ ରଖିବାକୁ ଚାହୁଁଥିବା କହିଛନ୍ତି। ଏପରି କି ନିଜେ ନିଜକୁ ବିବାହ କରିବା ଚିନ୍ତା ସର୍ବପ୍ରଥମେ ତାଙ୍କୁ ତାଙ୍କ ସାଙ୍ଗ ମାଧ୍ୟମରେ ମିଳିଥିଲା। ସେ ଏକ ଟିଭି ଶୋ'ରେ ଦେଖିଥିଲେ ଯେ ସେଥିରେ ଜଣେ ନିଜକୁ ବିବାହ କରିବା କଥା ତାଙ୍କ ସାଙ୍ଗକୁ କହୁଥିଲେ। ତା' ପରେ ସେ ନିଜେ ନିଜକୁ ବିବାହ କରିବା କଥା ଚିନ୍ତା କଲେ। ଏହା ତାଙ୍କ ଝିଅ ଡୋନା ପେନିଂଟନ୍‌ଙ୍କୁ ବି ଭଲ ଲାଗିଲା। ଡୋଟିଙ୍କ ରୁମ୍‌କୁ ଡୋନା ସଜାଇଲେ। ତାଙ୍କ ମା'ଙ୍କ ପାଇଁ ଏକ ହାର୍ଟ ଆକାରର କେକ୍ ମଧ୍ୟ ପ୍ରସ୍ତୁତ କଲେ। ଧୁମ୍‌ଧାମରେ ବିବାହ ଉତ୍ସବ ପାଳନ କରାଗଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇ ଅର୍ପଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ମୁମ୍ବାଇରେ ଗୁରୁବାର ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ସହ ବାଚସ୍ପତି ରାହୁଲ ନର୍ଭେକର ଯୋଗଦେଇଛନ୍ତି।

# ମଞ୍ଚରେ ଭାଜପା-ବିଜେଡି ନେତା ମୁହାଁମୁହିଁ

- ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପ ଲୋକାର୍ପଣ ବେଳେ ରାଜନୀତି
- ମାଇକ୍ ଛଡ଼ାଇନେଲେ ବରିଷ୍ଠ ନେତା ରୁଦ୍ରନାରାୟଣ
- ଅଧାରୁ ସଭା ଛାଡ଼ି ପଳାଇଲେ ଖଣିମନ୍ତ୍ରୀ, ଏମ୍ପି

କାମାକ୍ଷାନଗର, ୧୮।୫(ଡି.ଏନ୍.ଏ.)

ବହୁ ପ୍ରତୀକ୍ଷିତ ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପ ଉଦ୍‌ଘାଟନୀ ସମାରୋହରେ ରାଜନୀତି ପଶିଛି। ଆମନ୍ତ୍ରିତ ହୋଇ ଆସିଥିବା ଭାଜପା ଓ ବିଜେଡି ନେତା ମଞ୍ଚ ଉପରେ ପରସ୍ପରକୁ ଆକ୍ଷେପ-ପ୍ରତିଆକ୍ଷେପ କରିବା ରାଜନୈତିକ ମାହୋଲକୁ ସରଗରମ କରିଛି। କେବଳ ଏତିକି ନୁହେଁ, କହିବାକୁ ସୁଯୋଗ ନ ମିଳିବାରୁ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି ମାଇକ୍ ଛଡ଼ାଇନେବା ଏବଂ ସଭା ଅଧାରୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍ପି ମହେଶ ସାହୁ ଉଠି ଚାଲିଯିବା ଚର୍ଚ୍ଚାର ବିଷୟ ପାଲଟିଛି।

ଅନୁଗୋଳ-ସୁକିନ୍ଦା ରେଳ ଲାଇନ୍‌କୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ୍ ମୋଡ୍‌ରେ ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ କାମାକ୍ଷାନଗର ରେଳଷ୍ଟେଶନରେ ରେଳ ମନ୍ତ୍ରଣାଳୟ ଦ୍ୱାରା ଅନୁଷ୍ଠିତ ସମାରୋହକୁ ଆମନ୍ତ୍ରିତ ହୋଇ ଆସିଥିଲେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଏମ୍ପି ମହେଶ ସାହୁ। ରେଳ ମନ୍ତ୍ରଣାଳୟ ପକ୍ଷରୁ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ମଣ୍ଡଳ ସଭାପତି ସନ୍ଦୀପ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ କେବଳ ମନ୍ତ୍ରୀ ଓ ଏମ୍ପିଙ୍କୁ ଭାଷଣ ଦେବାକୁ ସୁଯୋଗ ମିଳିଥିଲା। ଏମ୍ପି ସାହୁ କହିଲେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏମ୍ପି ଏବଂ ମନ୍ତ୍ରୀଙ୍କୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ସ୍ୱତନ୍ତ୍ର ଭାବେ ଚିଠି ହୋଇଥିଲା। ତଦନୁଯାୟୀ ନିର୍ଦ୍ଧାରିତ ସମୟରେ ଉଭୟ କାମାକ୍ଷାନଗର ଷ୍ଟେଶନରେ ପହଞ୍ଚିଥିଲେ। ହେଲେ ସ୍ୱାଗତ କରିବା ତ ଦୂରର କଥା କୌଣସି ରେଳ କର୍ମଚାରୀ ମଧ୍ୟ ଉପସ୍ଥିତ ନ ଥିଲେ। କେବଳ ମନ୍ତ୍ରୀ ଏବଂ ଏମ୍ପି ନିମନ୍ତ୍ରିତ ହୋଇଥିବାବେଳେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏବଂ ଅନ୍ୟମାନଙ୍କୁ ମଞ୍ଚରେ ବସାଇବା ରେଳ ମନ୍ତ୍ରଣାଳୟର ମହାନତା ବୋଲି କହି ସେ ଭାଜପା ନେତାଙ୍କୁ ଟେର୍‌ଛା ବାଣ ମାରିଥିଲେ। ନିଜ ଅଭିଭାଷଣରେ ମନ୍ତ୍ରୀ ମଲ୍ଲିକ କହିଥିଲେ, ଅଞ୍ଚଳର ବିକାଶରେ କେନ୍ଦ୍ର ସରକାରଙ୍କୁ ଯଥାସାଧ୍ୟ ସହାୟତା କରାଯିବ।

ଶେଷ ପର୍ଯ୍ୟାୟରେ ରେଳ ବିଭାଗ କର୍ମଚାରୀ ଧନ୍ୟବାଦ ଦେବା ସମୟରେ ରୁଦ୍ରନାରାୟଣ ମାଇକ୍ ଛଡ଼ାଇ ଆଣି ବକ୍ତବ୍ୟ ପ୍ରଦାନ କରିଥିଲେ। ତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିବାରୁ ସେ ବିଷୋଦ୍‌ଗାର କରିଥିଲେ। ଏଥିସହ ଉକ୍ତ ପ୍ରକଳ୍ପ ଭାଜପା ସରକାରର ଅବଦାନ ବୋଲି କହିଥିଲେ। ଏହି ସମୟରେ ମହେଶ ତାଙ୍କଠାରୁ ମାଇକ୍ ଛଡ଼ାଇ ନେଇ କହିଲେ, ରେଳ ବିଭାଗ ହୁଇସିଲ୍ ମାରି କୀଳାକୁ ଡାକିଛି। ଏବେ ନିଜେ ସମ୍ଭାଳୁ। ଏହାପରେ ଏମ୍ପି, ମନ୍ତ୍ରୀ ଏବଂ ନଗରପାଳ ମଞ୍ଚ ଛାଡ଼ି ପଳାଇଥିଲେ। ଏହାପରେ ମଧ୍ୟ ରୁଦ୍ରନାରାୟଣ ଶାସକ ଦଳର ନେତାଙ୍କୁ ନିଜ ଭାଷଣରେ ଆକ୍ରମଣ ଜାରି ରଖିଥିଲେ। କାର୍ଯ୍ୟକ୍ରମରେ ତାଳଚେରର ସହକାରୀ ସିଗ୍‌ନାଲ ଟେକ୍ନିସିଆନ ଦଣ୍ଡପାଣି ବେହେରା ସ୍ୱାଗତ ଭାଷଣ ଓ ଚିଫ୍ ରିଜର୍ଭେଶନ ସୁପରଭାଇଜର ବଂଶୀଧର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏମ୍ପିଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, କଙ୍କଡ଼ାହାଡ଼ର ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଉପସ୍ଥିତ ଥିଲେ।

ଏଭଳି ଆରୋପ-ପ୍ରତ୍ୟାରୋପ ରାଜନୀତି ସମ୍ପର୍କରେ ଏମ୍ପି ନିଜ ପ୍ରତିକ୍ରିୟାରେ କୁହନ୍ତି, ଅତିଥି ତାଲିକାରେ ନ ଥିବା ବ୍ୟକ୍ତି ମଞ୍ଚରେ ବସିଥିଲେ। ମାଇକ୍ ଛଡ଼ାଇ ନେଇ ଦଳୀୟ ପ୍ରଚାର କଲେ। ତେଣୁ ସେମାନେ ମଞ୍ଚ ଛାଡ଼ି ଚାଲି ଆସିଥିଲେ। ସେ ଅନୁଗୋଳ-ସୁକିନ୍ଦା ରୁଟ୍‌ରେ ପାସେଞ୍ଜର ଟ୍ରେନ୍ ଚଳାଚଳ, ତାଳଚେର ରେଳଷ୍ଟେଶନକୁ ପାସେଞ୍ଜର ଷ୍ଟେଶନରେ ପରିଣତ କରିବା, ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଦାବି କରିଛନ୍ତି। ରୁଦ୍ରନାରାୟଣ କୁହନ୍ତି, ମଞ୍ଚକୁ ଡାକି ତାଙ୍କୁ କହିବାର ସୁଯୋଗ ଦିଆଗଲାନାହିଁ। ଏଥିଲାଗି ସେ ଶାସକ ଦଳ ଉପରେ ଦୋଷ ଲଦିଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା ଏବଂ ବିଜେଡିର ନେତୃବୃନ୍ଦ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ଼ଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜନତା ପରିବାରରୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା

ବେଙ୍ଗାଲୁରୁ, ୧୮।୫

ଜନତା ପରିବାରରେ ଅଢ଼େଇ ଦଶନ୍ଧି ଧରି ରହିଆସିଥିବା ଏବଂ ଏକଦା କଂଗ୍ରେସ ବିରୋଧୀ ଆଭିମୁଖ୍ୟକୁ ନେଇ ପରିଚିତ ଥିବା ସିଦ୍ଧାରାମାୟା ଦ୍ୱିତୀୟ ଥର ପାଇଁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ସେ ୧୯୮୦ ଦଶକର ଆଦ୍ୟଭାଗରୁ ୨୦୦୫ ପର୍ଯ୍ୟନ୍ତ କଂଗ୍ରେସର ଘୋର ବିରୋଧୀ ଥିଲେ। କିନ୍ତୁ ୨୦୦୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ସହ ମତଭେଦ ଯୋଗୁ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ରୁ ସିଦ୍ଧାରାମାୟା ବିଦା ହେବା ପରେ ସେ ମୂଳରୁ ବିରୋଧ କରିଆସୁଥିବା ସର୍ବପୁରାତନ ଦଳରେ ଯୋଗଦେଇଥିଲେ। ଏହି ଭେଟେରାନ୍ ନିଜ ଧୈର୍ଯ୍ୟ ଓ ଅଧ୍ୟବସାୟ ବଳରେ ୨୦୧୩ରେ କଂଗ୍ରେସ ପାର୍ଟିରୁ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ୯ ଥର ବିଧାୟକ ହୋଇଥିବା ସିଦ୍ଧାରାମାୟାଙ୍କ ସେହି ଗୁଣ ୫ ବର୍ଷର ବ୍ୟବଧାନ ପରେ ତାଙ୍କୁ ପୁନର୍ବାର ସମାନ ପଦବୀ ସମ୍ଭାଳିବା ପାଇଁ ସୁଯୋଗ ଦେଇଛି।

୧୯୪୭ ଅଗଷ୍ଟ ୩ରେ ମହୀଶୂର ଜିଲା ବରୁଣ ହୋବ୍‌ଲି ନିକଟସ୍ଥ ସିଦ୍ଧାରମଣହୁଣ୍ଡି ଗ୍ରାମର ଏକ ଗରିବ ଚାଷୀ ପରିବାରରେ ସିଦ୍ଧାରାମାୟାଙ୍କ ଜନ୍ମ। ସିଦ୍ଧୁଙ୍କୁ ୧୦ ବର୍ଷ ହେବା ପର୍ଯ୍ୟନ୍ତ ସେ ସ୍କୁଲ ମାଡ଼ି ନ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ମହୀଶୂର ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଏବଂ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଥିଲେ। ସେ ଚିକ୍କାବୋରାଇଆହରେ ଜଣେ ଜୁନିୟର ଓକିଲ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ କିଛି ସମୟ ପାଇଁ ଆଇନରେ ଅଧ୍ୟାପନା ମଧ୍ୟ କରିଥିଲେ। କର୍ଣ୍ଣାଟକର ୨୨ତମ ମୁଖ୍ୟମନ୍ତ୍ରୀ ଭାବେ ଶନିବାର ଶପଥ ନେବାକୁ ଯାଉଥିବା ଏହି ବର୍ଷୀୟାନ ନେତା ବିଦାୟୀ ବିଧାନସଭାରେ ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇଥିଲେ। ଏହା ପୂର୍ବରୁ ସେ ଏକାଧିକ ଥର ଉପମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ବିଭାଗର ମନ୍ତ୍ରୀ ରହି ନିଜ କାର୍ଯ୍ୟଦକ୍ଷତା ଓ ବିଚକ୍ଷଣତାର ପରିଚୟ ଦେଇଥିଲେ।

# ବିଜୟର ବିନ୍ଧାଣି ଶିବକୁମାର

ବେଙ୍ଗାଲୁରୁ, ୧୮।୫

କଂଗ୍ରେସର ସଙ୍କଟମୋଚନ କହିଲେ ଡି.କେ. ଶିବକୁମାରଙ୍କୁ ବୁଝାଯାଏ। କିନ୍ତୁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବାବେଳକୁ ସେ ନିଜ ରାସ୍ତାରେ ଥିବା ପ୍ରତିବନ୍ଧକଗୁଡ଼ିକୁ ହଟାଇପାରି ନାହାନ୍ତି। କର୍ଣ୍ଣାଟକ ବିଧାନସଭାର ୨୨୪ ଆସନ ମଧ୍ୟରୁ ୧୩୫ଟିରେ ଦଳକୁ ବିଜୟୀ କରାଇଥିବା ଏହି ସଫଳ ରଣନୀତିକାର ରାଜ୍ୟର ନବମ ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଡିକେଏସ୍ ନାମରେ ପରିଚିତ ୬୧ ବର୍ଷୀୟ ପିସିସି ସଭାପତି ବିଧାନସଭାକୁ ୮ ଥର ନିର୍ବାଚିତ ହୋଇଛନ୍ତି। ସେ ନିଜ ସାଙ୍ଗଠନିକ ଦକ୍ଷତା ଯୋଗୁ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ। କଂଗ୍ରେସରେ ଯେତେବେଳେ ବି ସଙ୍କଟ ଉପୁଜିଛି ଡିକେଏସ୍ ତା'ର ସମାଧାନ ପାଇଁ ଆଗେଇ ଆସିଛନ୍ତି। ୨୦୦୨ରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖ ଆସ୍ଥାଭୋଟର ସମ୍ମୁଖୀନ ହେବାବେଳେ ଏବଂ ୨୦୧୭ରେ ଅହମଦ ପଟେଲ ଗୁଜରାଟରୁ ରାଜ୍ୟ ସଭା ନିର୍ବାଚନ ଲଢ଼ିବା ସମୟରେ ଡିକେଏସ୍ ଦଳୀୟ ବିଧାୟକଙ୍କୁ ରିସର୍ଟରେ ଏକାଠି କରି ରଖିଥିଲେ।

ଟିକସ ଠକେଇ ଅଭିଯୋଗରେ ଆୟକର ବିଭାଗ ଏବଂ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶିବକୁମାରଙ୍କ ଘରେ ଏକାଧିକ ଥର ଚଢ଼ାଉ କରାଯାଇଛି। ୨୦୧୯ ସେପ୍ଟେମ୍ବର ୩ରେ ଇଡି ତାଙ୍କୁ ପିଏମ୍‌ଏଲ୍‌ଏ ବଳରେ ଜେରା ପରେ ଗିରଫ କରିଥିଲା। ସେହିବର୍ଷ ଅକ୍ଟୋବର ୨୩ରେ ସେ ଜାମିନରେ ମୁକୁଳିଥିଲେ। ଶିବକୁମାର କର୍ଣ୍ଣାଟକର ତୃତୀୟ ଧନୀ ବିଧାୟକ। ତାଙ୍କ ସମ୍ପତ୍ତିର ପରିମାଣ ୧,୪୧୩ କୋଟି ଟଙ୍କା ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ନିଜ ରିପୋର୍ଟରେ ଉଲ୍ଲେଖ କରିଛି।

୧୯୬୨ ମେ' ୧୫ରେ କନକପୁରାରେ ଜନ୍ମିତ ଶିବକୁମାର ୧୯୮୦ ଦଶକରେ ଛାତ୍ରନେତା ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରେ କଂଗ୍ରେସରେ ଯୋଗଦେଇ ୧୯୮୯ରେ ମାତ୍ର ୨୭ ବର୍ଷ ବୟସରେ ନିର୍ବାଚନ ଲଢ଼ିଥିଲେ। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଭୋକାଲିଙ୍ଗା ନେତା ଡିକେଏସ୍ ଭାଜପାର ଆର୍. ଅଶୋକାଙ୍କୁ ୧.୨୨ ଲକ୍ଷ ଭୋଟ ବ୍ୟବଧାନରେ ହରାଇଛନ୍ତି।

Classified Everyday
0674-2580101, 2549949


REAL ESTATE
SALE

8500sqft. 2nd plot from NH (200ft. wide road) crossing Tankapani Road, 2kms. from Rabi Talkies, Bhubaneswar. 9437004169. D-73765

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74684

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0372

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

Gharabari land for sale near Barunei, Khurda. Only genuine buyer contact on 6371543787. D-0374

Sumhospital ନିକଟବର୍ତ୍ତୀ Mount leterza school ପାଖରେ plot କିଣନ୍ତୁ। 9853333043, 9438859527. D-74860




Relax, Refresh your body, Mind at Saikrupa Spa with best therapies. 8984068077. D-0282

All types of professional body massage by professional therapy. Contact: 9556924059, 7077933109. D-0332

Full Body Massage by Experience Therapist @999 Only- 9078484455. (Bhubaneswar). D-0339

Full body massage in homely atmosphere in all therapy. Mob: 8114881641. D-73430

Newly open health benefits SPA special offer @799, Master Canteen. 9124527173. D-75107

Newly open health benefits SPA special offer @ 799 Jaydev Vihar. 8018429809. D-75106

Newly open SPA Positively health benefit with expert. Contact: 7749976301. D-74543

AFFIDAVIT

Affidavit No.-20/94 382 Bhoi Nagar, Bhubaneswar 18.05.2023 before Notary Public, Bhubaneswar correction my Aadhaar Card I.S. Jyoti Redi, At- Suka Vihar Basti, P.O- Bhoi Nagar, PS.- Sahid Nagar-751022 changed my surname I.S. Jyoti Redi to Jayanti Reddy for all purposes. D-0377

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Bhubaneswar, I, Pradip Sahoo, S/o- Raj Kishore Sahoo resident of At- Plot No.-1195, Chemedi Sahi, Old Town, P.O- Old Town, P.S.- Shree Lingaraj, Bhubaneswar-751002, Dist.- Khordha, Odisha, Mobile No- 8144530964. Declare that Pradip Sahoo & Pradipta Kumar Pani is one and same person who is myself and also my correct address and mobile number as mentioned above. D-0378

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LEGAL NOTICE

In the Court of the Dist. Judge-Cum-1st M.A.C.T., Deogarh
M.A.C. No- 38/2021
Pramila Bhoi & others .....Petitioner
-Versus-
Upendra Kanda & others ... O.Ps.

NOTICE

To,
Upendra Kanda, S/o- Srimat Kanda, R/o. at: Kandapali P.S.- Veden, Dist.- Bargarh.

Where as the above named petitioner made application in the Court for compensation.

You are hereby warned to appear, in this Court in person or by a pleader duly instruction on the 03rd day of July 2023 at 10.30. o' clock in the morning/ forenoon to show cause against the application failing wherein, the said application will be heard and determined exparte.

Given under may hand and thereafter of this Court this the 03rd day of May 2023.

Sd./- District Judge-Cum- 1st. M.A.C.T., DEOGARH, ODISHA. D-0383

In the Court of the Dist. Judge- Cum-1st M.A.C.T., Deogarh
M.A.C. No-39/2021
Sulata Ksheti & others ..... Petitioner
-Versus-
Upendra Kanda & others ... O.Ps.

NOTICE

To,
Upendra Kanda, S/o Srimant Kanda, Vill- Kandapali, P.S- Veden, Dist.- Bargarh

Whereas the above named petitioner made application in the Court for compensation.

You are hereby warned to appear in this Court in person or by a pleader duly instruction on the 03rd day of July 2023 at 10:30. o' clock in the morning / forenoon to show cause against the application failing wherein, the said application will be heard and determined exparte.

Given under may hand and thereafter of this Court this the 03rd day of May 2023

Sd./- District Judge -Cum-1st. M.A.C.T., DEOGARH, ODISHA. D-0384

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଂଶୀଧର ନାୟକ
ସ୍ଥାନ: ଚଢ଼େୟା, ଦୈସିଂ, ଭଦ୍ରକ
ଆବିର୍ଭାବ: ୧୮।୦୬।୧୯୫୦
ତିରୋଧାନ: ୦୯।୦୫।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର: ଅମ୍ଲାନ (ଟୁଲୁ), ଅଭିନ (ଟଗୁଲୁ), ଭ୍ରାତା: ବେଣୁଧର, ଧରଣୀଧର, ଭ୍ରାତୃପୁତ୍ର: ଅନିଲ୍, ଅଶୋକ, ଅରୂପ, ଅଧୀର, ଅସିତ୍, ଅମିତ୍, ଅଜୟ, ଝୁଲୁ ଏବଂ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୦୩୮୨

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆଶିଷ କୁମାର ଜେନା (ବାବୁଲି)
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୨।୦୮।୧୯୬୮
ତିରୋଧାନ: ୧୯।୦୫।୧୯୯୯
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛୁ। ତମେ ଯେଉଁଠି ବି ଥାଅନା କାହିଁକି ସବୁବେଳେ ଭଲରେ ଥାଅ।
ଜେନା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୦୩୭୯

# ରେସ୍‌ଲରଙ୍କ ରୋଷ



**ମହିଳା ଆଥଲେଟ୍‌ମାନେ ପୂର୍ବରୁ କୋଚ୍ ଏବଂ କର୍ମକର୍ତ୍ତାଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିବାର ବହୁ ଦୃଷ୍ଟାନ୍ତ ରହିଛି। ମାତ୍ର ଏଥର ଭାରତୀୟ ରେସ୍‌ଲରମାନେ ଯେଉଁ ପନ୍ଥା ଅବଲମ୍ବନ କରିଛନ୍ତି ତାହା ସମଗ୍ର ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ସ୍ଥିତି ନିୟନ୍ତ୍ରଣକୁ ଆସିବା ବଦଳରେ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି...**

ଭାରତୀୟ ମହିଳା ଆଥଲେଟ୍‌ମାନେ କୋଚ୍ ଏବଂ କର୍ମକର୍ତ୍ତାଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିବାର ବହୁ ଦୃଷ୍ଟାନ୍ତ ପୂର୍ବରୁ ରହିଛି। ମାତ୍ର ଏଥର ଭାରତୀୟ ରେସ୍‌ଲରମାନେ ଯେଉଁ ପନ୍ଥା ଅବଲମ୍ବନ କରିଛନ୍ତି ତାହା ସମଗ୍ର ବିଶ୍ୱ ସମୁଦାୟର ଦୃଷ୍ଟିଆକର୍ଷଣ କରିବାରେ ଲାଗିଛି। ସ୍ଥିତି ନିୟନ୍ତ୍ରଣକୁ ଆସିବା ବଦଳରେ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଆନ୍ଦୋଳନକୁ ବିଶ୍ୱବ୍ୟାପୀ କରିବାପାଇଁ ଦେଶର ପ୍ରତିଷ୍ଠିତ ରେସ୍‌ଲରମାନେ ନିଷ୍ପତ୍ତି ନେଇଥିବାରୁ ଏହି ମାମଲା ବହୁ ଆଗକୁ ବଢ଼ିବା ସମ୍ଭାବନା ରହିଛି। ଭାରତୀୟ ରେସ୍‌ଲିଂ ଫେଡେରେଶନ(ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତର ଆନ୍ଦୋଳନରତ ଖେଳାଳିମାନେ ଗତ ବୁଧବାର ସମର୍ଥକଙ୍କ ସହିତ କନ୍ନଟ ପ୍ଲେସ୍‌ର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ବଙ୍ଗଳା ସାହିବ ଗୁରୁଦ୍ୱାରରେ ସେମାନେ ପ୍ରାର୍ଥନା ମଧ୍ୟ କରିଥିଲେ। ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ଇତିମଧ୍ୟରେ ୨୫ ଦିନରେ ପହଞ୍ଚିଛି। ଅଲିମ୍ପିକ୍ସ ମେଡାଲିଷ୍ଟ ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ ଧାରଣାରେ ବସିଛନ୍ତି। ଧାରଣା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ପାଇଁ ସେମାନେ କନ୍ନଟ ପ୍ଲେସ୍ ଓ ଏହାର ଆଖପାଖ ଅଞ୍ଚଳକୁ ଯାଉଥିବା ଜଣାଯାଇଛି। ବୁଧବାର ଖେଳାଳିମାନେ ନିଜର ସମର୍ଥକଙ୍କ ସହିତ କନ୍ନଟ ପ୍ଲେସ୍ ସ୍ଥିତ ହନୁମାନ ମନ୍ଦିରକୁ ଯାଇଥିଲେ। ମହିଳା ରେସ୍‌ଲରଙ୍କୁ ନ୍ୟାୟ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଛନ୍ତି ତାରକା ରେସଲର ବଜରଙ୍ଗ ପୁନିଆ। ଦେଶରେ 'ବେଟୀ ବଚାଓ, ବେଟୀ ପଢ଼ାଓ' ନାରା ଚାଲିଥିବାବେଳେ ଏଠାରେ ଦେଶର ଝିଅ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି ବୋଲି ବଜରଙ୍ଗ କହିଛନ୍ତି। ରେସଲରଙ୍କ ଶୋଭାଯାତ୍ରାରେ ଅନେକ ସାଧାରଣ ଲୋକ ମଧ୍ୟ ସାମିଲ ହୋଇଥିବା ପରିଲକ୍ଷିତ ହୋଇଥିଲା।

**ଅଭିଯୋଗରୁ ଆରମ୍ଭ**

ସର୍ବଭାରତୀୟ କୁସ୍ତି ଫେଡେରେଶନ (ଡବ୍ଲ୍ୟୁଏଫ୍ଆଇ) ସଭାପତି ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ନାମରେ ଜାନୁୟାରୀ ୧୮ ତାରିଖରେ ଯୌନ ଶୋଷଣ ଓ ହତ୍ୟା ଧମକ ପରି ସଙ୍ଗିନ ଅଭିଯୋଗ ଆଣିଥିଲେ କେତେଜଣ ରେସ୍‌ଲର। ରିଓ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ, ଟୋକିଓ ପଦକ ବିଜେତା ବଜରଙ୍ଗ ପୁନିଆ, ଜାକାର୍ତ୍ତା ଏସିଆନ୍ ଗେମ୍ସ ପଦକ ବିଜୟିନୀ ଭିନେଶ ଫୋଗତ, ସରିତା ମୋର, ସଙ୍ଗୀତା ଫୋଗତ, ସତ୍ୟବ୍ରତ ମଲିକ୍, ଜିତେନ୍ଦର କିହ୍ନା ଓ ରାଜ୍ୟଗୋଷ୍ଠୀ ପଦକ ବିଜେତା ସୁମିତ୍ ମଲିକ୍ ପ୍ରମୁଖ ଯନ୍ତର ମନ୍ତର ଠାରେ ଧାରଣାରେ ବସିବା ସହ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଥିଲେ। ଏପରିକି ଡବ୍ଲ୍ୟୁଏଫ୍ଆଇ ସଭାପତିଙ୍କ ପକ୍ଷରୁ ହତ୍ୟା ଧମକ ପ୍ରଦାନ କରାଯାଇଥିବା ଖେଳାଳିମାନେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଖଣ୍ଡନ କରିବା ସହିତ ଏହା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ ଉତ୍ତରପ୍ରଦେଶର କେଶରଗଞ୍ଜରୁ ଏମ୍‌ପି ତଥା ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜଭୂଷଣ । ଜଣେ ମହିଳା ଖେଳାଳି ମୋ ବିରୋଧରେ ଅଭିଯୋଗ ପ୍ରମାଣିତ କଲେ ମୁଁ ଫାଶୀରେ ଝୁଲିବା ପାଇଁ ମଧ୍ୟ ପ୍ରସ୍ତୁତ। ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଖେଳାଳିମାନଙ୍କୁ ବୁଝାଇ ଧାରଣା ପ୍ରତ୍ୟାହୃତ କରାଯିବା ସହିତ ଏମ.ସି. ମେରୀ କମ୍ ଓ ଯୋଗେଶ୍ୱର ଦତ୍ତଙ୍କ ପରି ଖେଳାଳିଙ୍କୁ ନେଇ ଏକ ୭ ଜଣିଆ ଓଭର ସାଇଟ୍ କମିଟି ଗଠନ କରାଯାଇଥିଲା। ଓଭର ସାଇଟ୍ କମିଟି ଡବ୍ଲ୍ୟୁଏଫ୍ଆଇର ସମସ୍ତ କାର୍ଯ୍ୟଭାର ହାତକୁ ନେଇଥିଲା। ୧ମାସ ମଧ୍ୟରେ ଯୌନ ଶୋଷଣ ମାମଲାର ତଦନ୍ତ କରି ଓଭର ସାଇଟ୍ କମିଟି ରିପୋର୍ଟ ଦେବା ନେଇ ନିର୍ଦ୍ଦେଶ ଦିଆଯାଇଥିଲା। କମିଟି ଦୀର୍ଘ ୩ ମାସ ଧରି ତଦନ୍ତ କରିଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ଦୁଇ ଦୁଇ ଥର କାର୍ଯ୍ୟକାଳ ବଢ଼ିବା ପରେ ଏପ୍ରିଲ ୧୬ ତାରିଖରେ କମିଟି ରିପୋର୍ଟ ପ୍ରଦାନ କରିବା ପରେ ସରକାର ଏହାକୁ ସାର୍ବଜନୀନ କରି ନ ଥିଲେ। ବରଂ ମେ ୭ରେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ।

**ରେସ୍‌ଲର ଆନ୍ଦୋଳନ ୨.୦**

ଦୀର୍ଘ ୩ ମାସ ଧରି ରେସ୍‌ଲରମାନଙ୍କୁ ନ୍ୟାୟର ପ୍ରତିଶ୍ରୁତି ପୂରଣ ନ ହେବା ପରେ ପୁଣି ଖେଳାଳିମାନେ ଧାରଣାକୁ ଓହ୍ଲାଇଥିଲେ। ଆରମ୍ଭରୁ ବିପକ୍ଷ ରାଜନୈତିକ ଦଳର ନେତାମାନଙ୍କୁ ଏହି ଆନ୍ଦୋଳନରୁ ନିଜେ ଖେଳାଳିମାନେ ଦୂରେଇ ରଖୁଥିଲେ। ତେବେ ଏପ୍ରିଲ୍ ୨୩ ତାରିଖରେ ହୋଇଥିବା ଏହି ଆନ୍ଦୋଳନକୁ ସୁଦୂରପ୍ରସାରୀ କରିବା ପାଇଁ ବିଭିନ୍ନ ବିପକ୍ଷ ଦଳର ନେତାମାନେ ଖେଳାଳିଙ୍କ ସମର୍ଥନରେ ଛିଡା ହୋଇଥିଲେ। ଦ୍ୱିତୀୟ ଥର ଆନ୍ଦୋଳନରେ ଖେଳାଳିମାନେ ସିଧାସଳଖ କ୍ରୀଡ଼ା ଓ ଯୁବସେବା ବିଭାଗକୁ ମଧ୍ୟ ଟାର୍ଗେଟ କରିଥିଲେ। କ୍ରୀଡାମନ୍ତ୍ରୀଙ୍କ ଅନୁରୋଧ କ୍ରମେ ଆମେ ଧାରଣା ପ୍ରତ୍ୟାହାର କରିଥିଲେ ମଧ୍ୟ ସରକାର ମାମଲା ଚାପି ଦେବାକୁ ପ୍ରୟାସ କରିଥିଲେ। ଦ୍ୱିତୀୟ ଥରର ଆନ୍ଦୋଳନରେ ବିଭିନ୍ନ କୃଷକ ସଙ୍ଗଠନ ଓ ଖାପ୍ ପଞ୍ଚାୟତ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ। କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ର ଶେଖର ଆଜାଦ ଖେଳାଳିମାନଙ୍କୁ ଭେଟିଥିଲେ। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମାମଲା ଦାଏର କରିବାରେ ବିଫଳ ହେବା ପରେ ଖେଳାଳିମାନେ ସର୍ବୋଚ୍ଚ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଦିଲ୍ଲୀ ପୋଲିସ ଦୁଇଟି ମାମଲା ରୁଜୁ କରିଥିଲା। ୭ ଜଣ ମହିଳା ଖେଳାଳି ଆଗକୁ ଆସି ବ୍ରିଜ୍‌ଭୂଷଣଙ୍କ ନାମରେ ଅଭିଯୋଗ ଆଣିଥିଲେ। ଏହା ମଧ୍ୟରେ ଜଣେ ନାବାଳିକା ଖେଳାଳି ମଧ୍ୟ ରହିଥିଲେ।

—ସରୋଜ କୁମାର ଜେନା

## ଆରୋପ ପ୍ରତ୍ୟାରୋପ

ବ୍ରିଜ୍‌ଭୂଷଣ ନିଜ କ୍ଷମତାର ଦୁରୁପଯୋଗ କରି ମହିଳା ଖେଳାଳିମାନଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି। ଏପରିକି ତାଙ୍କ ଜାଣତରେ ଅନ୍ୟ କିଛି କୋଚ୍ ଖେଳାଳିଙ୍କ ସହିତ ଏଭଳି କରିଥିବା ନେଇ ଖେଳାଳିମାନେ ଅଭିଯୋଗ ଆଣିଥିଲେ। ଏପରିକି ଏହି ଘଟଣା ସମ୍ପର୍କରେ ଅଭିଯୋଗ କରିବା ପରେ ଖେଳାଳିମାନଙ୍କୁ ହତ୍ୟା ଧମକ ମଧ୍ୟ ମିଳିଥିଲା। ଦେଶର ବିଭିନ୍ନ ରାଜନୈତିକ ଦଳ ଖେଳାଳିଙ୍କ ସମର୍ଥନରେ ବାହାରିଥିଲେ ମଧ୍ୟ ଭାଜପାର ଜଣେ ବି ମହିଳା ଏମ୍‌ପି ଯୋଗ ନ ଦେବା ପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଭାଜପା ଆଇଟି ସେଲ୍ ପକ୍ଷରୁ ଖେଳାଳିମାନଙ୍କ ଛବି ମଳିନ କରିବାକୁ ପ୍ରୟାସ କରାଯାଉଥିବା ନେଇ ଅଭିଯୋଗ ଆସିଥିଲା। ବଜରଙ୍ଗ ପୁନିଆ ବ୍ରିଜଭୂଷଣଙ୍କଠାରୁ ପୁରସ୍କାର ନେଉଥିବାର ଫଟୋକୁ ଭାଇରାଲ କରାଯାଇଥିଲା। ରେସ୍‌ଲରମାନେ ରାଜନୈତିକ ଦଳ ଓ ଜଣେ ବ୍ୟବସାୟୀଙ୍କ ଦ୍ୱାର ପରିଚାଳିତ ହୋଇ ଏଭଳି ମିଥ୍ୟା ଆରୋପ ଆଣିଥିବା ନେଇ ବ୍ରିଜଭୂଷଣ ଅଭିଯୋଗ କରିଥିଲେ। ଏହା ସହିତ ନ୍ୟାଶନାଲ ଟ୍ରାଏଲ୍ସ ନିୟମରେ ଡବ୍ଲ୍ୟୁଏଫ୍ଆଇ ଆଣିଥିବା ପରିବର୍ତ୍ତନକୁ ବିରୋଧ କରି କେବଳ ହରିୟାଣା ଓ ପଞ୍ଜାବର ରେସ୍‌ଲରମାନେ ଧାରଣାରେ ସାମିଲ ହୋଇଥିବା ସେ ଅଭିଯୋଗ କରିଥିଲେ। ଏହା ସହିତ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ମହାବୀର ଫୋଗତଙ୍କ ସମ୍ପୃକ୍ତି ଆଡକୁ ସେ ଇଙ୍ଗିତ କରିଥିଲେ। ଏହି ଧାରଣାରେ ସାମିଲ ଥିବା ସମସ୍ତ ରେସ୍‌ଲର ମହାବୀରଙ୍କ ଆଖଡାରେ ପ୍ରଶିକ୍ଷଣ ନିଅନ୍ତି। ଏଫ୍ଆଇଆର୍ ଦାଖଲ ହେବା ପରେ ମଧ୍ୟ ଖେଳାଳିମାନେ କାହିଁକି ଧାରଣାରେ ବସିଛନ୍ତି ବୋଲି ମଧ୍ୟ ବ୍ରିଜ୍‌ଭୂଷଣ ପ୍ରଶ୍ନ ଉଠାଇଥିଲେ।


ବ୍ରିଜ୍‌ଭୂଷଣ ଶରଣ ସିଂ

## ଘଟଣାକ୍ରମ

**ଜାନୁୟାରୀ ୧୮:** ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ରେସ୍‌ଲରମାନେ ଯନ୍ତର ମନ୍ତରରେ ଏକତ୍ରିତ ହୁଅନ୍ତି। ସଭାପତିଙ୍କ ଇସ୍ତଫା ଦାବି କରିବା ସହିତ ୭୨ ଘଣ୍ଟାର ସମୟ ଦିଅନ୍ତି।

**ଜାନୁୟାରୀ ୧୯:** ଭାଜପା ବିଧାୟକ ତଥା ପୂର୍ବତନ ରେସ୍‌ଲର ବବିତା ଫୋଗତ ରେସ୍‌ଲରମାନଙ୍କୁ ଭେଟିବା ସହିତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପ୍ରଦାନ କରନ୍ତି। ରବି ଦହିୟା, ଦୀପକ ପୁନିଆଙ୍କ ପରି ଖେଳାଳି ଏହି ଆନ୍ଦୋଳନରେ ସାମିଲ ହୁଅନ୍ତି। ସିପିଏମ୍ ନେତ୍ରୀ ବ୍ରିନ୍ଦା କରାତ ଖେଳାଳିଙ୍କୁ ଭେଟିବାକୁ ଆସିଥିବା ବେଳେ ଏହାକୁ ରାଜନୈତିକ ରଙ୍ଗ ନ ଦେବା ପାଇଁ ଖେଳାଳିମାନେ ଅନୁରୋଧ କରିଥିଲେ।

**ଜାନୁୟାରୀ ୨୦:** ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍(ଆଇଓଏ) ସଭାପତି ପି.ଟି. ଉଷା ଖେଳାଳିମାନଙ୍କୁ ଭେଟିବା ସହିତ ନ୍ୟାୟିକ ସହାୟତାର ପ୍ରତିଶ୍ରୁତି ଦିଅନ୍ତି।

**ଜାନୁୟାରୀ ୨୦:** ଏମ୍ ସି ମ୍ୟାରୀ କମ୍‌ଙ୍କ ନେତୃତ୍ୱରେ ଏକ ୭ ଜଣିଆ ଓଭର ସାଇଟ୍ କମିଟି ଗଠନ ହୁଏ।

**ଜାନୁୟାରୀ ୨୧:** କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରନ୍ତି ରେସ୍‌ଲର। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ବ୍ରିଜଭୂଷଣ ନିଜ ପଦରୁ ଦୂରେଇ ରହିବେ ବୋଲି ଠାକୁର ପ୍ରତିଶ୍ରୁତି ଦିଅନ୍ତି।

**ଜାନୁୟାରୀ ୨୧:** ଡବ୍ଲ୍ୟୁଏଫ୍ଆଇ ପକ୍ଷରୁ କ୍ରୀଡା ମନ୍ତ୍ରାଳୟକୁ ଦିଆଯାଇଥିବା ସ୍ପଷ୍ଟୀକରଣରେ କୌଣସି ପ୍ରକାରର ଯୌନ ଶୋଷଣ ଅଭିଯୋଗକୁ ଖାରଜ କରାଯାଇଥିଲା। ଏମିତି କୌଣସି ଘଟଣା ରିପୋର୍ଟ ହୋଇ ନ ଥିବା ସଂଘ କହିଥିଲା।

**ଜାନୁୟାରୀ ୨୧:** ଜରୁରିକାଳୀନ ବୈଠକ ଡାକିବା ସହିତ ଡବ୍ଲ୍ୟୁଏଫ୍ଆଇ ସହକାରୀ ସଚିବ ବିନୋଦ ତୋମାର ନିଲମ୍ବିତ।

**ଜାନୁୟାରୀ ୩୧:** ରେସ୍‌ଲରଙ୍କ ଅଭିଯୋଗ ପରେ ବବିତା ଫୋଗତ ଓଭର ସାଇଟ୍ କମିଟିରେ ସାମିଲ।

**ଫେବୃୟାରୀ ୨୩:** ଓଭର ସାଇଟ୍ କମିଟିର କାର୍ଯ୍ୟକାଳ ୨ ସପ୍ତାହ ବୃଦ୍ଧି।

**ଏପ୍ରିଲ୍ ୧୬:** ଏପ୍ରିଲ ୧୬ ତାରିଖରେ କମିଟି ରିପୋର୍ଟ ପ୍ରଦାନ କରିବା ପରେ ସରକାର ଏହାକୁ ସାର୍ବଜନୀନ କରି ନ ଥିଲେ। ମେ ୭ରେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ।

**ଏପ୍ରିଲ ୨୩:** ସାକ୍ଷୀ ମଲିକ, ବଜରଙ୍ଗ ପୁନିଆ ଓ ଭିନେଶ ଫୋଗତ ପୁଣି ଥରେ ଯନ୍ତର ମନ୍ତର ଧାରଣା ସ୍ଥଳକୁ ପ୍ରତ୍ୟାବର୍ତ୍ତନ କରନ୍ତି। ୭ ଜଣ ମହିଳା ଖେଳାଳି କନ୍ନଟ ପ୍ଲେସ୍ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏଫ୍ଆଇଆର୍ ରଖୁ ନ ଥିବା ଅଭିଯୋଗ ହୋଇଥିଲା।

**ଏପ୍ରିଲ୍ ୨୪:** କୌଣସି ଆନ୍ତଃ ବିଭାଗୀୟ ଯୌନ ନିର୍ଯାତନା ଅଭିଯୋଗ ଆସି ନ ଥିବାରୁ କ୍ରୀଡା ମନ୍ତ୍ରାଳୟ ମାମଲାକୁ ଖାରଜ କରିଥିଲା।

**ଏପ୍ରିଲ୍ ୨୫:** ଏଫ୍ଆଇଆର୍ ଦାଖଲକୁ ନେଇ ଖେଳାଳିମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ। ଏଫ୍ଆଇଆର୍ ପଞ୍ଜୀକରଣ ପାଇଁ ଦିଲ୍ଲୀ ପୋଲିସକୁ କୋର୍ଟଙ୍କ ନିର୍ଦ୍ଦେଶ।

**ଏପ୍ରିଲ୍ ୨୭:** ଆଇଓଏ ପକ୍ଷରୁ ପି.ଟି. ଉଷାଙ୍କ ନେତୃତ୍ୱରେ ୩ ଜଣିଆ ଆଡ ହକ୍ ପ୍ୟାନେଲ ଗଠିତ। ଧାରଣାରତ ରେସ୍‌ଲରମାନେ ସାମାନ୍ୟ ଶୃଙ୍ଖଳା ଦେଖାଇବା ଉଚିତ ବୋଲି କହିଥିଲେ ପି.ଟି. ଉଷା। ରାସ୍ତାକୁ ଓହ୍ଲାଇବା ପୂର୍ବରୁ ଆଇଓଏର ପରାମର୍ଶ ନେବା ଉଚିତ ଥିଲା।

**ଏପ୍ରିଲ୍ ୨୮:** ଦିଲ୍ଲୀ ପୋଲିସ ଏଫ୍ଆଇଆର୍ ଲଞ୍ଚ କରିବା ପରେ ସୁପ୍ରିମକୋର୍ଟ ମାମଲା ପରିଚାଳନା ବନ୍ଦ କରିବା ସହିତ ଖେଳାଳିମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିଥିଲେ।

**ଏପ୍ରିଲ ୨୮:** ସର୍ବୋଚ୍ଚ କୋର୍ଟଙ୍କ ନିଷ୍ପତ୍ତି ପରେ ମଧ୍ୟ ଖେଳାଳିମାନଙ୍କ ଧାରଣା ଜାରି। ବ୍ରିଜଭୂଷଣ ଗିରଫ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଖେଳାଳିଙ୍କ ମତ।

# ଶୁଟିଂ ସେନ୍‌ସେଶନ

ଭାରତର ନୂଆ ଶୁଟିଂ ସେନ୍‌ସେଶନ ଭାବେ ଉଭା ହୋଇଛନ୍ତି ଟିନ୍‌ଏଜର ରିଦମ୍ ସାଙ୍ଗୱାନ। ନିକଟରେ କାଇରୋରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ବିଶ୍ୱକପର ମିକ୍ସଡ ଟିମ୍ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ସାଥୀ ଶୁଟରଥିଲେ ବରୁଣ ତୋମାର। ୨୦୦୩ ନଭେମ୍ବର ୨୯ରେ ଦିଲ୍ଲୀରେ ଜନ୍ମିତ ରିଦମ୍‌ଙ୍କୁ ଏବେ ୧୯ ବର୍ଷ। ମାତ୍ର ଏହା ମଧ୍ୟରେ ସେ ଅନେକ ସଫଳତା ହାସଲ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ଜଣେ ଭାରତୀୟ ପିସ୍ତଲ ଶୁଟରଭାବେ ପରିଚିତ ରିଦମ୍ ସାଧାରଣତଃ ୧୦ ମିଟର ଓ ୨୫ ମିଟର ଏୟାର ପିସ୍ତଲ ଏବଂ ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ସେ ଉଭୟ ଜୁନିୟର ଓ ସିନିୟର ସ୍ତରରେ ଶୁଟିଂ ବିଶ୍ୱକପରେ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ୨୦୨୧ରେ ଶୁଟିଂକୁ ସିରିୟସଭାବେ ନେଇଥିବା ଏହି ପ୍ରତିଭାସମ୍ପନ୍ନ ଶୁଟର ଏହା ମଧ୍ୟରେ ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ଆଇଏସ୍ଏସ୍ଏଫ୍ ବିଶ୍ୱକପରେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ ଏବଂ ଜୁନିୟର ବିଶ୍ୱକପରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିସାରିଛନ୍ତି। ଫଳରେ ତାଙ୍କର ମୋଟ ପଦକ ସଂଖ୍ୟା ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜରେ ପହଞ୍ଚିଛି। ୨୦୨୨ରେ ସେ ଅନେକ ସଫଳତା ପାଇଥିଲେ। ଏହା ମଧ୍ୟରେ ଆଇଏସ୍ଏସ୍ଏଫ୍ ବିଶ୍ୱକପର ୨୫ ମିଟର ପିସ୍ତଲ ମହିଳା ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ, ୨୫ ମିଟର ର୍‍ୟାପିଡ୍ ଫାୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ, ୧୦ ମିଟର ଏୟାର ପିସ୍ତଲ ମହିଳା ଟିମ୍‌ରେ ରୌପ୍ୟ, ୨୫ ମିଟର ର୍‍ୟାପିଡ ଫାୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ସାମିଲ। ଏହା ବ୍ୟତୀତ ସେ ୨୦୨୨ ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍ ୧୦ ମିଟର ଏୟାର ପିସ୍ତଲ ଇଣ୍ଡିଭିଜୁଆଲ ଇଭେଣ୍ଟରେ ସ୍ୱର୍ଣ୍ଣ ଏବଂ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୧ରେ ଲିମାଠାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଶୁଟିଂ ଚାମ୍ପିୟନଶିପ୍‌ର ବିଭିନ୍ନ ଇଭେଣ୍ଟରେ ସେ ୪ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।



ରିଦମ୍ ସାଙ୍ଗୱାନ

# ଚର୍ଚ୍ଚାରେ ହୋଲ୍‌ଗର

**ଅନ୍ତର୍ଜାତୀୟ ସ୍ତରରେ ଏବେ ଅନେକ ଟେନିସ ପ୍ରତିଭା ବିଶ୍ୱର ନାମୀଦାମୀ ଖେଳାଳିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବାରେ ଲାଗିଛନ୍ତି। ଏପରି କିଛି କରିସ୍ମା ପାଇଁ ଏବେ ଚର୍ଚ୍ଚାକୁ ଆସିଛନ୍ତି ଡେନ୍‌ମାର୍କର ହୋଲ୍‌ଗର ରୁନ୍। ଇଟାଲିଆନ ଓପନ ଟେନିସ୍‌ର କ୍ୱାର୍ଟର ଫାଇନାଲରେ ସେ ୨୨ଥର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ୍ ଜୋକୋଭିଚ୍‌ଙ୍କୁ ହରାଇ ଦେଇଛନ୍ତି।**

ଅନ୍ତର୍ଜାତୀୟ ସ୍ତରରେ ଏବେ ଅନେକ ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ବିଶ୍ୱର ନାମୀଦାମୀ ଖେଳାଳିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବାରେ ଲାଗିଛନ୍ତି। ଏପରି କିଛି କରିସ୍ମା ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି ଡେନମାର୍କର ହୋଲଗର ରୁନ୍। ରୋମରେ ଚାଲିଥିବା ଇଟାଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ସେ ବିଶ୍ୱର ୨ ନମ୍ବର ଖେଳାଳି ନୋଭାକ୍ ଜୋକୋଭିଚ୍‌ଙ୍କୁ ହରାଇ ଦେଇଛନ୍ତି। ୨୦ ବର୍ଷୀୟ ରୁନ୍ ଟେନିସର ପ୍ରାୟ ପ୍ରତ୍ୟେକ ବିଭାଗରେ ବେଶ୍ ଦକ୍ଷ। ଶାରୀରିକଭାବେ ବେଶ୍ ଫିଟ୍‌ଥିବା ରୁନ୍ ଉଭୟ ଫୋର୍‌ହ୍ୟାଣ୍ଡ ଓ ବ୍ୟାକ୍‌ହ୍ୟାଣ୍ଡ ଶଟ୍ ଖେଳିବାରେ ମାହିର। ସମ୍ଭବତଃ ସେଥିପାଇଁ ଜୋକୋଭିଚ୍‌ଙ୍କ ଭଳି ଜଣେ ଚାମ୍ପିୟନ ଖେଳାଳି ତଥା ୨୨ଥର ଗ୍ରାଣ୍ଡସ୍ଲାମ ଟାଇଟଲ ବିଜେତାଙ୍କୁ ସେ ୬ ମାସ ମଧ୍ୟରେ ୨ ଥର ହରାଇବାରେ ସକ୍ଷମ ହୋଇଛନ୍ତି। ୨୦୨୨ ନଭେମ୍ବରରେ ସେ ପ୍ୟାରିସ ମାଷ୍ଟର୍ସରେ ମଧ୍ୟ ଜୋକୋଭିଚ୍‌ଙ୍କୁ ପରାଜୟ ସ୍ୱାଦ ଚଖାଇଥିଲେ। ରୁନ୍‌ଙ୍କ ଖେଳରେ ବେଶ୍ ପ୍ରଭାବିତ ହୋଇଛନ୍ତି ଜୋକୋଭିଚ୍। "ସେ ଜଣେ ବହୁତ ଫାଷ୍ଟ, କ୍ୱିକ୍, ବିଚକ୍ଷଣ ପ୍ରତିଭାସମ୍ପନ୍ନ ଏବଂ ଅଲ୍‌ରାଉଣ୍ଡର" ବୋଲି ଜୋକୋଭିଚ୍ ମତବ୍ୟକ୍ତ କରିଛନ୍ତି। ଟେନିସ ଜଗତରେ ବିଗ୍ ଥ୍ରୀ ସର୍ବୟାର ଜୋକୋଭିଚ୍, ସ୍ପେନ୍‌ର ରାଫାଲ ନାଡାଲ ଓ ସୁଇଜରଲାଣ୍ଡର ରୋଜର ଫେଡରର ପାଖାପାଖି ୨ ଦଶନ୍ଧିଧରି ରାଜୁତି କରିଆସୁଛନ୍ତି। ମାତ୍ର ବୟସର ଛାପ ଏବଂ ଆହତ ସମସ୍ୟା ଏବେ ଅନ୍ୟ ପ୍ରତିଭାଧର ଖେଳାଳିଙ୍କ ପାଇଁ ବାଟ ଖୋଲିଦେଇଛି। ଆହତଥିବାରୁ ନାଡାଲ ରୋମ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ଫଳରେ ଦୀର୍ଘ ୧୯ ବର୍ଷରେ ପ୍ରଥମଥରପାଇଁ ରୋମ୍ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ନାଡାଲ କିମ୍ବା ଜୋକୋଭିଚ୍‌ଙ୍କୁ ଦେଖିବାକୁ ମିଳିବ ନାହିଁ। ନୂଆ ପିଢ଼ି ନିଜର ଉପସ୍ଥିତି ଜାହିର କରି ସାରିଛନ୍ତି। ୨୦ ବର୍ଷୀୟ ସ୍ପେନ୍‌ର କାର୍ଲୋସ ଆଲ୍‌କାରାଜ ବିଶ୍ୱର ନମ୍ବରୱାନ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଏହାକୁ ନିଜେ ଜୋକୋଭିଚ୍ ସ୍ୱୀକାର କରିଛନ୍ତି।


ହୋଲଗର ରୁନ୍

## ଡିଫରେଣ୍ଟ

ଚଳିତ ବର୍ଷଠୁ ଫ୍ରେଞ୍ଚ୍ ଓପନ ଟେନିସ
ପୁରସ୍କାର ରାଶି ବଢ଼ି
ଚାରି ଶହ ଛୟାଳିଶ କୋଟି କଲା
କମ୍ପାନୀ ମ୍ୟାନେଜିଂ ବଡି
ଏକକ ହେଉ କି ଯୋଡ଼ି
ପୁରୁଷ ମହିଳା ସିଙ୍ଗଲ୍ସ ବିଜେତାଙ୍କୁ
ଏକୋଇଶ କୋଟି ରେଡି।

ଆଇପିଏଲ୍‌ର ସିଏସ୍‌କେ ବିପକ୍ଷ
କେକେଆର ମ୍ୟାଚ ଅନା
କ୍ୟାପଟେନ ନୀତୀଶ ରାଣାଙ୍କୁ ଚବିଶ
ଲକ୍ଷ ଟଙ୍କା ଜରିମାନା
ମ୍ୟାଚ ଦେଖି ଆନମନା
ଫ୍ୟାନଭାବେ ଏଠି ଲକ୍ଷ କୋଟିଟଙ୍କା
କେଡ଼େ ସାଧାରଣ ସିନା!

ଦେଶକୁ ସୁଷମ ଖାଦ୍ୟ ଯୋଗାଉଛି
ଚାଷୀ ଦିନରାତି ଖଟି
ସୁନାର ସଂସାର ଗଢ଼େ ଶ୍ରମିକଟି
ନିଜେ ରହେ ହୋଇ ମାଟି
ପାଠ ପଢ଼ି ବେଟା ବେଟି
ଲୋନ୍‌ଟିଏ ପାଇଁ ବ୍ୟାଙ୍କ୍ ଧାଇଁଧାଇଁ
ଏକ୍ ଯାଏ ପାଦେ ଚୁଟି।

—ସୁବାସ ଚନ୍ଦ୍ର ପ୍ରଧାନ

# ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୧୯/୨୦୨୩ | Bhubaneswar, Friday, May 19/ 2023


## ଆକରମାନ ଜିତିଲେ ୧୧ଶ ଷ୍ଟେଜ୍

**ରୋମ୍, ୧୮।୫:** ବିଶ୍ୱର ଅନ୍ୟତମ ସମ୍ମାନଜନକ ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୧ଶ ଷ୍ଟେଜ୍ ବିଜେତା ହୋଇଛନ୍ତି ଜର୍ମାନୀର ପାସ୍କାଲ ଆକରମାନ। ଏହା ପ୍ରତିଯୋଗିତାର ହିଲ୍ ଷ୍ଟେଜ୍ ଥିଲା। କାମାଓରେଠାରୁ ଟୋର୍ଟୋନା ପର୍ଯ୍ୟନ୍ତ ଏହା ୨୧୯ କିଲୋମିଟର ବିଶିଷ୍ଟ ଥିଲା। ଏହି ଦୂରତାକୁ ୟୁଏଇ ଟିମ୍ ଏମିରେଟ୍ସ ରାଇଡର ଆକରମାନ ୫ ଘଣ୍ଟା ୯ ମିନିଟ ୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଇଟାଲିର ଜୋନାଥନ ମିଲାନ ଓ ଗ୍ରେଟ ବ୍ରିଟେନର ମାର୍କ କାଭେଣ୍ଡିସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ୧୧ଶ ଷ୍ଟେଜ ଶେଷସୁଦ୍ଧା ଗ୍ରେଟ ବ୍ରିଟେନର ଇନିଅସ ଗ୍ରେନାଡିର୍ସ ଟିମ୍ ରାଇଡର ଓଭରଅଲ୍ ଅଗ୍ରଣୀ ହାସଲ କରିଛନ୍ତି। ସ୍ଲୋଭେନିଆର ପ୍ରିମୋଜ ରଗ୍‌ଲିକ୍ ଦ୍ୱିତୀୟ ଓ ପର୍ତ୍ତୁଗାଲର ଜୋଆଓ ଆଲ୍‌ମେଡା ତୃତୀୟ ସ୍ଥାନରେ ରହିଛନ୍ତି। ପୂର୍ବରୁ ସ୍କାଣ୍ଡିଆନୋଠାରୁ ଭିରେଜିଓ ପର୍ଯ୍ୟନ୍ତ ୧୯୬ କିଲୋମିଟର ବିଶିଷ୍ଟ ୧୦ମ ଷ୍ଟେଜ ବିଜେତା ହୋଇଥିଲେ ଡେନ୍ମାର୍କର ମ୍ୟାଗ୍ନସ କୋର୍ଟ। ଏଥିରେ କାନାଡ଼ାର ଡେରେକ୍ ଗି' ଓ ଇଟାଲିର ଆଲେସାଣ୍ଡ୍ରୋ ଡି' ମାର୍ଚି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ' ୧୯/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, May 19/2023 Page 20 ₹ 7.00



**ପୂର୍ଣ୍ଣିମାଙ୍କୁ ରୌପ୍ୟ ପଦକ**

ଫେଡେରେଶନ୍ କପ୍ ଆଥଲେଟିକ୍ସର ହେପ୍ଟାଥଲନ ଇଭେଣ୍ଟରେ ପୂର୍ଣ୍ଣିମା ହେମ୍ବ୍ରମଙ୍କୁ ରୌପ୍ୟ ପଦକ।

୦୫

୦୮

**ମୋନିକା ଖେଳିଲେ ୨୦୦ତମ ମ୍ୟାଚ**

ଅଷ୍ଟ୍ରେଲିଆ ବିପକ୍ଷରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଭାରତୀୟ ମହିଳା ହକି ତାରକା ମୋନିକା ମଲିକ।



# ପୁରୀରୁ ଗଡ଼ିଲା ବନ୍ଦେ ଭାରତ ଏକ୍ସପ୍ରେସ୍

- ଭର୍ଚୁଆଲରେ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ
- ଖୁବ୍‌ଶୀଘ୍ର ଓଡ଼ିଶାରେ ଚାଲିବ ବନ୍ଦେ ମେଟ୍ରୋ: ଅଶ୍ୱିନୀ
- ଓଡ଼ିଶାରେ ଆଉ ୨ଟି ବନ୍ଦେ ଭାରତ ଚଳାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଦାବି



ପୁରୀଠାରେ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପିତ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ଉପସ୍ଥିତ ଅଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ (ଭର୍ଚୁଆଲ), ରେଳମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଅନ୍ୟ ଅତିଥିବୃନ୍ଦ।

**ପୁରୀ ଅଫିସ,୧୮।୫**

ବହୁପ୍ରତୀକ୍ଷିତ ବନ୍ଦେ ଭାରତ ଏକ୍ସପ୍ରେସ ଓଡ଼ିଶା ଓ ପଶ୍ଚିମବଙ୍ଗ ଲୋକଙ୍କ ପାଇଁ ଗୁରୁବାର ଲୋକାର୍ପିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲରେ ଯୋଗଦେଇ ପୁରୀରୁ ଏହି ଅତ୍ୟାଧୁନିକ ଟ୍ରେନର ଶୁଭାରମ୍ଭ କରିଛନ୍ତି। ଏହା ସହ ଓଡ଼ିଶାକୁ ୮୨୦୦ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି। ପୁରୀ ଓ କଟକ ରେଳ ଷ୍ଟେଶନ ନବୀକରଣ ପାଇଁ ଶିଳାନ୍ୟାସ କରିଛନ୍ତି। ରାଜ୍ୟରେ ୧୦୦% ରେଳ ନେଟୱର୍କର ବିଦ୍ୟୁତ୍‌କରଣ ମଧ୍ୟ ଲୋକାର୍ପିତ ହୋଇଛି। ସମ୍ବଲପୁର-ଟିଟିଲାଗଡ଼ ରେଳ ଲାଇନ୍‌ର ଡବଲିଂ, ଅନୁଗୋଳ- ସୁକିନ୍ଦା ନୂଆ ରେଳ ଲାଇନ, ମୋହନପୁର- ରାଉରକେଲା ଝାରସୁଗୁଡା ମଧ୍ୟରେ ତୃତୀୟ ଲାଇନ ଆଦି କାର୍ଯ୍ୟର ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବନ୍ଦେ ଭାରତ ଏକ୍ସପ୍ରେସର ଫ୍ଲାଗ ଅଫ୍ କରିଥିଲେ। ଏହି ଅବସରରେ ଜୟ ଜଗନ୍ନାଥ କହି ଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ- ଆଜି ଓଡ଼ିଶା ଓ ପଶ୍ଚିମବଙ୍ଗ ଲୋକଙ୍କୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଉପହାର ମିଳିଲା। ଏହି ଟ୍ରେନ ଚାଲିବା ଦ୍ୱାରା କୋଲକାତା ଯାତ୍ରା କେବଳ ସାଢ଼େ ୬ ଘଣ୍ଟା ଲାଗିବ। ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଆହୁରି ଘନିଷ୍ଠ ହେବ। ଏହାଦ୍ୱାରା ସମୟ ବଞ୍ଚିବ ଓ ବ୍ୟବସାୟ ବି ବଢ଼ିବ ବୋଲି କହିଥିଲେ। ଆହୁରି ସେ କହିଥିଲେ, ଖୁବ୍‌ଶୀଘ୍ର ପୁରୀ ଓ କଟକ ରେଳ ଷ୍ଟେଶନର ନବୀକରଣ ହେବ। ଡବଲ ରେଳ ଲାଇନ ବ୍ୟବସ୍ଥା ହେବ। ୧୦୦% ରେଳ ନେଟୱର୍କର ବିଦ୍ୟୁତ୍‌କରଣ ହେବା ନିଶ୍ଚିତ ଖୁସିର ବିଷୟ। ବନ୍ଦେ ଭାରତ ଟ୍ରେନ ଦେଶ ବିକାଶର ଇଞ୍ଜିନ ଭଳି କାମ କରିବ। ବନ୍ଦେ ଭାରତ ବଙ୍ଗଳା ଓ ଓଡ଼ିଶା ମଧ୍ୟରେ ଥିବା ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବ। ଗତ ୮-୯ ବର୍ଷ ଭିତରେ ଓଡ଼ିଶାର ରେଳ ବଜେଟ ଅନେକ ବଢ଼ିଛି। ୧୦ ବର୍ଷ ତଳେ ବାର୍ଷିକ ☞ପୃଷ୍ଠା-୪

# ମେଘୱାଲ କେନ୍ଦ୍ର ଆଇନ ମନ୍ତ୍ରୀ

**ନୂଆଦିଲ୍ଲୀ, ୧୮।୫ (ପି.ଟି.)**



ଅର୍ଜୁନ ରାମ ମେଘୱାଲ



କିରେନ ରିଜିଜୁ

୨୦୨୪ ସାଧାରଣ ନିର୍ବାଚନକୁ ଆଉ ବର୍ଷେ ଥିବାବେଳେ କେନ୍ଦ୍ର କ୍ୟାବିନେଟ୍‌ରେ ଗୁରୁବାର ଛୋଟ ଧରଣର ଅଦଳବଦଳ ହୋଇଛି। ଆଇନ ମନ୍ତ୍ରୀ କିରେନ ରିଜିଜୁଙ୍କ ସ୍ଥାନରେ ଅର୍ଜୁନ ରାମ ମେଘୱାଲଙ୍କୁ ନୂଆ ଆଇନ ମନ୍ତ୍ରୀ କରାଯାଇଛି। ରିଜିଜୁ ଭୂବିଜ୍ଞାନ ବିଭାଗ ସମ୍ଭାଳିବେ। ପୂର୍ବରୁ ଏହି ବିଭାଗ ଜିତେନ୍ଦ୍ର ସିଂଙ୍କ ଅଧୀନରେ ଥିଲା। ମେଘୱାଲ ସଂସଦୀୟ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଥିବାବେଳେ ତାଙ୍କୁ ଏହା ସହିତ ଅତିରିକ୍ତ ଭାବେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ୱାଧୀନ ଦାୟିତ୍ୱ ମିଳିଛି। ପ୍ରଥମ ଥର ପାଇଁ ଜଣେ ଆଇନ ମନ୍ତ୍ରୀଙ୍କୁ କ୍ୟାବିନେଟ

**ନ୍ୟାୟପାଳିକା ସହ ବିବାଦ ରିଜିଜୁଙ୍କୁ ଭାରି ପଡ଼ିଲା**

ପାହ୍ୟା ମିଳିନାହିଁ। ଆଇନ ରାଷ୍ଟ୍ରମନ୍ତ୍ରୀ ଥିବା ପ୍ରଫେସର ଏସ୍.ପି. ବଘେଲଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମନ୍ତ୍ରୀମାନଙ୍କୁ ନୂଆ ବିଭାଗ ପ୍ରଦାନ କରିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ରିଜିଜୁ ବାରମ୍ବାର ନ୍ୟାୟପାଳିକାକୁ ସମାଲୋଚନା କରିଆସୁଥିଲେ। ☞ପୃଷ୍ଠା-୪

# ବଢ଼ୁଛି ଅଟ୍ଟାଳିକା ଭାର, ଦବୁଛି ମାନ୍‌ହାଟନ୍

**ନ୍ୟୁୟର୍କ, ୧୮।୫**



ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ନଭଶ୍ଚୁମ୍ବି ଅଟ୍ଟାଳିକା ପାଇଁ ନ୍ୟୁୟର୍କ ଖୁବ୍ ଖ୍ୟାତ। କିନ୍ତୁ ଯେଉଁ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଧାଇଁ ଆସୁଛନ୍ତି, ତା'ପାଇଁ ନ୍ୟୁୟର୍କ ସହରର ସର୍ବାଧିକ ଜନବସତିପୂର୍ଣ୍ଣ ଅଞ୍ଚଳ ମାନ୍‌ହାଟନ ଧୀରେ ଧୀରେ ଦବିବାରେ ଲାଗିଛି। ଆମେରିକୀୟ ଭୌଗୋଳିକ ସର୍ଭେ ଏବଂ ୟୁନିଭର୍ସିଟି ଅଫ୍ ରୋଡେ ଆଇଲ୍ୟାଣ୍ଡର ଭୂବିଜ୍ଞାନୀମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁସାରେ, ବିରାଟକାୟ ବିଲ୍ଡିଂର ଓଜନ ବଢ଼ିବା ଯୋଗୁ ଭବିଷ୍ୟତରେ ଏହି ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯିବ। ☞ପୃଷ୍ଠା-୪




FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com. Authorised Main Dealers: BHUBANESWAR: 3S TVS, Ph: 8860629978, Rita TVS, Ph: 9827133318, Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371. PURI: Modern TVS, Ph: 7978707757, 7440002101; CUTTACK: Sai Durga TVS, Ph: 9937117562, Arnapurna TVS, Ph.: 9778422980,. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE: Sasmita TVS, Ph: 8860793803; JAGATSINGHPUR: Gita TVS, Ph: 06724-222717, 7788901717. **Authorised Dealers:** Gothopatna:Ph:8249710415,Nachuni: Ph: 9337788799, Tomando: Ph: 7008905034, Balipatna: Ph: 9776036999, Jatani: Ph: 7978421266, Balugaon: Ph: 9937886712, Nirakarpur: Ph:9658971360, CRP Square, Bhubaneswar: Ph: 9337022334, Baghamari: Ph: 9437015363, Erasama: Ph: 7978497028, Naugoan: Ph: 8339939725, Krushnanandapur: Ph: 9237066573, Balitutha: Ph: 7894845878, Dasapalla: Ph: 9437354285, Rohibank: Ph: 9777737177, Kalapathar: Ph: 9937844941, Ranpur: Ph: 9778520193, Khandapada: Ph: 7008659421, Purunakatak: Ph: 9439071610, Chandpur: Ph: 9337112565, Raj Sunakhela: Ph: 9437637421, Narasinghpur: Ph: 9658410027, Odogaon: Ph: 98619 11414, Pipili: Ph: 9861150706, Sakhigopal: Ph: 9861150706, Nimapara: Ph: 7381765800, Delang: Ph: 9090214582, Brahmagiri: Ph: 8480928882, 6370937155, Chari Chowk: Ph: 8327783765, Paradeep: Ph: 9937472707, Athagarh: Ph: 9853429148, Abhimanpur Post: Ph:9937019555, Banki: Ph: 9437666687, Badamba: Ph: 9337135769, Niali: Ph: 9437307967, Kandarpur: Ph: 9090098000, Jagatpur: Ph: 9337268787, Phulnakhara: Ph: 9437037344, Salepur: Ph: 8018556514 Nischintakoili: Ph: 9337438686, Tangi: Ph: 9437270482, Pattamundai: Ph: 9938602209, Marshaghai: Ph: 9938837705, Rajnagar: Ph: 9439650236, Rajkanika: Ph:7978903410, Chandbali: Ph:9238514769, Basudevpur: Ph: 8249905878, Balichandrapur: Ph: 7978388298, Brahmabarada: Ph: 7894020786, Raipur: Ph: 9937963372, Mangalpur: Ph: 9853486660, Bari: Ph: 9437510237, Binjharpur: Ph: 9090503379. Kuakhia: Ph: 9348035630, Singhpur: Ph: 9040646458

McCann/Blr/Tvs/70/05/23

# ଉତ୍ସାହ ଭରିଲା ପରୀକ୍ଷାଫଳ

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଫଳ ପ୍ରକାଶ ପରେ ରାଜଧାନୀର ବିଭିନ୍ନ ସରକାରୀ ଓ ଘରୋଇ ବିଦ୍ୟାଳୟରେ ପିଲାଙ୍କ ଭିଡ଼ ଜମିଥିଲା। ଗତବର୍ଷ ତୁଳନାରେ ପାସ୍ ହାର ବଢ଼ିଥିବାରୁ ସବୁଆଡ଼େ ଉତ୍ସାହ ଦେଖିବାକୁ ମିଳିଥିଲା। ପରସ୍ପରକୁ ମିଠା ଖୁଆଇ ଛାତ୍ରୀଛାତ୍ର ଓ ଅଭିଭାବକ ଖୁସି ବାଣ୍ଟିଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟରେ ସର୍ବାଧିକ ମାର୍କ ରଖି ପ୍ରଥମ ସ୍ଥାନରେ ରହିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କ୍ରମରେ ପିଲାମାନେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନ ପାଇଁ ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି।



ମାଟ୍ରିକ୍ ରେଜଲ୍ଟ ଗୁରୁବାର ପ୍ରକାଶ ପାଇବା ପରେ କିସ୍‌ରେ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ବିଦ୍ୟାଳୟରେ ପ୍ରଥମ ହେବା ମୋ ପାଇଁ ଗୌରବର ବିଷୟ



ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିବା ମୋ ପାଇଁ ଗୌରବର ବିଷୟ। ବାପା ସମୀର ପଟ୍ଟନାୟକ ଏବଂ ମା' ସଙ୍ଗୀତା ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ମୁଁ ପଢ଼ାପଢ଼ି କରେ। ୯୪.୩୩ ପ୍ରତିଶତ ମାର୍କ ରଖିଛି। ଏଥିପାଇଁ ସ୍କୁଲ ଓ ଟ୍ୟୁଶନ ବ୍ୟତୀତ ଘରେ ୫ରୁ ୬ଘଣ୍ଟା ପଢ଼ାପଢ଼ି କରୁଥିଲି। ସମୟ ଅପଚୟ ନ କରି ଖାଲି ସମୟରେ ଶ୍ରୀମଦ୍ ଭଗବଦ୍ ଗୀତା ପାଠ କରେ। ଆଗକୁ ଭଲ କଲେଜରେ ବିଜ୍ଞାନ ପଢ଼ିବାର ଇଚ୍ଛା ଅଛି। ଏହାପରେ ଗୁରୁଜନଙ୍କ ମାର୍ଗଦର୍ଶନରେ ଆଗକୁ ବଢ଼ିବି।

- ମୋହିତ ପଟ୍ଟନାୟକ, ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର

## ବିଜ୍ଞାନ ପଢ଼ିବା ସହ ନିଟ୍ କିମ୍ବା ଜେଇଇ ପାଇଁ ପ୍ରସ୍ତୁତି କରିବି



ଏସ୍‌ଏ-୧ରେ ଟିକେ ଖରାପ ହୋଇଥିଲା । ସେଥିପାଇଁ କିଛି ମାର୍କ କମିଛି। ତଥାପି ୯୧ ପ୍ରତିଶତ ମାର୍କ ରହିଛି। ମୁଁ ଖୁସି ଅଛି। ବିଜେବି କଲେଜରେ ଯୁକ୍ତ ୨ ବିଜ୍ଞାନ ପଢ଼ିବା ସହ ନିଟ୍ କିମ୍ବା ଜେଇଇ ପାଇଁ ପ୍ରସ୍ତୁତି କରିବି। ସଫଳତା ପଛରେ ବାପା ତାରା ପ୍ରସାଦ ସାହୁ ଓ ମା' ରୀତାଞ୍ଜଳି ସାହୁଙ୍କ ଆଶୀର୍ବାଦ ଏବଂ ଗୁରୁମା ଗୁରୁଜୀଙ୍କ ସହଯୋଗ ରହିଛି।

- ପ୍ରତୀକ ସାହୁ, ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାମନ୍ଦିର

## ଆଇଆଇଟିରେ ପଢ଼ିବା ସହ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ



୬୦୦ରୁ ମୋଟ ୫୭୮ ମାର୍କ ରଖିପାରିଛି। ଟ୍ୟୁଶନ ସାର୍ ଓ ଗୁରୁମାଗୁରୁଜୀଙ୍କୁ ସଫଳତାର ଶ୍ରେୟ ଦେବି। ଆମେ ନିଜେ ପରିଶ୍ରମ କରିବା ଆବଶ୍ୟକ। ବାପା ମନୋରଞ୍ଜନ କର ଓ ମା' ସୁନୀତା କର ମୋର ମାର୍ଗଦର୍ଶକ। ଆଗକୁ ଆଇଆଇଟିରେ ପଢ଼ିବା ସହ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛି।

- ଓମ୍ ପ୍ରକାଶ କର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮

## ବିଦ୍ୟାଳୟରେ ପ୍ରଥମ ହୋଇଥିବାରୁ ବହୁତ ଖୁସି ଲାଗୁଛି

ମୁଁ ଦିନକୁ ୧୦ରୁ ୧୨ ଘଣ୍ଟା ପଢ଼ାପଢ଼ି କରୁଥିଲି। ୯୫.୮୩ ପ୍ରତିଶତ ମାର୍କ ରଖି ମୁଁ ସ୍କୁଲରେ ପ୍ରଥମ ସ୍ଥାନରେ ରହିଥିବାରୁ ବହୁତ ଖୁସି ଲାଗୁଛି। ଏସଏ-୨ରେ କିଛି ମାର୍କ କମ୍ ରହିଥିଲା ସେଥିପାଇଁ ମୋଟ ମାର୍କ କିଛି କମିଛି। ଆଗକୁ ଅଧିକ ପରିଶ୍ରମ କରିବି। ନାଇଜର କିମ୍ବା ଆଇଜରରେ ପଢ଼ିବା ପାଇଁ ଇଚ୍ଛା ରହିଛି। ବାପା ସଚ୍ଚିଦାନନ୍ଦ ଦାଶ ଏବଂ ମା' ଗାୟତ୍ରୀ ଦାଶ ମୋତେ ସବୁବେଳେ ସହଯୋଗ କରିଆସିଛନ୍ତି। ଗୁରୁଜୀଗୁରୁମାଙ୍କ ଆଶୀର୍ବାଦ ବିନା ଏହା ସମ୍ଭବ ହୋଇପାରିନଥା'ନ୍ତା।



- ଦୀକ୍ଷା ଦାଶ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧର୍ମବିହାର

## କେଉଁ ଆସେସ୍‌ମେଣ୍ଟରେ କେତେ ମାର୍କ ରହିଲା ବୋର୍ଡ ସ୍ପଷ୍ଟ କରୁ



ଚଳିତ ବର୍ଷ ମାଟ୍ରିକ ଫଳାଫଳକୁ ବିଚାରକୁ ନେଲେ ସ୍ପଷ୍ଟ ଭାବେ କୁହାଯାଇପାରିବ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବାତ୍ମକ ପରିବର୍ତ୍ତନ ଘଟିଛି। ଦୁଇବର୍ଷ ମଧ୍ୟରେ ସରକାର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୧୨ହଜାରରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି କରିବା ଦ୍ୱାରା ଏହା ଛାତ୍ରଛାତ୍ରୀଙ୍କୁ ଲାଭ ଦେଇଛି। ଏହାଛଡ଼ା ୫-ଟିରେ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ମିଳୁଥିବା ସୁବିଧାକୁ ଛାତ୍ରୀଛାତ୍ରମାନେ ଠିକ ଉପଯୋଗ କରିପାରିଛନ୍ତି। ଏହି ପରୀକ୍ଷା ପଦ୍ଧତି ବଳବତ୍ତର ରହୁ, ପଦ୍ଧତିରେ ବାରମ୍ବାର ପରିବର୍ତ୍ତନ କରା ନ ଯାଉ। ସେହିପରି କେଉଁ ଆସେସମେଣ୍ଟରେ ଛାତ୍ରୀଛାତ୍ରଙ୍କୁ କେତେ ମାର୍କ ମିଳିଲା ତାହା ବୋର୍ଡ ତରଫରୁ ସ୍ପଷ୍ଟ କରାଯାଉ।

- ପ୍ରଦୀପ୍ତ କୁମାର ପ୍ରଧାନ, ସଭାପତି, ଏନ୍‌ପିଏସ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ

## ଖରାପ ପ୍ରଦର୍ଶନ କରିଥିବା ପିଲା ପରିଶ୍ରମ ଜାରି ରଖନ୍ତୁ



ଚଳିତବର୍ଷ ପରୀକ୍ଷାଫଳ ବହୁତ ଭଲ ହୋଇଛି। ସିବିଏସ୍‌ଇ ଦଶମ ପିଲାଙ୍କ ପାସ୍ ହାର୍ ୯୩ ପ୍ରତିଶତ ରହିଥିବାବେଳେ ଆମ ଓଡ଼ିଶାର ବୋର୍ଡ ରେଜଲ୍ଟ ୯୬.୦୪ ହୋଇଛି। ମାତ୍ର ଗତ ବର୍ଷ ତୁଳନାରେ ପିଲାମାନେ ଖରାପ ପ୍ରଦର୍ଶନ କରିଥିଲେ। ଗତବର୍ଷ ୮୧୧୯ ପିଲା ଏ-୧ ଗ୍ରେଡ୍ ପାଇଥିବାବେଳେ ଚଳିତବର୍ଷ ମାତ୍ର ୪୧୫୮ ଜଣ ଏ-୧ ପାଇଛନ୍ତି। ତେବେ ଭଲ କରିଥିବା ପିଲା ଆଗକୁ ପରିଶ୍ରମ ଜାରି ରଖନ୍ତୁ। ଯେଉଁମାନଙ୍କର ପରୀକ୍ଷାରେ କିଛି ଖରାପ ହୋଇଛି ସେମାନେ କିପରି ଆଗାମୀ ଦିନରେ ଯେଉଁସବୁ ପାଠ ପଢ଼ିବେ ସେଥିରେ ଭଲ ପ୍ରଦର୍ଶନ କରିବେ ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

- ଜଲିଲ ଖାଁ, ଶିକ୍ଷାବିତ୍, ନୟାପଲ୍ଲୀ

## ଅଭାବ ଅନଟନ ସତ୍ତ୍ୱେ ଚମକିଲେ ମକରା



ସବୁ ସୁବିଧା ସୁଯୋଗ ପାଇ ମଧ୍ୟ ଅନେକ ପିଲା ପାଠପଢ଼ାରେ ମନ ଦିଅନ୍ତି ନାହିଁ। ମାତ୍ର ଅଭାବ ଭିତରେ ପାଠପଢ଼ି ଆଗକୁ ବଢ଼ିବାର ପ୍ରେରଣା ଦେଇଛନ୍ତି ମକରା ମୁର୍ମୁ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇ ମକରା ୯୨.୧୨ ପ୍ରତିଶତ ମାର୍କ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ତାଙ୍କ ବାପା ଜଣେ ମାଳୀ ହୋଇଥିବାବେଳେ ସ୍ୱଳ୍ପ ରୋଜଗାରରେ ଘରର ଗୁଜୁରାଣ ମେଣ୍ଟିଥାଏ। ମାତ୍ର ମକରାଙ୍କର ପାଠ ପ୍ରତି ଅହେତୁକ ଆଗ୍ରହ କାରଣରୁ ପିତା ତାଙ୍କ ନାମ ଭୁବନେଶ୍ୱରସ୍ଥିତ କିସ୍‌ରେ ନାମ ଲେଖାଇଥିଲେ। ସହରୀ ଚାକଚକ୍ୟ ଠାରୁ ଦୂରରେ ରହି ସେ କେବଳ ପଢ଼ାରେ ମନୋନିବେଶ କରିଥିଲେ। ବିଦ୍ୟାଳୟରୁ ମିଳୁଥିବା ସୁବିଧା ସୁଯୋଗର ସଦୁପଯୋଗ କରି ମାଟ୍ରିକ ପରୀକ୍ଷାରେ ସେ ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିପାରିଛନ୍ତି। ଇଞ୍ଜିନିୟର ହେବାକୁ ମକରା ଲକ୍ଷ୍ୟ ରଖିଛନ୍ତି। ତେଣୁ ସେ ବିଜ୍ଞାନରେ ନାମ ଲେଖାଇବେ ବୋଲି କହିଛନ୍ତି। ତାଙ୍କ ସଫଳତା ବିଷୟରେ ମକରା କହିଛନ୍ତି, ସେ ପ୍ରତିଦିନ ୬ରୁ ୮ ଘଣ୍ଟା ପଢୁଥିଲେ। କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସେ ତାଙ୍କ ସଫଳତାର ଶ୍ରେୟ ଦେଇଛନ୍ତି। ମା' ବାପାଙ୍କ ମୁହଁରେ ଖୁସି ଦେଖିବା ପାଇଁ ସେ ପାଠ ପଢ଼ି ଜଣେ ବଡ଼ ତଥା ଭଲ ମଣିଷ ହେବାକୁ ଚାହାନ୍ତି।

## ଅଧ୍ୟବସାୟ, ଇଚ୍ଛାଶକ୍ତିର କୌଣସି ବିକଳ୍ପ ନାହିଁ



ଦଶମରେ ତୃତୀୟ ଶ୍ରେଣୀରେ ପାସ୍ ହୋଇ ବି ଅନେକ ବ୍ୟକ୍ତି ଆଇଏଏସ୍ ହୋଇଛନ୍ତି। ସେହିପରି କେତେଜଣ ଯୁକ୍ତଦୁଇରେ ପ୍ରଥମେ ବିଫଳ ଏବଂ ପରେ ପରିଶ୍ରମ ବଳରେ ପାସ୍ କରି ଆଇପିଏସ୍ ହୋଇଛନ୍ତି। ତେଣୁ ଅଧ୍ୟବସାୟ ଓ ଇଚ୍ଛାଶକ୍ତିର କୌଣସି ବିକଳ୍ପ କି ସ୍ତର ନାହିଁ। କାଗଜଖଣ୍ଡରେ ଲିଖିତ ଦଶମ ଶ୍ରେଣୀର ମାର୍କ କେବଳ ନୂତନ ପୋଷାକ ପରି କିଛି ଦିନ ପାଇଁ ଆନନ୍ଦ ଦେଇଥାଏ। ଚିର ଆନନ୍ଦ ଆମ ପରିଶ୍ରମ ଏବଂ ମନରେ ଥାଏ। ତେଣୁ କୌଣସି ଛାତ୍ରୀଛାତ୍ର ଆଶାଠାରୁ କମ୍ ଫଳ ପାଇଥିଲେ ଆଦୌ ନିରାଶ ହେବା ଉଚିତ୍ ନୁହେଁ। ବିଫଳତା କିମ୍ବା ଅଧିକ ସଫଳତା ପାଇଁ ନିଜକୁ କଷ୍ଟ ନ ଦେଇ ଅଧ୍ୟବସାୟରେ ଉନ୍ନତି ଆଣିଲେ ଆମକୁ ଅପାର ଆନନ୍ଦ ମିଳିବ ଏବଂ ଈପ୍ସିତ ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ।

- ପ୍ରଭାକର ଜୟସିଂହ, ଶିକ୍ଷକ

# ମାଟ୍ରିକ୍‌ରେ କିସ୍‌ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)କୁ ଶତପ୍ରତିଶତ ସଫଳତା ମିଳିଛି। କିସ୍‌ର ମୋଟ ୧୮୮୦ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀ ଓ ୫୫ ପ୍ରତିଶତ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ମକରା ମୁର୍ମୁ ସର୍ବାଧିକ ୫୫୩ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଦିନେଶ ହେମ୍ବ୍ରମ ଓ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପଢୁଥିବା ଡିଜିଜି ଟୁଡୁ ୯୦.୩୩ ପ୍ରତିଶତ ଅର୍ଥାତ ୫୪୨ ନମ୍ବର ରଖିଥିବାବେଳେ ନମିତା ଓରାମ ଏବଂ ରଶ୍ମିତା ସ୍ୱାଂସି ୯୦ ପ୍ରତିଶତ ଅର୍ଥାତ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମନ୍ତ କହିଛନ୍ତି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗ, ଛାତ୍ରୀଛାତ୍ରଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଶିକ୍ଷାବିତ୍‌ଙ୍କ ମାର୍ଗଦର୍ଶନ ଯୋଗୁ ଏଭଳି ସଫଳତା ମିଳିଛି।

# ବିଭିନ୍ନ ବିଦ୍ୟାଳୟର ସଫଳତା



### ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ

ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ୨୭୦ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବାବେଳେ ୨୬୯ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୬୧ ଜଣ ପାସ୍ କରିଥିବା ବେଳେ ୮ ଜଣ ଫେଲ୍ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୯୭ ପ୍ରତିଶତ ରହିଛି। ଜଣେ ପରୀକ୍ଷାର୍ଥୀ ଏ-୧, ୭ଜଣ ଏ-୨, ୨୮ ଜଣ ବି-୨, ୫୦ ଜଣ ବି-୩, ୭୬ ଜଣ ସି ଗ୍ରେଡ୍ , ୬୨ ଜଣ ଡି ଓ ୩୭ ଜଣ ଇ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ୟୁନିଟ୍-୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ୟୁନିଟ୍-୬ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାସ୍ ହାର ଶତପ୍ରତିଶତ ରହିଛି। କୌଣସି ଛାତ୍ରୀ ଏ-୧ ଗ୍ରେଡ୍ ରଖି ନ ଥିଲେ ମଧ୍ୟ ୨ ଜଣ ଏ-୨, ୨୧ ଜଣ ବି-୧ , ୨୧ ଜଣ ବି-୨, ୨୨ ଜଣ ସି, ୧୬ ଜଣ ଡି ଏବଂ ୫ ଜଣ ଇ ଗ୍ରେଡ୍ ରଖିଛନ୍ତି। ୯୭ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ପାୱାର ହାଉସ୍ କଲୋନୀ ସରକାରୀ ଉଚ୍ଚ ବିଦ୍ୟାଳୟ

ପାୱାର ହାଉସ କଲୋନୀ ସରକାରୀ ଉଚ୍ଚ ବିଦ୍ୟାଳୟର ୩୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୌଣସି ଛାତ୍ରୀଛାତ୍ର ଏ-୧ କିମ୍ବା ଏ-୨ ରଖି ନ ଥିବାବେଳେ ୩ଜଣ ବି-୧ ଗ୍ରେଡ୍, ୧୦ଜଣ ବି-୨ ଗ୍ରେଡ୍, ୪ ଜଣ ସି ଗ୍ରେଡ୍, ୬ ଜଣ ଡି ଗ୍ରେଡ୍, ୧୦ ଜଣ ଇ-ଗ୍ରେଡ୍ ରଖିଛନ୍ତି।

### ୟୁନିଟ୍-୮ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ୟୁନିଟ୍-୮ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧୩ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଏ-୧, ୧୨ ଜଣ ଏ-୨, ୩୪ ଜଣ ବି-୧, ୨୯ ଜଣ ବି-୨, ୧୮ ଜଣ ସି, ୯ ଜଣ ଡି ଏବଂ ୮ ଜଣ ଇ ଗ୍ରେଡ୍‌ରେ ପାସ୍ କରିଛନ୍ତି। ବିଦ୍ୟାଳୟର ଶତପ୍ରତିଶତ ସଫଳତା ହେତୁ ଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

### ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟ

ୟୁନିଟ୍-୬ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପାସ୍ ହାର ଶତ ପ୍ରତିଶତ ରହିଛି। ୪୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣେ ବି-୧, ୧୦ ଜଣ ବି-୨, ୧୧ ଜଣ ସି, ୧୩ ଜଣ ଡି ଏବଂ ୧୨ ଜଣ ଇ- ଗ୍ରେଡ୍ ରଖିଛନ୍ତି। ତେବେ ବିଦ୍ୟାଳୟର କୌଣସି ବିଦ୍ୟାର୍ଥୀ ଏ-୧ କିମ୍ବା ଏ-୨ ଗ୍ରେଡ୍ ହାସଲ କରିପାରିନାହାନ୍ତି।

### ୟୁନିଟ୍-୪ ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ୟୁନିଟ୍-୪ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୪୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମଧୁସ୍ମିତା ବେହେରା ୫୩୩ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ୫ ଜଣ ଏ-୨, ୧୨ ଜଣ ବି-୧, ୨୧ ଜଣ ବି-୨, ୩ ଜଣ ସି, ୫ ଜଣ ଡି ଏବଂ ଜଣେ ଇ ଗ୍ରେଡ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଧାନ ଶିକ୍ଷକ ଅମ୍ବିକା ପ୍ରସାଦ ଦାସ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟା ମନ୍ଦିର

ନୟାପଲ୍ଲୀସ୍ଥିତ ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟା ମନ୍ଦିରରେ ଚଳିତ ବର୍ଷ ୮୯ ଜଣ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ତେବେ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମୋହିତ ପଟ୍ଟନାୟକ ସର୍ବାଧିକ ୫୬୬ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ୫ଜଣ ଏ-୧, ୨୧ ଜଣ ଏ-୨, ୨୬ ଜଣ ବି-୧, ୨୩ ଜଣ ବି-୨, ୧୦ ଜଣ ସି ଏବଂ ୪ ଜଣ ଡି ଗ୍ରେଡ୍ ପାଇଛନ୍ତି। ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ନାୟକ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ୟୁନିଟ୍-୮ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୫୦ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ଓମ୍ ପ୍ରକାଶ କର ୫୭୮ (୯୬.୩୩ %) ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ୭ ଜଣ ଏ-୧ ଗ୍ରେଡ ରଖିଥିବାବେଳେ ୪୧ ଜଣ ଏ-୨, ୫୦ ଜଣ ବି-୧, ୩୧ ଜଣ ବି-୨, ୧୬ ଜଣ ସି ଏବଂ ୫ ଜଣ ଡି ଗ୍ରେଡ୍‌ରେ ପାସ୍ କରିଛନ୍ତି।

### ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଉଚ୍ଚ ବିଦ୍ୟାଳୟ

ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୨ରେ ୪, ବି-୧ରେ ୧୧, ବି-୨ରେ ୧୪, ସି-ରେ ୬, ଡି-ରେ ୫ ଏବଂ ଇ-ଗ୍ରେଡରେ ୨ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାଫଳକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଆଇଆର୍‌ସି ଭିଲେଜ ହାଇସ୍କୁଲ

ଆଇଆର୍‌ସି ଭିଲେଜ୍ ହାଇସ୍କୁଲରେ ଚଳିତବର୍ଷ ୪୧୧ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୪୦୮ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୦୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜଣେ ଫେଲ୍ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୯୯.୭୫ ପ୍ରତିଶତ ରହିଛି। ଏ-୧ରେ ଜଣେ ଛାତ୍ରୀ ରହିଥିବାବେଳେ ଏ-୨ରେ ୧୩, ବି-୧ରେ ୪୮ , ବି-୨ରେ ୧୧୭, ସି-ରେ ୧୨୫, ଡି-ରେ ୭୮, ଇ-ରେ ୨୫ ଜଣ ରହିଛନ୍ତି। ଏ-୧ ଗ୍ରେଡ ହାସଲ କରିଥିବା ପରୀକ୍ଷାର୍ଥୀ ହେଉଛନ୍ତି ଛାତ୍ରୀ ସ୍ମୃତିପ୍ରଜ୍ଞା ଲେଙ୍କା। ସେ ସର୍ବାଧିକ ୫୪୦ ନମ୍ବର ରଖିଛନ୍ତି।

### ୟୁନିଟ-୯ ବାଳକ ବିଦ୍ୟାଳୟ

ୟୁନିଟ୍୯ ବାଳକ ବିଦ୍ୟାଳୟରେ ୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି। ଏ-୧ରେ ଜଣେ ପରୀକ୍ଷାର୍ଥୀ ରହିଥିବାବେଳେ ଏ-୨ରେ ୨ଜଣ, ବି-୧ରେ ୮, ବି-୨ରେ ୧୩ଜଣ ରହିଛନ୍ତି। ସି-ରେ ୨୪, ଡିରେ ୧୯ ଓ ଇ-ରେ ୧୨ଜଣ ରହିଛନ୍ତି। ଏ-୧ରେ ଛାତ୍ର ସତ୍ୟରଞ୍ଜନ ଜେନା ସର୍ବାଧିକ ୯୦.୫ ପ୍ରତିଶତ ମାର୍କ ରଖିଛନ୍ତି।

### ୟୁନିଟ-୧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ଏହି ବିଦ୍ୟାଳୟରେ ୧୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨୮ଜଣ କୃତକାର୍ଯ୍ୟ କରିଛନ୍ତି। ପାସହାର ୯୯.୯ ପ୍ରତିଶତ ରହିଛି। ଏ-୧ରେ ଜଣେ ପରୀକ୍ଷାର୍ଥୀ ରହିଥିବାବେଳେ ଏ-୨ରେ ୮ଜଣ, ବି-୧ରେ ୨୦, ବି-୨ରେ ୩୩ଜଣ ରହିଛନ୍ତି। ସି-ରେ ୨୫, ଡି-ରେ ୨୮ଜଣ ଓ ଇ-ରେ ୧୩ ଜଣ ରହିଛନ୍ତି।

### ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ

ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ରେ କୌଣସି ପରୀକ୍ଷାର୍ଥୀ ନ ଥିବାବେଳେ ଏ-୨ରେ ୪ଜଣ, ବି-୧ରେ ୧୩ ଜଣ, ବି-୨ରେ ୨୯ଜଣ, ସି-ରେ ୪୬, ଡି-ରେ ୫୧ଜଣ, ଇ ଗ୍ରେଡ୍‌ରେ ୨୯ ଜଣ ରହିଛନ୍ତି।

### ୟୁନିଟ-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ୟୁନିଟ୍-୯ ସରକାରୀ ବାଳିକା ବିଦ୍ୟାଳୟରେ ମୋଟ ୯୭ଜଣ ପରୀକ୍ଷା ଦେଇଥିଲେ। ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ଏ-୧ରେ ୨ଜଣ ରହିଥିବା ବେଳେ ଏ-୨ରେ ୭, ବି-୧ରେ ୯, ବି-୨ରେ ୩୩, ସି-ରେ ୨୪, ଡି-ରେ ୧୬, ଓ ଇ-ରେ ୬ଜଣ ଛାତ୍ରୀ ରହିଛନ୍ତି। ଏ-୧ରେ ୨ ମେଧାବୀଙ୍କ ମଧ୍ୟରୁ କଲ୍ୟାଣୀ ପାତ୍ର ୫୪୮ ଓ ଦେବସ୍ମିତା ପାଣିଗ୍ରାହୀ ୫୪୨ ନମ୍ବର ରଖିଛନ୍ତି।



କଟକ ସିଡିଏ-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ର।

# କଟକ ଜିଲାରେ ପାସ୍ ହାର ୯୭.୯୯%

**ଲିପ୍‌ସା ମିଶ୍ର ଜିଲା ଟପ୍ପର**

କଟକ ଅଫିସ,୧୮।୫

ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କଟକ ଓ ଜଗତ୍‌ସିଂହପୁର ଜିଲାରେ ସର୍ବାଧିକ ପାସ୍ ହାର ରହିଛି। ଗତବର୍ଷ ମାଟ୍ରିକ ପରୀକ୍ଷାରେ ୯୪.୫୫% ପାସ୍ ହାରରେ କଟକ ଜିଲା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଚଳିତବର୍ଷ ୯୭.୯୯ ପ୍ରତିଶତ ରଖି ଜଗତ୍‌ସିଂହପୁର ଜିଲା ସହ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ରହିଛି। ଜିଲାରେ ଏ-୧ ଗ୍ରେଡ୍‌ରେ ୬୦୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏ-୨ ଗ୍ରେଡ୍‌ରେ ୩୩୯୩, ବି-୧ ଗ୍ରେଡ୍‌ରେ ୫୦୦୨, ବି-୨ ଗ୍ରେଡ୍‌ରେ ୬୦୬୪, ସି ଗ୍ରେଡ୍‌ରେ ୫୫୨୯, ଡି ଗ୍ରେଡ୍‌ରେ ୪୩୯୨, ଇ ଗ୍ରେଡ୍‌ରେ ୩୧୩୦ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଜିଲାରେ ଚଳିତଥର ୫୦୨ଟି ହାଇସ୍କୁଲର ୨୮, ୬୬୬ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ସେଥିମଧ୍ୟରୁ ୨୮, ୩୯୪ ଜଣ ପରୀକ୍ଷା ଦେଇଥିଲେ। ୧୧ ଜଣ କପି କରି ଧରାପଡିଥିଲେ। ଜିଲାରେ ଛାତ୍ରୀଙ୍କଠାରୁ ଛାତ୍ରମାନେ ଆଗୁଆ ରହିଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪, ୨୧୬ ଜଣ ଛାତ୍ର ଓ ଓ ୧୩, ୭୯୪ ଜଣ ଛାତ୍ରୀ ରହିଛନ୍ତି। ଟପ୍ ୨ରେ ଦୁଇଜଣ ଝିଅ ରହିଛନ୍ତି। ବାଲିଝରୀସ୍ଥିତ ମଦନ ଗୋପାଳ ହାଇସ୍କୁଲର ଛାତ୍ରୀ ଲିପ୍‌ସା ସ୍ୱାଇଁ ୫୮୩ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ସେହିଭଳି ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପାୟଲ ମିଶ୍ର ୫୮୧ ନମ୍ବର ରଖି ଦ୍ୱିତୀୟ, ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେରିଲୋସ୍ଥିତ ହରିଚନ୍ଦନ ନୋଡାଲ ହାଇସ୍କୁଲର ଓମ୍‌ପ୍ରକାଶ ପଣ୍ଡା ଓ ନରସିଂହପୁର ରଘୁନାଥ ବିଦ୍ୟାପୀଠର ସୁଶୀଲ କୁମାର ନାୟକ ଯୁଗ୍ମ ଭାବରେ ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ମା’ହାଡ଼ବାଈଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବୋଲଗଡ଼,୧୮।୫(ଡି.ଏନ୍.ଏ.): ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ହାଡ଼ବାଈଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଉତ୍ସବର ପ୍ରଥମ ଦିବସରେ ଶୁଭ ଅନୁକୂଳ, ଦ୍ୱିତୀୟ ଦିବସରେ କଳସ ଯାତ୍ରା ସହିତ ହୋମଯଜ୍ଞ, ସୂର୍ଯ୍ୟ ପୂଜା, ଗୋପୂଜା ଆଦି ହୋଇଥିଲା। ତୃତୀୟ ଦିନରେ ମା’ଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପୂଜକ ତୋଫାନ ମହାପାତ୍ର, ରାମଚନ୍ଦ୍ର ରଥ ପ୍ରତିଷ୍ଠା ପର୍ବ ସମାପନ କରିଥିଲେ। କର୍ତ୍ତାଭାବେ ମାନସ ରଞ୍ଜନ ମହାପାତ୍ର ସହଧର୍ମିଣୀଙ୍କ ସହିତ ଯୋଗଦେଇଥିଲେ। ଗ୍ରାମବାସୀ ଗ୍ରାମର ଆରାଧ ଠାକୁର ରାଧା ମାଧବ, ରଘୁନାଥ, ଚନ୍ଦ୍ରଶେଖର ଓ ମଦନ ମୋହନଙ୍କୁ ଦୋଳ ବିମାନରେ ବିଜେ କରାଇ ପ୍ରତିଷ୍ଠା ସ୍ଥଳକୁ ଆଣିଥିଲେ। ପୂର୍ଣ୍ଣାହୁତି ଦିବସରେ ଅତିଥିଭାବେ ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଗ୍ରାମର ରତ୍ନାକର ମହାପାତ୍ର, ନବ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର, ପୂର୍ଣ୍ଣ ମହାପାତ୍ର, ବଳୀ ମହାପାତ୍ର, ଫକୀର ପ୍ରଧାନ, ଭାଗୀରଥି ଦାଶ, ହରି ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଉତ୍ତର ଖୋର୍ଦ୍ଧା ପଲ୍ଲୀ ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୧୮।୫ : ଉତ୍ତର ଖୋର୍ଦ୍ଧା ସାଂସ୍କୃତିକ ମହାମିଳନ ସମିତି ଆନୁକୂଲ୍ୟରେ ଉତ୍ତର ଖୋର୍ଦ୍ଧା ପଲ୍ଲୀ ମହୋତ୍ସବ ବିଂକୁଡିଆଠାରେ ଆରମ୍ଭ ହୋଇଥିବା ବେଳେ ୨୧ ତାରିଖରେ ଉଦ୍‌ଯାପିତ ହେବ। ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦିପ୍ତ ରାୟ ମୁଖ୍ୟବକ୍ତା, ଭାଜପା ମହିଳା ମୋର୍ଚ୍ଚା ଜିଲା ଅଧକ୍ଷା ପ୍ରବୀଣା ଭଞ୍ଜଦେଓ, ସାମାଜିକ କର୍ମୀ ମାନସ କୁମାର ମହାପାତ୍ର, ସ୍ଥାନୀୟ ସରପଞ୍ଚ ସୁଦାମ ସେଠୀ, ହଳଦିଆ ସରପଞ୍ଚ ବନିତା ବେହେରା, ସମିତି ସଭ୍ୟା ସୁକାନ୍ତି ବେହେରା, ଲିଲି ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉତ୍ତର ଖୋର୍ଦ୍ଧା ମାଟିର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ଉଜ୍ଜୀବିତ ଉଦେଶ୍ୟରେ ପଲ୍ଲୀ ମହୋତ୍ସବର ପରିକଳ୍ପନା କରାଯାଇଛି। ନିଜ ମାଟିର ଗରିମା ସଂସ୍କୃତି, ପରମ୍ପରା ସମ୍ପର୍କରେ ଜାଣିବା ତଥା ପରସ୍ପର ମଧ୍ୟରେ ସମ୍ପର୍କର ସୁଦୃଢ଼ ଲକ୍ଷ୍ୟ ନେଇ ଏଭଳି ଏକ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ପ୍ରଥମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋଟିଏ ପରେ ଗୋଟିଏ ପାରମ୍ପରିକ ନୃତ୍ୟ ପରିବେଷଣ କରି କଳାକାରମାନେ ଦର୍ଶକଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲେ।

# ଜିଲାରେ ପାସ୍‌ହାର ୯୭.୪୮%

ଖୋର୍ଦ୍ଧା ଅଫିସ,୧୮।୫

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ରେଗୁଲାର, ଏକ୍ସରେଗୁଲାର ମାଟ୍ରିକ ପରୀକ୍ଷା ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାର ୩୩୩ ହାଇସ୍କୁଲର ୨୬,୩୮୦ଜଣ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ୩୦୨ଜଣ ଅନୁପସ୍ଥିତ ରହିଥିଲେ। ୨୫,୭୧୪ ଛାତ୍ରୀଛାତ୍ର ପାସ କରିଛନ୍ତି। ସେଥିରେ ୧୩,୧୮୪ ଛାତ୍ର ଏବଂ ୧୨,୫୩୦ ଛାତ୍ରୀ ରହିଛନ୍ତି। ଚଳିତବର୍ଷ ଛାତ୍ରୀଙ୍କୁ ପଛରେ ପକାଇ ଛାତ୍ର ଆଗରେ ଅଛନ୍ତି। ୯ଜଣ କପି କରି ଧରାପଡିଥିଲେ। ଏ୧-ରେ ୨୮, ଏ୨-ରେ ୧୪୬୨, ବି୧-ରେ ୩୩୧୯, ବି୨-ରେ ୫୬୦୦, ସି-ରେ ୬୧୬୩, ଡି-ରେ ୫୨୪୯, ଇ-ରେ ୩୫୫୩ଜଣ ପାସ୍ କରିଥିବା ବେଳେ ଏଫ୍-ରେ ୩୫୫ଜଣ ରହିଛନ୍ତି। ଜିଲାରେ ପାସହାର ୯୭.୪୮% ରହିଛି।

ଏକ୍ସ ରେଗୁଲାରରେ ୬୨ଟି ହାଇସ୍କୁଲର ୧୦୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୯ଜଣ ଅନୁପସ୍ଥିତ ରହିଥିଲେ। ସେଥିରୁ ୭୦ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୪ ଛାତ୍ର ଓ ୨୬ଛାତ୍ରୀ ରହିଛନ୍ତି। ପାସ ହାର ୬୯.୩୧% ରହିଛି। ଏ୧ରେ କେହିନଥିବା ବେଳେ ଏ୨-ରେ ଜଣେ, ବି୧-ରେ ୨, ବି୨-ରେ ୩, ସି-ରେ ୫, ଡି-ରେ ୧୧, ଇ-୨୯ ପାସ କରିଥିବା ବେଳେ ଏଫ-ରେ ୨୨ଜଣ ଅଛନ୍ତି। ଦୂରନ୍ତ ଶିକ୍ଷା ରେଗୁଲାରରେ ୮୬ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ। ୮୫ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୭୯ ପାସ କରିଛନ୍ତି। ସେଥିରେ ୪୮ଛାତ୍ର ଓ ୩୧ ଛାତ୍ରୀ ରହିଛନ୍ତି। ପାସହାର ୯୧.୮୬% ରହିଛି।

### ବାଣପୁର ବ୍ଲକରେ ପାସହାର ୯୭.୮୦%

ବାଣପୁର ବ୍ଲକର ୨୨ଟି ହାଇସ୍କୁଲର ୧୭୯୦ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୧୭୭୯ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୭୪୦ ଜଣ ପାସ କରିଛନ୍ତି। ଏ୧-ରେ ୧୬, ଏ୨-ରେ ୮୭, ବି୧-ରେ ୨୪୩, ବି୨-ରେ ୩୯୨, ସି-ରେ ୪୨୬, ଡି-ରେ ୩୪୭, ଇ-ରେ ୨୨୯ ଜଣ ରହିଥିବା ବେଳେ ଏଫ-ରେ ୩୯ ଜଣ ଅଛନ୍ତି। ପାସ ହାର ୯୭.୮୦% ରହିଛି। ନାଟୁଗିସ୍ଥିତ ଗୋଦାବରୀଶ ସରକାରୀ ହାଇସ୍କୁଲ ଛାତ୍ରୀ ରିୟା ସିଂ ୫୬୮ ମାର୍କ ରଖି ବ୍ଲକରେ ଟପ୍ପର ହୋଇଛନ୍ତି।

### ମିଠା ଖୁଆଇଲେ ଶିକ୍ଷକ



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖୋର୍ଦ୍ଧାର ୧୨୬ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ପରୀକ୍ଷା ଫଳାଫଳ ଶତପ୍ରତିଶତ ରହିଛି। ଏ୧-ରେ ୧୨ଜଣ ରହିଥିବା ବେଳେ ଏ୨-ରେ ୨୫, ବି୧-ରେ ୩୯, ବି୨-ରେ ୩୭, ସି-ରେ୧୨ ଏବଂ ଡି-ରେ ଜଣେ ରହିଛନ୍ତି ବୋଲି ପ୍ରଧାନାଚାର୍ଯ୍ୟ ଗିରିଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏ୧ରେ ରହିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଜେବି ହାଇସ୍କୁଲରେ ପରୀକ୍ଷାଫଳ ମଧ୍ୟ ଶତପ୍ରତିଶତ ରହିଛି।

### ବୋଲଗଡ଼ ବ୍ଲକ: ପାସ ହାର ୯୮.୪୯%

ବୋଲଗଡ଼ ବ୍ଲକର ୨୯ଟି ହାଇସ୍କୁଲର ୧୬୨୨ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ୧୫୯୩ ପରୀକ୍ଷା ଦେଇଥିଲେ। ସେଥିରୁ ୧୫୬୯ଜଣ ପାସ୍ କରିଛନ୍ତି। ୨୪ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଏ୧-ରେ ୧୪, ଏ୨-ରେ ୧୦୯, ବି୧-ରେ ୨୦୫, ବି୨-ରେ ୩୫୪, ସି-ରେ ୩୬୦, ଡି-ରେ ୨୭୪, ଇ-ରେ ୨୫୩ ଜଣ ରହିଥିବା ବେଳେ ଏଫ-ରେ ୨୪ଜଣ ଅଛନ୍ତି। ପାସ୍ ହାର ୯୮.୪୯% ରହିଛି। ମାଣିକାଗୋଡ଼ାର ଭାରତୀ ରାଜଗୁରୁ ୫୫୭ ନମ୍ବର ରଖି ବ୍ଲକର ଟପ୍ପର ହୋଇଥିବା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମ ଚରଣ ବେହେରା କହିଛନ୍ତି।

### ଖୋର୍ଦ୍ଧା ବ୍ଲକ: ଏ୧-ରେ ୨୮

ଖୋର୍ଦ୍ଧା ବ୍ଲକର ୩୫ଟି ହାଇସ୍କୁଲର ୨୨୯୬ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେଥିରୁ ୨୨୭୯ ପରୀକ୍ଷା ଦେଇଥିଲେ। ସେଥିରୁ ୨୨୬୦ଜଣ ପାସ କରିଛନ୍ତି। ଏ୧-ରେ ୨୮, ଏ୨-ରେ ୧୦୫, ବି୧-ରେ ୨୮୬, ବି୨-ରେ ୫୧୦, ସି-ରେ ୫୩୧, ଡି-ରେ ୪୫୫, ଇ-ରେ ୩୩୪ ଜଣ ରହିଥିବା ବେଳେ ଏଫ-ରେ ୨୬ ଜଣ ଅଛନ୍ତି। ପାସ୍ ହାର ୯୯.୧୬% ରହିଛି।

### ଜଟଣୀ ବ୍ଲକ: ଏ୧-ରେ ୯

ଜଟଣୀ ବ୍ଲକର ୨୫ଟି ବିଦ୍ୟାଳୟର ୧୫୬୭ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ନାମ ପଞ୍ଜୀକରଣ କରିଥିଲେ। ତେବେ ମୋଟ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୬୩ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୧୫୩୪ ଜଣ ଛାତ୍ରୀଛତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରୁ ଏ୧ରେ ୯ ଜଣ, ଏ୨ରେ ୫୩, ବି୧ ରେ ୧୫୮, ବି୨ରେ ୩୫୧, ସି-ରେ ୩୮୯, ଡି-ରେ ୩୧୦, ଇ-ରେ ୨୬୪ ଏବଂ ଏଫ୍-ରେ ୧୦୩ଜଣ ଛାତ୍ରୀଛତ୍ର କୃତକାର୍ଯ୍ୟ ହୋଇଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ପାସ ହାର ଶତପ୍ରତିଶତ

ନିରାକାରପୁର: ଗୁରୁବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିହାରିକା ସାହୁ ୫୫୫ ନମ୍ବର ରଖିଥିବା ବେଳେ ଭାଗବତ ଦେବ ବିଦ୍ୟାପୀଠ ଜଙ୍କିଆର ଛାତ୍ରୀ ଅର୍ଚ୍ଚନା ଛୋଟରାୟ ୫୪୦ ଓ କାଇପଦର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର ରଶ୍ମିରଞ୍ଜନ ମାର୍ଥା ୫୪୩ ନମ୍ବର ରଖି ନିଜ ନିଜ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସେହିପରି ମଳିପଡ଼ା ବାଙ୍ଗୁର ଶିକ୍ଷସଦନରେ ୭୭ ଜଣ, ନିରାକାରପୁର ହାଇସ୍କୁଲରେ ୧୪୮ ଜଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିରାକାରପୁରରେ ୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେହି ଏ-୧ ହୋଇନଥିଲେ ମଧ୍ୟ ଚଳିତବର୍ଷ ଶତପ୍ରତିଶତ ପାସ ହାର ହୋଇଥିବା ଜଣାପଡ଼ିଛି।

# କେନ୍ଦ୍ରର ଶ୍ରମିକମାରଣ ନୀତିକୁ ବିରୋଧ




ଖୋର୍ଦ୍ଧା ଅଫିସ,୧୮।୫

**ସିଆଇଟିୟୁର ବିକ୍ଷୋଭ, ନିର୍ଦ୍ଦେଶନାମା ପ୍ରତ୍ୟାହାର ଦାବି**

ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ଶିଳ୍ପାଞ୍ଚଳସ୍ଥିତ ଇଏସ୍‌ଆଇ ଚିକିତ୍ସାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିରେ ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଏକାଧିକ ଶ୍ରମିକ ସାମିଲ ହୋଇଥିଲେ। ନିକଟରେ କେନ୍ଦ୍ର ସରକାର ସମସ୍ତ ଇଏସ୍‌ଆଇ ଚିକିତ୍ସାଳୟକୁ ସର୍କ୍ୟୁଲାର ଜାରି କରିଛନ୍ତି। ଏଣିକି ଚିକିତ୍ସାଧୀନ ଶ୍ରମିକ ପରିବାରଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରିପାରିବେ ନାହିଁ। ଏହା ଦ୍ୱାରା ବିଭିନ୍ନ ଶିଳ୍ପ ସଂସ୍ଥା ତଥା ଅନ୍ୟ ସଂସ୍ଥାରେ କାର୍ଯ୍ୟରତ ଓଡ଼ିଶାର ୮ଲକ୍ଷ ଶ୍ରମିକଙ୍କ ପରିବାର ୨୪ ଲକ୍ଷ ସଦସ୍ୟ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେବେ। ସିଆଇଟିୟୁ ଜିଲା ଉପସଭାପତି ଗିରିଶ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଇଏସ୍‌ଆଇ ହସ୍ପିଟାଲ ଆଗରେ ବିକ୍ଷୋଭ କରିଥିଲେ। ଶୈଳେଶ କୁମାର ବଳିୟାରସିଂ, ନିରଞ୍ଜନ ବେହେରା, ଦୁର୍ଗା ପ୍ରସାଦ ସ୍ୱାଇଁ, ଯୋଗେନ୍ଦ୍ର ଦାସ ପ୍ରମୁଖ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତିକୁ ସମାଲୋଚନା କରିଥିଲେ। ଏହି ନିର୍ଦ୍ଦେଶନାମା ପ୍ରତ୍ୟାହାର ଦାବିରେ କର୍ମଚାରୀ ବୀମା ନିଗମ ଭୁବନେଶ୍ୱରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ମହିଳା କୁସ୍ତିଙ୍କୁ ନିର୍ଯାତନା ଘଟଣାରେ କେନ୍ଦ୍ର ବିରୋଧରେ ବର୍ଷିଲେ

ଖୋର୍ଦ୍ଧା ଅଫିସ,୧୮।୫

ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଘଟଣାରେ ଭାଜପା ଏମ୍‌ପି ବ୍ରିଜଭୂଷଣ ଶରଣସିଂଙ୍କ ଗିରଫ ଦାବି କରିଛନ୍ତି ଏକାଧିକ ସଙ୍ଗଠନ। ଗୁରୁବାର ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡଠାରେ ସିଆଇଟିୟୁ, ଓଡ଼ିଶା କୃଷକ ସଭା, କ୍ଷେତ ମଜଦୁର ୟୁନିୟନ, ଯୁବ ଓ ଛାତ୍ର ସଙ୍ଗଠନ ଆଦି ଜିଲା କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଦେଶ ପାଇଁ ଗୌରବ ଆଣିଥିବା ମହିଳା କୁସ୍ତିଙ୍କୁ ସରକାର ଅଣଦେଖା କରୁଛନ୍ତି। ସେମାନେ ଆଣିଥିବା ଯୌନ ନିର୍ଯାତନା ପ୍ରସଙ୍ଗରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ। କୃଷକ ସଭାର ଅନନ୍ତ ମଙ୍ଗରାଜ, ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁ, ସିଆଇଟିୟୁର ଗିରିଶ ଚନ୍ଦ୍ର ମହାରଣା, ଛାତ୍ର ନେତା ନିରଞ୍ଜନ ବେହେରା ପ୍ରମୁଖ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ।

# ସାବିତ୍ରୀ ପାଇଁ ଫଳ ଦର ଆକାଶଛୁଆଁ

ଖୋର୍ଦ୍ଧା ଅଫିସ,୧୮।୫

ଶୁକ୍ରବାର ସାବିତ୍ରୀ ବ୍ରତ। ଏଥିଲାଗି ଗୁରୁବାର ବଜାରର ଲୁଗା ଦୋକାନଠାରୁ ଆରମ୍ଭ କରି ଫଳ ଦୋକାନ ପର୍ଯ୍ୟନ୍ତ ସବୁଠି ଭିଡ଼ ଜମିଥିଲା। ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଫୁଟପାଥ୍ ଦୋକାନଠାରୁ ପୌର ମାର୍କେଟ କମ୍ପ୍ଲେକ୍ସ, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ, ସମବାୟ ଛକ, ମାରୱାଡି ପଟି, ସମବାୟ ଛକ, ଗୋଡିପୋଖରୀ, ମୁକୁନ୍ଦପ୍ରସାଦ, ନୂଆ ବସଷ୍ଟାଣ୍ଡ ଅଞ୍ଚଳରେ ଥିବା ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ପ୍ରବଳ ଭିଡ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାରୁ ଲୋକେ ନାକେଦମ ହୋଇଥିଲେ। ଆମ୍ବ ୫୦ରୁ ୧୦୦ଟଙ୍କା, ସପୁରି ଗୋଟା ୩୦ରୁ ୪୦ଟଙ୍କା, ସେଓ ୨୨୦ରୁ ୨୫୦, ନାସପାତି କେଜି ପିଛା ୨୫୦, ପିଜୁଳି ୨୦୦, କଦଳୀ ଡଜନ ପ୍ରତି ଶହେରୁ ୧୫୦, ଡାଳିମ୍ବ ୧୮୦ରୁ ୨୦୦, କମଳା ୧୨୦, ଲିଚୁ ୨୫୦, ଅଙ୍ଗୁର କେଜି ପିଛା ୧୨୦ରୁ ୧୫୦ ପର୍ଯ୍ୟନ୍ତ ବିକ୍ରି ହେଉଥିବା ବେଳେ ଭେରାଇଟି ଅନୁସାରେ ବିଭିନ୍ନ ସ୍ଥାନରେ ଦର ରହିଥିଲା। ସେପଟେ ସହରର ସମସ୍ତ ଶାଢ଼ି ଦୋକାନରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଗ୍ରାହକଙ୍କ ଚାହିଦା ଅନୁସାରେ କେତେକ ଦୋକାନ ଆଗରେ ରିହାତି ଦର ମଧ୍ୟ ଲାଗିଛି। ସମ୍ବଲପୁରୀ, କଟନ, ଫେନ୍ସି, ରେଶମ ପାଟ, ସମ୍ବଲପୁରୀ ପାଟ, ମହିଶୀର ଶିଲ୍କ, ଟସର, ଜୟପୁରୀ ପ୍ରିଣ୍ଟ, ସାଉତ କଟନ, ଚାନ୍ଦେରୀ ଶିଲ୍କ, ବାନ୍ଧେଣୀ ଶାଢ଼ି, ଗଡୁଆଳ ଶିଲ୍କ, ମଲମଲ୍ କଟନ, ବାଟିକ ପ୍ରିଣ୍ଟ ଆଦି ଶାଢ଼ିର ଚାହିଦା ରହିଛି। ସେହିଭଳି ସହରର ବିଭିନ୍ନ ଛକରେ ପଣସ ପସରା ଖୋଲିଥିଲା। ୫୦ ଟଙ୍କାରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ପଣସ ମିଳୁଛି। ବର୍ଷକୁ ଥରେ ସାବିତ୍ରୀ ସମୟରେ ପଣସ ବେପାର ଭଲ ହୋଇଥାଏ ବୋଲି ବେପାରୀ ଅର୍ଜୁନ ସାହୁ କହିଛନ୍ତି। ସପ୍ତାହ ହେଲା ପସରା ମେଲାଇଥିବା ବେଳେ ଗୁରୁବାର ବେପାର ଭଲ ହୋଇଥିବା ସେ କହିଛନ୍ତି। ସେହିଭଳି ସାବିତ୍ରୀରେ ତାଳସଜ, ଖଜୁରି କୋଳି, ଖଜୁରା, ନଡିଆ, କଦଳୀ ପୂଜା ଲାଗିଥାଏ। ତାଳସଜ ୪୦ଟଙ୍କା, ଏବଂ ଖଜୁରି ପେଛାକୁ ୨୦ଟଙ୍କା ଦର ରହିଛି। ଫୁଟପାଥରେ ନଡିଆର ମଧ୍ୟ ପସରା ମେଳିଛି। ନଡିଆ ଗୋଟାକୁ ୪୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ବର୍ଷସାରା ସିଜନ ବେପାର କରୁଥିବା ଶଙ୍କର ସାହୁ କୁହନ୍ତି ବର୍ଷର ଗୋଟିଏ ଦିନ ଭଲ ବିକ୍ରି ହୋଇଥାଏ।



ଫଳ ଦୋକାନରେ ଗ୍ରାହକଙ୍କ ଭିଡ଼।

# ଓଲଟିଲା ଡାଲାଅଟୋ: ଜଣେ ମୃତ, ୧୫ ଆହତ

ଖୋର୍ଦ୍ଧା ଅଫିସ/ବାଣପୁର,୧୮।୫(ଡି.ଏନ୍.ଏ.)

ଝିଅକୁ ଶାଶୁ ଘରେ ଛାଡିବା ପରେ ରାସ୍ତାରେ ଚାଲୁଥିବା ଯାତ୍ରା ଦେଖି ଘରକୁ ଫେରିଥିବା ବେଳେ କେ. ବରିଡା ଗ୍ରାମ ନିକଟରେ ଗାଡ଼ିଟି ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ପ୍ରଭାତ ପ୍ରଧାନ ବୋଲି ଜଣାପଡ଼ିଛି। ଆହତ ପ୍ରକାଶ ପ୍ରଧାନ, ସଞ୍ଚିତ ଜାଲି, ପ୍ରଶାନ୍ତ ପ୍ରଧାନ, ଅଜୟ ପ୍ରଧାନ, ଚନ୍ଦ୍ରଶେଖର ପ୍ରଧାନ, ଆଶିଷ ପ୍ରଧାନ, ବାସୁଦେବ ପ୍ରଧାନ, ଗୁରୁବାରିଆ ପ୍ରଧାନ, ସିଦ୍ଧାର୍ଥ ପ୍ରଧାନ, ପପୁ ପ୍ରଧାନ, ଚନ୍ଦ୍ର ପ୍ରଧାନ, ଶିବା ପ୍ରଧାନ, କାହ୍ନୁ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବାଣପୁର ଥାନା ଅନ୍ତର୍ଗତ ଦାମିଆ ବରବରା ପଞ୍ଚାୟତର ତାଳବୋରେଇ ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ଯୁବକ ଏକ ଡାଲାଅଟୋ(ନଂ ଓଡି-୩୩ଏଚ-୭୫୩୩)ରେ ଗ୍ରାମର ଜଣେ ନବବିବାହିତାଙ୍କୁ ଗଞ୍ଜାମ ଜିଲା ଖଲିକୋଟ ବ୍ଲକ ତାଳପଡା ଗ୍ରାମକୁ ଶାଶୁ ଘରକୁ ଛାଡିବାକୁ ବୁଧବାର ରାତିରେ ଯାଇଥିଲେ। ସେଠାରେ ତାଙ୍କୁ ଛାଡି ଭୋଜିଖାଇ ବିଳମ୍ବିତ ରାତିରେ ଫେରୁଥିଲେ। ବେଗୁନିଆପଡାରେ ଠାକୁରାଣୀ ଯାତ୍ରା ଚାଲିଥିଲା। ସେଠାରେ ଓହ୍ଲାଇ ଯାତ୍ରା ଦେଖି, ବୁଲାବୁଲି ସାରି ଘରକୁ ଫେରୁଥିଲେ। ଗୁରୁବାର ଭୋର ୫ଟାରେ କେ. ବରିଡା ଗ୍ରାମ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡିଟି ରାସ୍ତାକଡକୁ ଓଲଟି ପଡିଥିଲା। ଗାଡି ତଳେ ଚାପି ହୋଇ ଏକାଧିକ ଆହତ ହୋଇଥିଲେ। ରାସ୍ତାରେ ଯାଉଥିବା କେତେଜଣ ସ୍ଥାନୀୟ ଲୋକେ ଦେଖି ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ବେଗୁନିଆପଡା ପୋଲିସ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।




ଦୁର୍ଘଟଣାଗ୍ରସ୍ତ ଗାଡ଼ି।

# ବନ୍ଦେ ଭାରତ ଏକ୍ସପ୍ରେସକୁ ସ୍ୱାଗତ




ଖୋର୍ଦ୍ଧାରୋଡ଼ ଷ୍ଟେଶନଠାରେ ବନ୍ଦେ ଭାରତ ଏକ୍ସପ୍ରେସକୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ଅତିଥି।

ଜଟଣୀ,୧୮।୫(ଡି.ଏନ୍.ଏ.)

ପୁରୀରୁ ହାଓଡା ଅଭିମୁଖେ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନକୁ ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ଗୁରୁବାର ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନରେ ସ୍ୱାଗତ କରାଯାଇଥିଲା। ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସ୍ୱାଗତ ପାଇଁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ରେଳ ମଣ୍ଡଳ ଅଧିକାରୀଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଟ୍ରେନ ଷ୍ଟେଶନରେ ପହଞ୍ଚିବା ମାତ୍ରେ ଫୁଲ ପକାଇବା ସହିତ ହୁଳହୁଳି, ଶଙ୍ଖ ଓ ବାଜା ବଜାଇ ଭାରତ ମାତା କି ଜୟ, ଜୟ ଜଗନ୍ନାଥ, ନରେନ୍ଦ୍ର ମୋଦି କି ଜୟ ନାରା ଦେଇଥିଲେ। ଏଥିସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଭାଜପା କର୍ମୀମାନେ ସ୍ୱାଗତ କରିବା ସହ ଫଟୋ ଉଠାଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପୁଅ ମନ୍ମଥ ରାଉତରାୟ ମଞ୍ଚରେ ବସିବାରୁ ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ରେଳ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ହୋଇଥିଲା ଗୁଳିମାଡ଼

ଖୋର୍ଦ୍ଧା ଅଫିସ,୧୮।୫

**ଯୁବକଙ୍କୁ ଗୁଳିମାଡ଼ ଘଟଣା**
- ମୁଖ୍ୟ ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ
- ଆତ୍ମସମର୍ପଣର ୪୮ ଘଣ୍ଟା ପରେ ଗିରଫ ଦର୍ଶାଇଲେ

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପାନବରଜ ଅଙ୍ଗନୱାଡି କେନ୍ଦ୍ର ନିକଟରେ ସେକ୍ ନସିମ ଓରଫ ବବୁଲଙ୍କୁ ଗୁଳିମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭାଲିଆବାଡିର ସତ୍ୟ ନାରାୟଣ ପ୍ରଧାନ ଓରଫ ରାଣା। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୨.୫ ଲକ୍ଷ ଟଙ୍କାର ଏକ ବାଇକ୍ ଓ ଗୁଳି ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ରାଣାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ନିଶା ବେପାର, ପୂର୍ବଶତ୍ରୁତାରୁ ଗୁଳିମାଡ଼ କରିଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସେପଟେ ଗୁଳିମାଡରେ ଆହତ ବବୁଲ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବରୁ ବବୁଲ ଓ ରାଣା ଭଲ ବନ୍ଧୁ ରହିଥିଲେ। ଏକାଠି ବୁଲୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ କିପରି ଜଣେ ବନ୍ଧୁ ଅନ୍ୟ ବନ୍ଧୁ ଉପରକୁ ଗୁଳିମାଡ଼ କଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବବୁଲଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ସୋମବାର ସାଢ଼େ ୮ଟାରେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନଂ.୧ ନିକଟରେ ସ୍ୱାମୀ ବବୁଲ ତାଙ୍କ ସାଙ୍ଗ ସୂର୍ଯ୍ୟନାରାୟଣ ମହାନ୍ତି, ତାରିଣୀ ପ୍ରସାଦ ମହାନ୍ତି, ଆଶିଷ ପଟ୍ଟନାୟକ, ରୋଶନ ମହାରଣା ଏବଂ ମେହୋଜ ଖାଁଙ୍କ ସହ କଥା ହେଉଥିଲେ। ଏହି ସମୟରେ ଭାଲିଆବାଡ଼ି ଗ୍ରାମର ରାଣା ସେଠାରେ ପହଞ୍ଚି ହଠାତ୍ ତାରିଣୀ ପ୍ରସାଦ ମହାନ୍ତିଙ୍କୁ ଗାଳିଗୁଲଜ କରିଥିଲେ। ପକେଟ୍‌ରୁ ବନ୍ଧୁକ ବାହାରକରି ମାରିବାକୁ ଧମକ ଦେବା ସମୟରେ ବବୁଲ ତାଙ୍କୁ ବିରୋଧ କରିଥିଲେ। ଏଥିରେ ରାଣା ଉତ୍‌କ୍ଷିପ୍ତ ହୋଇ ବବୁଲଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଛାତିକୁ ଲକ୍ଷ୍ୟକରି ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଫୁଟି ନ ଥିବା ବେଳେ ଅନ୍ୟ ଗୁଳିଟି ବବୁଲଙ୍କ ଛାତିରେ ବାଜିଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ସାଙ୍ଗମାନେ ମେଡିକାଲ ନେଇଯାଇଥିଲେ। ମଙ୍ଗଳବାର ବବୁଲଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୦୩/୨୩) ରୁଜୁ ହୋଇଥିଲା। ବିନା ଲାଇସେନ୍ସପ୍ରାପ୍ତ ବନ୍ଧୁକ ବ୍ୟବହାର କରି ତାଙ୍କୁ ମାରିଦେବା ଉଦ୍ଦେଶ୍ୟରେ ବନ୍ଧୁକ ଚଳାଇ ହତ୍ୟା ଷଡ଼ଯନ୍ତ୍ର କରାଯାଇଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ଗୁଳିମାଡ଼ ରାତିରେ ରାଣା ଥାନାରେ ଆତ୍ମସମର୍ପଣ କରିଥିବା ଚର୍ଚ୍ଚାକୁ ପୋଲିସ ଖଣ୍ଡନ କରିଥିଲା। ତେବେ ଅଭିଯୁକ୍ତଙ୍କୁ କେଉଁଠୁ ଧରାଯାଉଛି, ୪୮ ଘଣ୍ଟା ପରେ ତରବରିଆ ଭାବେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ପରେ ପୋଲିସ ପକ୍ଷରୁ ରାଣାଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଥିଲା।




୧୮।୫।୨୦୨୩

| ୨,୩୦,୭୪୯ ଟଙ୍କା | |
|---|---|
| ସୁନା | ୬୫୦ ମିଲିଗ୍ରାମ୍ |
| ରୁପା | ୮.୫୦୦ ଗ୍ରାମ୍ |

## ସଂକ୍ଷେପରେ

### କଣାସ- ସାତପଡ଼ା ରେଳ ସଂଯୋଗୀକରଣ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

କଣାସ,୧୮।୫(ସ୍ୱ.ପ୍ର.)- କଣାସ ରୋଡ଼ରୁ ସାତପଡ଼ା ପର୍ଯ୍ୟନ୍ତ ନୂତନ ରେଳରାସ୍ତା ସଂଯୋଗୀକରଣ ପାଇଁ ପ୍ରୟାସ ସଂଗଠନର ସଭାପତି କୃଷ୍ଣଚନ୍ଦ୍ର ଜଗଦେବଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୁରୀଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତା ପରଠାରୁ ପୁରୀ ଜିଲାର ଏକ ବ୍ୟାପକ ଅଞ୍ଚଳ ରେଳ ସଂଯୋଗରୁ ବଞ୍ଚିତ ହୋଇଆସିଥିବା ସ୍ମାରକପତ୍ରରେ ଦର୍ଶାଯାଇଛି। ଏଥିସହ କଣାସ- ସାତପଡ଼ା ନୂତନ ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ ବିକାଶ ସହିତ ମାଲ ପରିବହନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇ ବ୍ୟାପକ ଅଞ୍ଚଳର ଅଧିବାସୀଙ୍କ ଆର୍ଥିକ ସମୃଦ୍ଧି ଘଟିବ ବୋଲି କୁହାଯାଇଛି। କେନ୍ଦ୍ର ସରକାର ବିକାଶ ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇ ରେଳ ଭିତ୍ତିଭୂମି ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଇ ମାତ୍ର ୫୦କି.ମି. ରେଳରାସ୍ତା ନିର୍ମାଣ କରାଇଲେ ଦେଶର ବଡ଼ଧରଣର ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ପ୍ରୟାସର କାର୍ଯ୍ୟକର୍ତ୍ତାମାନେ ତୁରନ୍ତ ଏହାର ସର୍ବେକ୍ଷଣ କରି ଏହି ରେଳ ପ୍ରକଳ୍ପର ବାସ୍ତବ ସ୍ଥିତି ଓ ସକ୍ଷମତା ସମ୍ପର୍କରେ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡ଼ଜେନା, ଅକ୍ଷୟ ଜେନା, ନରେନ୍ଦ୍ର ସୁନ୍ଦରାୟ, ଧର୍ମେନ୍ଦ୍ର ମାନସିଂ ଓ ବିଶ୍ୱଜିତ୍ ବଡ଼ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ରୋଗୀଙ୍କୁ ଫଳ ବାଣ୍ଟି ଜନ୍ମଦିନ ପାଳିଲେ

ଗୋପ,୧୮।୫(ଡି.ଏନ୍.ଏ.)- ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି ବିଭାଗ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ନିଜ ୫୯ତମ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳିଛନ୍ତି। ସେ ଏପରି ଦିନରେ ରୋଗୀମାନଙ୍କୁ ତାଙ୍କ ପରିବାର କହି ତାଙ୍କ ସହ ସମୟ ବିତାଇ କିଛି ଫଳ ଓ ଆବଶ୍ୟକ ଖାଦ୍ୟ ଦେଇଛନ୍ତି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ମଧ୍ୟ ଫଳ ବାଣ୍ଟିଥିଲେ। ପରେ ଡା. ମଙ୍ଗରାଜ ନିକଟ ଆଖଣ୍ଡଳେଶ୍ୱର ମନ୍ଦିରରେ ମଧ୍ୟ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଏକ ଭୋଜିଭାତର ଆୟୋଜନ କରିଥିବା ଜଣାପଡିଛି। ଡାକ୍ତରଙ୍କ ଏପରି ଢଙ୍ଗରେ ଜନ୍ମଦିନ ପାଳନକୁ ନେଇ ଅଞ୍ଚଳରେ ବେଶ୍ ଚର୍ଚ୍ଚା ହେଉଛି।

# ଉତ୍ସାହ ଭରିଲା ବନ୍ଦେ ଭାରତ ଏକ୍ସପ୍ରେସ୍

ପୁରୀ ଅଫିସ,୧୮।୫

ବିଧିବଦ୍ଧ ଭାବେ ଗୁରୁବାର ଶ୍ରୀକ୍ଷେତ୍ରରୁ ଲୋକାର୍ପଣ ହୋଇଯାଇଛି ବହୁ ପ୍ରତୀକ୍ଷିତ ବନ୍ଦେ ଭାରତ ଏକ୍ସପ୍ରେସ୍। ପୁରୀରୁ ହାୱଡା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଅବସରରେ ପୁରୀ ରେଳ ଷ୍ଟେଶନରେ ଜନସମାଗମ ହୋଇଥିଲା। ବନ୍ଦେ ଭାରତ ଏକ୍ସପ୍ରେସକୁ ନେଇ ଅଞ୍ଚଳବାସୀଙ୍କଠାରୁ ଆରମ୍ଭ କରି ଦର୍ଶକ, କର୍ମଚାରୀ, ଅଧିକାରୀ ଓ ନେତା ସବୁଠି ଉତ୍ସାହ ଭରି ଦେଇଥିଲା। ଶ୍ରୀକ୍ଷେତ୍ରର କଳା, ସଂସ୍କୃତିର ଝଲକରେ ଷ୍ଟେଶନ ଆହୁରି ଝଲସିଥିଲା। ରେଳ ଷ୍ଟେଶନକୁ ବିଭିନ୍ନ ଫୁଲ ସହ ରଙ୍ଗବେରଙ୍ଗର କପଡ଼ାରେ ସଜ୍ଜିତ କରାଯାଇଥିଲା।

### ରେଳ ଷ୍ଟେଶନରେ ମେଢ଼ ଓ ଓଡ଼ିଶୀ ନୃତ୍ୟ

ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ ଉତ୍ସବରେ ପୁରୀ ରେଳଷ୍ଟେଶନରେ ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ର ପରମ୍ପରା ଦେଖିବାକୁ ମିଳିଛି। ମେଢ ଓ ମାହାରୀ ନୃତ୍ୟରେ ଷ୍ଟେଶନ ପରିସର ପ୍ରକମ୍ପିତ ହୋଇଉଠିଥିଲା। ନୃତ୍ୟଶିଳ୍ପୀଙ୍କ ଓଡ଼ିଶୀ ନୃତ୍ୟର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା। ଯୋଡ଼ି ଶଙ୍ଖ ବାଦନରେ ଅତିଥିଙ୍କୁ ଷ୍ଟେଶନ ପରିସରକୁ ସ୍ୱାଗତ କରାଯାଇଥିଲା। ଏଥିସହ ଓଡ଼ିଶୀ, ପୁରୀର ପାରମ୍ପରିକ ନୃତ୍ୟ, ନାଗା ମେଢ ଆଦି ପ୍ରଦର୍ଶିତ ହୋଇଥିଲା।

### ଅତିଥିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ରେଳଷ୍ଟେଶନର ୭ ଓ ୮ ନମ୍ବର ପ୍ଲାଟଫର୍ମକୁ ବିଶେଷ ଭାବେ ସଜା ଯାଇଥିଲା। ଲୋକାର୍ପଣ ଉତ୍ସବକୁ ଆସିଥିବା ନିମନ୍ତ୍ରିତ ଅତିଥିମାନେ ଏହାକୁ ବିଶେଷ ଉପଭୋଗ କରିଥିଲେ। ଏକ ସେଲ୍ଫି ପଏଣ୍ଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ୭ ଓ ୮ ନମ୍ବର ପ୍ଲାଟଫର୍ମ ମଧ୍ୟକୁ ସର୍ବସାଧାରଣ ପ୍ରବେଶ ନିଷେଧ ଥିଲା। କେବଳ ଗଣମାଧ୍ୟମ ପ୍ରତିନିଧି, ରେଳ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରବେଶ ଅନୁମତି ମିଳିଥିଲା ।

### ବନ୍ଦେ ଭାରତ ଏକ୍ସପ୍ରେସ୍ ବୁଲି ଦେଖିଲେ ଦର୍ଶକ

ଲୋକାର୍ପଣ ଉତ୍ସବରେ କିଛି ସମୟ ପାଇଁ ଟ୍ରେନ୍ ଭିତରକୁ ଯିବାକୁ ସାଧାରଣ ଲୋକଙ୍କୁ ଅନୁମତି ମିଳିଥିଲା। ଏହି ସମୟ ମଧ୍ୟରେ ଲୋକମାନେ ଟ୍ରେନ୍ ଭିତରେ ବୁଲି ଫଟୋ ଉଠାଇବା ସହ ନିଆରା ଅନୁଭୂତି ସାଉଁଟିଥିଲେ। ଏହି ଟ୍ରେନ୍‌ରେ ଥିବା ବିଭିନ୍ନ ପ୍ରକାର ସୁବିଧା ଦେଖି ଲୋକମାନେ ଚକିତ ହୋଇଯାଇଥିଲେ। ଏମିତିକି ଟ୍ରେନ୍ ନୁହେଁ ତ, ପ୍ଲେନ୍‌ରେ ବସିବା ଭଳି ଲାଗୁଥିବା ଦର୍ଶକ ମତ ଦେଇଥିଲେ।

### ଷ୍ଟେଶନ ବାହାରେ ଆଶୁ-ଚିକିତ୍ସା ସୁବିଧା

ବନ୍ଦେ ଭାରତ ଏକ୍ସପ୍ରେସ ଲୋକାର୍ପଣ ଉତ୍ସବରେ ହଜାର ହଜାର ଲୋକଙ୍କ ସମାଗମ ପୁରୀ ରେଳ ଷ୍ଟେଶନରେ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ରେଳୱେ ପକ୍ଷରୁ ଆଶୁ ଚିକିତ୍ସାର ସୁବିଧା କରାଯାଇଥିଲା। ଭିଡ଼ରେ ଫସିଥିବା ବୟସ୍କ, ପିଲା ଓ ମହିଳା ଏଠାରେ ଚିକିତ୍ସିତ ହୋଇଥିଲେ।

### ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ବ୍ୟବସ୍ଥା

ରେଳଷ୍ଟେଶନ ବାହାରେ ଲୋକାର୍ପଣ ଉତ୍ସବ ଦେଖିବା ପାଇଁ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ବ୍ୟବସ୍ଥା ହୋଇଥିଲା। ଷ୍ଟେଶନ ବାହାରେ ଏକ ବିରାଟ ମଞ୍ଚ କରାଯାଇଥିଲା। ଏହି ମଞ୍ଚରେ ଏଲ୍‌ଇଡିର ବ୍ୟବସ୍ଥା ମଧ୍ୟ ହୋଇଥିଲା। ଲୋକମାନେ ଷ୍ଟେଶନରୁ ବାହରି ଲୋକାର୍ପଣ ଉତ୍ସବରେ ସାମିଲ୍ ହୋଇଥିଲେ ।

### ବନ୍ଦେ ଭାରତ ଏକ୍ସପ୍ରେସରେ ସ୍କୁଲ୍ ପିଲା

ପୁରୀର କେନ୍ଦ୍ରୀୟ ବିଦ୍ୟାଳୟ ଓ ଅନ୍ୟ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଏହି ଲୋକାର୍ପଣ ଉତ୍ସବରେ ସାମିଲ ହୋଇଥିଲେ। ପିଲାମାନେ ଟ୍ରେନ୍ ଭିତର ବୁଲି ନିଆରା ଅନୁଭୂତି ସାଉଁଟିଛନ୍ତି। ଏପରିକି କେତେକ ପିଲା ଟ୍ରେନ୍‌ରେ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର ଯାଏଁ ଯାତ୍ରା କରିଥିଲେ। ଅନେକ ସ୍କୁଲ ପିଲା ଭଦ୍ରକ ପର୍ଯ୍ୟନ୍ତ ଯାତ୍ରା କରିଥିଲେ।

### ଟ୍ରେନ୍ ପରିସରରେ ଆତିଥ୍ୟ ସେବା

ଯାତ୍ରୀଙ୍କ ପାଇଁ ପ୍ରଥମଦିନରେ ସ୍ୱତନ୍ତ୍ର ପାସ୍‌ର ବ୍ୟବସ୍ଥା କରାଯାଇଥିଲା। ସେହିପରି ଯାତ୍ରୀମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ସକାଳ ଜଳଖିଆ ପ୍ରଦାନ କରାଯାଇଥିବା ବେଳେ ମଧ୍ୟାହ୍ନ ଭୋଜନରେ ଭାତ, ମୁଗଡାଲି, ପନିର୍ ତରକାରି, ମିକ୍ସ ଭଜା, ରୁଟି, ମିଠା, ଦହି ଆଦି ପ୍ରଦାନ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ବିଭିନ୍ନ ଜଳଖିଆ ପ୍ରଦାନ କରାଯାଇଥିଲା।

ପୁରୀ ରେଳ ଷ୍ଟେଶନରୁ ଭାରତ ବନ୍ଦେ ଏକ୍ସପ୍ରେସ ଅପରାହ୍ନ ୧ ଟା ୧୮ରେ ପୁରୀ ରେଳ ଷ୍ଟେଶନରୁ ଛାଡିଥିଲା। ପରେ ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଖଡ୍‌ଗପୁର, ଆଦି ଷ୍ଟେଶନରେ ନିର୍ଦ୍ଧାରିତ ସମୟ ରହି ଶେଷରେ ହାଓଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଟ୍ରେନ ଘଣ୍ଟା ପ୍ରତି ୧୩୦କିମି ବେଗରେ ଗତି କରିଥିଲା।



ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରବକ୍ତା ସମ୍ବିତ ପାତ୍ର ରଥଖଳାରେ ରଥ କାଠକୁ ଧରି ଆଶୀର୍ବାଦ ନେଉଛନ୍ତି ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ୨ କେନ୍ଦ୍ର ମନ୍ତ୍ରୀ

ପୁରୀ ଅଫିସ,୧୮।୫

ପୁରୀରୁ ଯାତ୍ରା ଆରମ୍ଭ କରିଛି ବନ୍ଦେ ଭାରତ ଏକ୍ସପ୍ରେସ। ୧୩୦ କିଲୋମିଟର ବେଗରେ ଯିବାକୁ ଥିବା ଏହି ଏକ୍ସପ୍ରେସକୁ ଭର୍ଚୁଆଲରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଣୁ ଏହା ପୂର୍ବରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ବନ୍ଦେ ଭାରତ ଏକ୍ସପ୍ରେସର ସଫଳତା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରୀମନ୍ଦିର ନିକଟରେ ସ୍ୱାଗତ କରାଯାଇଥିଲା। ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଦର୍ଶନ ସାରି ଫେରିବା ସମୟରେ ରଥଖଳାକୁ ଯାଇ ରଥଚକକୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ଭଉଁରି ଦିନ ଚକଡେରା ହୋଇଥିବା ନନ୍ଦିଘୋଷ ରଥର ଚକଅଖକୁ ସ୍ପର୍ଶ କରି ପ୍ରଣାମ କରିଥିଲେ। ତେବେ ଆଜିର ଦିନ ଏକ ଅବିସ୍ମରଣୀୟ ଦିନ ହୋଇ ରହିବ। ପୁରୀ ଷ୍ଟେଶନକୁ ବିଶ୍ୱସ୍ତରୀୟ ଷ୍ଟେଶନ ଭାବେ କରାଯିବା ସହ ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳ ଭକ୍ତ, ଦର୍ଶନାର୍ଥୀ ଓ ପର୍ଯ୍ୟଟକଙ୍କ ପାଇଁ ଆଉ ଏକ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ୩ ରଥର ଚକ, ଅଖ ନିର୍ମାଣ ସରିଲା



## ରଥଖଳାରୁ ...

ପୁରୀ ଅଫିସ,୧୮।୫

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗୁରୁବାର ତିନିରଥର ଚକ ଏବଂ ଅଖ ନିର୍ମାଣ ଶେଷ ହୋଇ ତିନିରଥର ୧୪ ନାହାକା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ୫ଦଣ୍ଡା ନିର୍ମାଣ ପାଇଁ ତିନି ରଥ ଖଳାକୁ ଦଣ୍ଡା କାଠ ଯୋଗାଇ ଦିଆଯାଇଛି। ତିନିରଥର ମୋଟ ୪୨ ଚକ ଏବଂ ୨୧ଟି ଅଖର ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ଗୁରୁବାର ଶେଷ ଦୁଇଟି ଚକର ନିର୍ମାଣ ଶେଷ ହୋଇ ମୋଟ ୧୪ଟି ଚକ ଏବଂ ୭ଟି ଅଖର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ତାଳଧ୍ୱଜ ରଥର ୧୪ ନାହାକା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୮ଟି ୨୦ ଫୁଟିଆ ଧଉରା ଫାଳି କାଠ ରଥ ଆମୀନ ଭୋଇ ସେବକଙ୍କ ମାଧ୍ୟମରେ ଯୋଗାଇଥିଲେ। ଗୁରୁବାର କାର୍ଯ୍ୟ ଶେଷ ସୁଦ୍ଧା ଦୁଇଟି ଆଠ କୋଣି ୧୪ ନାହାକାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଆଉ ୬ ଟିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଚିଛି। ତାଳଧ୍ୱଜ ରଥର ମୋଟ ୪ଟି ନିରାଡ଼ିରୁ ୨ଟି ୨୦ଫୁଟିଆ ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ କରି ଆଉଦୁଇଟି ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଚିଛି। ସେହିପରି ଦର୍ପଦଳନ ରଥର ମୋଟ ୧୨ଟି ଚକର ନିର୍ମାଣ ଶେଷ ହୋଇଛି। ସନ୍ଧ୍ୟା ସୁଦ୍ଧା ଦର୍ପଦଳନ ରଥର ମୋଟ ୬ଟି ଅଖ ନିର୍ମାଣ ସରିଛି। ଦର୍ପଦଳନ ରଥର ମୋଟ ୪ଟି ନିରାଡିରୁ ଏବେ ସୁଦ୍ଧା ୩ଟି ୨୦ ଫୁଟିଆ ନିରାଡ଼ିତ ଚଉପଟ କାର୍ଯ୍ୟ ଶେଷ ହୋଇଛି। ସେହିପରି ୧୪ ନାହାକା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ କାର୍ଯ୍ୟ ଶେଷ ସୁଦ୍ଧା ଦୁଇଟି ୧୪ ନାହାକର ଆଠ କୋଣି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ଶେଷ ଚକ ନିର୍ମାଣ ପରେ ମୋଟ ୧୬ଟି ଚକର ନିର୍ମାଣ କାର୍ଯ୍ୟ ସରିଛି। ନନ୍ଦିଘୋଷ ରଥର ଦୁଇଟି ନିରାଡ଼ି ନିର୍ମାଣ ଶେଷ ହୋଇ ଆଉ ଦୁଇଟି ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ ହୋଇ ମୋଟ ୪ଟି ନିରାଡ଼ି ଚଉପଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୧୪ ନାହାକାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, ପ୍ରଥମ ପର୍ଯ୍ୟାୟରେ ଯୋଗାଇ ଦିଆଯାଇଥିବା ୮ଟି ୧୪ ନାହାକା କାଠାରୁ ଦୁଇଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇ ବାକି ୬ଟି ୧୪ ନାହାକାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ରୂପକାର ସେବକମାନେ ରଥର ଗୁଜଗୁଡିକରେ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପଗୁଡ଼ିକରେ ଅଳଙ୍କାର କାର୍ଯ୍ୟ ସହ ପାଲିଡ଼ କାର୍ଯ୍ୟ ଜାରୀ ରଖିଛନ୍ତି। ତିନିରଥର କରତି ସେବକମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ଗୟଳ କାଠର ଉଭୟ ପାର୍ଶ୍ୱ ଚିତା କାର୍ଯ୍ୟ ଆରମ୍ଭ କରିଛନ୍ତି। ଚିତାପରେ ଚିରଟ କାର୍ଯ୍ୟ ଆରମ୍ଭ କରିବେଦୋଳବେଦୀ କମାର ଶାଳ ରେତିନି ରଥର ଓଝା ସେବକ ମାନେ ତିନି ରଥର ଦଣ୍ଡା ପାଇଁ ଦଣ୍ଡା କଣ୍ଟା ବା 'ଦଣ୍ଡା ବିଡ଼ିଆ' କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।

# ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ନିମାପଡ଼ା,୧୮।୫(ଡି.ଏନ୍.ଏ.)

ନିମାପଡ଼ା ଥାନା ସଲଙ୍ଗ ପଞ୍ଚାୟତ ଭଣ୍ଡି ଗ୍ରାମର ପୁଷ୍ପଲତା ଭୋଇ ଓ ଧାନୀ ଭୋଇଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ଜାତିଆଣ ଆକ୍ଷେପରେ ଗାଳିଗୁଲଜ କରିବାକୁ ନେଇ ଗୁରୁବାର ୨ ଜଣ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଦୁର୍ବ୍ୟବହାର ପ୍ରଦର୍ଶନକାରୀ ସରପଞ୍ଚ ସୁମନ୍ତ ଭୋଇ, ୱାର୍ଡ ସଭ୍ୟା କଳ୍ପନା ନାୟକ, ବିଜୟ ପଟ୍ଟନାୟକ, ନୀହାର ପରିଡ଼ା, ଦୀପକ ଭୋଇ, ସସ୍ମିତା ଭୋଇ, ଗଜେଶ ଭୋଇ, ପଞ୍ଚୁ ଭୋଇ ପ୍ରମୁଖ ୮ଜଣଙ୍କ ବିରୋଧରେ ଦଫା ୩୪୧, ୨୯୪, ୩୨୩, ୩୫୪, ୫୦୬, ୩୪,୩ରେ କେସ ନଂ.୧୬୧/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭଣ୍ଡିଗ୍ରାମର ହରିଜନ ସାହିରେ ଥିବା ଏକ ନଳକୂପ ୩ ମାସ ହେବ ଅଚଳ ପଡିଥିଲେ ମଧ୍ୟ ତାହା ମରାମତି କରାଯାଉନାହିଁ। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରେ, ଆମେ ପଞ୍ଚାୟତ ଅଫିସକୁ ଯାଇଥିଲୁ, ହେଲେ ସେଠାରେ ଉପସ୍ଥିତ ସରପଞ୍ଚଙ୍କ ସମେତ ୮ଜଣ ଉକ୍ତ ୨ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଗାଳିଗୁଲଜ କରିଥିବା ପୁଷ୍ପଲତା ଓ ଧାନୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ବାବଦରେ ସରପଞ୍ଚ ଭୋଇ, ବିଜୟ ପଟ୍ଟନାୟକ, ୱାର୍ଡ ସଭ୍ୟା ନାୟକଙ୍କୁ ପଚାରିବାରେ ରାଜନୈତିକ ଅଭିସନ୍ଧିରୁ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏହି ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ସେମାନେ କହିଛନ୍ତି।

# ପ୍ରାଚୀ ଗବେଷଣା କେନ୍ଦ୍ର ସୁରକ୍ଷା ଦାବି

## ପ୍ରାଚୀ ପୀଠରେ ବିଶ୍ୱ ସଂଗ୍ରହାଳୟ ଦିବସ

ନିମାପଡ଼ା,୧୮।୫(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅଧୀନ ପ୍ରାଚୀ ତଟ ଅମରେଶ୍ୱର ଶମ୍ଭୁପୀଠ ସଂଲଗ୍ନ ପ୍ରାଚୀ ଗବେଷଣା କେନ୍ଦ୍ରରେ ବିଶ୍ୱ ସଂଗ୍ରହାଳୟ ଦିବସ ଚିନ୍ତନ ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଅଜୟ ଆଚାର୍ଯ୍ୟ, ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ରାଷ୍ଟ୍ରୀୟ ମୁଖ୍ୟ ଈଶ୍ୱରଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର ପ୍ରାଚୀନଦୀ ତଟରେ ଏକ ସଂଗ୍ରହାଳୟ ଓ ଗବେଷଣାକେନ୍ଦ୍ରର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ପୂର୍ବତନ ଏମ୍‌ପି ସ୍ୱର୍ଗତ ତ୍ରିଲୋଚନ କାନୁନ୍‌ଗୋ ୨୦୦୩ରେ ଏମ୍‌ପି ପାଣ୍ଠିରୁ ଏଠାରେ ଏକ ସଂଗ୍ରହାଳୟ ତଥା ପ୍ରାଚୀ ସଂସ୍କୃତି ଗବେଷଣା କେନ୍ଦ୍ର ନିର୍ମାଣ କରିଥିବାବେଳେ ରାଜ୍ୟ ସରକାର ଏହାର ବିକାଶ ଦିଗରେ ଦୃଷ୍ଟି ଦେବାକୁ ଘୋଷଣା କରିଥିଲେ। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ଭବନଟି ଏବେ ଭାଙ୍ଗିରୁଜିଗଲାଣି। ହେଲେ ସରକାରଙ୍କର ଏଥିପ୍ରତି ଦୃଷ୍ଟି ପଡୁ ନାହିଁ। ରାଜ୍ୟ ସରକାର ଏହି ପୁରାତନ ସ୍ମାରକୀର ସୁରକ୍ଷା, ରକ୍ଷଣାବେକ୍ଷଣ, ବିକାଶ ଦିଗରେ ଦୃଷ୍ଟି ଦେଇ ଏ ଦିଗରେ ପରକ୍ଷେପ ନେବାକୁ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ମିଶ୍ର ଦୃଢ଼ ଦାବି କରିଛନ୍ତି।



ପ୍ରାଚୀ ଗବେଷଣାକେନ୍ଦ୍ର ସମ୍ମୁଖରେ ମଞ୍ଚାସୀନ ଅତିଥିବୃନ୍ଦ।

# ବେଆଇନ ମାଟି ଚାଲାଣବେଳେ ହାଇୱା, ଜେସିବି ଜବତ: ୨ ଗିରଫ

ପିପିଲି,୧୮।୫(ସ୍ୱ.ପ୍ର.)

ପିପିଲି ଥାନା କଣ୍ଟି ପଞ୍ଚାୟତରେ ପିପିଲି ପୋଲିସ ଚଢ଼ାଉ କରି ବେଆଇନ ମାଟି ଚୋରା ଚାଲାଣ କରୁଥିବା ଏକ ହାଇୱା ଓ ଜେସିବିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନିକଟବର୍ତ୍ତୀ କାକୁଡ଼ିଆ ଗ୍ରାମର କାହ୍ନୁଚରଣ ବେହେରା(୩୯) ଓ କଣାସ ଥାନା ସିରେଇ ଗ୍ରାମର ବିଜୟ ସାହୁ(୩୯)। ସୂଚନା ମୁତାବକ, କଣ୍ଟି ମୌଜାର ଏକ ଇଟା ଭାଟି ନିକଟ ବେଣାବିଲି ଅଞ୍ଚଳରୁ ବେଆଇନ ଭାବେ ମାଟି ଖୋଳି ଚାଲାଣ କରାଯାଉଥିବା ପୋଲିସ ଖବର ପାଇଥିଲେ। ଥାନା ନିରୀକ୍ଷକ ଅଭିମନ୍ୟୁ ନାୟକଙ୍କ ନିର୍ଦ୍ଦେଶରେ ପୋଲିସର ଏକ ସ୍ୱତନ୍ତ୍ର ଦଳ ସେଠାରେ ଚଢ଼ାଉ କରିଥିଲେ।

# ରସଗୋଲା ଖାଇବାକୁ ନେଇ ବିବାହ ମଣ୍ଡପରେ ଗଣ୍ଡଗୋଳ

■ ବାପା, ୨ ପୁଅ ଗିରଫ
■ କନ୍ୟା ଘରର ୨ ଜଣଙ୍କ ସହ ୪ ଟେଣ୍ଟ କର୍ମଚାରୀ ଆହତ

ଗୋପ,୧୮।୫(ଡି.ଏନ୍.ଏ.)

ଗୋପ– କୋଣାର୍କ ରାସ୍ତାର ବ୍ଲକ ଛକ ନିକଟରେ ଥିବା ଏକ ବିବାହ ମଣ୍ଡପରେ ବୁଧବାର ରାତିରେ ବରଯାତ୍ରୀ ଦଳ ରସଗୋଲା ଖାଇବାକୁ ନେଇ ତୁମୁଳକାଣ୍ଡ କାଣ୍ଡ କରିଥିବା ଜଣାପଡିଛି। ଏପରିକି ବରଯାତ୍ରୀରେ ଆସିଥିବା କେତେକ ଯୁବକ କନ୍ୟାଘର ଲୋକଙ୍କୁ ଆକ୍ରମଣ କରିବା ସହ ଟେଣ୍ଟ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ବିଳମ୍ବିତ ରାତିରେ ଗୋପ ଡାକ୍ତରଖାନାରୁ ବରଯାତ୍ରୀରେ ଆସିଥିବା ଜଣେ ବାପା ତାଙ୍କ ୨ ପୁଅଙ୍କୁ ଗିରଫ କରି ୨ଟି ମାମଲା (ନଂ.୨୨୨/୨୩, ନଂ.୨୨୩/୨୩) ରୁଜୁ କରିଛି। ସେମାନେ ହେଲେ ବିଦ୍ୟାଧର ପରିଡ଼ା, ଦୁଇ ପୁଅ ରଞ୍ଜିତ୍ ପରିଡ଼ା ଓ ଅଜିତ୍ ପରିଡ଼ା। ଗୁରୁବାର ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗୋପ ଥାନା ଅଧୀନ ଡଭାର ଗ୍ରାମର ପ୍ରମୋଦ ବରାଳଙ୍କ ଭଉଣୀଙ୍କ ସହ ପୁରୀ ସଦର ଥାନା ଅନ୍ତର୍ଗତ ବେଲେଶ୍ୱରପାଟଣା ଅଜୟ ପରିଡ଼ାଙ୍କ ସାନ ଭାଇଙ୍କ ବିବାହ ବୁଧବାର ଅନୁଷ୍ଠିତ ହୋଇଥିଲା। ରାତି ୧୧ଟାରେ ବରଯାତ୍ରୀ ବିବାହ ମଣ୍ଡପରେ ପହଞ୍ଚିବା ପରେ ରସଗୋଲା ଖାଇବାକୁ ନେଇ କେତେ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କନ୍ୟାଘରର ସମ୍ପର୍କୀୟ ସିନ୍ଧୁଆ ବରାଳ ଓ ଚିତ୍ତରଞ୍ଜନ ବରାଳ ସେମାନଙ୍କୁ ବୁଝାଇବାବେଳେ ବରଯାତ୍ରୀରେ ଆସିଥିବା ୩/୪ଜଣ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସିନ୍ଧୁଆ ଏବଂ ଚିତ୍ତରଞ୍ଜନଙ୍କ ମୁଣ୍ଡ ଫାଟିଯାଇଥିବାରୁ ତାଙ୍କୁ ଗୋପ ଡାକ୍ତରଖାନା ନିଆଯାଇଥିଲା। ନିଶା ସେବନ କରିଥିବା କିଛି ବରଯାତ୍ରୀ ମଣ୍ଡପରେ ଲାଗିଥିବା ଲାଇଟ୍ ସହ କିଛି ଜିନିଷ ଭାଙ୍ଗିବାରୁ ସେମାନଙ୍କୁ ଟେଣ୍ଟ କର୍ମଚାରୀ ବିରୋଧ କରିଥିଲେ। ହେଲେ ସେମାନେ ଟେଣ୍ଟ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ଟେଣ୍ଟ କର୍ମଚାରୀ ରଜନୀକାନ୍ତ ମଲ୍ଲିକ, ମନୋଜ ମଲ୍ଲିକ, ଭୀମସେନ ମଲ୍ଲିକ ଓ ରାକେଶ ଜେନା ଆହତ ହୋଇ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତଥାପି ୪/୫ ଜଣ ବରଯାତ୍ରୀ ଡାକ୍ତରଖାନାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ପୋଲିସ ଖବରପାଇ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା। ବରଯାତ୍ରୀ ଦଳର ଜଣେ ବ୍ୟକ୍ତି ଆହତ ହୋଇଛନ୍ତି।



ଭଙ୍ଗାରୁଜା ହୋଇ ପଡିଥିବା ବିବାହ ମଣ୍ଡପ ।

# ଅଭିଜ୍ଞତା ଅନୁଯାୟୀ ସେବା କରିବାକୁ ଅନୁରୋଧ

## ରଥଯାତ୍ରା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହ ସମନ୍ୱୟ ସଭା

ପୁରୀ ଅଫିସ,୧୮।୫



ସଦ୍‌ଭାବନା ସଭାଗୃହରେ ଗୁରୁବାର ରଥଯାତ୍ରା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଅନୁଷ୍ଠିତ ସମନ୍ୱୟ ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବିଗତ ବର୍ଷରେ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କର ସେବା ପ୍ରଶଂସନୀୟ ରହିଥିଲା। ଚଳିତ ରଥଯାତ୍ରାରେ ମଧ୍ୟ ଅନୁରୂପ ଉଲ୍ଲେଖନୀୟ ସେବା ଯୋଗାଇଦେବାକୁ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅନୁରୋଧ କରିଛନ୍ତି। ଗୁରୁବାର ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ସାହୁ ଯୋଗଦେଇ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତେଣୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ସେମାନଙ୍କ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରି ବିଗତବର୍ଷ ଭଳି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୂପ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା, ଷ୍ଟ୍ରେଚର ସେବା, ରକ୍ତ ଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳ ସିଞ୍ଚନ, ରାସ୍ତାଘାଟ ପରିଷ୍କାର, ଶ୍ରୀମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର, ବଡ଼ଦାଣ୍ଡ, ସମୁଦ୍ରକୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡରୁ ବୁଲା ଗୋରୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଆଦିକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚାଳନା କରିବେ ବୋଲି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକୁ ବିଭିନ୍ନ ସବ୍‌କମିଟି ଗଠନ କରି ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରାଯିବ। ଯେଉଁ କ୍ଷେତ୍ରରେ ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଅଭିଜ୍ଞତା ରହିଛି ସେମାନେ ସେହି କ୍ଷେତ୍ରରେ କାର୍ଯ୍ୟ କରିବେ। ସଭାରେ ଉପଜିଲାପାଳ ଭବତରଣ ସାହୁ ଯୋଗଦେଇ ସ୍ୱେଚ୍ଛାସେବୀ ସଂଗଠଗୁଡ଼ିକ ରଥଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ଅନୁରୂପ ସେବା ଯୋଗାଇଲେ ଶ୍ରଦ୍ଧାଳୁମାନେ ଉପକୃତ ହୋଇପାରିବେ ବୋଲି କହିଥିଲେ। ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ୱାଟକୋ ଏସ୍‌ଡିଓ ଭବାନୀ ପ୍ରସାଦ ମହାନ୍ତି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।



ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଖୁସି ମନାଉଛନ୍ତି।



ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୃତୀ ଛାତ୍ରଙ୍କୁ ଆଚାର୍ଯ୍ୟ ମିଠା ଖୁଆଇ ଶୁଭେଚ୍ଛା ଜଣାଉଛନ୍ତି।

# କଟକ ଜିଲ୍ଲାରେ ପାସ୍ ହାର ୯୭.୯୯%

**ମାଟ୍ରିକ ପରୀକ୍ଷାଫଳ**

**■ଲିପ୍‌ସା ମିଶ୍ର ଜିଲ୍ଲା ଟପ୍ପର**

କଟକ ଅଫିସ,୧୮।୫

ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କଟକ ଓ ଜଗତ୍‌ସିଂହପୁର ଜିଲାରେ ସର୍ବାଧିକ ପାସ୍ ହାର ରହିଛି। ଗତବର୍ଷ ମାଟ୍ରିକ ପରୀକ୍ଷାରେ ୯୪.୫୫% ପାସ୍ ହାରରେ କଟକ ଜିଲା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଚଳିତବର୍ଷ ୯୭.୯୯ ପ୍ରତିଶତ ରଖି ଜଗତ୍‌ସିଂହପୁର ଜିଲା ସହ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ରହିଛି। ଜିଲାରେ ଏ-୧ ଗ୍ରେଡ୍‌ରେ ୬୦୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏ-୨ ଗ୍ରେଡ୍‌ରେ ୩୩୯୩, ବି-୧ ଗ୍ରେଡ୍‌ରେ ୫୦୦୨, ବି-୨ ଗ୍ରେଡ୍‌ରେ ୬୦୬୪, ସି ଗ୍ରେଡ୍‌ରେ ୫୫୨୯, ଡି ଗ୍ରେଡ୍‌ରେ ୪୩୯୨, ଇ ଗ୍ରେଡ୍‌ରେ ୩୧୩୦ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଜିଲାରେ ଚଳିତଥର ୫୦୨ଟି ହାଇସ୍କୁଲର ୨୮, ୬୬୬ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ସେଥିମଧ୍ୟରୁ ୨୮, ୩୯୪ ଜଣ ପରୀକ୍ଷା ଦେଇଥିଲେ। ୧୧ ଜଣ କପି କରି ଧରାପଡିଥିଲେ। ଜିଲାରେ ଛାତ୍ରୀଙ୍କଠାରୁ ଛାତ୍ରମାନେ ଆଗୁଆ ରହିଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪, ୨୯୬ ଜଣ ଛାତ୍ର ଓ ଓ ୧୩, ୭୯୪ ଜଣ ଛାତ୍ରୀ ରହିଛନ୍ତି। ଟପ୍ ୨ରେ ଦୁଇଜଣ ଝିଅ ରହିଛନ୍ତି। ବାଲିଝରୀସ୍ଥିତ ମଦନ ଗୋପାଳ ହାଇସ୍କୁଲର ଛାତ୍ରୀ ଲିପ୍‌ସା ସ୍ୱାଇଁ ୫୮୩ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ସେହିଭଳି ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପାୟଲ ମିଶ୍ର ୫୮୧ ନମ୍ବର ରଖି ଦ୍ୱିତୀୟ, ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେରିଲୋସ୍ଥିତ ହରିଚନ୍ଦନ ନୋଡାଲ ହାଇସ୍କୁଲର ଓମ୍‌ପ୍ରକାଶ ପଣ୍ଡା ଓ ନରସିଂହପୁର ରଘୁନାଥ ବିଦ୍ୟାପୀଠର ସୁଶୀଲ କୁମାର ନାୟକ ଯୁଗ୍ମ ଭାବରେ ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଡାକ୍ତର ହେବା ପାଇଁ ଲକ୍ଷ୍ୟ ରହିଛି



“୯୭.୧୬% ମାର୍କ ରଖି ଜିଲାରେ ପ୍ରଥମ ସ୍ଥାନରେ ରହିଛି। ଏଥିପାଇଁ ବହୁତ ଖୁସି ଅଛି। ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି । ମୋ ବାପା ଜଣେ ଶିକ୍ଷକ। ସେଥିପାଇଁ ପାଠପଢାର ମୂଳ ପ୍ରୋତ୍ସାହନ ତାଙ୍କଠାରୁ ପାଇଛି। ସ୍ମାର୍ଟ ଷ୍ଟ୍ରାଟେଜିରେ ପାଠ ପଢିଲେ ଭବିଷ୍ୟତରେ ଆଗକୁ ବଢିପାରିବା। ମୋ ସଫଳତା ପଛରେ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅନେକ ଅବଦାନ ରହିଛି।

**ଲିପ୍‌ସା ସ୍ୱାଇଁ, ମଦନ ମୋହନ ହାଇସ୍କୁଲ, ବାଲିଝରୀ, ନରସିଂହପୁର**

## ପରିଶ୍ରମର ଫଳ ମିଳିଛି



“ଦିନକୁ ୯ରୁ ୧୦ ଘଣ୍ଟା ପରିଶ୍ରମ କରିଥିଲି। ଆଶା ଥିଲା ଭଲ ନମ୍ବର ରହିବ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ୯୬.୮୩% ରହିଛି। ହେଲେ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିବି ବୋଲି କେବେ ଭାବି ନ ଥିଲି। ପରିଶ୍ରମର ଫଳ ମିଳିଛି। ଏଥିପାଇଁ ଖୁସି ଲାଗୁଛି। ଭବିଷ୍ୟତରେ ଆଇଏଏସ୍ ଅଫିସର ହେବା ପାଇଁ ଲକ୍ଷ୍ୟ ରହିଛି। ବିଦ୍ୟାଳୟ ଗୁରୁଜୀଗୁରୁମା ଓ ମାଆବାପାଙ୍କ ଆଶୀର୍ବାଦରୁ ଏହି ସଫଳା ପାଇଛି।

**ପାୟଲ ମିଶ୍ର, ଛାତ୍ରୀ, ତୁଳସୀପୁର ସରସ୍ୱତୀ ଶିଶୁ ମନ୍ଦିର**

## ବାପାଙ୍କ ସ୍ୱପ୍ନ ପୂରଣ କରିବି



“୯୦ ପ୍ରତିଶତରୁ ଅଧିକ ମାର୍କ ରହିବ ବୋଲି ଆଶା କରିଥିଲି। ଆଶା ଅନୁଯାୟୀ ୯୬.୬ ପ୍ରତିଶତ ରହିଛି। ସେଥିପାଇଁ ବହୁତ ଖୁସିଲାଗୁଛି। ଭବିଷ୍ୟତରେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରହିଛି। ବାପାଙ୍କ ମଧ୍ୟ ଏହି ସ୍ୱପ୍ନ ରହିଛି। ତାଙ୍କର ଏହି ସ୍ୱପ୍ନ ପୂରା କରିବା ପାଇଁ ଉଦ୍ୟମ ଜାରି ରଖିଛି।

**ଓମ୍‌ପ୍ରକାଶ ପଣ୍ଡା, କେରିଲୋ, ହରିଚନ୍ଦନ ନୋଡାଲ ଉଚ୍ଚ ବିଦ୍ୟାଳୟ**

## ସହରର ଶତ ପ୍ରତିଶତ ସଫଳତା

କଟକ ସହରର ବିଭିନ୍ନ ସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛି। କଲେଜଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୦୦% ରେଜଲ୍ଟ ହୋଇଛି। ଏଠାରେ ମୋଟ ୧୫୬ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ଏ-୧ ଗ୍ରେଡ୍‌ରେ ୧୪, ଏ-୨ ଗ୍ରେଡ୍‌ରେ ୩୬, ବି-୧ ଗ୍ରେଡ୍‌ରେ ୪୬, ବି-୨ ଗ୍ରେଡ୍‌ରେ ୪୬, ସି ଗ୍ରେଡ୍‌ରେ ୧୨ ଓ ଡି ଗ୍ରେଡ୍‌ରେ ୨ ଜଣ ପାସ କରିଛନ୍ତି। ଉଦିତ୍ ପଣ୍ଡା ସର୍ବାଧିକ ୫୭୪ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟରେ ମନସ୍ୱିନୀ ମନସ୍ମିତା(୫୭୧) ଓ ତୃତୀୟରେ ବର୍ଷା ପ୍ରିୟଦର୍ଶିନୀ ସାହୁ (୫୬୭) ରହିଛନ୍ତି। ସେହିପରି ବୋର୍ଡ ହାଇସ୍କୁଲରେ ଏ-୧ ଗ୍ରେଡ୍‌ରେ ୯ ଜଣ, ଏ-୨ରେ ୨୪, ବି-୧ରେ ୪୮, ବି-୨ରେ ୫୧, ସିରେ ୧୩, ଡିରେ୨ ଓ ଇ ଗ୍ରେଡ୍‌ରେ ଜଣେ ପାସ କରିଛନ୍ତି। ଏହି ସ୍କୁଲର ଛାତ୍ର ସତ୍ୟଜିତ ମହାନ୍ତି ୫୬୮ ନମ୍ବର ରଖି ପ୍ରଥମ, ପୁଲକ ମହାନ୍ତି ୫୬୦ ନମ୍ବର ରଖି ଦ୍ୱିତୀୟ ଓ ଜଗନ୍ନାଥ ମଲ୍ଲିକ ୫୫୩ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରେଭେନ୍‌ଶା କଲିଜିଏଟ୍ ସ୍କୁଲ ୧୫୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଠାରେ ଶତପ୍ରତିଶତ ଫଳାଫଳ ହୋଇଛି। ଏ-୧ ଗ୍ରେଡ୍‌ରେ ୧୦ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏ-୨ରେ ୨୬, ବି-୧ରେ ୪୭, ବି-୨ରେ ୪୫, ସିରେ ୨୩ ଓ ଡି ଗ୍ରେଡ୍‌ରେ ୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲରେ ଶତପ୍ରତିଶତ ଫଳାଫଳ ହୋଇଛି। ୧୦୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏ-୧ରେ ୨ ଜଣ, ଏ-୨ରେ ୩ ଜଣ, ବି-୧ରେ ୧୭ ଜଣ, ବି-୨ରେ ୪୦ ଜଣ, ସି ଗ୍ରେଡ୍‌ରେ ୩୩, ଡି ଗ୍ରେଡ୍‌ରେ ୧୧ ଓ ଇ ଗ୍ରେଡ୍‌ରେ ୩ ଜଣ ପାସ କରିଛନ୍ତି। ସ୍ୱାଗତିକା ରାଉଳ ୫୪୭ ଓ ସୁଶାନ୍ତ କୁମାର ସେଠୀ ୫୪୩ ସର୍ବାଧିକ ନମ୍ବର ରଖିଛନ୍ତି। ଓଡ଼ିଶା ସରକାରୀ ପ୍ରେସ୍ ହାଇସ୍କୁଲରେ ଶତପ୍ରତିଶତ ଫଳାଫଳ ହୋଇଛି। ୮୧ ଜଣ ପିଲାଙ୍କ ମଧ୍ୟରୁ ଏ-୨ ଗ୍ରେଡ୍‌ରେ ୫ ଜଣ, ବି-୧ରେ ୨୦ ଜଣ, ବି-୨ରେ ୨୦ ଜଣ, ସି ଗ୍ରେଡ୍‌ରେ ୨୨, ଡି ଗ୍ରେଡ୍‌ରେ ୧୨, ଇ ଗ୍ରେଡ୍‌ରେ ୨ ଜଣ ପାସ କରିଛନ୍ତି। ଖାନ୍‌ନଗର ସରକାରୀ ହାଇସ୍କୁଲରେ ୧୦୦% ରେଜଲ୍ଟ ହୋଇଛି। ଏ-୨ରେ ୪ ଜଣ, ବି-୧ରେ ୪ ଜଣ, ବି-୨ରେ ୧୯, ସି ଗ୍ରେଡ୍‌ରେ ୧୬, ଡି ଗ୍ରେଡ୍‌ରେ ୧୬, ଇ ଗ୍ରେଡ୍‌ରେ ୧୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମ୍ୟୁନିସିପାଲ ସିଟି ସରକାରୀ ଉଚ୍ଚବିଦ୍ୟାଳୟ, ରେଲୱେ ସେଟେଲମେଣ୍ଟ ହାଇସ୍କୁଲ, ଗତିରାଉତପାଟଣା ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରମୁଖ ବିଦ୍ୟାଳୟରେ ମଧ୍ୟ ୧୦୦% ସଫଳତା ମିଳିଛି।

### ମିଶନ ସୁପର-୩୦, ଏ-୧ ଗ୍ରେଡ୍‌ରେ ଜଣେ

ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ମିଶନ ସୁପର-୩୦ ରେଜଲ୍ଟ ମଧ୍ୟ ପ୍ରକାଶ ପାଇଛି। ଏଥିରେ ଏ-୧ ଗ୍ରେଡ୍‌ରେ ଜଣେ ସ୍ଥାନ ପାଇଥିବାବେଳେ ଏ-୨ରେ ୧୬ ଜଣ, ବି-୧ ଗ୍ରେଡ୍‌ରେ ୧୫ ଜଣ ରହିଛନ୍ତି । ରାଧେଶ୍ୱରୀ ବେହେରା ୯୩.୫୦% ରଖି ଏ-୧ ଗ୍ରେଡ୍ ହାସଲ କରିଛନ୍ତି। ଓଡ଼ିଆ ମିଡିୟମରେ ପଢୁଥିବା ବିଦ୍ୟାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିଲା ମିଶନ ସୁପର-୩୦। ୩୦ ଜଣଙ୍କୁ ନେଇ ଏହି ମିଶନ ଆରମ୍ଭ ହୋଇଥିବାବେଳେ ଏଥିରେ ଆଉ ଜଣଙ୍କୁ ମିଶାଇ ସମୁଦାୟ ସଂଖ୍ୟା ୩୧ରେ ପହଞ୍ଚିଥିଲା। ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରେ ପ୍ରଥମଥର ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ଏହି ମିଶନ ଆରମ୍ଭ ହୋଇଥିଲା। ଆଠଗଡର ବିଶ୍ୱନାଥ ବିଦ୍ୟାପୀଠ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ବିଭିନ୍ନ ସ୍କୁଲର ପରୀକ୍ଷାଫଳ

କଟକ ସଦର/ଚୌଦ୍ୱାର/ଖୁଣ୍ଟୁଣୀ/ମଙ୍ଗୁଳି-ଜଗତ୍‌ପୁର/ ନିଶ୍ଚିନ୍ତକୋଇଲି/ବାଙ୍କୀ/ବଡ଼ମ୍ବା/ସାଲେପୁର/ଆଠଗଡ଼/ମାହାଙ୍ଗା/,୧୮।୫(ଡି.ଏନ୍.ଏ./ସ୍ୱ.ପ୍ର.)

ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କଟକ ଜିଲାରେ ପାସ୍ ହାର ଭଲ ରହିଛି। କଟକ ସଦର ବ୍ଲକ ଅଧୀନ କନ୍ଦରପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଲିପ୍ସା ରାଉତ(୫୫୩), ସୁନୀଲ କୁମାର ମହାରଣା(୫୫୨), ସାର୍ଥକ କୁମାର ସାହୁ(୫୫୦), ସୌଭାଗ୍ୟ ରଞ୍ଜନ ସେନାପତି(୫୪୯), ସ୍ମୃତି ସଙ୍ଗୀତା ମହାନ୍ତି(୫୪୯), ପ୍ରିୟଙ୍କା ମିଶ୍ର(୫୪୦) ରଖିଥିବାବେଳେ ୪୨ ମୌଜା ବରାଳସ୍ଥିତ ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ବିଦ୍ୟାପୀଠର ଭୂମିକା ଜେନା(୫୬୫), ରାମକୁମାରପୁରସ୍ଥିତ ନାହାକାଣି ହାଇସ୍କୁଲର ଦେବସ୍ମିତା ପ୍ରିୟଦର୍ଶିନୀ ସାହୁ(୫୫୪) ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ସେହିପରି ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଶିଷ କୁମାର ବେହେରା(୫୭୩), ସୁଶ୍ରୀ ଶୁଚିସ୍ମିତା ନିଶଙ୍କ(୫୭୧), ସ୍ୱାଗତ ଅରଖ(୫୭୧), ସୁଶ୍ରୀ ସୋନାଲି ପ୍ରିୟଦର୍ଶିନୀ ବେହେରା(୫୬୪), ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ(୫୬୨), ସଞ୍ଚିତା ପ୍ରିୟଦର୍ଶିନୀ(୫୫୪), ଶ୍ରୀକାନ୍ତ ବାରିକ(୫୪୮), କର୍ତ୍ତକେଶ୍ୱର ମାଝୀ (୫୪୬), ସମ୍ବିତ କୁମାର ପରିଡ଼ା(୫୪୪), ଆର୍ଯ୍ୟନ୍ କୁମାର ପ୍ରଧାନ(୫୪୩), ମାଉଡ଼ି ସ୍ନେହା(୫୪୩), ରୋନକ ଖୁଣ୍ଟିଆ(୫୪୧), ଈଶ୍ୱରି କିଷାନ,(୫୪୦) ଓ କ୍ରିଷ୍ଣା ସ୍ମୃତି ରଥ(୫୪୦) ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି।

ସେହିପରି ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡ଼ାଲ ହାଇସ୍କୁଲରେ ପାସ୍ ହାର ଶତ ପ୍ରତିଶତ ରହିଛି। ବିଦ୍ୟାଳୟର ମୋଟ ୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏ-୧ ଗ୍ରେଡ୍‌ରେ ଜଣେ, ଏ-୨ ଗ୍ରେଡ୍‌ରେ ୭, ବି-୧ଗ୍ରେଡ୍‌ରେ ୧୫, ବି-୨ ଗ୍ରେଡ୍‌ରେ ୧୬, ସି ଗ୍ରେଡ୍‌ରେ ୨୩, ଡି ଗ୍ରେଡ୍‌ରେ ୧୧ଜଣ ଏବଂ ଇ ଗ୍ରେଡ୍‌ରେ ୮ଜଣ ପାସ୍ କରିଛନ୍ତି। ଛାତ୍ରୀ ପ୍ରୀତି ପ୍ରଜୋଜିତା ସାହୁ ୫୭୧ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ମାତାପିତାଙ୍କ ଅବଦାନ ରହିଥିବା ପ୍ରୀତି ପ୍ରଜୋଜିତା କହିଛନ୍ତି।

ଖୁଣ୍ଟୁଣୀସ୍ଥିତ ରାଧାନାଥ ନୋଡାଲ ବିଦ୍ୟାପୀଠର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ଫୈଜିନ କମଲ ଓ ବିଶ୍ୱଜିତ ବାରିକ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ଆଠଗଡ଼ ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ସତ୍ୟପ୍ରିୟ ମହାନ୍ତି, ବିଜୁ ଛାତ୍ର ଜନତା ଦଳର ଜିଲା ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ଶୁଭେନ୍ଦୁ ନାୟକ, ରିଙ୍କୁ ପତ୍ରୀ ଓ ବିଭୂତି ଖଟୁଆ, ଯୁବ ସଙ୍ଗଠକ ଦୀପକ ସାହାଣୀ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କ ଘରେ ପହଞ୍ଚି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଜଗତପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପାସ୍ ହାର ୧୦୦% ରହିଛି। ମୋଟ ୨୭ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୁରଲୀ ମନୋହର ମିଶ୍ର ୫୬୭ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।

ମାଟ୍ରିକ ପରୀକ୍ଷାରେ ଓମ୍ ପ୍ରକାଶ ପଣ୍ଡା ନିଶ୍ଚିନ୍ତକୋଇଲି ବ୍ଲକ ଟପ୍ପର ହୋଇଛନ୍ତି। ସେ ୫୮୦ ନମ୍ବର ରଖିଛନ୍ତି। ବ୍ଲକରୁ ମୋଟ ୧୩୬ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୫ ଉଚ୍ଚ ବିଦ୍ୟାଳୟର ମୋଟ ୨୩୧୦ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୩୦୦ ଜଣ ପାସ୍ କରିଛନ୍ତି। ୧୦ ଜଣ ଫେଲ ହୋଇଛନ୍ତି।

ବାଙ୍କୀ ବ୍ଲକରେ ସମୁଦାୟ ୧୦୬୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୦୫୭ ଜଣ କୃତିତ୍ୱ ହାସଲ କରିଛନ୍ତି। ଏହି ବ୍ଲକର ବ୍ରହ୍ମପୁରା ସଚଳାଦେବୀ ବାଳିକା ହାଇସ୍କୁଲର ଦେବସ୍ମିତା ବେହେରା ୫୬୯ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ସେହିପରି ଡମପଡ଼ା ବ୍ଲକ ତୁଳସୀପୁର ହାଇସ୍କୁଲର ଚିତ୍ତରଞ୍ଜନ ସାହୁ ୫୪୦ ନମ୍ବର ରଖି ଟପ୍ପର ହୋଇଛନ୍ତି। ଏ-୧ରେ ବାଙ୍କୀ ଓ ଡମପଡ଼ା ବ୍ଲକରୁ ଜଣେ ଲେଖାଏ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ କାଳିପୋଇ ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଶତପ୍ରତିଶତ ପାସ କରିଛନ୍ତି। ଏଠାରେ ୪୫ ଜଣ ପିଲା ପରୀକ୍ଷା ଦେଇଥିଲେ। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ୩୯ ହାଇସ୍କୁଲ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିରୁ ୩୨ ହାଇସ୍କୁଲରେ ଶତପ୍ରତିଶତ ଫଳାଫଳ ହୋଇଛି। ଗ୍ରାମ ପଞ୍ଚାୟତ ହାଇସ୍କୁଲ ରତାପାଟର ଛାତ୍ରୀ ଶୁଭ ଲକ୍ଷ୍ମୀ ଧଳ ୫୬୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି।

ସାଲେପୁର ବ୍ଲକ ବେସରକାରୀ ସ୍କୁଲର ୨୩ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସରକାରୀ ଉଚ୍ଚ ବିଦ୍ୟାଳୟର ମାତ୍ର ୮ଜଣ ଛାତ୍ରୀଛାତ୍ରୀଙ୍କୁ ଏ-୧ ମିଳିଛି। ଏହି ବ୍ଲକର ୪୩ ସ୍କୁଲର ୨୩୯୭ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିରୁ ୨୩୫୩ଜଣ ପାସ୍ କରିଛନ୍ତି। ସାଲେପୁର ଶିଶୁମନ୍ଦିର ଛାତ୍ର ଶୁଭ୍ରାଂଶୁ ବେହେରା ୫୭୭ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି।

ଆଠଗଡ଼ ବ୍ଲକରେ ୧୮୨୦ ଜଣ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୧୭୯୮ ଜଣ ପାଶ୍ କରିଛନ୍ତି। ଏଠାରେ ପାସ୍‌ହାର ୯୯ ପ୍ରତିଶତ ରହିଛି। ବ୍ଲକରେ ୧୩ଜଣ ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ଛାତ୍ରୀଥିବାବେଳେ ୪ଜଣ ଛାତ୍ର ରହିଛନ୍ତି। ଆଠଗଡ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରାଧେଶରୀ ବେହେରା ୫୬୧ ନମର ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ଏହି ବ୍ଲକର ୧୭ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଛି। ବ୍ଲକର ସାବିତ୍ରୀ ଦେବୀ ବିଦ୍ୟାପୀଠରେ ଶତପ୍ରତିଶତ ସଫଳତା ହେବା ସହ ୬ ଜଣ ଛାତ୍ରୀଛାତ୍ର ଏ-୧ରେ ପାସ୍ କରିଛନ୍ତି।

ମାହାଙ୍ଗା ବ୍ଲକରେ ୫୧ଟି ହାଇସ୍କୁଲର ୨୨୭୧ ଜଣ ଛାତ୍ରଛାତ୍ରୀମାନେ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୨୨୬୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଏଠାରେ ପାସ୍‌ହାର ଶତକଡା ୯୯.୬ ହୋଇଛି । ଏହି ବ୍ଲକରେ ମୋଟ୍ ୧୬ ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବର୍ଷା ପ୍ରିୟଦର୍ଶିନୀ ସେଠୀ ୫୭୩ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି।

# ଦୋକାନରେ ଚଢ଼ାଉ, ଜରିମାନା ଆଦାୟ

କଟକ ଅଫିସ,୧୮।୫



ସିଏମ୍‌ସି ପରିମଳ ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଏକ ଦୋକାନରେ ଚଢ଼ାଉ କରାଯାଉଛି।

କଟକ ମହାନଗର ନିଗମ (ସିଏମ୍‌ସି) ପରିମଳ ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଗୁରୁବାର କ୍ୟାଣ୍ଟନମେଣ୍ଟ ରୋଡ ଓ ଏହାର ଆଖପାଖ ଅଞ୍ଚଳରେ ଚଢାଉ କରାଯାଇଛି। ସେଥିମଧ୍ୟରେ ଏକ ରେଷ୍ଟୁରାଣ୍ଟରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଦୁଇଟି ପାନ ଦୋକାନ, ଗୋଟିଏ ଗ୍ୟାରେଜ୍, ଫ୍ୟୁଜନ୍ ଫୁଡ୍ କାଫେ, ଗୋଟିଏ ସିଟ୍ କଭର ତିଆରି ଦୋକାନ, ଗଦି ମରାମତି ଦୋକାନରେ ଚଢ଼ାଉ କରାଯାଇ ପ୍ରତ୍ୟେକଙ୍କଠାରୁ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଉଲ୍ଲଂଘନ କରିବା, ପରିବେଶ ସଫା ନ ରଖିବା, ଡଷ୍ଟବିନ୍ ବ୍ୟବହାର ନ କରିବା ଅଭିଯୋଗ ହେବା ପରେ ସିଏମ୍‌ସି ପରିମଳ ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ନ୍ୟୁ ଗିରନାର୍ ନାମକ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଥିଲା । ରୋଷଘର ଓ ଖାଦ୍ୟ ପଦାର୍ଥ ରଖିବା ସ୍ଥାନ ଅପରିଷ୍କାର ଥିବାରୁ ଜରିମାନା ବାବଦକୁ ୧୦ ହଜାର ଟଙ୍କା ଉକ୍ତ ରେଷ୍ଟୁରାଣ୍ଟ ମାଲିକଙ୍କ ନିକଟରୁ ଆଦାୟ କରାଯାଇଥିଲା । ସେହିପରି ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବା ଓ ପରିବେଶ ଅପରିଷ୍କାର କରୁଥିବା ଉପରୋକ୍ତ ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ସେମାନଙ୍କୁ ତାଗିଦ୍ କରାଯାଇଥିଲା। ସହକାରୀ କମିଶନର ତ୍ରିନାଥ ବେହେରା(ସାନିଟେସନ) ଓ ତ୍ରିଶୂଳ ମାର୍ଦ୍ଦି ଏହି ଚଢ଼ାଉର ନେତୃତ୍ୱ ନେଇଥିଲାବେଳେ କନିଷ୍ଠ ସାନିଟେସନ ଏକ୍ସପର୍ଟ ସୁବ୍ରତ ମହାପାତ୍ର, ସାନିଟାରୀ ଇନ୍ସପେକ୍ଟର ପ୍ରତାପ ମହାନ୍ତିଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

**ଡଷ୍ଟବିନ ବ୍ୟବହାର ପାଇଁ ବ୍ୟବସାୟୀଙ୍କୁ ତାଗିଦ୍**

# ମହିଳାଙ୍କୁ ଗଣବଳାତ୍କାର, ଥାନାରେ ମହିଳା

ନିଶ୍ଚିନ୍ତକୋଇଲି,୧୮।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନିରାଶ୍ରୟ ମହିଳାଙ୍କୁ ୨ ଦିନ ତଳେ ଗଣବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳାଙ୍କ କୌଣସି ଘର ନାହିଁ। ସେ ମଙ୍ଗଳବାର ରାତିରେ ବଜାର ନିକଟ ଏକ ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଶୋଇଥିଲେ। ଏହି ସମୟରେ ୨ ଜଣ ଯୁବକ ଆସି ଜୋର ଜବରଦସ୍ତ ଟେକି ନେଇ ପାଖରେ ଥିବା ଏକ ସ୍କୁଲ ପଡିଆରେ ବଳାତ୍କାର କରିବା ସହ ମାଡ଼ ମାରିଥିଲେ। ଏନେଇ ପୀଡିତା ଗୁରୁବାର ନିଶ୍ଚିତକୋଇଲି ଥାନା ରେ ଏତଲା ଦେଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇ ବୟାନ ରେକର୍ଡ କରିଛି। ଏନେଇ ଥାନାରେ ମାମଲା (ନଂ.୯୨/୨୩) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି।

# ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ

କଟକ ଅଫିସ,୧୮।୫




ସଂଗ୍ରହାଳୟରେ ଲୋକମାନେ ବୁଲି ଦେଖୁଛନ୍ତି।

ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ଅବସରରେ ଗୁରୁବାର ଏସ୍‌ସିବି ମେଡିକାଲର ଆନାଟୋମି (ଶରୀରତତ୍ତ୍ୱ) ବିଭାଗ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ କରାଯାଇଛି। ବିଭିନ୍ନ ବର୍ଗର ଲୋକ ଓ ଛାତ୍ରୀଛାତ୍ର ଗୋଟିଏ ଦିନ ପାଇଁ ଏହି ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଡାକ୍ତରୀ ପାଠପଢ଼ା ବାବଦରେ ସେମାନଙ୍କର ସମ୍ୟକ ଧାରଣା ଆସିବା ସହ କେତେକ ଉତ୍ସୁକତାର ସହ ଶରୀରର ବିଭିନ୍ନ ଅଙ୍ଗ ତଥା ଅଙ୍ଗ ସଂସ୍ଥାନର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନିମନ୍ତେ ରଖାଯାଇଥିବା ମଣିଷ ଶରୀରର ବିଭିନ୍ନ ଅଙ୍ଗକୁ ଦେଖିବାର ସୁଯୋଗକୁ କେତେକ ହାତଛଡ଼ା କରି ନ ଥିଲେ। ମହାବିଦ୍ୟାଳୟର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସନଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର, ମୁଖ୍ୟବକ୍ତା ଭୁବନେଶ୍ୱରର ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟର ମୁଖ୍ୟ ପ୍ରଫେସର ଡା. ଶ୍ରୀ ଗୌରବ, ସମ୍ମାନିତ ଅତିଥି ଭାବେ ପ୍ରଫେସର ବି. କେ. ଦତ୍ତ, ଡା. ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆନାଟୋମି ବିଭାଗର ମୁଖ୍ୟ ପ୍ରଫେସର ଡା. ସତ୍ୟଶ୍ରୀ ରାୟଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ମନୋଜ ଦେହୁରୀ, ଡା. ସ୍ମିତା ପାତ୍ର, ଡା. ମାନସ ରଞ୍ଜନ ପତିଙ୍କ ସମେତ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

**ଏସ୍‌ସିବି ଆନାଟୋମି ସଂଗ୍ରହାଳୟ ବୁଲିଲେ ସର୍ବସାଧାରଣ**

## ସଂକ୍ଷେପରେ

### ରାଜଧାନୀରେ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୮।୫(ବ୍ୟୁରୋ):ରାଜଧାନୀରେ ପୁଣି ଜଣେ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ସତ୍ୟସ୍ୱରୂପ ପଣ୍ଡା। ସେ ନୀଳାଦ୍ରି ବିହାର ସେକ୍ଟର-ଭି ଅଞ୍ଚଳରେ ଏକ ମେସ୍‌ରେ ରହୁଥିଲେ। ସେ ଏକ ଘରୋଇ ପଲିଟେକନିକ କଲେଜ କମ୍ପ୍ୟୁଟର ସାଇନ୍ସ ବିଭାଗରେ ତୃତୀୟ ବର୍ଷର ଛାତ୍ର ଥିଲେ। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଚନ୍ଦ୍ରଶେଖରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପରିବାର ଲୋକେ କୌଣସି ଅଭିଯୋଗ କରି ନ ଥିବାରୁ ପୋଲିସ ଅପମୃତ୍ୟୁ ମାମଲା (ନଂ. ୩୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ୧୮ ବର୍ଷୀୟ ସତ୍ୟସ୍ୱରୂପ ଇନ୍‌ଫୋସିଟି ଅଞ୍ଚଳରେ ଥିବା ଏକ ଘରୋଇ ପଲିଟେକ୍ନିକ କଲେଜର କମ୍ପ୍ୟୁଟର ସାଇନ୍ସ ବିଭାଗରେ ତୃତୀୟ ବର୍ଷର ଛାତ୍ର ଥିଲେ। ସେ ସହପାଠୀମାନଙ୍କ ସହ ନୀଳାଦ୍ରିବିହାର ଅଞ୍ଚଳରେ ଥିବା ଏକ ଘରୋଇ ମେସ୍‌ରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ସେ ତାଙ୍କ ଝିଅ ବନ୍ଧୁଙ୍କ ସହ କଥାବାର୍ତ୍ତା ହେବା ସମୟରେ କୌଣସି କାରଣରୁ ଜୋର ଯୁକ୍ତିତର୍କ କରିଥିଲେ। ଏହାପରେ ସତ୍ୟସ୍ୱରୂପ ଫୋନ କାଟି ନିଜ କୋଠରୀକୁ ଯାଇ ଏକ ଗାମୁଛା ଦ୍ୱାରା ଫ୍ୟାନରେ ଝୁଲିପଡ଼ିଥିଲେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସତ୍ୟସ୍ୱରୂପ ଫୋନ ନ ଉଠାଇବାରୁ ତାଙ୍କ ମା' ଅନ୍ୟ ଅନ୍ତେବାସୀଙ୍କୁ କହିଥିଲେ। ପରେ ଅନ୍ତେବାସୀମାନେ ରୁମ୍ ଭିତରକୁ ଯାଇ ସତ୍ୟସ୍ୱରୂପଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସ ଏବଂ ପରିବାର ଲୋକଙ୍କୁ ଖବର ଦେଇଥିଲେ।

# ବଟି ନ ଦେବାରୁ ଗୋଡ଼ାଇ ହାଣିଲେ

**ରାଜଧାନୀରେ ପୁଣି ଆତଙ୍କ ଖୋଇଲେ ଅସାମାଜିକ**

- ବ୍ୟବସାୟୀଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ଆହତ
- ଘଣ୍ଟାଏ ବିଳମ୍ବରେ ପହଞ୍ଚିଲା ପୋଲିସ
- ୨ ଅଭିଯୁକ୍ତ ଗିରଫ, ୩ ଫେରାର




ଗିରଫ ଦୁଇ ଅଭିଯୁକ୍ତ ।



ଆକ୍ରମଣରେ ଆହତ ଦୋକାନୀ



ସିସିଟିଭିରେ କଏଦ ହୋଇଥିବା ଆକ୍ରମଣ ବେଳର ଦୃଶ୍ୟ ।

ଭୁବନେଶ୍ୱର,୧୮।୫(ବ୍ୟୁରୋ): ରାଜଧାନୀରେ ପୁଣି ଅସାମାଜିକ ଯୁବକଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ବଟି ନ ଦେବାରୁ ସମ୍ପୃକ୍ତ ଯୁବକମାନେ ଖଣ୍ଡା ଧରି ବ୍ୟବସାୟୀମାନଙ୍କୁ ଭୟଭୀତ କରାଇବା ସହ ଗୋଡ଼ାଇ ହାଣିଛନ୍ତି। ଭରତପୁର ଥାନା ଅନ୍ତର୍ଗତ ନୂଆଗାଁରେ ବୁଧବାର ରାତିରେ ଏଭଳି ଘଟଣା ଘଟିଛି। ଆକ୍ରମଣର ସିସିଟିଭି ଫୁଟେଜ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି ଆକ୍ରମଣରେ ଇଲେକ୍ଟ୍ରୋନିକ୍ସ ଦୋକାନୀ ରାକେଶ ମୁଦୁଲିଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଅନ୍ୟ ଆହତମାନଙ୍କ ମଧ୍ୟରେ ନିତେଶ କୁମାର ସିଂ, ଆଲୋକ ବେହେରା, ସୋମନାଥ ବେହେରା, ସୁବ୍ରତ ବେହେରା ପ୍ରମୁଖ ରହିଛନ୍ତି। ଏହି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଶ୍ୟାମପୁରର ତୋଫାନ କୁମାର ଦାସ ଓ ଅବିନାଶ ବେହେରା। ପୋଲିସ ଏନେଇ ଏକ ମାମଲା (ନଂ. ୨୨୦/୨୩) ରୁଜୁ କରିଛି। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ବୁଧବାର ରାତି ପ୍ରାୟ ୯ଟା ୧୦ ବେଳେ ଦୁଇଟି ବାଇକରେ ୫ଜଣ ଯୁବକ ହାତରେ ଖଣ୍ଡା ଓ ଭୁଜାଲି ଧରି ଆସିଥିଲେ। ସେମାନେ ବୁଲିବୁଲି ଦୋକାନୀଙ୍କୁ ବଟି ମାଗିଥିଲେ। ଯିଏ ଟଙ୍କା ଦେଉ ନ ଥିଲେ ସେମାନଙ୍କୁ ଧମକଚମକ ଦେବା ସହ ଗାଳିଗୁଲଜ କରିଥିଲେ। ରାକେଶ ନାମକ ବ୍ୟବସାୟୀ ବଟି ଦେବାକୁ ଅରାଜି ହେବାରୁ ତାଙ୍କୁ ଧମକଚମକ ଦେଇଥିଲେ। ପରେ ସେମାନଙ୍କୁ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ମୁନା ମୁଦୁଲିଙ୍କ ବେକରୁ ଚେନ ଓ ପାଖରେ ଥିବା ଟଙ୍କା ନେଇ ଯୁବକମାନେ ପଳାଇଥିବା ଅଭିଯୋଗ ହୋଇଛି। ଅନ୍ୟ ଜଣେ ଦୋକାନୀ କହିଛନ୍ତି, ଘଟଣା ବିଷୟରେ ପୋଲିସକୁ ତୁରନ୍ତ ଖବର ଦେଇଥିଲୁ। ହେଲେ ପୋଲିସ ଘଣ୍ଟାଏ ବିଳମ୍ବରେ ପହଞ୍ଚିଥିଲା। ପୋଲିସ ଆଗରେ ସେମାନେ ତାଙ୍କୁ ଆକ୍ରମଣ କରିଥିବା ଦୋକାନୀ ଜଣଙ୍କ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତଙ୍କ ହାତରେ ମାରଣାସ୍ତ୍ର ଥିବାରୁ ଭୟରେ ପୋଲିସ ହସ୍ତକ୍ଷେପ କରି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ସବୁଠୁ ବଡ଼ କଥା ହେଲା, ରାତି ମାତ୍ର ୯ଟାରେ ସମ୍ପୃକ୍ତ ଯୁବକମାନଙ୍କ ଏଭଳି କାଣ୍ଡ ଘଟାଇବାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସେହିପରି ଏହି ଘଟଣା ସହରବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଅନ୍ୟପଟେ ରାଜଧାନୀରେ ସେଫ୍ ସିଟି ଡ୍ରାଇଭ ଅଭିଯାନ କ୍ରମରେ କମିଶନରେଟ ପୋଲିସ ପକ୍ଷରୁ କରାଯାଉଥିବା ପାଟ୍ରୋଲିଂକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱମ୍ଭର



@ ଦୀପ୍ତିରଞ୍ଜନ



@ ଗୋପୀନାଥ



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନ ଛୁଇଁଲା କଣ୍ଠ, ଯନ୍ତ୍ର ସଙ୍ଗୀତର ଆସର

**ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା**



ଉତ୍ସବରେ କଣ୍ଠ ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତ ପରିବେଷଣ କରାଯାଉଛି ।

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଓ ଫାଉଣ୍ଡେଶନ୍‌ର ୩୧ତମ ବାର୍ଷିକୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଆୟୋଜିତ ଏହି ଉତ୍ସବରେ କଣ୍ଠ ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତର ମିଳିତ ଉପସ୍ଥାପନାରେ ଆସର ହୋଇଛି ସଙ୍ଗୀତ ମୁଖର। ଏହି ସଙ୍ଗୀତ ମାଧ୍ୟମରେ ଓଡ଼ିଆ ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତର ସ୍ୱର ସାଧକଙ୍କୁ ଶିଳ୍ପୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଶିବାଗ୍ନି ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ରୋଚକ ପରିବେଷଣରେ ପଲ୍ଲୀ ଗୀତ, ଶାସ୍ତ୍ରୀୟ ସଙ୍ଗୀତ ସହ ସଙ୍ଗୀତ ସୁଧାକରଙ୍କ ସଂଯୋଜିତ ସୁଗମ ସଙ୍ଗୀତଗୁଡ଼ିକ ପରିବେଷଣ କରାଯାଇଥିଲା। ବେହେଲାବାଦକ ଅଗ୍ନିମିତ୍ର ବେହେରା ଏବଂ ବଂଶୀବାଦକ ଶ୍ରୀନିବାସ ଶତପଥୀଙ୍କ ପରିଚାଳନାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଙ୍ଗୀତ ଉପସ୍ଥାପିତ ହୋଇଥିଲା। ଏହି ଉତ୍ସବରେ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ମଧୁସୂଦନ ଦାଶ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ମନୋରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସଙ୍ଗୀତ ଗୁରୁ ରାମହରି ଦାସ ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆବାହକ ଅରକ୍ଷିତ ଦାଶ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି କ୍ଷୀରୋଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ ସହ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ନିର୍ଦ୍ଦେଶିତ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ।

## ଚା ପିଇବା ବେଳେ ଜଣଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜଧାନୀର ଭରତପୁର ପରେ ଖଣ୍ଡଗିରି ଛକରେ ଦୁର୍ବୃତ୍ତ ଆତଙ୍କରାଜ ରଚିଛନ୍ତି। ଗୁରୁବାର ସକାଳେ ଚା' ପିଇବା ବେଳେ ଜଣେ ବ୍ୟକ୍ତିଙ୍କୁ ୨ଜଣ ଦୁର୍ବୃତ୍ତ ଖଣ୍ଡାରେ ହାଣି ଫେରାର ହୋଇଯାଇଛନ୍ତି। ଏଥିରେ ବରମୁଣ୍ଡା ଗାଁର ନବଘନ ପାଇଁଶାଣୀ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନବଘନଙ୍କ ବେକ, ଛାତି ଓ ହାତରେ ଖଣ୍ଡା ଚୋଟ ବାଜିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଖବର ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। କାହା ସହ ଶତ୍ରୁତା ନ ଥିବା ଆକ୍ରମଣର ଶିକାର ନବଘନ କହିଛନ୍ତି। ଆକ୍ରମଣକାରୀଙ୍କୁ ସେ ଚିହ୍ନି ନ ଥିବା ପୋଲିସ ସମ୍ମୁଖରେ କହିଛନ୍ତି ।

# ଝିଅ ବାହାଘର ଦିନ ବାପାଙ୍କ ମୃତ୍ୟୁ

**୧୬ଦିନ ପରେ ସାଉଦିରୁ ଫେରିଲା ମୃତଦେହ**

ବାଲୁଗାଁ,୧୮।୫(ଡି.ଏନ୍.ଏ.): ଅଧିକ ଅର୍ଥ ରୋଜଗାର ଆଶା ତଥା ପରିବାର ପ୍ରତିପୋଷଣ ପାଇଁ ଲୋକେ ବିଭିନ୍ନ ଦେଶକୁ ଯାଉଛନ୍ତି। ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ବେଲପଡ଼ା ଗ୍ରାମର ଜଗନ୍ନାଥ ପ୍ରଧାନ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ହେବ ସାଉଦିରେ କାର୍ଯ୍ୟରତ ଥିଲେ। ତେବେ ଗତ ୩ ତାରିଖରେ ବେଲପଡ଼ାରେ ତାଙ୍କ ଝିଅଙ୍କ ବିବାହ ହେଉଥିବା ବେଳେ ସେଠାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ୧୬ଦିନ ପରେ ଅର୍ଥାତ୍ ଗୁରୁବାର ଅପରାହ୍ନରେ ତାଙ୍କର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ସୂଚନା ମୁତାବକ, ଜଗନ୍ନାଥ ନିଜର ପରିବାର ପ୍ରତିପୋଷଣ ପାଇଁ ସାଉଦିରେ କାର୍ଯ୍ୟ କରିଆସୁଥିଲେ। କିଛି ବର୍ଷ ପୂର୍ବେ ଗ୍ରାମକୁ ଫେରି ବଡ଼ଝିଅର ବିବାହ କାର୍ଯ୍ୟ ସାରି ପୁଣି ସାଉଦି ଫେରିଯାଇଥିଲେ। ସେହିପରି ଗତ ୩ ତାରିଖରେ ତାଙ୍କ ଦ୍ୱିତୀୟ ଝିଅର ବିବାହ ଥିବାବେଳେ କୌଣସି କାରଣରୁ ସେ ଆସିପାରି ନ ଥିଲେ। ଫଳରେ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କ ଦ୍ୱିତୀୟ ଝିଅର ବାହାଘର କାର୍ଯ୍ୟ କରୁଥିଲେ। ବାହାଘର ଦିନ ସକାଳେ ଫୋନରେ ଭିଡିଓ କନଫରେନ୍ସ ମାଧ୍ୟମରେ ଜଗନ୍ନାଥ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସହ କଥା ହେବା ସହ ବାହାଘର କାର୍ଯ୍ୟ ଠିକ୍ ଭାବେ ତୁଲାଇବାକୁ ପରାମର୍ଶ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ସେଠାରେ ଜଗନ୍ନାଥ ହଠାତ୍ ଅସୁସ୍ଥତା ଅନୁଭବ କରି ତଳେ ପଡ଼ିଯାଇଥିଲେ। ପାଖରେ ଥିବା ଅନ୍ୟ କର୍ମଚାରୀମାନେ ଜଗନ୍ନାଥଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେତେବେଳକୁ ଜଗନ୍ନାଥଙ୍କ ଝିଅର ବାହାଘର ଶେଷ ପର୍ଯ୍ୟାୟରେ ଥିବାରୁ କର୍ମଚାରୀମାନେ ଜଣାଇ ନ ଥିଲେ। ବାହାଘର ପରେ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଫଳରେ ଖୁସିର ମୁହୂର୍ତ୍ତ ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଶୋକାଭିଭୂତ କରିପକାଇଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ଜଗନ୍ନାଥଙ୍କୁ ହରାଇ ସମସ୍ତେ ଦୁଃଖରେ ମର୍ମାହତ ହୋଇପଡିଥିଲେ। ଗୁରୁବାର ଅପରାହ୍ନରେ ଜଗନ୍ନାଥଙ୍କ ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ମହିଳାଙ୍କୁ ବ୍ଲାକ୍‌ମେଲିଂ : ଯୁବକ ଗିରଫ

ଭୁବନେଶ୍ୱର,୧୮।୫(ବ୍ୟୁରୋ): ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଭିଡିଓ ଓ ଫଟୋକୁ ଫେସ୍‌ବୁକ୍‌ରେ ଅପ୍‌ଲୋଡ୍ କରିବା ସହ ବ୍ଲାକମେଲିଂ କରି ଟଙ୍କା ମାଗିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ଟିଗିରିଆ ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ନାୟକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପୀଡ଼ିତା ଜଣଙ୍କ ଉକ୍ତ ଥାନା ଅଞ୍ଚଳରେ ନିଜ ଛୋଟ ଝିଅ ସହ ଭଡ଼ାଘରେ ରହୁଥିଲେ। ସେଠାରେ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ପୀଡ଼ିତା ଆସିଥିଲେ। ପରେ ଅଭିଯୁକ୍ତ ପୀଡିତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଭିଡିଓ ମୋବାଇଲରେ ଉତ୍ତୋଳନ କରି ରଖିଥିଲେ। ଉକ୍ତ ଭିଡିଓକୁ ଭାଇରାଲ କରିବାର ଧମକ ଦେଇ ପୀଡ଼ିତାଙ୍କ ନିକଟରୁ ଟଙ୍କା ଦାବି କରିଥିଲେ। ଭୟରେ ପୀଡିତା ଅଭିଯୁକ୍ତଙ୍କୁ ଦେଢଲକ୍ଷ ଟଙ୍କା ଦେଇଥିଲେ। ଅଭିଯୁକ୍ତ ଆଉ ୧ଲକ୍ଷ ଟଙ୍କା ଦାବି କରିଥିଲେ। ପୀଡିତା ଟଙ୍କା ଦେବାକୁ ରାଜି ନ ହେବାରୁ ଅଭିଯୁକ୍ତ ଉକ୍ତ ଭିଡିଓ ଫେସ୍‌ବୁକରେ ଅପ୍‌ଲୋଡ୍ କରି ପୀଡ଼ିତାଙ୍କ ସମ୍ପର୍କୀୟଙ୍କୁ ପଠାଇଥିଲେ। ଏହା ଜାଣି ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ।




# ସାରଳା ମହାଭାରତର ୪ ପର୍ବ ପୁସ୍ତକ ଉନ୍ମୋଚିତ, ପ୍ରାଚୀନ ସିନ୍ଧୁକ ପ୍ରଦର୍ଶନ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟ ସଂଗ୍ରହାଳୟରେ ଗୁରୁବାର ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ 'ସଂଗ୍ରହାଳୟରେ ସଂଗ୍ରହାଳୟ, ସ୍ଥାୟିତ୍ୱ ଓ ଉନ୍ନତି' ବିଷୟବସ୍ତୁ ରହିଛି। ଏହି ଅବସରରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ରାଜ୍ୟ ସଂଗ୍ରହାଳୟକୁ କିଭଳି ବିଶ୍ୱସ୍ତରୀୟ ସଂଗ୍ରହାଳୟରେ ପରିଣତ କରାଯାଇପାରିବ ସେ ସଂକ୍ରାନ୍ତରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଯୋଗଦେଇ ସଂଗ୍ରହାଳୟର ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ସାରଳା ମହାଭାରତର ୪ଟି ପର୍ବ ଯଥା ମୂଷଳୀ, ସ୍ୱର୍ଗାରୋହଣ, ଗଦା ଓ କର୍ଣ୍ଣ ପର୍ବର ୧୦ଟି ଲେଖାଏ କପି ଉଦ୍ଧାର କରାଯାଇ ଗବେଷଣା ମେଥୋଡୋଲୋଜି ଭାବେ ପ୍ରସ୍ତୁତ ହୋଇ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସେହିପରି ନିୟମିତ ଭାବେ ପ୍ରକାଶ ପାଉଥିବା ବିଶେଷ ସଂଖ୍ୟା 'ଓଡ଼ିଶା ହିଷ୍ଟୋରିକାଲ ଜର୍ନାଲ' ଉନ୍ମୋଚନ କରାଯାଇଛି। ଟାଇମଲେସ୍ ଟେଲ୍‌ସ ଓ ଇଲ୍‌ଷ୍ଟ୍ରେଟେଡ ପାମ୍ ଲିଫ୍ ମନୁସ୍କ୍ରିପଟ୍ସ କଫି ଟେବୁଲ ବୁକ୍ ସମ୍ପର୍କିତ ଏକ ପ୍ରାମାଣିକ ଚିତ୍ର ଅତିଥିମାନେ ଲୋକାର୍ପିତ କରିଥିଲେ। ଏହି ଅବସରରେ ସଂଗ୍ରହାଳୟ ପକ୍ଷରୁ ସଂଗୃହୀତ ପ୍ରାଚୀନ ସିନ୍ଧୁକର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# ହେପ୍ଟାଥଲନରେ ପୂର୍ଣ୍ଣିମାଙ୍କୁ ରୌପ୍ୟ



ପୂର୍ଣ୍ଣିମା ହେମ୍ବ୍ରମ



ଜ୍ୟୋତି ୟାରାଜୀ

ରାଞ୍ଚି,୧୮।୫ (ପି.ଟି.)

ଚଳିତ ଫେଡେରେଶନ କପ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ହେପ୍ଟାଥଲନରେ ଓଡ଼ିଆ ଆଥଲେଟ ପୂର୍ଣ୍ଣିମା ହେମ୍ବ୍ରମ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ଣ୍ଣିମା ୫୧୨୮ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଷ୍ଟାର ହର୍ଡଲର ଜ୍ୟୋତି ୟାରାଜୀ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗୁରୁବାର ସେ ମହିଳା ୨୦୦ ମିଟର ରେସ୍ ଜିତିଛନ୍ତି। ତାଙ୍କ ବିଜୟ ଟାଇମିଂ ୨୩.୪୨ ସେକେଣ୍ଡ ରହିଥିଲା, ଯାହାକି ଆସନ୍ତା ଜୁଲାଇ ୧୨ରୁ ୧୬ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ପକ୍ଷରୁ ଧାର୍ଯ୍ୟ କ୍ୱାଲିଫାଇଙ୍ଗ ଟାଇମିଂ ୨୩.୫୦ ସେକେଣ୍ଡଠାରୁ ଉନ୍ନତ। ଏଏଫ୍ଆଇ ଦ୍ୱାରା ଗଠିତତ ସିଲେକ୍ସନ କମିଟି କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ବାଛିବ। ଆନ୍ଧ୍ର ପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା ଜ୍ୟୋତି ଦିନକ ପୂର୍ବରୁ ୧୨.୮୯ ସେକେଣ୍ଡ ଟାଇମିଂ ମହିଳା ୧୦୦ ମିଟର ହର୍ଡଲ୍ସରେ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଗୁରୁବାର ମହିଳା ୨୦୦ ମିଟର ହର୍ଡଲ୍ସରେ ତାମିଲନାଡୁର ଅର୍ଚ୍ଚନା ସୁଶିନ୍ଦ୍ରନ ୨୩.୬୧ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଆସାମର ଅମ୍ଲାନ ବର୍ଗୋହେନ୍ ୨୦.୮୩ ସେକେଣ୍ଡ ଟାଇମିଂରେ ପୁରୁଷ ୨୦୦ ମିଟର ରେସ୍ ଜିତିଛନ୍ତି, ଯାହାକି ଏଏଫ୍ଆଇର ଏସିଆନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଟାଇମିଂ ୨୦.୬୧ ସେକେଣ୍ଡଠାରୁ କମ୍ ରହିଥିଲା।

# କିରଣ ଭାରତୀୟ ଦଳର କୋଚ୍

## ଏସିଆନ କଣ୍ଟିନେଣ୍ଟାଲ ଚେସ୍

ଭୁବନେଶ୍ୱର, ୧୮।୫ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) କିରଣ ମନୀଷା ମହାନ୍ତି କ୍ୟାରିୟରରେ ଆଉ ଏକ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ଯାଉଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ପକ୍ଷରୁ ତାଙ୍କୁ ଭାରତୀୟ ଦଳର କୋଚ୍ ନିଯୁକ୍ତ କରାଯାଇଛି। କିରଣଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ କାଜାଖସ୍ତାନର ଅଲ୍‌ମାଟିରେ ଜୁନ୍ ୩ରୁ ୧୨ ପର୍ଯ୍ୟନ୍ତ ଏସିଆନ କଣ୍ଟିନେଣ୍ଟାଲ ଚେସ୍ ଚାମ୍ପିୟନଶିପ୍ ଖେଳିବ। ଏହି ଖବର ଆସିବା ପରେ ଓଡ଼ିଶା ଚେସ୍ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ଏଆଇସିଏଫ୍ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଏସ୍‌ଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ଅନ୍ୟ କର୍ମକର୍ତ୍ତାଗଣ କିରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# କିପ୍‌ଚୋଗେଙ୍କୁ ଅଷ୍ଟ୍ରିଆସ୍ ଆୱାର୍ଡ

ମାଡ୍ରିଡ୍,୧୮।୫(ଏପି)




କେନିଆର ମାରାଥନ ସ୍ପେଶାଲିଷ୍ଟ ଏଲୁଡ୍ କିପ୍‌ଚୋଗେ ୨୦୨୩ ବର୍ଷ ପାଇଁ ପ୍ରିନ୍‌ସେସ୍ ଅଫ୍ ଅଷ୍ଟ୍ରିଆସ ଆୱାର୍ଡ ପାଇଛନ୍ତି। ସ୍ପାନିଶ ଫାଉଣ୍ଡେଶନ ତରଫରୁ ଏହି ପୁରସ୍କାର ଦିଆଯାଉଛି। ୩୮ ବର୍ଷୀୟ କିପ୍‌ଚୋଗେ ଅଲିମ୍ପିକ ମାରାଥନରେ ୨୦୧୬ ଓ ୨୦୨୦ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୨୦୦୩ରେ ସେ ୫,୦୦୦ ମିଟର ଚାମ୍ପିୟନ ହୋଇଥିଲେ। ବିଶ୍ୱ ଆଥଲେଟିକ୍ସରେ ତାଙ୍କୁ ଜଣେ କିମ୍ବଦନ୍ତୀ ରୂପେ ବିବେଚନା କରାଯାଇଥାଏ। ଫାଉଣ୍ଡେଶନର ବିଚାରକ ମଣ୍ଡଳୀ କିପ୍‌ଚୋଗେଙ୍କୁ ସର୍ବକାଳୀନ ଶ୍ରେଷ୍ଠ ମାରାଥନ ଧାବକ ବୋଲି କହିଛନ୍ତି। ସେ ବିଶ୍ୱର ୧୦ ପ୍ରମୁଖ ମାରାଥନ ଜିତିଛନ୍ତି। ତନ୍ମଧ୍ୟରେ ଲଣ୍ଡନ ଓ ବର୍ଲିନ ମାରାଥନ ୪ଥର ଲେଖାଏ ସାମିଲ। ସେ ଆହୁରି ମଧ୍ୟ ବର୍ତ୍ତମାନର ଅଲିମ୍ପିକ ଚାମ୍ପିୟନ। ଖେଳର ଏହି ବିଭାଗରେ ସେ ୨:୦୧:୦୯ ଟାଇମିଂରେ ବିଶ୍ୱରେକର୍ଡ ଅଧିକାରୀ ଅଛନ୍ତି, ଯାହାକି ୨୦୧୮ରେ ସେ ବ୍ୟକ୍ତିଗତ ଭାବେ ସ୍ଥାପନ କରିଥିବା ରେକର୍ଡଠାରୁ ଏହା ହେଉଛି ୩୦ ସେକେଣ୍ଡ କମ୍। ୨ ଘଣ୍ଟାରୁ କମ୍ ସମୟରେ ଏକ ମାରାଥନ ଦୌଡ଼ିବାରେ କିପ୍‌ଚୋଗେ ହେଉଛନ୍ତି ଇତିହାସରେ ଜଣେ ମାତ୍ର ଆଥ୍‌ଲେଟ। ୨୦୧୯ରେ ଭିଏନାରେ ସେ ୧: ୫୯:୪୦ ଟାଇମିଂରେ ରେସ୍ ଜିତିଥିଲେ। ଏହି ରେସ୍‌କୁ ଅବଶ୍ୟ ଅଫିସିଆଲ ସ୍ୱୀକୃତି ନ ଥିଲା। କିପ୍‌ଚୋଗେଙ୍କୁ ପୁରସ୍କାର ବାବଦରେ ୫୦,୦୦୦ ୟୁରୋ (୫୪,୦୦୦ ଡଲାର) ମିଳିଛି। ଆର୍ଟ୍ସ, କମ୍ୟୁନିକେଶନ, ସାଇଣ୍ଟିଫିକ୍ ରିସର୍ଚ୍ଚ ଓ ଲିଟରେଚର ସମେତ ୮ଟି ବିଷୟରେ ଉଲ୍ଲେଖନୀୟ ସଫଳତା ପାଇଁ ସ୍ପାନିଶ ଫାଉଣ୍ଡେଶନ ତରଫରୁ ପୁରସ୍କାର ଦିଆଯାଇଥାଏ। ଅଲିମ୍ପିକ ରିଫ୍ୟୁଜି ଫାଉଣ୍ଡେଶନ ଏବଂ ରିଫ୍ୟୁଜି ଅଲିମ୍ପିକ୍ସ ଟିମ୍ ୨୦୨୨ରେ କ୍ରୀଡ଼ା ପୁରସ୍କାର ଜିତିଥିଲା। ସ୍ପାନିଶ ଭାଷୀଙ୍କର ଏହା ହେଉଛି ସବୁଠାରୁ ବଡ଼ ପୁରସ୍କାର। ସ୍ପାନିଶ ସହର ଓଭିଡୋରେ ପୁରସ୍କାର ଉତ୍ସବ ଆୟୋଜନ କରାଯାଇଥିଲା।

# ଭାରତ, ଜାପାନ, ଭିଏତ୍‌ନାମ, ଉଜବେକିସ୍ତାନ ଗୋଟିଏ ଗ୍ରୁପ୍‌ରେ

## ଏଏଫ୍‌ସି ମହିଳା ଅଲିମ୍ପିକ କ୍ୱାଲିଫାୟର

ନୂଆଦିଲ୍ଲୀ,୧୮।୫(ପି.ଟି.)



ଏଏଫ୍‌ସି ମହିଳା ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ-୨ ଆସନ୍ତା ଅକ୍ଟୋବର ୨୩ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ଭାରତ, ଜାପାନ, ଭିଏତ୍‌ନାମ ଓ ଆୟୋଜକ ଉଜ୍‌ବେକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ କିରଗିଜ୍ ରିପବ୍ଲିକ ବିପକ୍ଷ ଦୁଇ ପାଦ ବିଶିଷ୍ଟ ପ୍ଲେ-ଅଫ୍ ୫-୦ ଓ ୪-୦ ଗୋଲରେ ଜିତି ଭାରତୀୟ ମହିଳା ଫୁଟ୍‌ବଲ ଦଳ ରାଉଣ୍ଡ-୨ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଭାରତ (୬୧ ର୍ୟାଙ୍କିଙ୍ଗ) ଗ୍ରୁପ୍ 'ସି'ରେ ସବୁଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଦଳ। ଜାପାନ (୧୧) ହେଉଛି ଏହି ଗ୍ରୁପ୍‌ର ସବୁଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଦଳ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଫିଫା ମହିଳା ବିଶ୍ୱକପ୍‌ରେ ପଦାର୍ପଣ କରିବାକୁ ଥିବା ଭିଏତ୍‌ନାମ ଏବଂ ଆୟୋଜକ ଉଜ୍‌ବେକିସ୍ତାନ ଯଥାକ୍ରମେ ଫିଫା ତାଲିକାରେ ୩୩ତମ ଓ ୫୦ ତମ ସ୍ଥାନରେ ଅଛନ୍ତି। କିର୍‌ଗିଜ ରିପବ୍ଲିକ ବିପକ୍ଷ ରାଉଣ୍ଡ-୧ କ୍ୱାଲିଫାୟର ଖେଳିବା ପୂର୍ବରୁ ଭାରତ ଉଜ୍‌ବେକିସ୍ତାନ ବିପକ୍ଷରେ ଖେଳିଥିବା ଏକମାତ୍ର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏକ ଇନ୍‌ଜୁରୀ ଟାଇମ୍ ଗୋଲ୍ ପରେ ୨-୩ ରେ ହାରିଯାଇଥିଲା। ଉଜ୍‌ବେକିସ୍ତାନ ବିପକ୍ଷରେ ଭାରତ ପୂର୍ବରୁ ଖେଳିଥିବା ୩ଟି ମ୍ୟାଚରେ ମାତ୍ର ଗୋଟିଏ ଗୋଲ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଭାରତ ଶେଷ ଥର ପାଇଁ ଭିଏତ୍‌ନାମ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ୨୦୧୯ରେ ଖେଳିଥିଲା। ମ୍ୟାଚ ୧-୧ରେ ଅମୀମାଂସିତ ରହିଥିଲା। ଅନ୍ୟପକ୍ଷରେ ଜାପାନ ବିପକ୍ଷରେ ଭାରତର ଗତ ମୁକାବିଲା ୧୯୯୭ ଏସିଆନ ମହିଳା ଚାମ୍ପିୟନଶିପ୍‌ରେ ହୋଇଥିଲା। ଏଥିରେ ଭାରତ ୦-୧ ଗୋଲ୍‌ରେ ପରାଜିତ ହୋଇଥିଲା। ପ୍ରତିଯୋଗିତାର ୩ଟି ଗ୍ରୁପ୍‌ର ବିଜେତା ଏବଂ ଶ୍ରେଷ୍ଠ ର୍ୟାଙ୍କିଙ୍ଗପ୍ରାପ୍ତ ରନରଅପ୍ ଦଳ ରାଉଣ୍ଡ ୩ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତାବର୍ଷ ଫେବୃୟାରୀ ୨୪ରୁ ୨୮ ପର୍ଯ୍ୟନ୍ତ ଏହି ପର୍ଯ୍ୟାୟରେ ଦୁଇ ଯୋଡ଼ା ହୋମ୍ ଓ ଆୱେ ମ୍ୟାଚ ଖେଳାଯିବ। ବିଜେତା ଦଳ ୨୦୨୪ ଅଲିମ୍ପିକ୍ସ ମହିଳା ଫୁଟ୍‌ବଲ ଇଭେଣ୍ଟ ଲାଗି ଏସିଆ ପାଇଁ ସଂରକ୍ଷିତ ଥିବା ପୂରଣ କରିବେ। ଅପରପକ୍ଷରେ ସେପ୍ଟେମ୍ବର ୧୬ରୁ ୨୪ ପର୍ଯ୍ୟନ୍ତ ଖେଳାଯିବାକୁଥିବା ୧୭ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ କପ୍ କ୍ୱାଲିଫାୟର୍ସ ରାଉଣ୍ଡ-୨ରେ ଭାରତ, କୋରିଆ, ଥାଇଲାଣ୍ଡ ଓ ଇରାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ମ୍ୟାଚର ଭେନ୍ୟୁ ସ୍ଥିର କରାଯାଇ ନାହିଁ। ରାଉଣ୍ଡ-୧ରେ ଗ୍ରୁପ୍ 'ଏଫ୍'ର ବିଜେତା ଭାବେ ଭାରତ ରାଉଣ୍ଡ-୨କୁ ଉନ୍ନୀତ ହୋଇଥିଲା। ଏହି ରାଉଣ୍ଡରେ ଭାରତ କିରଗିଜ ରିପବ୍ଲିକ (୧-୦) ଓ ମ୍ୟାନମାରକୁ (୨-୧) ପରାସ୍ତ କରିଥିଲା। ଶ୍ରେଷ୍ଠ ଦୁଇଦଳ ଆସନ୍ତା ବର୍ଷ ଏପ୍ରିଲ ୭ରୁ ୨୦ ପର୍ଯ୍ୟନ୍ତ ଇଣ୍ଡୋନେସିଆରେ ହେବାକୁଥିବା ଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.
No. OSOU/2023/359 Dt. 18.05.2023
Short-Quotation Call Notice
Sealed quotations are invited from registered firms for supply of (A) Bulk SMS Services (B) Event Management for 8th Foundation Day of the University so as to reach the office of the undersigned by Dt. 26.05.23 upto 01.00 P.M by registered/speed post only. Please visit the University website www.osou.ac.in for details.
Sd- Registrar

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

PANCHAYAT SAMITI, KHAIRPUT, DIST.: MALKANGIRI
TENDER CALL NOTICE NO.-01/2023-24, Dt.: 16.05.2023
The Block Development Officer, Khairput invites sealed percentage rate tender vide letter No. dated 2022 on behalf of Governor of Odisha from registered & eligible registered contractors of Odisha State PWD/ CPWD having experience in construction of road, bridges and building works in conformity with detailed tender call notice for execution of 02 Nos. of work under spf & NHM scheme on drawal of agreement in PS contract forms of Govt. of Odisha. Tender papers will be sold from 18.05.2023 to 30.05.2023 in office hour (working days only from 7.00 A.M. to 2.00 P.M.) from Block Office, Khairput and received on 30.05.2023 in office hour (working days only from 7.00 A.M. to 2.00 P.M.) in the Office of the BDO, Khairput through Registered Post / Speed Post only. The tender shall be opened on 31.05.2023 at 11.00 A.M. in the Office of the BDO, Khairput. Term & condition and other details will be available in the office notice board and district website i.e. https://malkangiri.nic.in. Purchasing & depositing of tender paper is the sole responsibility of the tender applicant within the due time.
Sd./- Block Development Officer, Khairput
16.05.2023

# ସୂର୍ଯ୍ୟକାନ୍ତଙ୍କ ଶତକ, ତାପସ, ଅଙ୍କିତକାରଙ୍କୁ ୫

## କଳାହାଣ୍ଡି କପ୍ କ୍ରିକେଟ୍

ଭୁବନେଶ୍ୱର,୧୮।୫(ସ୍ପୋର୍ଟ୍ସ ବ୍ୟୁରୋ)



ସୂର୍ଯ୍ୟକାନ୍ତ ପ୍ରଧାନ



ତାପସ ଦାସ



ଅଙ୍କିତକାର ଜୟସ୍ୱାଲ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୋଜିତ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟରେ ଗୁରୁବାର ଇକୋର୍ସା, କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଡି' ଓ ଅବଶିଷ୍ଟ ଓଡ଼ିଶା 'ବି' ବିଜୟୀ ହୋଇଛନ୍ତି। ଇକୋର୍ସା ପକ୍ଷରୁ ରଣଜୀ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ଶତକ ହାସଲ କରିଥିବା ବେଳେ ଅବଶିଷ୍ଟ ଓଡ଼ିଶା 'ଡି' ଦଳର ଅଙ୍କିତକାର ଜୟସ୍ୱାଲ ଓ କଟକ 'ଏ'ର ତାପସ ଦାସଙ୍କୁ ୫ ଉଇକେଟ ସଫଳତା ମିଳିଛି। **ରେଭେନ୍ସା ଗ୍ରାଉଣ୍ଡ-୧:** ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୨୧୩ ରନ୍‌ର ବିଶାଳ ବ୍ୟବଧାନରେ ଅବଶିଷ୍ଟ ଓଡ଼ିଶା'ସି'କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇକୋର୍ସା ସୂର୍ଯ୍ୟକାନ୍ତଙ୍କ ଧୂଆଁଧାର ୧୪୦* ରନ୍ ବଳରେ ୫୦ ଓଭରରେ ୭ ଉଇକେଟରେ ୩୩୦ ରନ୍ କରିଥିଲା। ଜବାବରେ ଅବଶିଷ୍ଟ ଓଡ଼ିଶା ୩୫.୪ ଓଭରରେ ୧୧୭ ରନ୍‌ରେ ଅଲଆଉଟ ହୋଇଥିଲା। ଇକୋର୍ସା ପକ୍ଷରୁ ଜୟନ୍ତ ବେହେରା ୪ ଓ ଆଲୋକ ମଙ୍ଗରାଜ ୨ ଉଇକେଟ ନେଇଥିଲେ। **ସନ୍‌ସାଇନ୍ ଗ୍ରାଉଣ୍ଡ-୧:** ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା 'ଏ'କୁ ୭ ଉଇକେଟରେ ପରାସ୍ତ କରିଛି କଟକ 'ଏ'। ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଓଡ଼ିଶା ମାତ୍ର ୮୬ ରନ୍‌ରେ ଅଲଆଉଟ ହୋଇଥିଲା। କଟକ ପକ୍ଷରୁ ତାପସ ଦାନ ୧୧ ରନ୍ ବ୍ୟୟରେ ୬ ଉଇକେଟ ନେଇଥିଲେ। ଜବାବରେ ୧୫.୧ ଓଭରରେ କଟକ'ଏ' ୩ ଉଇକେଟ ହରାଇ ୮୭ ରନ୍ କରିଥିଲା। **ଏମ୍‌ଜିଏମ୍ ଗ୍ରାଉଣ୍ଡ:** ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର ଏ କୁ ୭୩ ରନ୍‌ରେହରାଇଛି ଅବଶିଷ୍ଟ ଓଡ଼ିଶା 'ଡି'। ପ୍ରଥମେ ବ୍ୟାଟିଂ କରି କିଶାନ୍ ରାଠାଙ୍କ ୬୪ ଓ ଦେବେନ୍ଦ୍ରଙ୍କ ୬୪ ରନ୍ ବଳରେ ଅବଶିଷ୍ଟ ଓଡ଼ିଶା ୪୯ ଓଭରରେ ୫ ଉଇକେଟ ହରାଇ ୨୩୯ ରନ୍ କରିଥିଲା। ଜବାବରେ ଭୁବନେଶ୍ୱର ଏ ଦଳ ୪୩.୩ ଓଭରରେ ୧୬୬ ରନରେ ଅଲଆଉଟ ହୋଇଥିଲା। ବିଶ୍ୱବିଜୟୀ ମୁଦୁଲି ୪୮ ରନ୍ କରିଥିବା ବେଳେ ଅଙ୍କିତକାର ଜୟସ୍ୱାଲ ୩୨ ରନ୍‌ରେ ୫ ଉଇକେଟ ନେଇଥିଲେ। **ଡ୍ରିମ୍ସ ଷ୍ଟାଡିୟମ:** ଡ୍ରିମ୍ସରେ ଅନୁଷ୍ଠିତ ମ୍ୟାଚରେ ଅବଶିଷ୍ଟ ଓଡ଼ିଶା 'ବି' ୮ ଉଇକେଟରେ ଝାରସୁଗୁଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ରାଜ ପଟେଲଙ୍କ ୪୨ ଓ ଧନଞ୍ଜୟ ଯାଦବଙ୍କ ୩୫ ରନ୍ ବଳରେ ୫୦ ଓଭରରେ ୧୮୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଅବଶିଷ୍ଟ ଓଡ଼ିଶା ୪୧.୫ ଓଭରରେ ୨ ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ସୁଧାଂଶୁ ୬୦ ଓ ଅଂଶୁମାନ ୫୮ ରନ୍ ସ୍କୋର କରିଥିଲେ।

OFFICE OF THE REGULATED MARKET COMMITTEE, NARASINGHPUR
No.82 Dt.17.05.23
e-Procurement Notice
Bid Identification No. RMC / Narasinghpur-03/2022-23
1. The Sub-Collector, Athagarh-cum-Chairman, R.M.C., Narasinghpur invites percentage rate bids in double cover system in ONLINE Mode from eligible contractors for the work "Construction of Boundary Wall (North Side & South Side), 20 Nos. Shop-cum-Godown (Block- A & B), Office building with Store Room, Cover Shed 2 Nos., Toilet Block and Sinking of Tubewell at Athagarh Market Yard under RMC, Narasinghpur".
2. Nature of work: Civil Construction work as per DTCN
3. No. of works : 01 (One)
4. Tender paper cost: 10,000/-
5. Class of contractors: 'B' & 'A'
6. Availability of bid documents in the website: From 11.00 A.M. of 20.05.2023 to 5.00 P.M. of 26.05.2023.
7. Date of opening of bid: Dt.29.05.2023 at 11.30 A.M.
The bidders have to participate in ONLINE bidding only. Further details can be seen from the website: http://www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Sub-Collector, Athagarh-cum-Chairman, R.M.C., Narasinghpur

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-635 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.2683/RE/OSIC Dt.18.05.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work "Supply and fixing of LED Street light at Existing Pole project under MLALAD fund 2023-24 of Kotpad A/C (General) in the District of Koraput". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.
Sd/-
OIPR-14073/11/0019/2324 GENERAL MANAGER(O)

# ଲକ୍ଷ୍ନୌ ଦଳରେ ଉନାଡକଟ୍‌ଙ୍କ ସ୍ଥାନରେ ସୂର୍ଯ୍ୟାଂଶ

ଲକ୍ଷ୍ନୌ,୧୮।୫(ପି.ଟି.)



ସୂର୍ଯ୍ୟାଂଶ ଶେଜ୍

ଇଣ୍ଡିଆନ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଆଘାତପ୍ରାପ୍ତ ଅଲରାଉଣ୍ଡର ଜୟଦେବ ଉନାଡକଟ୍‌ଙ୍କ ସ୍ଥାନରେ ମୁମ୍ବାଇ ଯୁବ ଅଲରାଉଣ୍ଡର ସୂର୍ଯ୍ୟାଂଶ ଶେଜ୍‌ଙ୍କୁ ଦଳରେ ସାମିଲ କରିଛି। ନେଟ୍ସରେ ଟ୍ରେନିଂ ବେଳେ ଉନାଡକଟଙ୍କ ବାମ କାନ୍ଧରେ ଆଘାତ ଲାଗିଥିଲା। ଫଳରେ ସେ ଅବଶିଷ୍ଟ ଆଇପିଏଲ୍‌ରୁ ବାଦ୍ ପଡ଼ିଥିଲେ। ଦୁଇ ସପ୍ତାହ ପରେ ଉନାଡକଟଙ୍କ ସ୍ଥାନରେ ଜଣେ ଖେଳାଳିଙ୍କୁ ବଦଳ କରାଯାଇଛି। ସୂର୍ଯ୍ୟାଂଶ ୨୦ ଲକ୍ଷ ଟଙ୍କା ବିନିମୟରେ ଲକ୍ଷ୍ନୌ ଦଳରେ ଯୋଗ ଦେଇଛନ୍ତି। ୨୫ ବର୍ଷରୁ କମ୍ ରାଜ୍ୟ ଏ' ଟ୍ରଫିରେ ୮ଟି ଗେମ୍‌ରେ ସେ ୧୮୪ ରନ ସଂଗ୍ରହ କରିବା ସହ ୧୨ ଉଇକେଟ ନେବା ପରେ ୨୦ ବର୍ଷୀୟ ଶେଜ୍‌ଙ୍କୁ ଗତ ସିଜନରେ ମୁମ୍ବାଇର ୧୭ ଜଣିଆ ରଣଜୀ ଦଳରେ ସ୍ଥାନ ମିଳିଥିଲା। ଗତ ମେ' ୧ ତାରିଖରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚର ଦ୍ୱିତୀୟ ଓଭରରେ ଆଉଟ ଫିଲ୍ଡରେ ଏକ ବଲ୍‌କୁ ପିଛା କରୁଥିବା ବେଳେ ଲକ୍ଷ୍ନୌ ଦଳର ନିୟମିତ ଅଧିନାୟକ କେ.ଏଲ୍. ରାହୁଲଙ୍କର ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ଠିକ୍ ସେହିଦିନ ଉନାଡକଟ ଆଘାତପ୍ରାପ୍ତ ହୋଇଥିଲେ। ଦ୍ୱିତୀୟ ଆଇପିଏଲ୍ ଖେଳୁଥିବା ସୁପର ଜାଏଣ୍ଟ୍ସ ବର୍ତ୍ତମାନ ୧୩ଟି ମ୍ୟାଚରୁ ୧୫ ପଏଣ୍ଟ ସହ ଷ୍ଟାଣ୍ଡିଂରେ ତୃତୀୟ ସ୍ଥାନରେ ଅଛି। ଏହି ଦଳ ଏ ପର୍ଯ୍ୟନ୍ତ ୭ଟି ମ୍ୟାଚରେ ବିଜୟ ହାସଲ କରିଥିବା ବେଳେ ୫ଟିରେ ପରାଜିତ ହୋଇଛି। ଦଳର ପ୍ଲେଅଫ୍ ପାଇଁ ସମ୍ଭାବନା ସୃଷ୍ଟି କରିବାକୁ ହେଲେ ଶନିବାର କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ଜିତିବା ନିହାତି ଆବଶ୍ୟକ।

कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमंडल, चाईबासा
ई0 निविदा आमंत्रण सूचना।
ई0–निविदा संख्या:– 01/2023-24/RWD/EE/CHAIBASA दिनांक : 17.05.2023

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/CHAIBASA/ 01/2023-24 | ईपिलसिंगी पंचायत के जटांगपी चौक से जोजोबेड़ा नदी तक पथ निमार्ण कार्य। | 24127600 | दो करोड़ इकतालीस लाख सताईस हजार छः सौ रू0 मात्र | 12 माह |

2. वेबसाईट में निविदा प्रकाशन की तिथि :– 31.05.2023
3. ई–निविदा प्राप्ति की अंतिम तिथि एवं समय :– 07.06.2023 अपराह्न 05:00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन कचहरी, राँची अथवा (ख) जिला नियंत्रण कक्ष राँची अथवा (ग) जिला नियंत्रण कक्ष,(पुराना समाहरणालय) चाईबासा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अतिम तिथि एवं समय 08.06.2023 अपराह्न 03:30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कर्य विभाग, 102 द्वितीय तल्ला अभियंत्रण भवन कचहरी चौक, राँची झारखण्ड, पिन–834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (08.06.2023 अपराह्न 03:30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय :– 09.06.2023 अपराह्न 05:00 बजे।
7. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
8. ई निविदा प्रकोष्ठ का दूरभाष सं0– 8763055661
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा के पक्ष में एवं चाईबासा में भुगतेय जमा करना होगा जो लौटाया नहीं जायेगा।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा।
PR.NO.297654 West Singhbhum(23-24):D

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-634 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.2681/RE/OSIC Dt.18.05.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 4 nos. of works i.e. (i) "Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "Biju Saharanchala Vidyut Karan Yojana" BSVY 2022-23 for system augmentation and electrification of un-electrified slums & wards in Puri Municipality in the District of Puri (ii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "Biju Saharanchala Vidyut Karan Yojana" BSVY 2022-23 for system augmentation and electrification of un-electrified slums & wards in Nimapara NAC in the District of Puri (iii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "Biju Saharanchala Vidyut Karan Yojana" BSVY 2022-23 for system augmentation and electrification of un-electrified slums & wards in Pipili NAC in the District of Puri (iv) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "Biju Saharanchala Vidyut Karan Yojana" BSVY 2022-23 for system augmentation and electrification of un-electrified slums & wards in Konark NAC in the District of Puri. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.
Sd/-
OIPR-14073/11/0021/2324 GENERAL MANAGER(O)

# ବିଏସ୍‌ପି ବିଧାୟକ ପ୍ରାର୍ଥୀ ଗିରଫ

**ମହିଳାଙ୍କୁ ନିର୍ଯାତନା**

**ଭୁବନେଶ୍ୱର, ୧୮।୫(ବ୍ୟୁରୋ):** ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ସହ ନିର୍ଯାତନା ଦେବା ବହୁଜନ ସମାଜ ପାର୍ଟିର ଭୁବନେଶ୍ୱର ମଧ୍ୟ ବିଧାୟକ ପାର୍ଥୀ ବୀରେନ୍ଦ୍ର ନାୟକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପୀଡ଼ିତାଙ୍କ ଏତଲାକ୍ରମେ ଭୁବନେଶ୍ୱର ମହିଳା ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗର କେଦାରପଲ୍ଲୀ ବସ୍ତିରେ ରହୁଥିବା ଅଭିଯୁକ୍ତ ବୀରେନ୍ଦ୍ରଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପୀଡ଼ିତା ମହିଳାଙ୍କ ଘର ବାଲିପାଟଣା ଥାନା ଅଞ୍ଚଳରେ। ତାଙ୍କର ୨୦୧୮ରେ ଅନ୍ୟ ଜଣେ ଯୁବକଙ୍କ ସହ ବିବାହ ହୋଇଥିଲା। ହେଲେ ବିବାହର ୨ ମାସ ପରେ ସ୍ୱାମୀଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ମାନସିକସ୍ଥିତି ବିଗିଡ଼ି ଯାଇଥିଲା। କିଛିଦିନ ପରେ ବାପଘର ଲୋକ ମହିଳାଙ୍କୁ ଘରକୁ ନେଇ ଆସିଥିଲେ। ପରେ ସେ ରାଜଧାନୀରେ ରହି ଟେଲରିଂ କାମ କରୁଥିଲେ। ଏକ ବାର୍ଥଡେ ପାର୍ଟିରେ ତାଙ୍କର ବୀରେନ୍ଦ୍ରଙ୍କ ସହ ପରିଚୟ ହୋଇଥିଲା। ବୀରେନ୍ଦ୍ରଙ୍କ ସହଯୋଗରେ ମହିଳା ଜଣଙ୍କ ତାଙ୍କ ଶାଶୁଘରୁ ଜିନିଷପତ୍ର ଫେରିପାଇଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏପରିକି ଉଭୟ ଏକାଠି ମଧ୍ୟ ରହିଥିଲେ। ହେଲେ ବିଭିନ୍ନ ସମୟରେ ମହିଳା ଜଣଙ୍କୁ ବୀରେନ୍ଦ୍ର ମାନସିକ ନିର୍ଯାତନା ଦେଇଥିଲେ। ଫଳରେ ମହିଳା ଜଣଙ୍କ ବୀରେନ୍ଦ୍ରଙ୍କଠାରୁ ଦୂରେଇ ଯାଇଥିଲେ। ଏହାପରେ ବୀରେନ୍ଦ୍ର ମିଛ ଅଭିଯୋଗରେ ଫସାଇଦେବେ ବୋଲି କହି ମହିଳାଙ୍କୁ ଧମକ ଦେଇଥିଲେ। ଏପରିକି ୨ ମାସ ତଳେ ତାଙ୍କ ଆଲମିରାରୁ ମହିଳା ଜଣଙ୍କ ୩୦ ହଜାର ଟଙ୍କା ନେଇଯାଇଥିବା ବାଲିପାଟଣା ଥାନାରେ ବୀରେନ୍ଦ୍ର ଏତଲା ଦେଇଥିଲେ। ପରେ ମହିଳାଙ୍କ ପରିବାର ଲୋକ ଏହି ଟଙ୍କା ଦେଇ ଆପୋସ ବୁଝାମଣା କରାଇଥିଲେ। ଏହା ପରଠୁ ଉଭୟଙ୍କ ମଧ୍ୟ କୌଣସି ସମ୍ପର୍କ ରହିବନି ବୋଲି କଥା ଛିଡ଼ିଥିଲା। ହେଲେ ବୀରେନ୍ଦ୍ର ପୀଡ଼ିତା ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ବିଭିନ୍ନ ସ୍ଥାନରେ ନିର୍ଯାତନା ଦେଉଥିଲେ। ଏପରିକି ତାଙ୍କୁ ବିବାହ କରିବାକୁ ବୀରେନ୍ଦ୍ର ଚାପ ପକାଉଥିଲେ। ଏହି ନିର୍ଯାତନା ଅସହ୍ୟ ହେବାରୁ ପୀଡ଼ିତା ଜଣଙ୍କ ମେ ୫ରେ ମହିଳା ଥାନାରେ ଏତଲା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ବୀରେନ୍ଦ୍ର ୨୦୧୯ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଏସ୍‌ପି ବିଧାୟକ ପାର୍ଥୀ ଭାବେ ଛିଡ଼ା ହୋଇ ମୋଟ ୧୩୦ ଖଣ୍ଡ ଭୋଟ ପାଇଁ ୭ ନଂ ସ୍ଥାନରେ ରହିଥିଲେ।

# ଲାଞ୍ଚ ନେଇ ସେକ୍ସନ୍ ଅଫିସର ଗିରଫ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

**ମେଡିସିନ୍ ଷ୍ଟୋର ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ**



ଗିରିଜା ଶଙ୍କର ଦାସ

ଜଣେ ମେଡିସିନ୍ ଷ୍ଟୋର ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଫୁଡ୍ ସେଫ୍‌ଟି କମିଶନରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ୍ ଅଫିସର ଗିରିଜା ଶଙ୍କର ଦାସ ଗୁରୁବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗିରିଜାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୨/୨୦୨୩) ରୁଜୁ ହୋଇଛି। ଅଭିଯୁକ୍ତ ଗିରିଜାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ନେଇ ଭିଜିଲାନ୍ସ ଟିମ୍ ପକ୍ଷରୁ ଭୁବନେଶ୍ୱର ବିଏସ୍‌ଏନ୍‌ଏଲ୍ ଅଫିସ ନିକଟସ୍ଥ ଗିରିଜାଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଉଥିବା ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, କଟକ ଛତ୍ରବଜାର ଅଞ୍ଚଳର ଜ୍ଞାନରଞ୍ଜନ ସ୍ୱାଇଁଙ୍କର ବାଦାମବାଡ଼ିରେ ଏକ ମେଡିସିନ୍ ଷ୍ଟୋର ରହିଛି। ଏହି ମେଡିସିନ୍ ଷ୍ଟୋରକୁ ଜଣେ ବ୍ୟକ୍ତି ଫାର୍ମାସିଷ୍ଟ ସାର୍ଟିଫିକେଟ ଦେଇଥିଲେ। କିଛିଦିନ ତଳେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ସାର୍ଟିଫିକେଟ ନେଇଯାଇଥିଲେ। ତେଣୁ ଜ୍ଞାନରଞ୍ଜନ ତାଙ୍କ ଷ୍ଟୋରକୁ ଆଉ ଏକ ଫାର୍ମାସିଷ୍ଟ ସାର୍ଟିଫିକେଟ୍‌କୁ ବଦଳାଇବାକୁ ଚାହିଁଥିଲେ। ଏନେଇ ଗିରିଜାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଗିରିଜା ପୂର୍ବରୁ ଡ୍ରଗ୍‌ସ କଣ୍ଟ୍ରୋଲରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ତେଣୁ ସେଠାରେ ଅଧିକାରୀଙ୍କୁ କହି ଏହି କାମ କରାଇ ଦେବେ ବୋଲି ଜ୍ଞାନରଞ୍ଜନଙ୍କୁ ସେ କହିଥିଲେ। ଏନେଇ ଗିରିଜା ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଜ୍ଞାନରଞ୍ଜନ ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଗୁରୁବାର ପୂର୍ବପ୍ରସ୍ତୁତି ଅନୁଯାୟୀ ଫୁଡ୍ ସେଫ୍‌ଟି କମିଶନରଙ୍କ ଅଫିସରେ ଭିଜିଲାନ୍ସ କର୍ମଚାରୀ ଛକି ରହିଥିଲେ। ଗିରିଜା ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।

# ଭଞ୍ଜନଗର ଅତିରିକ୍ତ ଯୋଗାଣ ଅଧିକାରୀ ଗିରଫ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

- ପ୍ରକୃତ ଆୟଠାରୁ ୧୩୯ ଶତକଡ଼ା ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ
- ଏକକାଳୀନ ୮ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ଭଞ୍ଜନଗର ଅତିରିକ୍ତ ଯୋଗାଣ ଅଧିକାରୀ (ଏସିଏସ୍‌ଓ) ସଞ୍ଜୟ କୁମାର ସାହୁଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ବୁଧବାର ହୋଇଥିବା ଚଢ଼ାଉ ଓ ଯାଞ୍ଚ ପରେ ସଞ୍ଜୟ ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ବହୁ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୩୯ ଶତକଡ଼ା ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ସଞ୍ଜୟଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୩/୨୦୨୨) ରୁଜୁ କରାଯାଇଛି। ଅଭିଯୁକ୍ତ ସଞ୍ଜୟଙ୍କୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ସଞ୍ଜୟ ଢେଙ୍କାନାଳ ଜିଲା କାମାକ୍ଷାନଗରରେ ସହାୟକ ଯୋଗାଣ ଅଧିକାରୀ ଥିଲେ। ଏପ୍ରିଲ ୨୪ରେ ସେ ବଦଳି ହୋଇ ଭଞ୍ଜନଗର ଆସିଥିଲେ। ସେ ଢେଙ୍କାନାଳରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ବୁଧବାର ଖୋର୍ଦ୍ଧା, ଗଞ୍ଜାମ ଓ ମୟୂରଭଞ୍ଜ ଜିଲାର ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ସଞ୍ଜୟଙ୍କ ନାଁରେ ଭୁବନେଶ୍ୱରରେ ୨ଟି ଫ୍ଲାଟ୍, ଗୋଟିଏ କୋଠା ଓ ୩ଟି ପ୍ଲଟ ଠାବ ହୋଇଥିଲା। ସେହିପରି ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନ ବୀମା ଜମା ୨୧.୪୭ ଲକ୍ଷ, ୨୦୦ ଗ୍ରାମ ସୁନା ଅଳଙ୍କାର, ଗୋଟିଏ ୧୩.୧୯ ଲକ୍ଷ ଟଙ୍କାର କାର୍, ୨ଟି ବାଇକ ଓ ୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରିଥିଲା ଭିଜିଲାନ୍ସ। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଆୟୁଷ ବିଭାଗର ତନାଘନା

**ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ଘଟଣା**

- ତଥ୍ୟ ମାଗିଲା ଆୟୁଷ ନିର୍ଦ୍ଦେଶାଳୟ
- ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଜବତ
- ନାମଲେଖାରେ ବ୍ୟାପକ ଅନିୟମିତତା, ବିଭାଗ ହାତରେ ତଥ୍ୟ

**ଖୋର୍ଦ୍ଧା ଅଫିସ, ୧୮।୫**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ଆୟୁର୍ବେଦ ଡାକ୍ତରୀ ପାଠ ପଢୁଥିବା ନେଇ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଏବେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ପର୍ଯ୍ୟାୟରେ ଆୟୁଷ ବିଭାଗ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଉପରେ ତଦନ୍ତ ଜାରି ରହିଛି। ମେ ୧୬ତାରିଖରେ ଆୟୁଷ ନିର୍ଦ୍ଦେଶାଳୟର ପ୍ରଶାସନିକ ଅଧିକାରୀ ଆୟୁର୍ବେଦ କଲେଜକୁ ବିନା ଯୋଗ୍ୟତାରେ ଆଡ୍‌ମିଶନ ହୋଇଥିବା ୫ଜଣ ପିଲାଙ୍କ ସମସ୍ତ ସାର୍ଟିଫିକେଟ, ଏନ୍‌ଇଇଟି ଆଡମିଟ କାର୍ଡର ନକଲ ଇତ୍ୟାଦି ଦାଖଲ କରିବାକୁ କଲେଜକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପୂର୍ବରୁ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥ ସମ୍ପୃକ୍ତ କଲେଜକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏପରି କି ମେ’ ୧୫ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କଲେଜ କର୍ତ୍ତୃପକ୍ଷ କୌଣସି ଉତ୍ତର ରଖି ନ ଥିଲେ। ଫଳରେ ଆୟୁଷ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଜଣେ ପ୍ରଶାସନିକ ଅଧିକାରୀ କଲେଜରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଥିଲେ। ୨୦୧୬-୧୭/୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ରେଜିଷ୍ଟର ଯାଞ୍ଚ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଜବତ କରି ସାଥିରେ ନେଇଛନ୍ତି। ନାମଲେଖାରେ ବ୍ୟାପକ ଅନିୟମିତତା କରାଯାଇ ବାହାର କଲେଜ ଛାତ୍ରୀଛାତ୍ରଙ୍କୁ ବିନା ଯୋଗ୍ୟତାରେ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଡକ୍ୟୁମେଣ୍ଟ ଆୟୁଷ ବିଭାଗ ହାତରେ ଲାଗିଥିବା ଜଣାପଡ଼ିଛି।

ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟ ଗୋପବନ୍ଧୁ ଆୟୁର୍ବେଦ କଲେଜକୁ ଉକ୍ତ ଘଟଣାରେ ସ୍ପଷ୍ଟୀକରଣ ସହ ପିଲାଙ୍କ ପରୀକ୍ଷାକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି। ତେବେ ବିନା ଯୋଗ୍ୟତାରେ ପିଲାମାନେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ କିପରି ଡାକ୍ତରୀ ପାଠ ପଢୁଛନ୍ତି, ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏଭଳି ଅନିୟମିତତା ପାଇଁ କଲେଜ ଅଧକ୍ଷ ଓ କର୍ମଚାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାସହ ପିଲାଙ୍କ ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି। ଏନେଇ ବୁଦ୍ଧିଜିବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଏହାର ନିରପେକ୍ଷ ତଦନ୍ତ ଲାଗି ଭୁବନେଶ୍ୱର ଭିଜିଲାନ୍ସ ନିକଟରେ ମଧ୍ୟ ଅଭିଯୋଗ ହୋଇଛି।

ଅପରପକ୍ଷରେ ୨୦୨୦-୨୧ବ୍ୟାଚରେ ଦୁଇଜଣ ଛାତ୍ରୀଛାତ୍ର ବିନା ଏନ୍‌ଇଇଟିରେ ପାଠ ପଢୁଥିବା ନେଇ ଏକ ଅଭିଯୋଗ ଉପରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ୍ ଅଫ୍ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୁଷ ବିଭାଗ ପକ୍ଷରୁ ଆସିଥିବା ଏକ ଚିଠିକୁ ନକଲ କରାଯାଇ ୨୦୨୦ ବ୍ୟାଚରେ ୫ଜଣ ଛାତ୍ରୀଛାତ୍ର ପରିବର୍ତ୍ତେ ୭ଜଣଙ୍କୁ ଟ୍ରାନ୍ସଫର କେଶରେ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା।

# ଜୁନ୍ ୩୦ ପର୍ଯ୍ୟନ୍ତ ଇଗ୍ନୁରେ ନାମଲେଖା ପ୍ରକ୍ରିୟା ଚାଲିବ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ):** ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା କୌଣସି ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ଯେକୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇଗ୍ନୁ ସମସ୍ତ ବିଭାଗରେ ସ୍ନାତକ, ସ୍ନାତକୋତ୍ତର, ପିଜି ଡିପ୍ଲୋମା ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଚଳିତବର୍ଷ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ସ୍ନାତକୋତ୍ତର କଳା ସାଧାରଣ, ବିଜ୍ଞାନ ଓ ବାଣିଜ୍ୟରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି। ଇଚ୍ଛୁକ ଛାତ୍ରୀଛାତ୍ର ଇଗ୍ନୁର ୱେବ୍‌ସାଇଟ www.ignou.ac.in ଏବଂ ଏହି ଲିଙ୍କ http//ignouadmission.samarth.edu.in ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ। ସେହିପରି ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୁ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।


**GOVERNMENT OF ODISHA**
e-Procurement Notice, ANGUL (R&B) DIVISION
**Bid Identification No.04 of 2023-24**
No.B-208: e-mail ID- angulrbdivision@yahoo.co.in

1. Number of Works : 08 (Eight) number of Building works
2. Approximate estimated cost : Varies from Rs. 10.00 Lakh to Rs.11.50 Lakh.
3. Period of completion : 02 (Two) Calendar months
4. Date & Time of availability of bid document In the portal : Dt.24.05.2023 at 10.00 A.M.
5. Last date / Time for receipt of bid in the portal : Dt.02.06.2023 upto 5.00 P.M.
6. Date of opening Bid : Dt.03.06.2023 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in

Sd./- Executive Engineer
Angul (R&B) Division
OIPR-34074/11/0005/2324

**OFFICE OF SUPERINTENDING ENGINEER** No.A-157
**GAJAPATI IRRIGATION DIVISION**
PARALAKHEMUNDI, DIST: - GAJAPATI, ODISHA
Phone/Fax: 06815-223249, Email Id: - eepkdgpt@gmail.com
**e - Procurement Notice No. SE-GID- 01/2023-24**
**1. Type of work :** Flood Protection Works. **2. Form of Contract :** Percentage Rate. **3. Period of Completion :** 08 (Eight) Calendar Months

| Procurement Officer | Bid Identification No. | Bid Amount Rs in lakhs | Availability & submission of Bids on line. |
|---|---|---|---|
| Superintending Engineer, Gajapati Irrigation Division, Paralakhemundi | GID- 01, 02, 03, 04, 05, 06, 07, 08, 09, 10 & 11/ 2023-24 (Total 11 (Eleven) nos. of works) | Varies from Rs. 25.31 lakhs to 40.44 lakhs. | 20.05.2023 at 10.00 A.M to 29.05.2023, 5.30 P.M |

Date of opening of the Technical & financial Bid: **30.05.2023 at 11.00 A.M.**
further details can be seen from the Govt, website www.tendersorissa.gov.in
**Date of Lottery (If required) - 12.06.2023 at 11.00 A.M.**
Sd./- Superintending Engineer
Gajapati Irrigation Division
Paralakhemundi
OIPR-32346/11/0001/2324

GOVERNMENT OF ODISHA, “e”-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**
E-mail: rbcirclekhurda@gmail.com
Bid Identification No. CCE-Khordha (RBB) Circle-03/2023-24
Memo No - 875, Dt. 15.05.2023
**No.B-211:**The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Buildings work as detailed in the table below:

1. Nature of Work : Buildings Works
2. No of Work : 1 No
3. Tender Cost : Rs. 10000.00 (On-Line)
4. Class of Contractor : A Class and B Class
5. Available of Bid document in the Website : From 10.00 AM of Dt.23.05.2023 up to 05.00 PM of Dt.03.06.2023 upto 5.00 PM
6. Date of opening of Bid : Dt 05.06.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website:https://tenderodisha.gov.in. Any addendum/ corrigendum/cancellation of tender can also be seen in the said website.

Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0006/2324

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674-2340573, Tel Fax - 2340096
E-mail-mdosscltd456@gmail.com
**NIT No.OSSC/Mktg (Hort)- 10/2023**
**Short e-Tender Call Notice**
**No.CAD-630:**OSSC Ltd. invites e-Tender from Producers (and in case of GOI PSUs, their authorized Agencies) on item wise rate contract basis for Procurement of Planting Materials of Black Pepper Rooted Cutting for Kharif-2023 in double cover system through online mode only for the work below.

| | |
|---|---|
| Name of the work | Purchase of Planting Materials of Black Pepper Rooted Cutting Kharif-2023. |
| No of work | One |
| Availability of bid documents in portal | 15.00 hours on dt.20.05.2023 to 17.00hrs of dt.29.05.2023 |
| Last date of receipt of tender in portal | 17.00 hrs of dt.29.05.2023 |
| Date and time opening of Bid | 10.30hrs of dt.30.05.2023 |

The detailed descriptions of crops, varieties, quantity parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.
Sd./-
Managing Director, OSSC Ltd.
OIPR-01106/11/0011/2324

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
**DIRECTORATE OF FISHERIES, ODISHA, CUTTACK**
Website: https://odishafisheries.nic.in, https://dahvs.odisha.gov.in
Phone: 0671-2414061, Email: director.odifish@gmail.com
**CORRIGENDUM**
No. 8085 Date: 17.05.2023
No. M-16: In referring to the RFP No. 7558, Dtd.09.05.2023 for Selection of a Media Consulting Agency for IEC Strategy and Creative Productions, the Corrigendum and its pre bid clarification has been webhosted and noticed in the Department website and notice for wide circulation. The bidder may visit the website **https://odishafisheries.nic.in / https://dahvs.odisha.gov.in** and download the document for reference.
Sd./- Director
OIPR-06015/11/0010/2324

**OFFICE OF THE DEAN & PRINCIPAL**
**M.K.C.G. MEDICAL COLLEGE,**
**BRAHMAPUR-760 004, ODISHA**
Tel: 0680 2292746/Fax:0680 2292809/email:mkcgmc.bam@gmail.com
Website: www.mkcgmch.org
No.4814//MCB-2023//Welfare//Brahmapur//Dated 17th May, 2023
**TENDER CALL NOTICE**
**(LEASE OF LIBRARY CANTEEN (CAFETARIA)**
**No.E-120:**The Tender is invited in two bid system from the intending agencies/firm to organize/ manage Library Canteen inside the MKCG Medical College Hospital, Berhampur during Library hours i.e form 8.00 AM to 10.00 PM. The selected party /agency has to pay the monthly fixed charge to the MKCG Medical College Hospital, Berhampur. The applicants should submit their proposal in the prescribed format along with all the supporting documents in a sealed envelope (technical bid & price bid separately) to the office of the DEAN & PRINCIPAL, MKCG MEDICAL COLLEGE, BERHAMPUR (SUPERSCRIBED 'TENDER FOR LEASE OF LIBRARY CANTEEN(CAFETARIA) ") by 31-05-2023 till 05:00 pm through Registered Post/ Speed Post. The technical bid will be opened on 31-05-2023 at 05.30 P.M in Telemedicine conference hall of MKCG in the presence of the bidders. Details may be obtained from the website i.e www.mkcgmch.org.
Authority reserves the right to reject & cancel / vitiate at any time the entire process without assigning any reason thereof.
All disputes are purely subject to jurisdiction of Berhampur only. For any printing error the authorities shall not be responsible.
Sd./- Dean & Principal
MKCG Medical College, Berhampur
OIPR-10013/11/0004/2324

**BHUBANESWAR MUNICIPAL CORPORATION**
No. 24024/BMC Dt 17.05.2023
**COMPETITIVE BIDDING THROUGH e-PROCUREMENT**
**NOTICE INVITING TENDER**
**Bid Reference No. BMC-EE-DD-4/2023-24 Dtd.**
No.A-156:- On behalf of the Commissioner, Bhubaneswar Municipal Corporation (BMC), on-line e-tender Percentage Rate Bids are invited by the Superintending Engineer, Drainage Division and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.
It is urged that, all the intending bidders should go through the tender call notice and DTCN thoroughly and submit their bids accordingly. In case of any miss-match or inconsistency or contradict among different clauses/ conditions/instructions/ information furnished in this tender call notice or in the DTCN, then necessary clarification shall be issued by Superintending Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited- **29 Nos.**
2. Place of Execution: Different locations in Bhubaneswar Municipal Corporation area.
3. **Estimated Cost of Individual Work: Rs.4,24,034/- to Rs.47,84,239/- Contractors of Class-‘D’ to Class-‘B’** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through “On-Line” bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **10.30 AM on Dt 20.05.2023 to 5.00 P.M on Dt 05.06.2023** for online bidding.
6. Bids received online will be opened at **11.00 A.M. on Dt.06.06.2023**
7. The bidder must possess valid and compatible **Digital Signature Certificate (DSC).**
8. The successful bidder has to furnish A.P.S. (Additional Performance Security) as per DTCN 5(F) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.

On behalf of Commissioner, BMC, Bhubaneswar
Sd./- Superintending Engineer
Drainage Division, BMC
OIPR-32204/11/0001/2324

**ODISHA PUBLIC SERVICE COMMISSION, CUTTACK**
**NOTICE**
No. 4361/PSC Dt.18.05.2023
(1E-60-2022/23) (DR-II)
No. D-45: Pursuant to the judgement dated 01.05.2023 arising out of W.P. (C) No. 15738 of 2022 (Pradyumna Kumar Patra & Others - Vrs. - State of Odisha & Others) of the Hon'ble High Court, the Advertisement No. 20 of 2022-23 for recruitment to the Post of Assistant Executive Engineer (Civil & Mechanical) under Water Resources Department is hereby cancelled.
OIPR-12002/11/0030/2324 Sd./- Secretary

**OFFICE OF THE MUNICIPAL COUNCIL, PARADEEP**
Tel:(06722)222485, 222307, Fax:(06722) 220533
E-mail:-paradipmunicipality@gmail.com, www.paradeepmunicipality.org
**Quotation Call Notice No. 1706 / dt 16.05.2023/**
**No.C-350:**The Executive Officer, Paradeep Municipality on behalf of the Municipal Council, Paradeep invites sealed quotations from intending registered Service Providers/ Agencies having valid eligible license/ registration certificate, PAN, GSTIN, labour license, EPF & ESI from competent authority in order to engage un-skilled (Sweeper) manpower for sanitation work within Paradeep Municipality area. The prescribed quotation call schedule/ DTCN can be downloaded from Official website of the Paradeep Municipality i.e. www.paradeepmunicipality.org from 10:00 AM of dt. 20.05.2023 to 5:00 PM of dt. 29.05.2023. Last date of submission of tender paper is dt. 31.05.2023 up to 11:00 AM and will be opened on the same day i.e. dt. 31.05.2023 at 11:30 AM.
Sd./- Executive Officer, Paradeep Municipality
OIPR-13120/11/0003/2324

**OFFICE OF THE PRINCIPAL**
**GOPABANDHU AYURVEDA MAHAVIDYALAYA**
VIP Road, Puri-752002 (Odisha)
Tel. (06752-222072 (O)/ Email: principalgampuri@gmail.com
No.1618/ GAM Dated:18.5.23
**TENDER CALL NOTICE**
**No.E-123:**Sealed Tenders are invited from suppliers / firms /Contractors having valid up to date Income Tax & GST Clearance Certificate for supply of dietary articles to Gopabandhu Ayurveda Mahavidyalaya and Hospital, Puri, Odisha for the financial year 2023-24 or till finalization of the next tender. Details of articles with their specifications and terms and conditions for Supply of dietary articles can be obtained from the office of the undersigned during office Hour on submission of written application on payment of Rs.100.00 (Rupees One hundred) only in cash towards cost of tender documents.
I- Date of commencement of Sale of tender documents Dt. 23.05.2023
II. The last date and time of receipt of tender paper Dt. 12.06.2023 till 5.30 pm
By Regd. Post/Speed post only.
Sd./- Prof. (Dr.) Sudarsan Behera
Principal
OIPR-10044/11/0001/2324 Gopabandhu Ayurveda Mahavidyalaya, Puri

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.shb.org
ପତ୍ର ସଂଖ୍ୟା: ୧୦୬ **ବିଜ୍ଞାପନ** ତା:୧୫।୦୫।୨୦୨୩
No. CAD-640: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ସନ୍ଧ୍ୟା ମହାନ୍ତି<br>ସ୍ୱାମୀ: ଅଶୋକ କୁମାର ମହାନ୍ତି<br>ସା./: ରୁଗୁଡ଼ିପଡ଼ା<br>ପୋ./ଥାନା: ବଲାଙ୍ଗୀର<br>ଜିଲ୍ଲା: ବଲାଙ୍ଗୀର | ଏମ୍.ଆଇ.ଜି.-୨-୨୨ (MIG-II-22), ଏସ୍‌ଏଚ୍‌ଏସ୍ ବଲାଙ୍ଗୀର | ୧. ଅଶୋକ କୁମାର ମହାନ୍ତି (ସ୍ୱାମୀ)<br>୨. ଶାମୁକା ମହାନ୍ତି (ଝିଅ)<br>୩. ସମିର ସୌରଭ ମହାନ୍ତି (ପୁତ୍ର) |

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0121/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE DEAN & PRINCIPAL**
**PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ**
At: Rangamatia, P.O.: Laxmiposi, PIN - 757107, Mayurbhanj, Odisha
Ph. No.: 06792 240401
E-mail: prmmchbaripada@gmail.com/officeprmmch@gmail.com
**NOTICE INVITING TENDER**
**Reference No. 2095 / PRMMCH Baripada / Dated: 18.05.2023**
No. E-122: The sealed tenders are invited from the Registered Suppliers/Firm/Agency for supply of scientific equipment/items for Multi-disciplinary Research Unit (MRU), PRM Medical College, Baripada - 757107. The tender can be downloaded from the Mayurbhanj NIC official website **(www.mayurbhanj.nic.in)** from Dt.29.05.2023. The last date of submission of bid documents is Dt.19.06.2023 by 5.30 P.M.
Sd./- Dean & Principal,
PRMMCH, Baripada
OIPR-10120/11/0001/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ମେ, ୨୦୨୩



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ଲଳିତକଳା ଏକାଡେମୀ ପକ୍ଷରୁ ପରିକ୍ରମା ରିସର୍ଚ୍ଚ ସ୍କଲାର ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୧୦୦ତମ ଜୟନ୍ତୀ ଓ ଫାଉଣ୍ଡେଶନର ୩୧ତମ ବାର୍ଷିକୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ନାଗେଶ୍ୱରଟାଙ୍ଗୀ ହାଟର ଉନ୍ନତୀକରଣ ହେବ

## ୱାର୍ଡ ନଂ୫୫ରେ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ

■ ପରିମଳ ଠିକାଦାର ନିୟମିତ କାମ କରୁ ନ ଥିବା ଅଭିଯୋଗ

ଭୁବନେଶ୍ୱର, ୧୮।୫ (ବ୍ୟୁରୋ)

ୱାର୍ଡ ନମ୍ବର ୫୫ରେ ଗୁରୁବାର 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଗେଶ୍ୱର ଟାଙ୍ଗୀଠାରେ ଥିବା ବିଏମ୍‌ସି କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ଏହି ବୈଠକରେ ମେୟର ସୁଲୋଚନା ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ନାଗେଶ୍ୱର ଟାଙ୍ଗୀ, ଗୌତମ ନଗର, ଗୋସାଗରେଶ୍ୱର ଅଞ୍ଚଳ, ଆକରପୁରୀ କଲୋନୀ ଓ ବିନ୍ଦୁସାଗର ପଶ୍ଚିମ ପାର୍ଶ୍ୱ ଆଦି ଅଞ୍ଚଳର ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ, ବିଭିନ୍ନ ସାମାଜିକ ସଂଗଠନ, ଏସ୍‌ଏଚ୍‌ଜିର କର୍ମକର୍ତ୍ତା ଯୋଗଦେଇ ସେମାନଙ୍କ ଅଞ୍ଚଳର ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ୨୦୧୯-୨୦ରେ ନିର୍ମାଣାଧୀନ ଡ୍ରେନର ଶେଷ ସୀମା ନିର୍ଦ୍ଧାରିତ ହୋଇ ନ ଥିବାବେଳେ, ଡ୍ରେନ ଅଧା ହୋଇପଡି ରହିଛି। ଫଳରେ ମୁଖ୍ୟ ଡ୍ରେନ୍‌କୁ ପାଣି ଯାଇ ନ ପାରି ରାସ୍ତାରେ ଭାସୁଛି। ପରିମଳ ଠିକାଦାର ନିୟମିତ କାମ କରୁ ନ ଥିବା ୱାର୍ଡବାସୀ ଅଭିଯୋଗ କରିଥିଲେ। ସେହିଭଳି ୨୦୧୦ରେ ନାଗେଶ୍ୱର ହାଟର ଶୁଭ ଦିଆଯାଇଥିଲେ ବି ଏଯାଏ କାମ ହୋଇପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ହାଟ ଭିତରେ କେତେକ ଲୋକ ଜବରଦଖଲ କରିଥିବାରୁ ସେଠାରେ ପାର୍କିଂ ସମସ୍ୟା ସୃଷ୍ଟି ହେଉଛି, ନାଗେଶ୍ୱର ଟାଙ୍ଗୀ ଓ ଗୌତମ ନଗରରେ ଗୋଟିଏ ଲେଖାଏ ପୋଲିସ ବୁଥ୍ କରି ଅପରାଧ ନିୟନ୍ତ୍ରଣ କରିବା, ୱାର୍ଡରେ ଥିବା ସରକାରୀ ଜମିରେ ବ୍ୟାଡମିଣ୍ଟନ କୋର୍ଟ ପ୍ରତିଷ୍ଠା କରିବା, ନାଗେଶ୍ୱର ଟାଙ୍ଗି ପାର୍କର ଉନ୍ନତିକରଣ କରିବା, ଗୌତମ ନଗର ପାର୍କ ପାଖରୁ ଜବରଦଖଲ ଉଚ୍ଛେଦ କରିବା, ନାଗେଶ୍ୱର ଟାଙ୍ଗୀର ଏଚ୍‌ବି-୬୪ ରୁ ୭୫ ପର୍ଯ୍ୟନ୍ତ ସ୍ୱେରେଜ ବ୍ୟବସ୍ଥାରେ ସୁଧାର ଆଣିବା, ସ୍ୱେରେଜରୁ ବାହାରୁଥିବା ବର୍ଜ୍ୟକୁ ରାସ୍ତାରୁ ତୁରନ୍ତ ଉଠାଇବା, ଶିଶୁ ଉଦ୍ୟାନ ଏବଂ ଏକ କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରିବା, ହରିହର ବିଦ୍ୟାପୀଠ ଖେଳପଡିଆର ଉନ୍ନତୀକରଣ କରିବା, ୱାର୍ଡରେ କଣ୍ଟ୍ରୋଲ ଦୋକାନ ନ ଥିବାରୁ ରାଶନ ସାମଗ୍ରୀ ପାଇଁ ୫୬ ନମ୍ବର ୱାର୍ଡରୁ ଯିବାକୁ ପଡୁଛି। ତେଣୁ ୱାର୍ଡରେ ଡିଲର ନିଯୁକ୍ତି ଦିଆଯିବା, ନାଗେଶ୍ୱର ଟାଙ୍ଗୀ ଅଞ୍ଚଳରେ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରିବା, ଅଞ୍ଚଳରେ ଥିବା ଜଳାଶୟଗୁଡିକର ପୁନରୁଦ୍ଧାର କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସେହିପରି ବର୍ଷକ ମଧ୍ୟରେ ୫୫ ନମ୍ବର ୱାର୍ଡରେ ଉନ୍ନୟନମୂଳକ କାମର ତାଲିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ମେୟର, କର୍ପୋରେଟର ନୃପେଶ କୁମାର ନାୟକ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସହିତ ଟିମ୍ ବିଏମ୍‌ସି ନାଗେଶ୍ୱର ଟାଙ୍ଗୀ ହାଟ ଓ ଡ୍ରେନ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଖୁବଶୀଘ୍ର ହାଟର ଉନ୍ନତିକରଣ କାମ ଆରମ୍ଭ ହେବ ବୋଲି ମେୟର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ଡେପୁଟି କମିଶନର ସ୍ନେହଲତା ଆଚାର୍ଯ୍ୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାମେଶ୍ୱରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।



ଭୁବନେଶ୍ୱରସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ପରିକ୍ରମା ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି।

# ଅଧିକ କାର୍ବାଇଡଯୁକ୍ତ ୫୦ କେଜି ଫଳ ଜବତ

## ବିଏମ୍‌ସି ପକ୍ଷରୁ ଫଳ ଗୋଦାମ ଓ ଦୋକାନରେ ଚଢ଼ାଉ

ଭୁବନେଶ୍ୱର, ୧୮।୫ (ବ୍ୟୁରୋ)

ସାବିତ୍ରୀ ବ୍ରତ ପାଇଁ ବଜାରରେ ଅସମ୍ଭାଳ ଭିଡ଼। ଫଳଦୋକାନରେ ଗ୍ରାହକଙ୍କ ପ୍ରବଳ ଗହଳି ଲାଗି ରହୁଛି। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ଯେପରି ଗ୍ରାହକଙ୍କୁ ନଷ୍ଟ ହୋଇଯାଇଥିବା କିମ୍ବା ଅସ୍ୱାସ୍ଥ୍ୟକର ଫଳ ବିକ୍ରି ନ କରନ୍ତି ତାହା ଉପରେ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସିର ସ୍ୱତନ୍ତ୍ର ଖାଦ୍ୟ ନିରାପତ୍ତା ଅଧିକାରୀମାନେ ଗୁରୁବାର ଭୁବନେଶ୍ୱରରର ଅଶୋକ ନଗର ଏବଂ ବୁଦ୍ଧନଗରସ୍ଥିତ କେତେକ ଫଳ ଗୋଦାମ ଏବଂ ବିଭିନ୍ନ ଫଳ ଦୋକାନରେ ଚଢାଉ କରିଥିଲେ। ପ୍ରାୟ ୫୦ କେଜି ଫଳରେ ଆବଶ୍ୟକତା ଠାରୁ ଅଧିକ କାର୍ବାଇଡ ଥିବା ଯାଞ୍ଚ ସମୟରେ ଜଣାପଡ଼ିଥିଲା। ଏହି ଫଳଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବାରୁ ଏହାକୁ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଛି।

## ସଂକ୍ଷେପରେ

### ଉତ୍କଳ ଯୋଗ ପରିବାରର ଚାରାରୋପଣ

ଭୁବନେଶ୍ୱର,୧୮।୫ (ଡି.ଏନ୍.ଏ.): ଉତ୍କଳ ଯୋଗ ପରିବାର ପକ୍ଷରୁ ନିକଟରେ ଧଉଳି ପାଦଦେଶ ଏବଂ ପାହାଡ଼ର ମଧ ଭାଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥିରେ କେନ୍ଦ୍ରର ସମସ୍ତ ଯୋଗୀ ଭଉଣୀ, ଭାଇ ଏକତ୍ରିତ ହୋଇ ଚାରା ଲଗାଇବା ସହ ଜଳ ସିଞ୍ଚନ କରିଥିଲେ। ଓଡ଼ିଶା ରାଜ୍ୟ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଜଙ୍ଗଲ ସୁରକ୍ଷା ବିଷୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରଣେନ୍ଦ୍ର ସେନାପତି ଧନ୍ୟବାଦ ଦେଇଥିଲେ।

### ବିପିୟୁଟିର ତ୍ରୁଟିପୂର୍ଣ୍ଣ ପରୀକ୍ଷାଫଳ ପ୍ରକାଶକୁ ବିରୋଧ

ଭୁବନେଶ୍ୱର,୧୮।୫(ବ୍ୟୁରୋ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ ତ୍ରୁଟିପୂର୍ଣ୍ଣ ପରୀକ୍ଷା ଫଳ ପ୍ରକାଶକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିରୋଧ କରାଯାଇଛି। ମେ ୧୨ରେ ବିପିୟୁଟି ପକ୍ଷରୁ ୭ମ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ତେବେ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ପୁଣିଥରେ ୧୭ ତାରିଖରେ ଫଳ ପ୍ରକାଶ କରାଯାଇଥିଲା। ଟେକ୍ନିକାଲ ସମସ୍ୟା ଦର୍ଶାଇ ପୁଣିଥରେ ଉକ୍ତ ପରୀକ୍ଷାଫଳକୁ ତ୍ରୁଟିପୂର୍ଣ୍ଣ ଘୋଷଣା କରାଯିବା ସହ ଆଗାମୀ ଦିନରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟର ୧୫ ହଜାରରୁ ଅଧିକ ପିଲା ମାଟ୍ରିକ ପରୀକ୍ଷା ନ ଦେବା, ଉତ୍କଳ ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ଖସିବା, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କଲେଜରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଅବ୍ୟବସ୍ଥା ଆଦି ଘଟଣା ଶିକ୍ଷା ପ୍ରତି ଉଦାସୀନତା ମନୋଭାବ ପ୍ରକାଶ କରୁଛି ବୋଲି ଏବିଭିପିର ରାଜ୍ୟ ସମ୍ପାଦକ ଅରିଜିତ୍ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକଳାପ ଏବିଭିପି ବରଦାସ୍ତ କରିବ ନାହିଁ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



ଆଜି ସାବିତ୍ରୀ ବ୍ରତ : ଭୁବନେଶ୍ୱର ସତ୍‌ସଙ୍ଗ ବିହାରସ୍ଥିତ ଫଳ ଦୋକାନରେ ଗୁରୁବାର ଗ୍ରାହକଙ୍କ ଭିଡ଼।

## ବଟି ନ ଦେବାରୁ ହୋଟେଲ ମାଲିକଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୮।୫ (ବ୍ୟୁରୋ)

ବଟି ନଦେବାରୁ ହୋଟେଲରେ ପଶି ଜିନିଷ ଭଙ୍ଗାରୁଜା କରିବା ସହ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସ୍ଥାନୀୟ ଅଞ୍ଚଳର ସୀମାଞ୍ଚଳ କୁଞ୍ଜି । ସୂଚନାନୁସାରେ, ଗତ ଫେବୃୟାରୀରେ ସୀମାଞ୍ଚଳ ଓ ତାଙ୍କ ସହଯୋଗୀ ନିଶାଶକ୍ତ ଅବସ୍ଥାରେ ଆସି ବଟି ମାଗିବା ସହିତ ପ୍ରଭାକରଙ୍କ ହୋଟେଲରେ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ପ୍ରଭାକର ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ।

# ୨୪ ଘଣ୍ଟା ପରେ ବି ପତ୍ତା ମିଳିନି

## ରାଜଧାନୀରେ ଛାତ୍ର ନିଖୋଜ ଘଟଣା

ଭୁବନେଶ୍ୱର, ୧୮।୫(ବ୍ୟୁରୋ)

ରାଜଧାନୀ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଜେଲ ରୋଡ୍‌ରେ ରହୁଥିବା ଛାତ୍ର ସାଇପ୍ରସାଦ ପଣ୍ଡା ନିଖୋଜ ହେବାର ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ଗୁରୁବାର ରାତି ପର୍ଯ୍ୟନ୍ତ ସାଇପ୍ରସାଦଙ୍କ ପତ୍ତା ମିଳିପାରିନାହିଁ। ପରିବାର ଲୋକେ ଓ ପୋଲିସ ଟିମ୍ ଗୁରୁବାର ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ସାଇପ୍ରସାଦ କେଉଁଠି ଅଛନ୍ତି ତାହା ଜଣାପଡ଼ି ନ ଥିବା ଶହୀଦନଗର ଥାନାଧିକାରୀ ମନୋଜ ଶତପଥୀ କହିଛନ୍ତି। ଅନ୍ୟପକ୍ଷରେ ସିସିଟିଭି ଫୁଟେଜ୍ ଯାଞ୍ଚରୁ ଶହୀଦନଗର ପୋଷ୍ଟ ଅଫିସ ପାଖରେ ଗୁରୁବାର ସନ୍ଧ୍ୟାରେ ସାଇକେଲ ଯୋଗେ ସାଇପ୍ରସାଦ ଯାଉଥିବା ଦେଖିବାକୁ ମିଳିଛି। ହେଲେ ଏହାପରେ ସେ କେଉଁଆଡ଼େ ଯାଇଛନ୍ତି ତାହା ଜଣାପଡ଼ି ନ ଥିବା ବାପା ଅରୂପ କହିଛନ୍ତି। ଅନ୍ୟପକ୍ଷରେ ସାଇପ୍ରସାଦ ମାଟ୍ରିକ ପରୀକ୍ଷାରେ ୪୫୫ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସାଇପ୍ରସାଦଙ୍କ ନିଖୋଜ ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିବା ସହ ଖୋଜାଖୋଜି ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ସାଇପ୍ରସାଦ ଘରୁ ବୁଧବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ସ୍ୱର୍ଶ ହସ୍ପିଟାଲ ନିକଟସ୍ଥ ଆୟେଶା ଇନ୍‌ଷ୍ଟିଚ୍ୟୁଟ୍‌କୁ କୋଚିଂ ପାଇଁ ଆସିଥିଲେ। ସେ ଠିକ୍ ସମୟରେ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତବିବ୍ରତ ହୋଇପଡ଼ିଥିଲେ। ଏନେଇ ସାଇପ୍ରସାଦଙ୍କ ବାପା ଅରୂପ ଶହୀଦନଗର ଥାନାରେ ଏତଲା ଦେବା ପରେ ପୋଲିସ ଏକ ନିଖୋଜ ମାମଲା (ନଂ.୧୧୮/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ରହିତାଦେଶ ସତ୍ତ୍ୱେ ଭାଙ୍ଗିଲେ ଘର

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଘାଟିକିଆ ମୌଜାରେ ଥିବା ପ୍ଲଟ ନଂ-୪୩୪୫ରେ ଉପେନ୍ଦ୍ର ନାୟକ ଘର କରି ବସବାସ କରୁଛନ୍ତି। ଏହି ପ୍ଲଟ ଉପରେ ବ୍ଲୁଇସ ଆଲର୍ଟ କାରଣରୁ ଉଚ୍ଛେଦ ହେବା ନେଇ ସୂଚନା ଦିଆଯାଇଥିଲା। ତେଣୁ ଉପେନ୍ଦ୍ର ପୂର୍ବରୁ ଏହି ଜମି ଉପରେ ସ୍ଥିତାବସ୍ଥା ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଜୁନ ୨୨ ପର୍ଯ୍ୟନ୍ତ ସମ୍ପୃକ୍ତ ଜମି ଉପରେ ଉଚ୍ଚ ନ୍ୟାୟାଳୟ ଜାରି କରିଥିବା ସ୍ଥିତାବସ୍ଥା ଆଦେଶ ବଳବତ୍ତର ରହିଛି। ଅପରପକ୍ଷେ ଗୁରୁବାର ଏହାକୁ ଭାଙ୍ଗିବାକୁ ବିଡିଏ ଏନଫୋର୍ସମେଣ୍ଟ ଟିମ ଏବଂ ସାଧାରଣ ପ୍ରଶାସନ (ଜିଏ)ର ସହକାରୀ ନିର୍ଦ୍ଦେଶକ ଅମିୟ ଦାସ ସେଠାରେ ପହଞ୍ଚିଥିଲେ। ଉପେନ୍ଦ୍ର କୋର୍ଟଙ୍କ ନିର୍ଦ୍ଦେଶ ଥିବା ସମସ୍ତ ଦସ୍ତାବିଜ ଜିଏ ଅଧିକାରୀଙ୍କୁ ଦେଖାଇଥିଲେ। ଅଧିକାରୀ ଉକ୍ତ ଦସ୍ତାବିଜକୁ ପଢିଥିଲେ ମଧ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଉକ୍ତ ପ୍ଲଟକୁ ଭାଙ୍ଗିବା ପାଇଁ ଅଡି ବସିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଏହାସତ୍ତ୍ୱେ ଉଚ୍ଛେଦକାରୀ ଟିମ୍ ଉକ୍ତ ପ୍ଲଟ ସମେତ ଅନ୍ୟ ଏକ ପ୍ଲଟ ନଂ-୪୭୮୦ରେ କିଛି ଅଂଶକୁ ଭାଙ୍ଗିଥିଲେ। ଏ ନେଇ ଜିଏର ସହକାରୀ ନିର୍ଦ୍ଦେଶକ ଅମିୟ ଦାସ କହିଛନ୍ତି, ସମ୍ପୃକ୍ତ ପ୍ଲଟ୍‌ରେ ସ୍ଥିତାବସ୍ଥା ଥିବା ଜଣା ନ ଥିଲା। ବ୍ୟକ୍ତିଜଣକ ନିର୍ଦ୍ଦେଶନାମା ଦେଖାଇବା ପରେ ସେଠାରେ ଉଚ୍ଛେଦ କରି ନ ଥିଲୁ। ଗୁରୁବାର ଘାଟିକିଆ ଅଞ୍ଚଳରେ ୬ଟି ସ୍ଥାନରେ ଉଚ୍ଛେଦ ହେବା ନେଇ ସ୍ଥିର କରାଯାଇଥିଲା। ତେଣୁ ବାକି ୪ଟି ଅଞ୍ଚଳରେ ଉଚ୍ଛେଦ କରି ଫେରିଥିଲୁ ବୋଲି ଅଧିକାରୀ ସଫେଇ ଦେଇଛନ୍ତି।

## ୨୦ରୁ ଭାରତ ସଂସ୍କୃତି ଯାତ୍ରା

ପୁରୁଣା ଭୁବନେଶ୍ୱର, ୧୮।୫ (ଡି.ଏନ୍.ଏ.)

ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନ ଧରି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ନୃତ୍ୟ ଉତ୍ସବ ଅବସରରେ ଭାରତ ସଂସ୍କୃତି ଯାତ୍ରା ଅନୁଷ୍ଠିତ ହେବ। ଭଞ୍ଜ କଳାମଣ୍ଡପରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୬.୩୦ରୁ ହେବାପାଇଁ ସ୍ଥିର କରାଯାଇଛି। କୋଲକାତାର ହିନ୍ଦୁସ୍ତାନ ଆର୍ଟ ଏଣ୍ଡ ମିଜ୍ୟୁକ୍ ସୋସାଇଟି ଏବଂ ତ୍ରିଧାର ଅନୁଷ୍ଠାନ ସହଯୋଗରେ ଏହି କାର୍ଯ୍ୟକ୍ରମ ହେବା ପାଇଁ ଗୁରୁବାର ପାନ୍ଥ ନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ବର୍ତ୍ତମାନ ଭାରତ ସଂସ୍କୃତି ଯାତ୍ରାର ନବମ ଏବଂ ଦଶମ ଅର୍ଘ୍ୟ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ଉତ୍ସବକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଉପସ୍ଥିତି ଯୋଜନା ଅଧୀନରେ ସମର୍ଥନ କରାଯାଇଛି। ସୋସାଇଟି ସଚିବ ପଣ୍ଡିତ ପ୍ରଶ୍ନଜିତ୍ ପୋଦ୍ଦାର, ଏବଂ ତ୍ରିଧାରାର ନିର୍ଦ୍ଦେଶ ଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

# ସଂଗ୍ରହାଳୟ, ନିରନ୍ତରତା, କଲ୍ୟାଣ ସଂକ୍ରାନ୍ତ ଆଲୋଚନାଚକ୍ର

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଗୁରୁବାର ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ସଂଗ୍ରହାଳୟ, ନିରନ୍ତରତା ଏବଂ କଲ୍ୟାଣ ଉପରେ ଆଧାରିତ ଚଳିତ ବର୍ଷର ବିଷୟବସ୍ତୁ ନେଇ ଏକ ପ୍ୟାନେଲ୍ ଆଲୋଚନାର ଆୟୋଜନ କରାଯାଇଥିଲା। ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଏସ୍‌ସିଏସ୍‌ଟିଆର୍‌ଟିଆଇର ପୂର୍ବତନ ଉପଦେଷ୍ଟା ତଥା ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରୀ ଓତା ଯୋଗଦେଇ ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର ବିବର୍ତ୍ତନ ଏବଂ ଏହାର ପ୍ରବର୍ତ୍ତିତ ବିଭିନ୍ନ ଡିଜିଟାଲ୍ ଟେକ୍ନୋଲୋଜି ଉପରେ ଆଲୋକପାତ କରିଥିଲେ। ପୂର୍ବତନ ପ୍ରଫେସର ଡ. ଏନ.ସି ଦାଶ ଯୋଗଦେଇ ଦେଶର ବିଭିନ୍ନ ସଂଗ୍ରହାଳୟ ସଂକ୍ରାନ୍ତରେ କହିଥିଲେ।





ସମସ୍ତ କର୍ମଚାରୀଙ୍କୁ ଇଏସ୍‌ଆଇ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଗୁରୁବାର ରୂପାଲିଛକସ୍ଥିତ ଇଏସଆଇ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ।

# ଗୋବିନ୍ଦ ଜୀଉଙ୍କ ଚନ୍ଦନ ଉତ୍ସବ

ପୁରୁଣା ଭୁବନେଶ୍ୱର, ୧୮।୫ (ଡି.ଏନ୍.ଏ.)

ଭୁବନେଶ୍ୱର ବ୍ଲକ ଅଧୀନ ନୂଆଗାଁର ଆରାଧ୍ୟ ଦେବ ଗୋବିନ୍ଦ ଜୀଉଙ୍କ ୫ ଦିନିଆ ଚନ୍ଦନ ଯାତ୍ରା ସମ୍ପନ୍ନ ପରେ ବୁଧବାର ଠାକୁରଙ୍କ ମନ୍ଦିର ନିକଟ ଯାତ୍ରାପଡ଼ିଆରେ ୩ ଦିନିଆ ଚନ୍ଦନ ଉତ୍ସବ ଆରମ୍ଭ ହୋଇଛି। ଏନେଇ କୁମରଡ଼ିହ, ନାଥପୁର, ନୁଆଗାଁ ଆଦି ଅଞ୍ଚଳର ୬ଟି ମଣ୍ଡଳି ଦ୍ୱାରା ରାଣୀହାଟ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଚନ୍ଦନ ଉତ୍ସବରେ ଗ୍ରାମର ଯୁବକଙ୍କ ଦ୍ୱାରା ଗୀତିନାଟ୍ୟ ପରିବେଷଣ କରାଯାଉଥିବା ବେଳେ ଚଳିତବର୍ଷ ତ୍ରିଭୁବନ ଗଣନାଟ୍ୟ ଦ୍ୱାରା ଯାତ୍ରା ପରିବେଷଣ କରାଯାଉଛି। ନୂଆଗାଁ ଗ୍ରାମ୍ୟ କମିଟି ଶାସ୍ତ୍ରୀଜୀ ଯୁବକ ସଂଘର ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିବସରେ କୁନି କୁନି ସଂକୀର୍ତ୍ତନ ମଣ୍ଡଳୀର ଗାୟକ, ପାଳିଆଙ୍କୁ ଚନ୍ଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କମିଟିର ସଭାପତି ବସନ୍ତ ବରାଳ, ସମ୍ପାଦକ ଅଶ୍ୱିନୀ ସାହୁ, କୋଷାଧ୍ୟକ୍ଷ ବୁଲୁ ସାହୁ, ସଂଘ ସଭାପତି ଚିନ୍ମୟ ନନ୍ଦ ବଡ଼ଜେନା, ରମେଶ ଚନ୍ଦ୍ର ନାୟକ, ନଗେନ ବରାଳ, ବୃନ୍ଦାବନ ସାହୁ, ସଞ୍ଜୟ ଗିରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପିଲାମାନେ।

# ସମାଜର କଲ୍ୟାଣ, ଗୁରୁଙ୍କ ମଙ୍ଗଳ କାମନା



## ଆମେ ବି ସାବିତ୍ରୀ...

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ସାବିତ୍ରୀ ବ୍ରତ କଥା କହିଲେ ସାଧାରଣତଃ ମନକୁ ବିବାହିତ ମହିଳାଙ୍କ ଛବି ଆସିଥାଏ। ପରିବାର ସହ ବିଶେଷକରି ସ୍ୱାମୀଙ୍କ ଦୀର୍ଘ ଆୟୁଷ ଓ ମଙ୍ଗଳ ମନାସି ସ୍ତ୍ରୀମାନେ ଉପବାସ ରଖିଥାନ୍ତି। ତେବେ ସାବିତ୍ରୀ ବ୍ରତ ଆଉ କେବଳ ମହିଳାଙ୍କ କ୍ଷେତ୍ରରେ ସୀମିତ ହୋଇ ରହିନାହିଁ, କିନରମାନେ ମଧ୍ୟ ଏବେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ପ୍ରାୟ ୧୦/୧୨ ବର୍ଷ ଧରି କିନ୍ନରମାନେ ସାବିତ୍ରୀ ବ୍ରତ ବେଶ୍ ନିଆରା ଢଙ୍ଗରେ ପାଳନ କରୁଛନ୍ତି। କିନ୍ତୁ ସେମାନଙ୍କ ଉପବାସ, ପ୍ରାର୍ଥନା ସମାଜରେ ରହୁଥିବା ସମସ୍ତଙ୍କର ମଙ୍ଗଳ କାମନା ସହ ସେମାନଙ୍କ ଗୁରୁଙ୍କ ପାଇଁ। ସେମାନେ ଯେ ସମାଜରେ ଜଣେ ଜଣେ ସାବିତ୍ରୀ ତାହା ସେମାନେ ଏହି ବ୍ରତ ମାଧ୍ୟମରେ ଜଣାଇଥାନ୍ତି। ବଟବୃକ୍ଷକୁ ପୂଜା କରି ସମସ୍ତଙ୍କୁ ପ୍ରସାଦ ବାଣ୍ଟି ସମସ୍ତେ ଗୋଟିଏ ଜାଗାରେ ଏକତ୍ରିତ ହୋଇ ସୁବାର୍ତ୍ତା ପ୍ରଦାନ କରନ୍ତି। ଏଥର ମଧ୍ୟ ପୂର୍ବ ବର୍ଷ ଭଳି କିନ୍ନର ଆଖଡ଼ା ସଂଘ ପକ୍ଷରୁ ସାବିତ୍ର ବ୍ରତ ପାଇଁ ଆୟୋଜନ କରାଯାଇଛି। ସାବିତ୍ରୀ ବ୍ରତ ସେମାନେ କାହିଁକି ପାଳନ କରନ୍ତି ଓ ସମାଜରେ ଏହାର କିଭଳି ପ୍ରଭାବ ପଡ଼ିଥାଏ ସେ ନେଇ କେତେଜଣ କିନ୍ନରଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

### ଗୁରୁଙ୍କ ମଙ୍ଗଳ ପାଇଁ



ସାବିତ୍ରୀ ବ୍ରତ ପାଇଁ ଆମେ ସବୁବେଳେ ଆଗ୍ରହର ସହ ଅପେକ୍ଷା କରିଥାଉ। ପୂଜା ପାଇଁ କିନ୍ନର ଆଖଡ଼ାର ପ୍ରାୟ ୧୫୦ ଜଣଙ୍କୁ ଭାର ଦିଆସରିଛି। ସମସ୍ତେ ପଳାସପଲ୍ଲୀସ୍ଥିତ ଫ୍ଲାଏଓଭର ବ୍ରିଜ ପାଖେ ଏକତ୍ରିତ ହୋଇ ପୂଜାକରୁ। ସମସ୍ତଙ୍କୁ ଭୋଗ ବାଣ୍ଟିଥାଉ। ସମସ୍ତେ ଖୁସିରେ ମଧ ଆମମାନଙ୍କଠାରୁ ପ୍ରସାଦ ନେଇଥାନ୍ତି। ନାରୀମାନଙ୍କ ପରି ନୂଆବସ୍ତ୍ର, ଶାଢ଼ି, ଚୁଡ଼ି ପିନ୍ଧି ଉପବାସ ରଖିଥାଉ। ବିଶେଷକରି ସମସ୍ତେ ପ୍ରାୟ ଗୁରୁଙ୍କ ପାଇଁ ପୂଜା କରିଥାଉ। ସାବିତ୍ରୀ ବ୍ରତ ବିଶ୍ୱାସ ଓ ଭରସା ବହନ କରେ। ପରସ୍ପର ମଧରେ ଉଚିତ୍ ବୁଝାମଣା ରହିବା ଆବଶ୍ୟକ। ପରିବାରକୁ ବାନ୍ଧି ରଖିବାର ଦାୟିତ୍ୱ ଏହି ବ୍ରତ ଦେଇଥାଏ। ଆମେ କିନ୍ନରମାନେ ମଧ ନାଗରିକ। ସଂସ୍କୃତି, ପରମ୍ପରା ସହ ଯୋଡ଼ି ହେବା ଆମମାନଙ୍କ ଅଧିକାର। ମୁଁ ୧୪ବର୍ଷ ହେବ ସାବିତ୍ରୀ ବ୍ରତ ପାଳନ କରୁଛି। ଏହା ମୋ ପାଇଁ ଖୁବ୍ ସ୍ୱତନ୍ତ୍ର।

-ମୀରା ପରିଡ଼ା

### ସମର୍ପଣର ବାର୍ତ୍ତା



ସ୍ୱାମୀଙ୍କ ପାଇଁ ସାବିତ୍ରୀ କରିବା ଯେ ସାବିତ୍ରୀ ବ୍ରତର ମୁଖ୍ୟ ଉଦ୍ଦେଶ୍ୟ ତାହା ବାସ୍ତବ ନୁହେଁ। ସମାଜରେ ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ପରସ୍ପର ଖୁସିର ବାର୍ତ୍ତା ଦେବା ପାଇଁ ଆମେ ପର୍ବ ପାଳନ କରିଥାଉ। ମୁଁ ୧୨ବର୍ଷ ହେବ ଗୁରୁଙ୍କ ପାଇଁ ସାବିତ୍ରୀ ବ୍ରତ କରୁଛି। ତା'ମାନେ ନୁହେଁ କାଲିକୁ ମୁଁ ମୋ ସ୍ୱାମୀଙ୍କ ପାଇଁ କରିବିନି। ଏଯାଏ ଗୁରୁଙ୍କ ପାଇଁ କରୁଛି। କିନ୍ତୁ ସ୍ୱାମୀଙ୍କ ଅପେକ୍ଷାରେ ଅଛି। ନିଜକୁ ଅଳଙ୍କୃତ କରି ଏକତ୍ରିତ ହୋଇ ଜାତିଭେଦକୁ ବାରଣ କରି ଆମେ ଏହି ବ୍ରତ ରଖିଥାଉ। ଆମେ ବଟ ବୃକ୍ଷକୁ ପୂଜା କରି ଭଗବାନ ମହାଦେବ, ବିଷ୍ଣୁଙ୍କ ଆରାଧନା କରିଥାଉ। ସମର୍ପଣର ବାର୍ତ୍ତା ଦେଇଥାଏ ସାବିତ୍ରୀ ବ୍ରତ।

-ସାଧନା ମିଶ୍ର

### ସ୍ୱାମୀଙ୍କ ପାଇଁ ସାବିତ୍ରୀ



କିନ୍ନରମାନଙ୍କ ନାରୀ ହେବାର ଚେଷ୍ଟା ଛୋଟବେଳୁ ରହିଥାଏ। ସାଧାରଣ ମହିଳାଙ୍କ ପରି ପର୍ବ ପାଳିବା ଓ ଘର ସଂସାର କରିବାକୁ ଆଗ୍ରହ ଥାଏ। ମୁଁ ବହୁତ ଖୁସି ଯେ, ମୋର ସେହି ସ୍ୱପ୍ନ ପୂରଣ ହୋଇପାରିଛି। ୨ବର୍ଷ ହେବ ମୋର ବାହାଘର ହୋଇସାରିଛି। ଆଉ ମୁଁ ମୋ ସ୍ୱାମୀଙ୍କ ପାଇଁ ସାବିତ୍ରୀ ବ୍ରତ ରଖିପାରୁଛି। ମୋ ଶ୍ୱଶୁର, ଶାଶୁ ମୋତେ ସବୁ କ୍ଷେତ୍ରରେ ସହଯୋଗ କରନ୍ତି। ଭାଗ୍ୟବାନ ଯେ, ନାରୀଟିଏ ହେବାର ଓ ସବୁ ସୁଯୋଗରୁ ମୁଁ ବଞ୍ଚିତ ହୋଇନାହିଁ। ଆଦର, ସ୍ନେହରେ ମୁଁ ଜୀବନ କାଟୁଛି।

-ସମୀକ୍ଷା ବେହେରା

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ମେ, ୨୦୨୩



## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ନିମାପଡ଼ା,୧୮।୫(ଡି.ଏନ୍.ଏ.)

ନିମାପଡ଼ା ଥାନା ସଲଙ୍ଗ ପଞ୍ଚାୟତ ଭଣ୍ଟି ଗ୍ରାମର ପୁଷ୍ପଲତା ଭୋଇ ଓ ଧାନୀ ଭୋଇଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ଜାତିଆଣ ଆକ୍ଷେପରେ ଗାଳିଗୁଲଜ କରିବାକୁ ନେଇ ଗୁରୁବାର ୨ ଜଣ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଦୁର୍ବ୍ୟବହାର ପ୍ରଦର୍ଶନକାରୀ ସରପଞ୍ଚ ସୁମନ୍ତ ଭୋଇ, ୱାର୍ଡ ସଭ୍ୟା କଳ୍ପନା ନାୟକ, ବିଜୟ ପଟ୍ଟନାୟକ, ନୀହାର ପରିଡ଼ା, ଦୀପକ ଭୋଇ, ସସ୍ମିତା ଭୋଇ, ଗଜେଶ ଭୋଇ, ପଞ୍ଚୁ ଭୋଇ ପ୍ରମୁଖ ୮ଜଣଙ୍କ ବିରୋଧରେ ଦଫା ୩୪୧, ୨୯୪, ୩୨୩, ୩୫୪, ୫୦୬, ୩୪,୩ରେ କେସ ନଂ.୧୬୧/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭଣ୍ଟିଗ୍ରାମର ହରିଜନ ସାହିରେ ଥିବା ଏକ ନଳକୂପ ୩ ମାସ ହେବ ଅଚଳ ପଡିଥିଲେ ମଧ ତାହା ମରାମତି କରାଯାଉନାହିଁ। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରେ, ଆମେ ପଞ୍ଚାୟତ ଅଫିସକୁ ଯାଇଥିଲୁ, ହେଲେ ସେଠାରେ ଉପସ୍ଥିତ ସରପଞ୍ଚଙ୍କ ସମେତ ୮ଜଣ ଉକ୍ତ ୨ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ଗାଳିଗୁଲଜ କରିଥିବା ପୁଷ୍ପଲତା ଓ ଧାନୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ବାବଦରେ ସରପଞ୍ଚ ଭୋଇ, ବିଜୟ ପଟ୍ଟନାୟକ, ୱାର୍ଡ ସଭ୍ୟା ନାୟକଙ୍କୁ ପଚାରିବାରେ ରାଜନୈତିକ ଅଭିସନ୍ଧିରୁ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏହି ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ସେମାନେ କହିଛନ୍ତି।

### ଗୋବିନ୍ଦ ଜୀଉଙ୍କ ଚନ୍ଦନ ଉତ୍ସବ

ପୁରୁଣା ଭୁବନେଶ୍ୱର, ୧୮।୫(ଡି.ଏନ୍.ଏ.): ଭୁବନେଶ୍ୱର ବ୍ଲକ ଅଧୀନ ନୂଆଗାଁର ଆରାଧ ଦେବ ଗୋବିନ୍ଦ ଜୀଉଙ୍କ ୫ ଦିନିଆ ଚନ୍ଦନ ଯାତ୍ରା ସମ୍ପନ୍ନ ପରେ ବୁଧବାର ଠାକୁରଙ୍କ ମନ୍ଦିର ନିକଟ ଯାତ୍ରାପଡ଼ିଆରେ ୩ ଦିନିଆ ଚନ୍ଦନ ଉତ୍ସବ ଆରମ୍ଭ ହୋଇଛି। ଏନେଇ କୁମରଡ଼ିହ, ନାଥପୁର, ନୂଆଗାଁ ଆଦି ଅଞ୍ଚଳର ୬ଟି ମଣ୍ଡଳି ଦ୍ୱାରା ରାଣୀହାଟ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଚନ୍ଦନ ଉତ୍ସବରେ ଗ୍ରାମର ଯୁବକଙ୍କ ଦ୍ୱାରା ଗୀତିନାଟ୍ୟ ପରିବେଷଣ କରାଯାଉଥିବା ବେଳେ ଚଳିତବର୍ଷ ତ୍ରିଭୁବନ ଗଣନାଟ୍ୟ ଦ୍ୱାରା ଯାତ୍ରା ପରିବେଷଣ କରାଯାଉଛି। ନୂଆଗାଁ ଗ୍ରାମ୍ୟ କମିଟି ଶାସ୍ତ୍ରୀଜୀ ଯୁବକ ସଂଘର ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଦିବସରେ କୁନି କୁନି ସଂକୀର୍ତ୍ତନ ମଣ୍ଡଳୀର ଗାୟକ, ପାଳିଆଙ୍କୁ ଚନ୍ଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କମିଟିର ସଭାପତି ବସନ୍ତ ବରାଳ, ସମ୍ପାଦକ ଅଶ୍ୱିନୀ ସାହୁ, କୋଷାଧକ୍ଷ ବୁଲୁ ସାହୁ, ସଂଘ ସଭାପତି ଚିନ୍ମୟ ନନ୍ଦ ବଡ଼ଜେନା, ରମେଶ ଚନ୍ଦ୍ର ନାୟକ, ନଗେନ ବରାଳ, ବୃନ୍ଦାବନ ସାହୁ, ସଞ୍ଜୟ ଗିରି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରୋଗୀଙ୍କୁ ଫଳ ବାଣ୍ଟି ଜନ୍ମଦିନ ପାଳିଲେ

ଗୋପ,୧୮।୫(ଡି.ଏନ୍.ଏ.)- ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୁତି ବିଭାଗ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ନିଜ ୫୯ତମ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳିଛନ୍ତି। ସେ ଏପରି ଦିନରେ ରୋଗୀମାନଙ୍କୁ ତାଙ୍କ ପରିବାର କହି ତାଙ୍କ ସହ ସମୟ ବିତାଇ କିଛି ଫଳ ଓ ଆବଶ୍ୟକ ଖାଦ୍ୟ ଦେଇଛନ୍ତି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ମଧ ଫଳ ବାଣ୍ଟିଥିଲେ। ପରେ ଡା. ମଙ୍ଗରାଜ ନିକଟ ଆଖଣ୍ଡଳେଶ୍ୱର ମନ୍ଦିରରେ ମଧ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଏକ ଭୋଜିଭାତର ଆୟୋଜନ କରିଥିବା ଜଣାପଡିଛି। ଡାକ୍ତରଙ୍କ ଏପରି ଢଙ୍ଗରେ ଜନ୍ମଦିନ ପାଳନକୁ ନେଇ ଅଞ୍ଚଳରେ ବେଶ୍ ଚର୍ଚ୍ଚା ହେଉଛି।

# ଅବହେଳିତ ଅବସ୍ଥାରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି

■ସ୍ଥାନାନ୍ତର କଲେ, ସୌନ୍ଦର୍ଯ୍ୟକରଣ ହେଲାନି

■ନାମଫଳକ ଲାଗିନି, ପ୍ରତିମୂର୍ତ୍ତି ନାମକରଣକୁ ଭୁଲିଗଲେ

ଖୋର୍ଦ୍ଧା ଅଫିସ,୧୮।୫

ପାଇକ ବୀରଙ୍କ ବୀରତ୍ୱ, ତ୍ୟାଗ ଓ ବଳିଦାନ ଲାଗି ଖୋର୍ଦ୍ଧା ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ବଳିଦାନ ଦେଇଥିବା ପାଇକଙ୍କ ଅବଦାନ ଅବିସ୍ମରଣୀୟ। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁବଳେନ୍ଦ୍ର ଓ କୃତିବାସ ପାଟ୍ଟଶାଣୀଙ୍କ ସମେତ ବହୁ ପାଇକ ମାଟିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ପାଇକ ବୀରଙ୍କ ସ୍ମୃତିକୁ ଉଜ୍ଜିବୀତ ଉଦ୍ଦେଶ୍ୟରେ ୧୯୯୯ ଡିସେମ୍ବର ୬ରେ ୧୬ନଂ. ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ପାର୍ଶ୍ୱରେ ସଂସ୍କାର ଭାରତୀ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ତେବେ ପଞ୍ଚ ପାଇକଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ କେବଳ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଫୁଲମାଳ ପକାଯାଇଥାଏ। ଏହାପରେ ଏଠାରେ କାହାକୁ ଦେଖିବାକୁ ମିଳିନ ଥାଏ। ଏବେ ଜାତୀୟ ରାଜପଥ ସମ୍ପ୍ରସାରଣ ହେଉଥିବାରୁ ରାଜପଥ କଡ଼ରେ ରହିଥିବା ଏହି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିଙ୍କୁ ନିକଟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତେବେ ଉକ୍ତ ସ୍ଥାନାନ୍ତରିତ ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯାଇ ନାହିଁ। ଏପରିକି ପ୍ରତିମୂର୍ତ୍ତି ସ୍ଥାପନ ବେଳେ ଲାଗିଥିବା ପୂର୍ବ ନାମଫଳକ ଲଗାଯାଇ ନାହିଁ। ପ୍ରତିମୂର୍ତ୍ତି ତଳେ ନାମକରଣ ମଧ କରାଯାଇନାହିଁ। ଉକ୍ତ ସ୍ଥାନରେ ବାଲି, ଗୋଡ଼ି ଗଦା ହୋଇଥିବା ବେଳେ ଚାରିପଟ ଖୋଲା ରହିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୌନ୍ଦର୍ଯ୍ୟକରଣ ନ କରାଯାଇ କାହିଁକି ସ୍ଥାନାନ୍ତର କରାଗଲା ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ଏନେଇ କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ଖୋଲାଆକାଶ ତଳେ ପଡି ରହିଛି। ଯାହାଙ୍କ ଲାଗି ଏ ପରିଚୟ, ବର୍ତ୍ତମାନ ସେହିମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ସେହିପରି ଗବେଷକ ଗୋପାଳ କୃଷ୍ଣ ଦାସ କହିଛନ୍ତି, ପାଇକଙ୍କ ଅବଦାନ ଅତୁଳନୀୟ। ପାଇକଙ୍କ ସ୍ମୃତିରେ ବରୁଣେଇ ପାହାଡ଼ ପାଦଦେଶରେ ଏକ ପାଇକ ସ୍ମାରକୀ ନିର୍ମାଣ ଲାଗି ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କାମ ଆରମ୍ଭ ହୋଇପାରିନାହିଁ। ସାହିତ୍ୟିକ ଜ୍ଞାନରଞ୍ଜନ ଦାଶ କୁହନ୍ତି, ପଞ୍ଚ ପାଇକ ଖୋର୍ଦ୍ଧାର ପଞ୍ଚ ରତ୍ନ। ପାଇକଙ୍କ ପ୍ରତି ଯଥୋଚିତ ସମ୍ମାନ ଦେବା ଲାଗି ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ତାପଙ୍ଗ ଦଳବେହେରାଙ୍କ ଦାୟାଦ ସଂଗ୍ରାମ ଜଗଦ୍ଦେବ କୁହନ୍ତି, ପାଇକବୀରମାନେ ବ୍ରିଟିଶ ବିରୋଧରେ ଯୁଦ୍ଧଦେହୀ ଡାକରା ଦେଇଥିଲେ। ଏହା ସୌନ୍ଦର୍ଯ୍ୟକରଣ ଲାଗି ସେ ଦାବି କରିଛନ୍ତି। ପାଇକ ଫାଉଣ୍ଡେସନ ଆବାହକ ସତ୍ୟ ନାରାୟଣ ବିଶୋଇ କୁହନ୍ତି, ପାଇକଙ୍କ ବୀରତ୍ୱ ଏ ଜାତିର ସ୍ୱାଭିମାନର ପରିଚୟ। ଯେଉଁଭଳି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି ତାହାକୁ ଦେଖିଲେ ନୟନ ଅଶ୍ରୁରେ ଭରି ଯାଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ରାଜପଥ ସମ୍ପ୍ରସାରଣ ଲାଗି ପୂର୍ବରୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ନିଷ୍ପତ୍ତି ହୋଇଥିଲା। ପ୍ରତିମୂର୍ତ୍ତି ସ୍ଥାନାନ୍ତରିତ କରାଯାଇଥିବା ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯିବା ନେଇ ଗୁରୁତ୍ୱ ଦିଆଯାଉଛି।



### ମାଟି ଚାଲାଣ ବେଳେ ହାଇୱା, ଜେସିବି ଜବତ: ୨ ଗିରଫ

ପିପିଲି,୧୮।୫(ସ୍ୱ.ପ୍ର.)

ପିପିଲି ଥାନା କଣ୍ଟି ପଞ୍ଚାୟତରେ ପିପିଲି ପୋଲିସ ଚଢ଼ାଉ କରି ବେଆଇନ ମାଟି ଚୋରା ଚାଲାଣ କରୁଥିବା ଏକ ହାଇୱା ଓ ଜେସିବିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିକଟବର୍ତ୍ତୀ କାକୁଡ଼ିଆ ଗ୍ରାମର କାହ୍ନୁଚରଣ ବେହେରା(୩୯) ଓ କଣାସ ଥାନା ସିରେଇ ଗ୍ରାମର ବିଜୟ ସାହୁ(୩୯)। ସୂଚନା ମୁତାବକ, କଣ୍ଟି ମୌଜାର ଏକ ଇଟା ଭାଟି ନିକଟ ବେଣାବିଲି ଅଞ୍ଚଳରୁ ବେଆଇନ ଭାବେ ମାଟି ଖୋଳି ଚାଲାଣ କରାଯାଉଥିବା ପୋଲିସ ଖବର ପାଇଥିଲେ। ଥାନା ନିରୀକ୍ଷକ ଅଭିମନ୍ୟୁ ନାୟକଙ୍କ ନିର୍ଦ୍ଦେଶରେ ପୋଲିସର ଏକ ସ୍ୱତନ୍ତ୍ର ଦଳ ସେଠାରେ ଚଢ଼ାଉ କରିଥିଲେ।



ଚିଲିକା ବ୍ଲକ ହରିପୁରଶାସନ ଗ୍ରାମର ଆରାଧ ଠାକୁର ପଶ୍ଚିମାଭିମୁଖୀ ମହାଶମ୍ଭୁ ଶ୍ରୀ ପ୍ରତାପେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ୨୪ତମ ରୁଦ୍ର ମହାଯଜ୍ଞ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ରୁଦ୍ର ମହାଯଜ୍ଞ, ଶମ୍ଭୁ ମିଳନ

ଖୋର୍ଦ୍ଧା ଅଫିସ,୧୮।୫

ଚିଲିକା ବ୍ଲକ ହରିପୁରଶାସନ ଗ୍ରାମର ଆରାଧ ଠାକୁର ପଶ୍ଚିମାଭିମୁଖୀ ମହାଶମ୍ଭୁ ଶ୍ରୀ ପ୍ରତାପେଶ୍ୱର ଦେବଙ୍କ ପୀଠରେ ୨୪ତମ ରୁଦ୍ର ମହାଯଜ୍ଞ ଓ ଶମ୍ଭୁ ମିଳନ କାର୍ଯ୍ୟକ୍ରମ ଚାଲିଛି। ବ୍ରାହ୍ମଣ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଚାଲିଛି। ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ମହାଦେବଙ୍କୁ ବେଲପତ୍ର ଅର୍ପଣ କରାଯାଉଛି। ପଶ୍ଚିମାଶମ୍ଭୁଙ୍କ ଦର୍ଶନ ଏବଂ ଯଜ୍ଞରେ ସାମିଲ ଲାଗି ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏହି ଅବସରରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। କଣ୍ଠଶିଳ୍ପୀ ତ୍ରିଲୋଚନ ପରିଡା, ଗୁରୁଦେବ ଲକ୍ଷ୍ମୀଧର ରାଉତରାୟ, ସ୍ୱପ୍ନା ଷଡ଼ଙ୍ଗୀ, ଯଜ୍ଞଦତ୍ତ ଦାସ ପ୍ରମୁଖ ଗୋଟିଏ ପରେ ଗୋଟିଏ ଭଜନ ପରିବେଷଣ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଗ୍ରାମ୍ୟ କମିଟି, ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ୨ କେନ୍ଦ୍ର ମନ୍ତ୍ରୀଙ୍କ ମହାପ୍ରଭୁଙ୍କ ଦର୍ଶନ

ପୁରୀ ଅଫିସ,୧୮।୫

ପୁରୀରୁ ଯାତ୍ରା ଆରମ୍ଭ କରିଛି ବନ୍ଦେ ଭାରତ ଏକ୍ସପ୍ରେସ। ୧୩୦ କିଲୋମିଟର ବେଗରେ ଯିବାକୁ ଥିବା ଏହି ଏକ୍ସପ୍ରେସକୁ ଭର୍ଚୁଆଲରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଣୁ ଏହା ପୂର୍ବରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି। ବନ୍ଦେ ଭାରତ ଏକ୍ସପ୍ରେସର ସଫଳତା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରୀମନ୍ଦିର ନିକଟରେ ସ୍ୱାଗତ କରାଯାଇଥିଲା। ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଦର୍ଶନ ସାରି ଫେରିବା ସମୟରେ ରଥଖଳାକୁ ଯାଇ ରଥଚକକୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ଭଉଁରି ଦିନ ଚକଡେରା ହୋଇଥିବା ନନ୍ଦିଘୋଷ ରଥର ଚକଅଖକୁ ସ୍ପର୍ଶ କରି ପ୍ରଣାମ କରିଥିଲେ। ତେବେ ଆଜିର ଦିନ ଏକ ଅବିସ୍ମରଣୀୟ ଦିନ ହୋଇ ରହିବ। ପୁରୀ ଷ୍ଟେଶନକୁ ବିଶ୍ୱସ୍ତରୀୟ ଷ୍ଟେଶନ ଭାବେ କରାଯିବା ସହ ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳ ଭକ୍ତ, ଦର୍ଶନାର୍ଥି ଓ ପର୍ଯ୍ୟଟକଙ୍କ ପାଇଁ ଆଉ ଏକ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ରସଗୋଲା ଖାଇବାକୁ ନେଇ ବିବାହ ମଣ୍ଡପରେ ଗଣ୍ଡଗୋଳ

■ ୩ ଜଣ ଗିରଫ

■ କନ୍ୟା ଘରର ୨ ଜଣଙ୍କ ସହ ୪ ଟେଣ୍ଟ କର୍ମଚାରୀ ଆହତ

ଗୋପ,୧୮।୫(ଡି.ଏନ୍.ଏ.)



ଗୋପ- କୋଣାର୍କ ରାସ୍ତାର ବ୍ଲକ ଛକ ନିକଟରେ ଥିବା ଏକ ବିବାହ ମଣ୍ଡପରେ ବୁଧବାର ବିଳମ୍ବିତ ରାତିରେ ବରଯାତ୍ରୀ ଦଳ ରସଗୋଲା ଖାଇବାକୁ ନେଇ ତୁମୁଳକାଣ୍ଡ କାଣ୍ଡ କରିଥିବା ଜଣାପଡିଛି। ଏପରିକି ବରଯାତ୍ରୀରେ ଆସିଥିବା କେତେକ ଯୁବକ କନ୍ୟାଘର ଲୋକଙ୍କୁ ଆକ୍ରମଣ କରିବା ସହ ଟେଣ୍ଟ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ବିଳମ୍ବିତ ରାତିରେ ଗୋପ ଡାକ୍ତରଖାନାରୁ ବରଯାତ୍ରୀରେ ଆସିଥିବା ଜଣେ ବାପା ତାଙ୍କ ୨ ପୁଅଙ୍କୁ ଗିରଫ କରି ୨ଟି ମାମଲା (ନଂ.୨୨୨/୨୩, ନଂ.୨୨୩/୨୩) ରୁଜୁ କରିଛି। ସେମାନେ ହେଲେ ବିଦ୍ୟାଧର ପରିଡ଼ା(୫୮), ଦୁଇ ପୁଅ ରଞ୍ଜିତ୍ ପରିଡ଼ା(୩୨) ଓ ଅଜିତ୍ ପରିଡ଼ା(୨୮)। ଗୁରୁବାର ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଗୋପ ଥାନା ଅଧୀନ ଡଭାର ଗ୍ରାମର ପ୍ରମୋଦ ବରାଳଙ୍କ ଭଉଣୀଙ୍କ ସହ ପୁରୀ ସଦର ଥାନା ଅନ୍ତର୍ଗତ ବେଲେଶ୍ୱରପାଟଣା ଅଜୟ ପରିଡ଼ାଙ୍କ ସାନ ଭାଇଙ୍କ ବିବାହ ବୁଧବାର ଅନୁଷ୍ଠିତ ହୋଇଥିଲା। ରାତି ୧୧ଟାରେ ବରଯାତ୍ରୀ ବିବାହ ମଣ୍ଡପରେ ପହଞ୍ଚିବା ପରେ ରସଗୋଲା ଖାଇବାକୁ ନେଇ କେତେ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କନ୍ୟାଘରର ସମ୍ପର୍କୀୟ ସିନ୍ଧୁଆ ବରାଳ ଓ ଚିତ୍ତରଞ୍ଜନ ବରାଳ ସେମାନଙ୍କୁ ବୁଝାଇବାବେଳେ ବରଯାତ୍ରୀରେ ଆସିଥିବା ୩/୪ ଜଣ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସିନ୍ଧୁଆ ଏବଂ ଚିତ୍ତରଞ୍ଜନଙ୍କ ମୁଣ୍ଡ ଫାଟି ଯାଇଥିବାରୁ ତାଙ୍କୁ ଗୋପ ଡାକ୍ତରଖାନା ନିଆଯାଇଥିଲା। ନିଶା ସେବନ କରିଥିବା କିଛି ବରଯାତ୍ରୀ ମଣ୍ଡପରେ ଲାଗିଥିବା ଲାଇଟ୍ ସହ କିଛି ଜିନିଷ ଭାଙ୍ଗିବାରୁ ସେମାନଙ୍କୁ ଟେଣ୍ଟ କର୍ମଚାରୀ ବିରୋଧ କରିଥିଲେ। ହେଲେ ସେମାନେ ଟେଣ୍ଟ କର୍ମଚାରୀଙ୍କୁ ମଧ ଆକ୍ରମଣ କରିଥିଲେ। ଏଥିରେ ଟେଣ୍ଟ କର୍ମଚାରୀ ରଜନୀକାନ୍ତ ମଲ୍ଲିକ, ମନୋଜ ମଲ୍ଲିକ, ଭୀମସେନ ମଲ୍ଲିକ ଓ ରାକେଶ ଜେନା ଆହତ ହୋଇ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତଥାପି ୪/୫ ଜଣ ବରଯାତ୍ରୀ ଡାକ୍ତରଖାନାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ପୋଲିସ ଖବରପାଇ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା। ତେବେ ବରଯାତ୍ରୀ ଦଳର ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି।

### କଲେଜରେ ଉତ୍କର୍ଷ-୨୦୨୩

ଜଟଣୀ,୧୮।୫(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ରଥିପୁରସ୍ଥିତ ଉତ୍କଳ ଇନ୍ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଷ୍ଟମ ବାର୍ଷିକ ଉତ୍ସବ 'ଉତ୍କର୍ଷ -୨୦୨୩' ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରତାପ ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉଚ୍ଚ ଆଶା, ଉନ୍ନତ ମାନର ଶିକ୍ଷା ଓ ମାତୃଭାଷା ସହିତ ଅନ୍ୟ ଭାଷା ଉପରେ ଜ୍ଞାନ ଆହରଣ କରିବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମାତୃଭାଷାକୁ ସମ୍ମାନ ଦେବା ସହ ଇଂଲିଶ ଭାଷାକୁ ମଧ ଶିଖିବା, କହିବା, ଜାଣିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ନାଇଜର ଭୁବନେଶ୍ୱରର କୁଳସଚିବ ଅଭୟ ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରିୟାନ କଲେଜ ମୁଖ୍ୟ ଅନ୍ତର୍ଯାମୀ ବଡୁ, ସୌଭାଗ୍ୟ ପରିଡା, ଆଶିଷ ପଣ୍ଡା, ଅମ୍ରିତ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ଅଧାପିକା ଅଧାପକ ପରିଚାଳନା କରିଥିଲେ। ଶେଷରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ୩ ରଥର ଚକ, ଅଖ ନିର୍ମାଣ ସରିଲା



ପୁରୀ ଅଫିସ,୧୮।୫

**ରଥଖଳାରୁ ...**

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗୁରୁବାର ତିନିରଥର ଚକ ଏବଂ ଅଖ ନିର୍ମାଣ ଶେଷ ହୋଇ ତିନିରଥର ୧୪ ନାହାକା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ୫ଦଣ୍ଡା ନିର୍ମାଣ ପାଇଁ ତିନି ରଥ ଖଳାକୁ ଦଣ୍ଡା କାଠ ଯୋଗାଇ ଦିଆଯାଇଛି। ତିନିରଥର ମୋଟ ୪୨ ଚକ ଏବଂ ୨୧ଟି ଅଖର ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ରଥର ଗୁରୁବାର ଶେଷ ଦୁଇଟି ଚକର ନିର୍ମାଣ ଶେଷ ହୋଇ ମୋଟ ୧୪ଟି ଚକ ଏବଂ ୭ଟି ଅଖର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ତାଳଧ୍ୱଜ ରଥର ୧୪ ନାହାକା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୮ଟି ୨୦ ଫୁଟିଆ ଧଉରା ଫାଳି କାଠ ରଥ ଆମୀନ ଭୋଇ ସେବକଙ୍କ ମାଧ୍ୟମରେ ଯୋଗାଇଥିଲେ। ଗୁରୁବାର କାର୍ଯ୍ୟ ଶେଷ ସୁଦ୍ଧା ଦୁଇଟି ଆଠ କୋଣି ୧୪ ନାହାକାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଆଉ ୬ ଟିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଚିଛି। ତାଳଧ୍ୱଜ ରଥର ମୋଟ ୪ଟି ନିରାଡିରୁ ୨ଟି ୨୦ଫୁଟିଆ ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ କରି ଆଉଦୁଇଟି ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଚିଛି। ସେହିପରି ଦର୍ପଦଳନ ରଥର ମୋଟ ୧୨ଟି ଚକର ନିର୍ମାଣ ଶେଷ ହୋଇଛି। ସନ୍ଧ୍ୟା ସୁଦ୍ଧା ଦର୍ପଦଳନ ରଥର ମୋଟ ୬ଟି ଅଖ ନିର୍ମାଣ ସରିଛି। ଦର୍ପଦଳନ ରଥର ମୋଟ ୪ଟି ନିରାଡିରୁ ଏବେ ସୁଦ୍ଧା ୩ଟି ୨୦ ଫୁଟିଆ ନିରାଡ଼ିତ ଚଉପଟ କାର୍ଯ୍ୟ ଶେଷ ହୋଇଛି। ସେହିପରି ୧୪ ନାହାକା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ କାର୍ଯ୍ୟ ଶେଷ ସୁଦ୍ଧା ଦୁଇଟି ୧୪ ନାହାକର ଆଠ କୋଣି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ଶେଷ ଚକ ନିର୍ମାଣ ପରେ ମୋଟ ୧୬ଟି ଚକର ନିର୍ମାଣ କାର୍ଯ୍ୟ ସରିଛି। ନନ୍ଦିଘୋଷ ରଥର ଦୁଇଟି ନିରାଡ଼ି ନିର୍ମାଣ ଶେଷ ହୋଇ ଆଉ ଦୁଇଟି ନିରାଡ଼ିର ଚଉପଟ କାର୍ଯ୍ୟ ଶେଷ ହୋଇ ମୋଟ ୪ଟି ନିରାଡ଼ି ଚଉପଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୧୪ ନାହାକାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, ପ୍ରଥମ ପର୍ଯ୍ୟାୟରେ ଯୋଗାଇ ଦିଆଯାଇଥିବା ୮ଟି ୧୪ ନାହାକା କାଠାରୁ ଦୁଇଟିର ନିମାଣ କାର୍ଯ୍ୟ ଶେଷ ହୋଇ ବାକି ୬ଟି ୧୪ ନାହାକାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ରୂପକାର ସେବକମାନେ ରଥର ଗୁଜଗୁଡିକରେ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପଗୁଡିକରେ ଅଳଙ୍କାର କାର୍ଯ୍ୟ ସହ ପାଲିଡ଼ କାର୍ଯ୍ୟ ଜାରୀ ରଖିଛନ୍ତି। ତିନିରଥର କରତି ସେବକମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ଗୟଳ କାଠର ଉଭୟ ପାର୍ଶ୍ୱ ଚିତା କାର୍ଯ୍ୟ ଆରମ୍ଭ କରିଛନ୍ତି। ଚିତାପରେ ଚିରଟ କାର୍ଯ୍ୟ ଆରମ୍ଭ କରିବେଦୋଳବେଦୀ କମାର ଶାଳ ରେତିନି ରଥର ଓଝା ସେବକ ମାନେ ତିନି ରଥର ଦଣ୍ଡା ପାଇଁ ଦଣ୍ଡା କଣ୍ଟା ବା 'ଦଣ୍ଡା ବିଡ଼ିଆ' କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।

# ସ୍ୱଚ୍ଛତାର ବାର୍ତ୍ତା ଦେଉଛନ୍ତି ପ୍ରଶାନ୍ତ

ଖୋର୍ଦ୍ଧା ଅଫିସ,୧୮।୫

ବାଣପୁର ସହରର ପ୍ରଶାନ୍ତ କୁମାର ସୁପକାର। ପେସାରେ ଜଣେ ଗୋ ଚିକିତ୍ସକ। ତେବେ ସେ ସ୍ୱଚ୍ଛତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଅନ୍ୟ ପାଇଁ ପାଲଟିଛନ୍ତି ପ୍ରେରଣାର ଉତ୍ସ। ରାତିପାହିଲେ ସେ ସ୍ଥାନୀୟ ରଙ୍କନାଥ ଦେବଙ୍କ ମନ୍ଦିର ପରିସର ସଫେଇ କରିଥାନ୍ତି। ଦୀର୍ଘ ବର୍ଷ ହେବ ତାଙ୍କର ଏହି ଅଭିଯାନ ଜାରି ରହିଛି। ଏହି ସେବାକୁ ଦେଖି ପ୍ରଶଂସା କରୁଥିବା ଏକାଧିକ ଯୁବକ ତାଙ୍କ ପ୍ରେରଣାରେ ମନ୍ଦିର ପରିସରକୁ ସଫା ରଖିବା ଲାଗି ଆଗେଇ ଆସିଛନ୍ତି। ପ୍ରକାଶ ଯେ, ମନ୍ଦିର ପରିସରରେ ସକାଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ)ର ଶାଖା ଲାଗିଥାଏ। ପ୍ରଶାନ୍ତ ଜଣେ ସ୍ୱୟଂସେବକ ଭାବେ ନିତ୍ୟ ଶାଖାରେ ଯୋଗଦେଇଥାନ୍ତି। ତେବେ ମନ୍ଦିର ପରିସର ଧୂଳି, ଅଳିଆ ପଡି ରହୁଥିବା ଦେଖି ଏହାକୁ ପରିଷ୍କାର ଲାଗି ସ୍ଥିର କରି ଆଗେଇ ଆସିଥିଲେ। ଏପରିକି ମନ୍ଦିର ଭିତରକୁ ଚପଲ, ପଲିଥିନ ନ ନେବା ଲାଗି ଲୋକଙ୍କୁ ଅନୁରୋଧ କରୁଛନ୍ତି। ତାଙ୍କର ଏହି ଅଭିଯାନ ସଫଳ ମଧ ହୋଇଛି। ଏ ସମ୍ପର୍କରେ ପ୍ରଶାନ୍ତ କୁହନ୍ତି, ସ୍ୱଚ୍ଛତା ଗୋଟିଏ ଜାତିର ପରିଚୟ ବହନ କରେ। ସ୍ୱଚ୍ଛତା ଅଭିଯାନ ନିଜ ଆଡୁ ଆରମ୍ଭ ହେବା ଆବଶ୍ୟକ। ଅନ୍ୟ କେହି କରୁନାହାନ୍ତି ମୁଁ କାହିଁକି କରିବି, ଏଭଳି ଚିନ୍ତାଧାରାର ପରିବର୍ତ୍ତନ ଜରୁରୀ। ମଠ, ମନ୍ଦିର, ସର୍ବସାଧାରଣ ସ୍ଥାନ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ସମସ୍ତଙ୍କ ନୈତିକ ଉତ୍ତରଦାୟିତ୍ୱ। ସମସ୍ତେ ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ସ୍ୱଚ୍ଛତା ଅଭିଯାନ ସଫଳ ହେବା ସହ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି ସେ କହିଛନ୍ତି।



# ମରଣଯନ୍ତା ପାଲଟିଛି ନୂଆ ଜଗନ୍ନାଥ ସଡ଼କ

ନିରାକାରପୁର,୧୮।୫(ଡି.ଏନ୍.ଏ.)

ପୁରୀ-ବଲାଙ୍ଗୀର ନୂଆ ଜଗନ୍ନାଥ ସଡ଼କ ଏବେ ମରଣଯନ୍ତା ପାଲଟିଛି। ଏହି ବାଟ ଦେଇ ଲୋକେ ଯାତାୟାତ କରିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କେତେବେଳେ ଯେ ଦୁର୍ଘଟଣା ଘଟିପାରେ କହି ହେବ ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ପ୍ରକାଶ ଯେ, ଦୈନିକ ବହୁ ପର୍ଯ୍ୟଟକ ରାମେଶ୍ୱର ଛକରୁ ନୂଆ ଜଗନ୍ନାଥ ସଡ଼କ ଦେଇ ପୁରୀ ଏବଂ କୋଣାର୍କ ଯାଇଥାନ୍ତି। ଭାରିଯାନ ମଧ ଏହି ରାସ୍ତା ଦେଇ ଯାତାୟାତ କରିଥାଏ। ତେବେ ଏହି ରାସ୍ତାର ଶ୍ରୀମୁକୁନ୍ଦପୁରଠାରୁ ପ୍ରତାପରାମଚନ୍ଦ୍ରପୁର (ପାଟେଳି) ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରେ ଫାଟ ହେବା ସହ ଜଏଣ୍ଟ ଛାଡି ଗଲାଣି। ଏପରିକି ରାସ୍ତା ମଧ ଉଚ୍ଚା ନୀଚା ହୋଇଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଉକ୍ତ ଫାଟରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ଏହି ଫାଟରେ ପିଚର କୋଟିଂ ଦେଲେ ମଧ ପରବର୍ତ୍ତୀ ଅବସ୍ଥାରେ ତାହା ଛାଡ଼ିଯାଉଥିବା ନଜିର ରହିଛି। ତେଣୁ ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ସାଧାରଣରେ ଦାବି ହେଉଛି।



## ସଂକ୍ଷେପରେ

### ଓଲଟିଲା ଡାଲାଅଟୋ: ଜଣେ ମୃତ, ୧୫ ଆହତ

ଖୋର୍ଦ୍ଧା ଅଫିସ/ବାଣପୁର,୧୮।୫(ଡି.ଏନ୍.ଏ.)- ଝିଅକୁ ଶାଶୁ ଘରେ ଛାଡିବା ପରେ ରାସ୍ତାରେ ଚାଲୁଥିବା ଯାତ୍ରା ଦେଖି ଘରକୁ ଫେରିଥିବା ବେଳେ କେ. ବରିଡା ଗ୍ରାମ ନିକଟରେ ଗାଡ଼ିଟି ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ପ୍ରଭାତ ପ୍ରଧାନ ବୋଲି ଜଣାପଡ଼ିଛି। ଆହତ ପ୍ରକାଶ ପ୍ରଧାନ, ସଞ୍ଚିତ ଜାଲି, ପ୍ରଶାନ୍ତ ପ୍ରଧାନ, ଅଜୟ ପ୍ରଧାନ, ଚନ୍ଦ୍ରଶେଖର ପ୍ରଧାନ, ଆଶିଷ ପ୍ରଧାନ, ବାସୁଦେବ ପ୍ରଧାନ, ଗୁରୁବାରିଆ ପ୍ରଧାନ, ସିଦ୍ଧାର୍ଥ ପ୍ରଧାନ, ପପୁ ପ୍ରଧାନ, ଚନ୍ଦ୍ର ପ୍ରଧାନ, ଶିବା ପ୍ରଧାନ, କାହ୍ନୁ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବାଣପୁର ଥାନା ଅନ୍ତର୍ଗତ ଦାମିଆ ବରବରା ପଞ୍ଚାୟତର ତାଳବୋରେଇ ଗ୍ରାମର ୨୫ରୁ ଉର୍ଦ୍ଧ୍ୱ ଯୁବକ ଏକ ଡାଲାଅଟୋ(ନଂ ଓଡି-୩୩ଏଚ-୭୫୩୩)ରେ ଗ୍ରାମର ଜଣେ ନବବିବାହିତାଙ୍କୁ ଗଞ୍ଜାମ ଜିଲା ଖଲିକୋଟ ବ୍ଲକ ତାଳପଡା ଗ୍ରାମକୁ ଶାଶୁ ଘରକୁ ଛାଡିବାକୁ ବୁଧବାର ରାତିରେ ଯାଇଥିଲେ। ସେଠାରେ ତାଙ୍କୁ ଛାଡି ଭୋଜିଖାଇ ବିଳମ୍ବିତ ରାତିରେ ଫେରୁଥିଲେ। ବେଗୁନିଆପଡାରେ ଠାକୁରାଣୀ ଯାତ୍ରା ଚାଲିଥିଲା। ସେଠାରେ ଓହ୍ଲାଇ ଯାତ୍ରା ଦେଖି, ବୁଲାବୁଲି ସାରି ଘରକୁ ଫେରୁଥିଲେ। ଗୁରୁବାର ଭୋର ୫ଟାରେ କେ. ବରିଡା ଗ୍ରାମ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡିଟି ରାସ୍ତାକଡକୁ ଓଲଟି ପଡିଥିଲା। ଗାଡି ତଳେ ଚାପି ହୋଇ ଏକାଧିକ ଆହତ ହୋଇଥିଲେ। ରାସ୍ତାରେ ଯାଉଥିବା କେତେଜଣ ସ୍ଥାନୀୟ ଲୋକେ ଦେଖି ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

### ମରଣଯନ୍ତା ପାଲଟିଛି ନୂଆ ଜଗନ୍ନାଥ ସଡ଼କ

ନିରାକାରପୁର,୧୮।୫(ଡି.ଏନ୍.ଏ.)-ପୁରୀ-ବଲାଙ୍ଗୀର ନୂଆ ଜଗନ୍ନାଥ ସଡ଼କ ଏବେ ମରଣଯନ୍ତା ପାଲଟିଛି। ଏହି ବାଟ ଦେଇ ଲୋକେ ଯାତାୟାତ କରିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କେତେବେଳେ ଯେ ଦୁର୍ଘଟଣା ଘଟିପାରେ କହି ହେବ ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ପ୍ରକାଶ ଯେ, ଦୈନିକ ବହୁ ପର୍ଯ୍ୟଟକ ରାମେଶ୍ୱର ଛକରୁ ନୂଆ ଜଗନ୍ନାଥ ସଡ଼କ ଦେଇ ପୁରୀ ଏବଂ କୋଣାର୍କ ଯାଇଥାନ୍ତି। ଭାରିଯାନ ମଧ ଏହି ରାସ୍ତା ଦେଇ ଯାତାୟାତ କରିଥାଏ। ତେବେ ଏହି ରାସ୍ତାର ଶ୍ରୀମୁକୁନ୍ଦପୁରଠାରୁ ପ୍ରତାପରାମଚନ୍ଦ୍ରପୁର (ପାଟେଲି) ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରେ ଫାଟ ହେବା ସହ ଜଏଣ୍ଟ ଛାଡି ଗଲାଣି। ଏପରିକି ରାସ୍ତା ମଧ ଉଚ୍ଚା ନୀଚା ହୋଇଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଉକ୍ତ ଫାଟରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ଏହି ଫାଟରେ ପିଚର କୋଟିଂ ଦେଲେ ମଧ ପରବର୍ତ୍ତୀ ଅବସ୍ଥାରେ ତାହା ଛାଡ଼ିଯାଉଥିବା ନଜିର ରହିଛି। ତେଣୁ ତୁରନ୍ତ ଏହି ରାସ୍ତାର ମରାମତି ପାଇ ଦାବି ହେଉଛି।

# ଜିଲାରେ ମାଟ୍ରିକ ପାସ୍ ହାର ୯୬.୫୯%



ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।



ପୁରୀ ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଜୀଙ୍କ ସହ ସଫଳତା ପାଇଥିବା ଛାତ୍ରୀଛାତ୍ର ।

ପୁରୀ ଅଫିସ,୧୮।୫

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଚଳିତବର୍ଷ ପୁରୀ ଜିଲାରେ ମାଟ୍ରିକ ପାସ୍ ହାର ୯୬.୫୯% ରହିଛି। ସମୁଦାୟ ୧୮୬ଜଣ ଛାତ୍ରୀଛାତ୍ର ୯୦% ଉପରକୁ ନମ୍ବର ରଖି ଏ-ୱାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାରୁ ୭ଜଣ ୯୫% ଉପରକୁ ନମ୍ବର ରଖିଛନ୍ତି। ପୁଅଙ୍କ ତୁଳନାରେ ଝିଅଙ୍କ ପାସହାର ଅଧିକ ରହିଛି। ସମୁଦାୟ ୨୦,୪୫୩ ପରୀକ୍ଷା ଦେଇଥିବା ବେଳେ ୧୯,୭୫୬ ଉତ୍ତୀର୍ଣ୍ଣ କରିଛନ୍ତି। ସତ୍ୟବାଦୀ ବ୍ଲକ ଅଧୀନ ବସୁକେରା ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ବିଜେତା ବେହେରା ଜିଲାରେ ଟପ୍ପର ହୋଇଛନ୍ତି। ସେ ୫୮୨ ନମ୍ବର ରଖିଛନ୍ତି। ପିପିଲି ବ୍ଲକ ତେଇସିପୁର ନୋଡାଲ ହାଇସ୍କୁଲର ମୋନାଲିସା ମୁଦୁଲି ୫୭୫ ନମ୍ବର ରଖି ଜିଲାରେ ଦ୍ୱିତୀୟ ହୋଇଛନ୍ତି। ୫୭୪ ନମ୍ବର ସହ ପୁରୀ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁଚିସ୍ମିତା ମୁଦୁଲି ଜିଲାରେ ତୃତୀୟ ସ୍ଥାନରେ ଅଛନ୍ତି। ଜିଲା ସମସ୍ତ ୩୫୭ ସ୍କୁଲରୁ ଏ ବର୍ଷ ସମୁଦାୟ ୧୦,୪୩୧ ପୁଅ ଏବଂ ୧୦୦୨୨ ଝିଅ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୧୦,୦୫୮ ପୁଅ ଏବଂ ୯୬୯୮ ଝିଅ ଉତ୍ତୀର୍ଣ୍ଣ କରିଛନ୍ତି। ପୁଅଙ୍କ ପାସହାର ୯୬.୪୨% ଓ ଝିଅଙ୍କ ପାସ ହାର ୯୬.୭୨% ରହିଛି। ୮୪ଜଣ ପୁଅ ଏ-ୱାନ ହାସଲ କରିଥିବାବେଳେ ୧୦୨ଜଣ ଝିଅ ଏ-ୱାନ ହାସଲ କରିଛନ୍ତି। ହାଟ ସାହି ପଞ୍ଚାୟତ ନୋଡାଲ ହାଇସ୍କୁଲ ପିପିଲିର ପୁଷ୍ପା ପ୍ରଣତି ପୃଷ୍ଟି ଜିଲାରେ ଚତୁର୍ଥ ସ୍ଥାନରେ ଅଛନ୍ତି। ରାଧାମୋହନ ବିଦ୍ୟାପୀଠର ସୋମନାଥ ପ୍ରଧାନ ପଞ୍ଚମ ସ୍ଥାନରେ ଅଛନ୍ତି। ପିପିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶୁଭ୍ରା ଦାସ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁରୀ ହରଚଣ୍ଡୀ ସାହିର ସ୍ୱର୍ଣ୍ଣଲକ୍ଷ୍ମୀ ଦାସ ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ଅଛନ୍ତି। ପୁରୀ ଜିଲା ସ୍କୁଲ ୧୦୦% ଫଳାଫଳ ପ୍ରାପ୍ତ କରିଛି। ଏ ସ୍କୁଲରେ ଏ ବର୍ଷ ପରୀକ୍ଷା ଦେଇଥିବା ୨୮୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତ ଛାତ୍ରୀଛାତ୍ର ପାସ କରି ଶତ ପ୍ରତିଶତ ଫଳାଫଳ ପ୍ରାପ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ଏ-୧ରେ ୧୦ଜଣ, ଏ ୨ରେ ୩୬, ବି-୧ରେ ୫୨, ବି-୨ରେ ୫୨, ସି ୬୩, ଡି ୪୨, ଇରେ ୩୪ଜଣ ବିଭିନ୍ନ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସମାଗମରେ ଖୁସି ହେବା ସହ ଚଳିତବର୍ଷର ଛାତ୍ରୀଛାତ୍ରଙ୍କୁ ଉନ୍ନତ ଫଳାଫଳ ପ୍ରାପ୍ତ ପାଇଁ ପ୍ରେରଣା ଦାୟକ ହୋଇପାରିଛି। ସେହିଭଳି ପୁରୀ କଲେଜ ନିକଟ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତ ପ୍ରତିଶତ ଛାତ୍ରୀଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସମୁଦାୟ ୧୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୨ଜଣ ଏ୧, ୨୪ଜଣ ଏ ୨, ୪୩ଜଣ ବି ୧, ୩୨ଜଣ ବି୨, ୧୯ଜଣ ସି ଓ ୬ଜଣ ଡି ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୁଚିସ୍ମିତା ମୁଦୁଲି ସର୍ବାଧିକ ୫୭୪ ନଂ.(୯୫.୫୫%)ରଖିଛନ୍ତି।

### ପୁରୀର ୨ ସ୍କୁଲରେ ଶତପ୍ରତିଶତ ସଫଳତା

### ସତ୍ୟବାଦୀର ବିଜେତା ହେଲେ ଜିଲା ଟପ୍ପର

ସାକ୍ଷୀଗୋପାଳ, ୧୮।୫(ସ୍ୱ.ପ୍ର. /ଡି.ଏନ୍.ଏ.)



ସତ୍ୟବାଦୀ ବ୍ଲକ ଅଧୀନ ବସୁକେରା ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ବିଜେତା ବେହେରା ୫୮୨ ନମ୍ବର ରଖି ପୁରୀ ଜିଲା ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ଓ ଗୁରୁଜୀ ଗୁରୁମାଙ୍କ ସହ ବାପା ବାପା ଜିତେନ୍ଦ୍ର କୁମାର ବେହେରା, ମାଆ ବିନତି ରାଣୀ ସାହୁ ତାଙ୍କର ଏହି ସଫଳତାର ଶ୍ରେୟ ଦେଇଛନ୍ତି। ପରୀକ୍ଷା ପାଇଁ ଦିନକୁ ୧୪ ଘଣ୍ଟା ପରିଶ୍ରମ କରୁଥିବା ବିଜେତା କହିଛନ୍ତି। ସେ ଆଗକୁ ଆହୁରି ଭଲ ପାଠ ପଢ଼ି ସମାଜରେ ଦୁର୍ବଳ ତଥା ନିରୀହ ଓ ନିଷ୍ପେସିତ ଲୋକଙ୍କ ସେବା କରିବାକୁ ନିଜକୁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

### ଡେଲାଙ୍ଗ ବ୍ଲକର ବିମଳପ୍ରଭା ଟପ୍ପର

**୨୩ ଉଚ୍ଚ ବିଦ୍ୟାଳୟରୁ ୯ ଜଣ ଏ-୧ରେ ଉତ୍ତୀର୍ଣ୍ଣ**

ଡେଲାଙ୍ଗ,୧୮।୫ (ଡି.ଏନ୍.ଏ.)



ଡେଲାଙ୍ଗ ବ୍ଲକର ମୁନିନ୍ଦା କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟର ଛାତ୍ର ବିମଳପ୍ରଭା ପଟ୍ଟନାୟକ ୫୫୫ ନମ୍ବର ରଖି ବ୍ଲକ ଟପର ହୋଇଛନ୍ତି। ବ୍ଲକର ୨୩ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୮ ଉଚ୍ଚ ବିଦ୍ୟାଳୟର ୯ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକରେ ମୋଟ ୧୨୭୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏ-୨ରେ ୪୪, ବି-୧ରେ ୧୦୮, ବି-୨ରେ ୨୪୧, ସି-ରେ ୨୯୪, ଡି-ରେ ୩୦୫, ଇ-ରେ ୨୪୪ ଉତ୍ତୀର୍ଣ୍ଣ ହୋଇଛନ୍ତି। ଘୋରଡ଼ିଆ ଉଚ୍ଚ ବିଦ୍ୟାଳୟ, ଡେଲାଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁର, ଧାନକେରା କପିଳେଶ୍ୱର, ଘନିପୁରର ରାଧାମୋହନ ଦେବ, ସଢ଼ାଙ୍ଗୋଇ, ଅଭୟମୁଖୀର ସର୍ବପଲ୍ଲୀ ଆଦି ୧୩ଟି ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ କରିଛନ୍ତି।

### କଣାସ ବ୍ଲକର ୯ଜଣ ଏ-୧ ଉତ୍ତୀର୍ଣ୍ଣ

**କଣାସ,(ସ୍ୱ.ପ୍ର.)-** କଣାସ ବ୍ଲକର ୯ଜଣ ଛାତ୍ରୀଛାତ୍ର ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକର ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପାସ୍ ହାର ୯୮ ଶତକଡ଼ା ହୋଇଥିବା ଜଣାପଡିଛି। ବିଦ୍ୟାଳୟର ୪୮ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୪୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ରେ ଜଣେ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି ।

### ମୋନାଲିସା ପିପିଲି ବ୍ଲକ ଟପ୍ପର



**ପିପିଲି,(ସ୍ୱ.ପ୍ର.)-** ତେଇଶିପୁର ନୋଡାଲ ହାଇସ୍କୁଲର ଛାତ୍ରୀ ମୋନାଲିସା ମୁଦୁଲି ୫୭୫ ନମ୍ବର ରଖି ପିପିଲି ବ୍ଲକ ଟପ୍ପର ହୋଇଛନ୍ତି। ଏଥିପାଇଁ ମୋନାଲିସାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ମାତାପିତା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଶୀର୍ବାଦରୁ ସେ ଏହି ସଫଳତା ପାଇଁଥିବା କହିଛନ୍ତି। ଆଗାମୀ ଦିନରେ ସେ ଜଣେ ବଡ଼ ବୈଜ୍ଞାନିକ ହେବାର ଆଶା ରଖିଥିବା ତାଙ୍କ ବାପା ବଳରାମ ମୁଦୁଲି କହିଛନ୍ତି। ବ୍ଲକରୁ ମୋଟ ୧୩ଜଣ ଛାତ୍ରୀଛାତ୍ର ଏ-୧ ହୋଇଥିବାବେଳେ ପୌରାଞ୍ଚଳରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରୁ ୬ଜଣ ଛାତ୍ରୀଛାତ୍ର ଏ-୧ରେ ପାସ କରିଛନ୍ତି।

### ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ଭଲ ପ୍ରଦର୍ଶନ

**ସାକ୍ଷୀଗୋପାଳ,(ସ୍ୱ.ପ୍ର./ଡି.ଏନ୍.ଏ.)-** ଚଳିତ ମାଟ୍ରିକ ପରୀକ୍ଷାରେ ସାକ୍ଷୀଗୋପାଳରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ୬୭୮ ଛାତ୍ରୀ, ୬୮୯ ଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ଏ-୧ରେ ୧୦ ଜଣ, ଏ-୨ରେ ୬୨, ବି-୧ରେ ୧୨୫, ବି-୨ରେ ୨୩୧, ସିରେ ୩୪୨, ଡିରେ ୩୪୭, ଇରେ ୨୧୯ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୩୦ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ମୋଟ ୧୩୩୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୬୯ ଛାତ୍ରୀ ଓ ୬୬୭ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

### ଅନନ୍ୟାମୟୀ ନିମାପଡ଼ା ବ୍ଲକ ଟପ୍ପର



**ନିମାପଡ଼ା,(ଡି.ଏନ୍.ଏ.)-** ନିମାପଡ଼ା ବ୍ଲକ ଭାଣପୁର ଗ୍ରାମ ପଞ୍ଚାୟତ ଅଧୀନ ଭାଣପୁର ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଅନନ୍ୟାମୟୀ ମିଶ୍ର ଚଳିତ ମାଟ୍ରିକ ପରୀକ୍ଷାରେ ୫୬୦ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ସେ ନିମାପଡ଼ା ପାଇଁ ଗର୍ବ, ଗୌରବ ଆଣିଥିବା ବିଇଓ ଦ୍ୱିତୀକାନ୍ତ ପ୍ରଧାନ ଓ ପଞ୍ଚାୟତ ହାଇସ୍କୁଲ ଭାଣପୁର ପ୍ରଧାନଶିକ୍ଷକ ନିରଞ୍ଜନ କର କହିଛନ୍ତି। ଅନନ୍ୟାମୟୀ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଲକ୍ଷ୍ୟ ରଖିଥିବା ଧରିତ୍ରୀକୁ ଏକ ସାକ୍ଷାତ୍କାରରେ କହିଛନ୍ତି। ବିଦ୍ୟାଳୟ ଓ ଟ୍ୟୁଶନ ସହ ସେ ଦୈନିକ ୪/୫ ଘଣ୍ଟା ପରିଶ୍ରମ କରନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ନିଜ ପିତା, ମାତା, ବଡ଼ବାପା, ଗୁରୁଜନ, ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଭଗବାନଙ୍କୁ ଶ୍ରେୟ ଦେଇଛନ୍ତି। ଅନନ୍ୟାମୟୀଙ୍କ ବାପା ଅଞ୍ଜନ କୁମାର ମିଶ୍ର ଜଣେ ଆଦର୍ଶ ଶିକ୍ଷକ, ମା' ଶତରୂପା ମିଶ୍ର ଜଣେ ଗୃହିଣୀ ଅଟନ୍ତି। ଏହି ସଫଳତା ପାଇଁ ଅନନ୍ୟାମୟୀଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।




ପୁରୀ ଖାଡେଶ୍ୱରୀ କ୍ଲବ ପ୍ରାଙ୍ଗଣରେ ଗୁରୁବାର ଗ୍ରୀଷ୍ମକାଳୀନ ଜିମ୍ନାଷ୍ଟିକ ଓ ଯୋଗାସନ ଶିବିରର ଉଦ୍‌ଘାଟନ ଉତ୍ସବରେ କ୍ରୀଡାବିତ୍‌ମାନେ ଯୋଗ କରୁଛନ୍ତି ।

### ଜିମ୍ନାଷ୍ଟିକ, ଯୋଗାସନ ଶିବିର ଉଦ୍‌ଘାଟନ

ପୁରୀ ଅଫିସ,୧୮।୫

ଖାଡେଶ୍ୱରୀ କ୍ଲବ ପ୍ରାଙ୍ଗଣରେ ଗୁରୁବାର ଗ୍ରୀଷ୍ମକାଳୀନ ଜିମ୍ନାଷ୍ଟିକ ଓ ଯୋଗାସନ ଶିବିରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅନ୍ତର୍ଜାତୀୟ ଯୋଗବିତ୍ ନିଖିଲ କୁମାର ଦଳାଇ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ ଖାଡେଶ୍ୱରି କ୍ଲବର ଉପ ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଖାଡେଶ୍ୱରୀ କ୍ଲବ ସମ୍ପାଦକ ପାର୍ଥସାରଥୀ ମହାପାତ୍ର, କୋଷାଧକ୍ଷ ଜିତେନ୍ଦ୍ର ଦାସ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ନିମାଇଚରଣ ଦାସ, ଯୁବ କ୍ରୀଡା ସଂଗଠକ ମଳୟ କୁମାର ନାୟକ ଏବଂ ସିତେନ୍ଦ୍ର ନାଥ ଦାସ ଯୋଗଦେଇଥିଲେ। କ୍ରୀଡାବିତମାନଙ୍କର ଭବିଷ୍ୟତରେ ଉନ୍ନତମାନ କ୍ରୀଡ଼ା ପ୍ରଦର୍ଶନ ନିମନ୍ତେ ଉପସ୍ଥିତ ଅତିଥିମାନେ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିବିରରେ ସର୍ବଶେଷରେ କ୍ରୀଡ଼ାବିତମାନେ ବିଭିନ୍ନ କଳା କୌଶଳ ଦେଖାଇବା ସହ ଯୋଗ, ପ୍ରାଣାୟମ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିମ୍ନାଷ୍ଟିକ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ରଙ୍କୁ ମୁଖ୍ୟ ଅତିଥି ଧନ୍ୟବାଦ ଜଣାଇଥିଲେ। ପ୍ରଶିକ୍ଷକ ମିଶ୍ର ଜାତୀୟ କ୍ରୀଡାବିତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

### ଯୌତୁକ ପାଇଁ ସ୍ତ୍ରୀକୁ ନିର୍ଯାତନା ଅଭିଯୋଗ

ନିମାପଡ଼ା,୧୮।୫(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଧୀନ ଜାମୁଦଣ୍ଡା ଗ୍ରାମର ସ୍ୱର୍ଣ୍ଣଲତା ବେହେରା(୩୦)ଙ୍କୁ ତାଙ୍କ ସ୍ୱାମୀ କ୍ଷୀରୋଦ ବେହେରା ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୬୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ ୬ ବର୍ଷ ତଳେ ସ୍ୱର୍ଣ୍ଣଲତା ଏବଂ କ୍ଷୀରୋଦ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହବେଳେ ବରପକ୍ଷ ଦାବି ମୁତାବକ ନଦଗ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଆସବାବପତ୍ର ଯୌତୁକ ବାବଦରେ କନ୍ୟାଘରୁ ଦିଆଯାଇଥିଲା। ବିବାହର କିଛି ମାସ ପରେ ବାପଘରୁ ଅଧିକ ଯୌତୁକ ଆଣିବାକୁ କହି କ୍ଷୀରୋଦ ସ୍ୱର୍ଣ୍ଣଲତାଙ୍କୁ ନିର୍ଯାତନା ଦେଉଆସୁଥିଲେ। ବାପଘରୁ ଅଧିକ ୧୦ ଲକ୍ଷ ଟଙ୍କା ଯୌତୁକ ଆଣିବା ଦାବିରେ ଜୀବନରୁ ମାରିଦେବାକୁ ଧମକ ଦେବା ନେଇ ସ୍ୱର୍ଣ୍ଣଲତା ଗତ ମାର୍ଚ୍ଚ ୨୫ରେ ଥାନାରେ ଅଭିଯୋଗ କରିଥିଲେ। ସେତେବେଳେ ଗ୍ରାମର ଭଦ୍ରବ୍ୟକ୍ତିମାନେ ଘଟଣାର ସମାଧାନ କରିଥିଲେ। ସ୍ୱାମୀ କ୍ଷୀରୋଦ ସ୍ୱର୍ଣ୍ଣଲତାଙ୍କୁ ଆଉ ମାଡ଼ ମାରିବେନି କି ନିର୍ଯାତନା ଦେବେନି ବୋଲି ସମାଧାନ ହୋଇଥିଲା। ହେଲେ ସମାଧାନ ହେବାର ଗୋଟେ ମାସ ଯାଇଛି କି ନାହିଁ ପୁନଶ୍ଚ ସ୍ୱର୍ଣ୍ଣଲତାଙ୍କୁ କ୍ଷୀରୋଦ ନିର୍ଯାତନା ଦେବା ଆରମ୍ଭ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ଏମ୍‌କେସିସି, ଗ୍ଲାଡିଏଟର ଟିମ୍ ବିଜୟୀ

**ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚର ୭ମ ଦିନ**

କଣାସ,୧୮।୫(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ଗୁରୁବାର ୭ମ ଦିନରେ ପହଞ୍ଚିଛି। ୨ଟି ମାଚ୍ୟରେ ଯଥାକ୍ରମେ ଏମ୍‌କେସିସି କଣାସ ଓ ଗ୍ଲାଡିଏଟର ଆଙ୍କୁଲା ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ସଂଗ୍ରାମ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୧୦୩ ରନ୍ ସଂଗ୍ରହ କରିଥିଲା। ପ୍ରତ୍ୟୁତ୍ତରରେ ଏମ୍‌କେସିସି ୫ ଉଇକେଟ୍ ହରାଇ ୧୦୪ ରନ୍ କରି ବିଜୟୀ ହୋଇଥିଲେ। ଏମ୍‌କେସିସିର ସଞ୍ଜୟ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ରୂପେ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଗ୍ଲାଡିଏଟର ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବ୍ଲାକ ଡାଇମଣ୍ଡ ସମସ୍ତ ଉଇକେଟ୍ ହରାଇ ୯୬ ରନ୍ କରି ପରାଜିତ ହୋଇଥିଲା। ଗ୍ଲାଡିଏଟରର ଜିତେନ୍ଦ୍ର ଛୋଟରାୟ ମ୍ୟାନ ଅଫ ଦି ମ୍ୟାଚ ରୂପେ ବିବେଚିତ ହୋଇଥିଲେ। ଅତିଥି ରୂପେ କ୍ରୀଡ଼ା ପ୍ରଶିକ୍ଷକ ପରମାନନ୍ଦ ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗଣେଶ୍ୱର ସ୍ୱାଇଁ, ସୁନୀଲ ତ୍ରିପାଠୀ ଓ ପିନାକ୍ଷୀ ଦାଶ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ।

# କୃଷିଭିତ୍ତିକ ଆଲୋଚନାଚକ୍ର

ସାକ୍ଷୀଗୋପାଳ,୧୮।୫(ଡି.ଏନ୍.ଏ.)

କୃଷକ ଭାରତୀ କୋ-ଅପରେଟିଭ ଲିମିଟେଡ୍ ଏବଂ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ କୃଷିଭିତ୍ତିକ ଆଲୋଚନାଚକ୍ର ସ୍ଥାନୀୟ ଅଲଗୁମ ପଞ୍ଚାୟତର କାହ୍ନପୁର ଗ୍ରାମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଞ୍ଜୟ ମହାନ୍ତିଙ୍କ ସହିତ ଗୃହ ବିଜ୍ଞାନୀ ଡ.ସୁମିତା ଆଚାର୍ଯ୍ୟ, କ୍ରିଭକୋ ରାଜ୍ୟ ପ୍ରଭାରୀ ପ୍ରୀତିଶ ମିଶ୍ର, କ୍ଷେତ୍ର ଅଧିକାରୀ ସୌମ୍ୟରଞ୍ଜନ ତ୍ରିପାଠୀ ଓ ଗ୍ରାମ ମୁଖ୍ୟ ସଦାଶିବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କୃଷକ ଭାରତୀ କୋ-ଅପରେଟିଭ ଲିମିଟେଡ୍ ଏକ ସର୍ବ ଭାରତୀୟ ସଂସ୍ଥା। ମୁଖ୍ୟତଃ ରାସାୟନିକ ସାର, ଜୈବ ସାର, ବିହନ ଏବଂ ଅନ୍ୟାନ୍ୟ କୃଷିଭିତ୍ତିକ ସାମଗ୍ରୀ ଉତ୍ପାଦନରେ ସମ୍ପୃକ୍ତ। ବୈଠକରେ ମୃତ୍ତିକା ନମୁନା ସଂଗ୍ରହ ପ୍ରକ୍ରିୟା, କ୍ରିଭକୋର ବିଭିନ୍ନ ଉତ୍ପାଦନ ଓ ଏହାର ପ୍ରୟୋଗ ପଦ୍ଧତି ଏବଂ ଲାଭ, ଡିବିଟି ସ୍କିମ, କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ପ୍ରକାର ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପାଖାପାଖି ୨୦୦ ମହିଳା ଚାଷୀ ଯୋଗଦେଇଥିଲେ। ଏହି ଅବସରରେ ଚାଷୀଙ୍କୁ ଆମ୍ବ ଚାରା, ପିଜୁଳି ଚାରା ଏବଂ ଛତୁ ମଞ୍ଜି ବଣ୍ଟନ କରାଯାଇଥିଲା।




ସାକ୍ଷୀଗୋପାଳରେ ଅନୁଷ୍ଠିତ କୃଷିଭିତ୍ତିକ ଆଲୋଚନା ଚକ୍ରରେ ଅତିଥିମାନେ ଜଣେ ମହିଳାଙ୍କୁ ପୁରସ୍କୃତ କରୁଛନ୍ତି ।

# 'ତଳ ସ୍ତରରୁ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ କରନ୍ତୁ ସରକାର'

ଗୋପ,୧୮।୫(ଡି.ଏନ୍.ଏ.)

ସରକାର ପିଇବା ପାଣି ସମସ୍ୟା ଉପରେ ଏବେଠାରୁ ଗୁରୁତ୍ୱ ଦେବାର ସମୟ ଆସିଛି। ନ ହେଲେ ଆଗାମୀ ଦିନରେ ବଞ୍ଚିବା ଲାଗି ପାଇବା ପାଣି ମିଳିବ ନାହିଁ। ଅପରପକ୍ଷେ ଧନୁଆ ନଦୀ ବନ୍ୟା ପରିସ୍ଥିତି ପ୍ରତି ସରକାର ସଜାଗ ହେବା ଦରକାର। ଦୀର୍ଘ ବର୍ଷ ଧରି ଏହି ଧନୁଆ ବନ୍ୟା ନିୟନ୍ତ୍ରଣ ଫାଇଲ ସରକାରୀ ଫାଇଲ ତଳେ ଚାପିହୋଇ ରହିଛି ବୋଲି ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଗୋପ ଜଳସମ୍ପଦ ଡାକ ବଙ୍ଗଳାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସୂଚନା ଦେଇଥିଲେ। ପ୍ରକାଶ ଯେ, ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନେତା ବିଜୟ ମହାପାତ୍ର ଯୋଗଦେଇ ସ୍ଥାନୀୟ ନେତା, କର୍ମୀଙ୍କ ସହ ବିଭିନ୍ନ କଥା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରତ୍ୟେକ ବର୍ଷ ଧନୁଆ ନଦୀରେ ବନ୍ୟା ଆସିଲେ ପୁରୀ ଜିଲାର ନିମାପଡ଼ା, ଗୋପ ବ୍ଲକ ସହିତ ୬/୭ ଟି ବ୍ଲକର ୩୬ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗିବା ସହ ହଜାର ହଜାର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥାଏ। ଏପରିକି ବନ୍ୟା କ୍ଷତିଗ୍ରସ୍ତ ବିପନ୍ନମାନେ ସେସମୟରେ ପିଇବା ପାଣି ମଧ ପାଆନ୍ତି ନାହିଁ। ତେଣୁ ରାଜ୍ୟ ସରକାର ଏହି ଦୁଇଟି ସମସ୍ୟା ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। କାରଣ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ପାଣି ବିବାଦ ଏ ପର୍ଯ୍ୟନ୍ତ ସମାଧାନ ହୋଇପାରି ନ ଥିବାବେଳେ କେନ୍ଦ୍ରୀୟ ଟ୍ରିବୁନାଲ କମିଟି ତା'ର ଫଳାଫଳ ଏ ପର୍ଯ୍ୟନ୍ତ ସ୍ପଷ୍ଟ ଚିତ୍ର ଦେଇ ନାହିଁ। ରାଜ୍ୟରେ ଥିବା ବଡ଼ ବଡ଼ ନଦୀ ଶୁଖି ଶୁଖି ଯାଉଛି। ତେଣୁ ତୁରନ୍ତ ତୃଣମୂଳ ସ୍ତରରେ ସମସ୍ୟାଗୁଡ଼ିକର ସମାଧାନ କରିବା ଦରକାର। ନ ହେଲେ ଆଗାମୀ ଦିନରେ ବଞ୍ଚିବା ଓ ଚାଷ ଜମି ପାଇଁ ଏହା ଉତ୍କଟ ହୋଇପଡ଼ିବ ବୋଲି ନେତା ବିଜୟ ମହାପାତ୍ର କହି ମତବ୍ୟକ୍ତ କରିଥିଲେ। ଏହାପରେ ସେ ଧନୁଆ ନଦୀ ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଇ ଏକ ଟିମ୍ ଅଚ୍ୟୁତପୁର କାଜ, ଭଇଁଚୁଆ କାଜ ସହିତ ନିମାପଡ଼ା ଓ ଗୋପ ବ୍ଲକର କେତେକ ଅଞ୍ଚଳ ଗସ୍ତ କରିବା ସହ ଗ୍ରାମବାସୀଙ୍କ ସହିତ ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଏକ ଟ୍ରିବୁନାଲ କମିଟି ଏହି ୨ଟି ସମସ୍ୟାକୁ ନେଇ ଆସୁଥିବାବେଳେ ସାଧାରଣ ଲୋକେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିବା ଦରକାର ବୋଲି କହିଥିଲେ। ଏହି ଗସ୍ତ ସମୟରେ ତାଙ୍କ ସହିତ ପୂର୍ବତନ ଏମ୍‌ପି ରବିନାରାୟଣ ପାଣି, ପୂର୍ବତନ ବିଧାୟକ ବେଣୁଧର ସେଠୀ, ବିକାଶ ଗିରି, ସିପିଆଇ ନେତା ଦେବେନ୍ଦ୍ର ସାହୁ, ଅବସରପ୍ରାପ୍ତ ବିଡିଓ ବିଶ୍ୱମ୍ଭର ନାୟକ, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ନେତା ମହାପାତ୍ର ଗୋପ ଅଞ୍ଚଳର ସାହିତ୍ୟିକ ତଥା ଯୁବ ସାମାଜିକ କର୍ମୀ ପୂନେଶ କୁମାର ସେନାପତିଙ୍କ ଘରେ ଆତିଥ୍ୟ ଗ୍ରହଣ କରିଥିଲେ। ସେନାପତି ଛାତ୍ର ନେତା ଭାବରେ ଥିବାବେଳେ ବିଜୟ ମହାପାତ୍ରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇରହିଥିଲେ। ତେବେ ଦୀର୍ଘ ବର୍ଷ ପରେ ଏହି ବରିଷ୍ଠ ନେତାଙ୍କୁ ମନେ ପକାଇଥିବାରୁ ସେନାପତି ଅତ୍ୟନ୍ତ ଖୁସି ହୋଇଥିବା କହିଥିଲେ।



ସାମାଜିକ କର୍ମୀ ପୁନେଶ ସେନାପତିଙ୍କ ବାସଭବନକୁ ଯାଇଥିବା ବରିଷ୍ଠ ନେତା ବିଜୟ ମହାପାତ୍ର ।

**ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର**

ଆଠଗଡ଼ (ସ୍ୱ.ପ୍ର.): ବାର୍‌ହା ଆକ୍ରମଣରେ ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ କଟକିଆ ସାହି ବନ୍ଧହଟା ଗ୍ରାମର ଅକ୍ରୁର ଚରଣ ସ୍ୱାଇଁ (୫୬) ଗୁରୁତର ହୋଇଛନ୍ତି। ସେ ସକାଳେ ବିଲରେ ହୋଇଥିବା ଫସଲରେ ପାଣି ମଡ଼ାଇବାକୁ ଯାଇଥିବା ବେଳେ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ନିକଟରେ ଥିବା ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅକ୍ରୁରଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ମଧ ବନବିଭାଗ ପକ୍ଷରୁ କୌଣସି କର୍ମଚାରୀ କିମ୍ବା ଅଧିକାରୀ ଅକ୍ରୁରଙ୍କ ପାଖରେ ପହଞ୍ଚି ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ସଂକ୍ଷେପରେ

### ବିଶ୍ୱ ଅଭିଗମ୍ୟତା ଜାଗରଣ ଦିବସ

**କଣ୍ଟାପଡା,୧୮।୫(ଡି.ଏନ୍.ଏ.):** କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାନରେ ବିଶ୍ୱ ଅଭିଗମ୍ୟତା ଜାଗରଣ ଦିବସ ଗୁରୁବାର ପାଳିତ ହୋଇଯାଇଛି। ସଂସ୍ଥାନର ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି କୃତ୍ରିମଅଙ୍ଗ, ଶ୍ରବଣ ଯନ୍ତ୍ର, ସୌନ୍ଦର୍ଯ୍ୟ ବର୍ଦ୍ଧକକାରୀ ସିଲିକନ୍ ନିର୍ମିତ ଅଙ୍ଗ ଓ ଅନ୍ୟାନ୍ୟ ସହାୟକ ଯନ୍ତ୍ର ବିତରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ନିର୍ଦ୍ଦେଶକ ମହାନ୍ତି ଓ ଉପ ନିର୍ଦ୍ଦେଶକ ମହାପାତ୍ର ଉକ୍ତ ଦିବସର ମହତ୍ତ୍ୱ ବିଷୟରେ ଉପସ୍ଥିତ ଦିବ୍ୟାଙ୍ଗମାନଙ୍କୁ ବୁଝାଇଥିଲେ। ଏଥିସହ ପ୍ରାୟ ୧୪ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ କୃତ୍ରିମଅଙ୍ଗ, ସହାୟକ ଉପକରଣ, ଶ୍ରବଣଯନ୍ତ୍ର ଆଦି ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଭବିଷ୍ୟତରେ ସମାଜର ସମସ୍ତ ବର୍ଗର ଦିବ୍ୟାଙ୍ଗ କିପରି ଏହି ସୁବିଧା ପାଇପାରିବେ ସେଥିପାଇଁ ଛାତ୍ରୀଛାତ୍ରମାନେ ସହଯୋଗ କରିବାକୁ ଡା. ମହାନ୍ତି କହିଥିଲେ।

### ବଜ୍ରପାତରେ ନଡ଼ିଆ ଗଛ ଜଳିଗଲା

**ବଡ଼ମ୍ବା,୧୮।୫(ଡି.ଏନ.ଏ.):** ବଡ଼ମ୍ବା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ବର୍ଷା ସହ କୁଆପଥର ମାଡ ଓ ବଜ୍ରପାତ ହୋଇଥିଲା। ଏଥିରେ ବଡ଼ମ୍ବା ଥାନା ଅନ୍ତର୍ଗତ ଗମେଇ ଗ୍ରାମ କେଉଟ ସାହି ର କଣ୍ଡୁରୀ ଦଳେଇଙ୍କ ଏକ ନଡ଼ିଆ ଗଛ ଜଳିଯାଇଛି ।

### ଜିଲା ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**କଟକ ଅଫିସ,୧୮।୫ :** ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କଟକ ଜିଲା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଜିଲା ଶିକ୍ଷାଧିକାରୀ ଶିକ୍ଷାର ମାନ ବୃଦ୍ଧି ପାଇଁ ନିରବଚ୍ଛିନ୍ନ ପ୍ରୟାସ କରିଥିଲେ। ତେଣୁ କଟକ ଜିଲା ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସୋନାମିକା ରାୟ, ଦୀପ୍ତିମୟୀ ଶୁଭଦର୍ଶିନୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ନନ୍ଦ, ସୁକାନ୍ତ କୁମାର ଷଡଙ୍ଗୀ, ମିହିର କୁମାର ପରିଡା, ସୌଦାମିନୀ ଦାସ, କଟକ ଜିଲା ସଂଘର ଶୁଭ୍ରଜିତ ପ୍ରତିହାରୀ, ଶୁଭ ସୁନ୍ଦର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧୋତ୍ସବ

**କଟକ ଅଫିସ, ୧୮।୫:** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ କଟକ ଗଡଗଡିଆ ଘାଟଠାରେ ତିଳତର୍ପଣ ସହ ବଡ ଡାକ୍ତରଖାନା କର୍ମଚାରୀ ସଂଘ କାର୍ଯ୍ୟାଳୟ, ମେହେନ୍ତର ସଂଘ, ବିକାଶ ଭବନସ୍ଥିତ ପଣ୍ଡିତଙ୍କ ପ୍ରତିମୂର୍ତ୍ତି ଓ ରାଜାପଡ଼ାସ୍ଥିତ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ପରିଷଦ କାର୍ଯ୍ୟାଳୟଠାରେ ଡା. ରବି ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପରିଷଦ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ସମତା ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି, କର୍ପୋରେଟର ଆରତୀ ସାହୁ, ସତ୍ୟରାମ ସାହୁ, ପୂର୍ବତନ କର୍ପୋରେଟର ବିଜୟ ଦଳେଇ, ପ୍ରଫୁଲ୍ଲ ବେହେରା ପ୍ରମୁଖ ପଣ୍ଡିତଙ୍କ ସ୍ମୃତିଚାରଣ କରିଥିଲେ। ଭିକାରୀ ଦାସ ଧନ୍ୟବାଦ ଦେଇଥିଲେ।

# 'ହୋ' ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବିରେ ଗଣଧାରଣା




ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିର୍ସାମୁଣ୍ଡା ହୋ ଛାତ୍ର ସଙ୍ଗଠନ ଓ ହୋ ସମାଜ ପକ୍ଷରୁ ଗଣଧାରଣା।

**ଆଠଗଡ଼,୧୮।୫(ସ୍ୱ.ପ୍ର.)**

ସର୍ବଭାରତୀୟ 'ହୋ' ଭାଷା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ବିର୍ସା ମୁଣ୍ଡା ହୋ ଛାତ୍ର ସଙ୍ଗଠନ ଆଠଗଡ଼, କଟକ ଦିଶୁମ ହୋ ସମାଜ ପକ୍ଷରୁ ଏକ ଗଣଧାରଣା ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହୋ ସମାଜର କାର୍ଯ୍ୟକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଆଠଗଡ଼ ସହର ପରିକ୍ରମା କରି ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବିଡିଓଙ୍କ ମାଧ୍ୟମରେ 'ହୋ' ଭାଷାକୁ ସାମ୍ବିଧାନିକ ସ୍ୱୀକୃତି, ଓଡ଼ିଶାର ଦ୍ୱିତୀୟ ରାଜଭାଷା ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଇଂଲିଶ୍ ମିଡିୟମ ବିଦ୍ୟାଳୟରେ 'ହୋ' ଭାଷାକୁ ମାନ୍ୟତା ଦାବି ହୋଇଥିଲା। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି କଟକ ଜିଲା ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାଣ୍ଡିଲି, ହୋ ସମାଜ କୋଷାଧକ୍ଷ ଗୋମୟା ଆମୋଙ୍ଗ, ଆଠଗଡ଼ ବ୍ଲକ ସଭାପତି ଶିବରାମ ହେମ୍ବ୍ରମ୍, ସମ୍ପାଦକ ବିଶଜିତ ରିଜା, ଜିଲ୍ଲା ପରିଷଦ ସଭ୍ୟା ମିନତି ଗାଗରାଇ, ସମିତି ସଭ୍ୟା ବସୁମତୀ ଦିଗି, ଆଠଗଡ଼ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପରିଷଦ ସଭାପତି ବିଚିତ୍ରାନନ୍ଦ ସେଠୀଙ୍କ ସହ ଶତାଧିକ ସମର୍ଥକ ଯୋଗ ଦେଇଥିଲେ।

# ୫ ଦଫା ଦାବିରେ ଯୋଗାଣ କାର୍ଯ୍ୟାଳୟ ଘେରାଉ

**କଟକ ଅଫିସ, ୧୮।୫**

କଟକ ରିଟେଲ ଡିଲର୍ସ ଆସୋସିଏଶନ ପକ୍ଷରୁ ୫ ଦଫା ଦାବି ନେଇ ଜିଲା ଯୋଗାଣ କାର୍ଯ୍ୟାଳୟ ଗୁରୁବାର ଘେରାଉ କରାଯାଇଥିଲା। ଏହାପରେ ସଂଘ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରରେ ଉଲ୍ଲେଖ ରହିଛି, ଖୁଚୁରା ବିକ୍ରେତାମାନେ କଟକ ମହାନଗର ନିଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପଡ଼ିକାର୍ଡଧାରୀଙ୍କୁ ବଣ୍ଟନ କରୁଛନ୍ତି। କରୋନା ସମୟରେ ମଧ ଜୀବନକୁ ବିପନ୍ନ କରି ୨୮ ମାସ ଧରି ବିନା ପାରିଶ୍ରମିକରେ ସାମଗ୍ରୀ ବଣ୍ଟନ କରିଥିଲେ। ବହୁବାର ଦାବି କରିବା ପରେ ମାତ୍ର ୬ ମାସର ପାରିଶ୍ରମିକ ଦିଆଯାଇଛି। ହେଲେ ବାକି ୨୨ ମାସର ପାରିଶ୍ରମିକ ଆଜିଯାଏ ଦିଆଗଲା ନାହିଁ। ଅନ୍ୟପକ୍ଷରେ ଖୁଚୁରା ବିକ୍ରେତାମାନେ ନିଜ ଅର୍ଥରୁ ଦୋକାନ ଗୃହ ଭଡ଼ା, ସହାୟକଙ୍କ ପାରିଶ୍ରମିକ, ବିଦ୍ୟୁତ୍ ବିଲ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରି ସାମଗ୍ରୀ ବଣ୍ଟନ କରୁଛନ୍ତି। ପରିବହନ ଠିକାଦାରମାନଙ୍କ ପାଇଁ ଖୁଚୁରା ବିକ୍ରେତାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ବକେୟା ଥିବା ପାରିଶ୍ରମିକ ଏକକାଳୀନ ପ୍ରଦାନ, ଧାର୍ଯ୍ୟ ଓଜନଠାରୁ କମ୍ ସାମଗ୍ରୀ ଦେଉଥିବା ପରିବହନ ଠିକାଦାରଙ୍କ ନିଯୁକ୍ତି ରଦ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସୋସିଏଶନ ସଭାପତି ମଧୁସୂଦନ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସୟଦ ଏକ୍ରାମ ହୁସେନ, ଉପସଭାପତି ପୀତବାସ ଜେଠୀ, ପୂର୍ଣ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ବିଜୟ କୁମାର ସାହୁ, ପ୍ରେମ କୁମାର ସେନ୍, ବିନୟ ବୈଶାଖ, ଚନ୍ଦ୍ରମଣି ମହାରଣା ପ୍ରମୁଖ ଘେରାଉରେ ସାମିଲ ହୋଇଥିଲେ।

# କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ



**ମଙ୍ଗୁଳି-ଜଗତପୁର,୧୮।୫(ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ଜଗତ୍‌ପୁର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗୋଲେଇ ଛକସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଗୁରୁବାର ଘେରାଉ କରାଯାଇଥିଲା। ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍‌ଡିଓ ସରୋଜ ସାହୁଙ୍କ ଜରିଆରେ ପ୍ରଦାନ କରାଯାଇଛି। ଜେଇ ବିକାଶ ଭୋଇ ମଧ ଉପସ୍ଥିତ ଥିଲେ। ବିଶେଷକରି ପୁରୁଣା ତାର ବଦଳାଯିବା, ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଯିବା, ବିନା ଫାଇନ୍‌ରେ ପ୍ରତି ଉପଭୋକ୍ତାଙ୍କର ଲୋଡ୍ ଯାଞ୍ଚ କରିବା, ବିଦ୍ୟୁତ୍ ତାର ଉପରେ ଥିବା ଗଛଡାଳ କଟାଯିବା, ଜଗତପୁର ଅଞ୍ଚଳରେ ନୂତନ ଗ୍ରୀଡ୍ ସ୍ଥାପନ କରାଯିବା, ଚାଇନା ମିଟର ପରିବର୍ତ୍ତେ ସ୍ୱଦେଶୀ ମିଟର ପ୍ରଚଳନକୁ ପ୍ରୋତ୍ସାହିତ କରାଯିବା ସହ ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା ଭଳି ଦାବି ରହିଛି। ଉକ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ୪୮ନଂ. ୱାର୍ଡ କଂଗ୍ରେସ ସଭାପତି ରଶ୍ମିକାନ୍ତ ସାମଲ ଓ ୪୯ନଂ. ୱାର୍ଡ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଘେରାଉରେ ଜଗତ୍‌ପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ଚନ୍ଦ୍ର ବେହେରା, କଂଗ୍ରେସ ନେତା ଜୟ ନାରାୟଣ ତ୍ରିପାଠୀ, ଲଳିତ ମୋହନ ଭୂୟାଁ, ଆବାସ ମଲ୍ଲିକ, ଦିଲ୍ଲୀପ ଚୌଧୁରୀ, ମାନସ ପରିଡା, ଚୌଦ୍ୱାର-କଟକ ଯୁବ କଂଗ୍ରେସ ସଭାପତି ମାନସ ନାୟକ ଓ ଶିଳ୍ପୋଦ୍ୟୋଗୀ ବିରଞ୍ଚି ନାରାୟଣ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏସ୍‌ଡିଓ ସାହୁ କହିଛନ୍ତି, ଟିପିସିଓଡିଏଲ ଦାୟିତ୍ୱ ନେବା ପୂର୍ବରୁ ଖୁଣ୍ଟରେ ଟଣାଯାଇଥିବା ତାର ଅଧିକ ପୁରୁଣା ହେଇଗଲାଣି। ଗତ ଏକ ମାସ ହେବ ପୁରୁଣା ତାର ବଦଳା ଯାଉଛି। ଏଥିପାଇଁ ସମୟ ଲାଗିବ। ଏଥିସହ ଆଗାମୀ ଏକ ମାସ ମଧ୍ୟରେ ଅନ୍ୟ ସମସ୍ୟା ଦୂର କରାଯିବ ବୋଲି ସେ କହିଛନ୍ତି।

# ବିଭିନ୍ନ ସଂଗଠନ ପକ୍ଷରୁ କଟକରେ ପ୍ରତିବାଦ ସଭା

**କଟକ ଅଫିସ, ୧୮।୫**

**ଧାରଣାରେ ବସିଛନ୍ତି ମହିଳା କୁସ୍ତି ଯୋଦ୍ଧା**

କୁସ୍ତି ସଂଘ ସଭାପତି ତଥା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଗିରଫ କରିବା ଦାବି ନେଇ ମହିଳା କୁସ୍ତି ଯୋଦ୍ଧାମାନେ ଗତ ଏପ୍ରିଲ ୨୪ରୁ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ମହିଳା କୁସ୍ତି ଯୋଦ୍ଧାମାନଙ୍କ ଆନ୍ଦୋଳନକୁ କୃଷକ, ଶ୍ରମିକ ଓ ମହିଳାମାନେ ସମର୍ଥନ ଜଣାଇବା ସହ ଧାରଣାରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସିଆଇଟିୟୁ, ଏଆଇକେଏସ୍, ଏଆଇଡିଡବ୍ଲୁଏ, ଡିୱାଇଏଫଆଇ, ଏସ୍‌ଏଫ୍‌ଆଇ, କଟକ ସିଟି କୋଅର୍ଡିନେଶନ କମିଟି ଆଦି ସଙ୍ଗଠନ ପକ୍ଷରୁ ଗୁରୁବାର କଟକ କଲେଜ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ ସଭା କରାଯାଇଥିଲା। ସିଆଇଟିୟୁ କଟକ ଜିଲା ସଭାପତି ରବିନାରାୟଣ ମଲ୍ଲିକ କହିଛନ୍ତି, ଦେଶରେ ଦୈନିକ ୨୦ ଜଣ ମହିଳା ଯୌତୁକ ନିର୍ଯ୍ୟାତନାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ପ୍ରତି ୬ ମିନିଟରେ ଜଣେ ମହିଳା ବଳାତ୍କାର ଶିକାର ହେଉଛନ୍ତି। ଏଭଳି ଅବସ୍ଥାରେ ମହିଳାମାନଙ୍କ ପାଇଁ ଥିବା ଆଇନକୁ ଦୃଢତାର ସହ କାର୍ଯ୍ୟକାରୀ ନ କଲେ ଦେଶରେ ମହିଳାମାନଙ୍କ ଅବସ୍ଥା ମଧ୍ୟଯୁଗୀୟ ଅବସ୍ଥା ଭିତରକୁ ଠେଲି ହୋଇଯିବ। ଏଣୁ ତୁରନ୍ତ ବ୍ରିଜ୍‌ଭୂଷଣଙ୍କୁ ଗିରଫ କରିବା ପାଇଁ ସେ ଦାବି କରିଛନ୍ତି। ଏଥିସହ ସଂଗଠନଗୁଡ଼ିକ ପକ୍ଷରୁ ବ୍ରିଜଭୂଷଣଙ୍କୁ କୁସ୍ତିଯୋଦ୍ଧା ମହାସଂଘ ସଭାପତି ପଦବୀରୁ ବହିଷ୍କାର, ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ, ଅଭିଯୋଗକାରୀଙ୍କ ଏଫ୍‌ଆଇଆର୍ ଏବଂ ବୟାନ ଆଧାରରେ ବ୍ରିଜ୍‌ଭୂଷଣଙ୍କୁ ଗିରଫ, ଜାତୀୟ ମହିଳା କୁସ୍ତିଯୋଦ୍ଧାଙ୍କୁ ନ୍ୟାୟ ପ୍ରଦାନ କରିବା ଭଳି ୪ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମେଲ୍ ଯୋଗେ ପଠାଯାଇଛି। ଗଣତାନ୍ତ୍ରିକ ମହିଳା ସମିତି କଟକ ଜିଲା ସଭାପତି ଇନ୍ଦୁମତି ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସିଆଇଟିୟୁ କଟକ ଜିଲା ସମ୍ପାଦକ ଅଭୟ ସ୍ୱାଇଁ, ବୁଲି ସାହୁ, ଇଂ. ମନମୋହନ ପତି, ପ୍ରତାପ ମହାପାତ୍ର, ଘନଶ୍ୟାମ ରାଉତ, ଭାରତ ଭୂଷଣ ସ୍ୱାଇଁ, ଋତ୍ୱିକ ମହାନ୍ତି, ଅଜିତ କୁମାର ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

## ମଦ ଜବତ : ଜଣେ ଗିରଫ

**ଆଠଗଡ଼/ସାଲେପୁର,୧୮।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡା ପଣସ ପାଟଣା ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ସହ ପୋଚ ଜବତ କରାଯାଇଛି। ଏହି ଅବସରରେ ଆଠଗଡ଼ ଅବକାରୀ ବିଭାଗ ଟିମ୍ ପକ୍ଷରୁ ୧୬୧୫୦ ଲିଟର ଗୁଡ ପୋଚ ଏବଂ ୧୬୧୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ମାତ୍ର କୌଣସି ଅଭିଯୁକ୍ତ ଧରପଡ଼ି ନାହାନ୍ତି। ସେହିପରି ସାଲେପୁର ଥାନା ଅନ୍ତର୍ଗତ ରାଘବପୁର ବଜାର ନିକଟ ଜଣେ ଯୁବକଙ୍କ ନିକଟରୁ ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ବାହାରପଡ଼ା ଗ୍ରାମର ତିରୁପତି ବେହେରା। ତାଙ୍କ ନିକଟରୁ ୨୦ ବୋତଲ ଦେଶୀମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୧୬୪/୨୩) ରୁଜୁ ହୋଇଛି।

# କଟକରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ସ୍ୱାଗତ




କଟକ ରେଲଷ୍ଟେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**କଟକ ଅଫିସ,୧୮।୫**

ଓଡ଼ିଶାରେ ପ୍ରଥମ ଥର ପାଇଁ ଚଳାଚଳ କରିଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ଗୁରୁବାର ଅପରାହ୍ନରେ କଟକ ରେଲଷ୍ଟେଶନରେ ସ୍ୱାଗତ କରାଯାଇଛି। ପୁରୀ-ହାଓଡ଼ା ରୁଟ୍‌ରେ ବହୁ ପ୍ରତୀକ୍ଷିତ ଏହି ଏକ୍ସପ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲରେ ଶୁଭାରମ୍ଭ କରିବା ପରେ କଟକରେ ଏହି ଉତ୍ସବକୁ ମହାସମାରୋହରେ ପାଳନ କରାଯାଇଛି। ପୁରୀରୁ ଉକ୍ତ ଟ୍ରେନ୍ ବାହାରି କଟକରେ ପହଞ୍ଚିଥିଲା। ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ପରିପୂର୍ଣ୍ଣ ଏହି ଟ୍ରେନ୍‌କୁ ପ୍ରଥମ ଥର ଦେଖି ଲୋକମାନେ ଆନନ୍ଦିତ ହୋଇଥିଲେ। ରେଲୱେ ପକ୍ଷରୁ ଆୟୋଜିତ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ଏମ୍‌ପି ଜୁଏଲ ଓରାମ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ଭାଜପାର କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ, କଟକ ସହର ଜିଲା ସଭାପତି ପ୍ରକାଶ ବେହେରା, ଭାଜପା ନେତା ସଜ୍ଜନ ଶର୍ମାଙ୍କ ସମେତ ରେଲୱେର ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରୀରୁ ଶୁଭାରମ୍ଭ ହୋଇଥିବା ଉକ୍ତ ଟ୍ରେନ୍‌ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଜ୍ୟ ସଭାପତି ମନମୋହନ ସାମଲ, ଦିଲୀପ ମଲ୍ଲିକ ଆସି କଟକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏମ୍‌ପି ଓରାମ ତାଙ୍କ ବକ୍ତବ୍ୟରେ ଏହି ଐତିହାସିକ ଉପଲବ୍ଧି ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏମ୍‌ପି ମହତାବ ମଧ ଏଭଳି ପଦକ୍ଷେପକୁ ପ୍ରଶଂସା କରି କଟକ ରେଲଷ୍ଟେଶନ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ନବକଳେବରରେ ରୂପାନ୍ତରିତ ହେବାକୁ ଶିଳାନ୍ୟାସ ପାଇଁ ଧନ୍ୟବାଦ ଦେଇଥିଲେ।

## ବୃଦ୍ଧଙ୍କୁ ମାଡ଼ ମାରି ଅଡୁଆରେ ପୂର୍ବତନ ଜିଲାପରିଷଦ ସଭ୍ୟ

**ନିଶ୍ଚିନ୍ତକୋଇଲି,୧୮।୫(ସ୍ୱ.ପ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ୨୪ ନମ୍ବର ଜୋନ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବିଜେଡି ନେତା ବିନୋଦ କୁମାର ସାମଲଙ୍କ ନାମରେ ଜଣେ ବୃଦ୍ଧଙ୍କୁ ମାଡ ମାରିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗପରେ ନିଶ୍ଚିନ୍ତକୋଇଲି ପୋଲିସ ମାମଲା (ନଂ. ୯୧/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଗତ ୧୬ ତାରିଖ ରାତିରେ ବଡ଼ଖିର ଗ୍ରାମର ବୃଦ୍ଧ ସତ୍ୟାନନ୍ଦ ସାମଲ(୮୦)ଙ୍କ ଜମି ଉପରେ ପୂର୍ବତନ ଜିଲାପରିଷଦ ସଭ୍ୟ ବିନୋଦ ଜୋରଜବରଦସ୍ତ ମାଟି ପକାଇ ରାସ୍ତା ନିର୍ମାଣ କରୁଥିଲେ। କୌଣସିସୂତ୍ରରୁ ଖବରପାଇ ସତ୍ୟାନନ୍ଦ ଘଟଣାସ୍ଥଳରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏନେଇ ବିନୋଦ ପ୍ରତିହିଂସା ପରାୟଣ ହୋଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିବା ନେଇ ସତ୍ୟାନନ୍ଦ ଅଭିଯୋଗରେ ଦର୍ଶାଇଛନ୍ତି।

# ସରପଞ୍ଚ, ସମିତି ସଭ୍ୟାଙ୍କ ବିଜେଡିରେ ଯୋଗଦାନ



ପ୍ରତାପ ଜେନାଙ୍କ ସହ କୁସୁପୁର ସରପଞ୍ଚ, ସମିତି ସଭ୍ୟା ଓ ଅନ୍ୟମାନେ।

**ମାହାଙ୍ଗା,୧୮।୫(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକର କୁସୁପୁର ସରପଞ୍ଚ ମମତା ସାହୁ ଓ ସମିତିସଭ୍ୟା ମେନକା ଦାସଙ୍କ ସହ ଶତାଧିକ ସମର୍ଥକ ବିଜେଡି ଯୋଗଦେଇଛନ୍ତି। ଏନେଇ କୁସୁପୁର ପଲ୍ଲୀକବି ସ୍ମୃତି ମଣ୍ଡପଠାରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ପୌରୋହିତ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସୁଶାସନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ,ବ୍ଲକ ଅଧ୍ୟକ୍ଷା ଦୀପା ମଲିକ,ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି,ଆଇନଜୀବୀ ଶ୍ରୀବନ୍ତ ଜେନା, ବିଜେଡି ନେତା ରୁଦ୍ର ନାରାୟଣ ସିଂହ, ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଗୁରୁବାର କଟକ ବିକାଶ ଭବନ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।



କଟକ ମାତାମଠ ରିଂରୋଡ୍ ଡିଭାଇଡର ମଧ୍ୟରେ ଥିବା ଗଛରେ ସିଏମ୍‌ସି ପକ୍ଷରୁ ଜଳ ସିଞ୍ଚନ କରାଯାଉଛି।



ସାବିତ୍ରୀ ବ୍ରତ ପାଇଁ କଟକ ବକ୍ସିବଜାରଠାରେ ଗୁରୁବାର ଫଳ କିଣିବା ପାଇଁ ଲୋକଙ୍କ ଗହଳି।

# ଆରସିବି ପ୍ଲେ ଅଫ୍ ନିକଟତର

**ହାଇଦ୍ରାବାଦ,୧୮।୫**

ଆଇପିଏଲ୍‌ର ୬୫ତମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଷଷ୍ଠ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ଗୁରୁବାର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୨୦ ଓଭରରେ ୫ ଉଇକେଟ ହରାଇ ୧୮୬ ରନ୍ କରିଥିଲା। ଜବାବରେ ୧୯.୨ ଓଭରରେ ୨ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା ଆରସିବି। ହାଇଦ୍ରାବାଦର ଦୁଇ ଓପନର ଅଭିଷେକ ଶର୍ମା ଓ ରାହୁଲ ତ୍ରିପାଠୀ ୨୭ ରନ୍ ଯୋଡିଥିଲେ ହେଁ ମାତ୍ର ୩ ବଲ ବ୍ୟବଧାନରେ ଉଭୟ ମାଇକେଲ ବ୍ରେସ୍‌ୱେଲଙ୍କ ଶିକାର ହୋଇଥିଲେ। ପରେ ଏଡେନ୍ ମାରକ୍ରମ ଓ ହେନରିଚ୍ କ୍ଲାସେନ୍ ତୃତୀୟ ଉଇକେଟରେ ୭୬ ରନ୍ ଯୋଡିଥିଲେ। ଗୋଟିଏ ପଟୁ ଉଇକେଟ ପଡୁଥିବା ବେଳେ ମାତ୍ର ୨୪ ବଲ୍‌ରୁ ଅର୍ଦ୍ଧଶତକ ଓ ୪୯ ବଲ୍‌ରେ ଶତକ ପୂରଣ କରିଥିଲେ କ୍ଲାସେନ୍। ୫୧ ବଲ୍ ଖେଳି ସେ ୮ ଚୌକା ଓ ୬ ଛକା ସହ ୧୦୪ ରନ୍ କରିଥିଲେ। ବାଙ୍ଗାଲୋର ପକ୍ଷରୁ ମାଇକେଲ ବ୍ରେସୱେଲ ୨, ମହମ୍ମଦ ସିରାଜ, ହର୍ଷଲ ପଟେଲ ଓ ଶାହବାଜ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ୍)**

**ପଞ୍ଜାବ ବନାମ ରାଜସ୍ଥାନ**

**ସ୍ଥାନ: ଧର୍ମଶାଳା,**
**ସମୟ: ରାତି ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିରାଟ କୋହଲି।

୧୮୭ ରନ୍ ଜବାବରେ ବିରାଟ କୋହଲିଙ୍କ ଶତକ ଓ ଡୁ ପ୍ଲେସିଙ୍କ ଅର୍ଦ୍ଧଶତକ ବଳରେ ବିଜୟୀ ହୋଇଥିଲା ଆରସିବି। କୋହଲି ୬୩ ବଲ୍‌ରୁ ୧୦୦ ଓ ଡୁ ପ୍ଲେସି ୪୭ ବଲ୍‌ରୁ ୭୧ ରନ୍ କରିଥିଲେ। କୋହଲିଙ୍କ ଇନିଂସରେ ୧୨ ଚୌକା ଓ ୪ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ଡୁ ପ୍ଲେସି ୭ ଚୌକା ଓ ୨ ଛକା ମାରିଥିଲେ। ଉଭୟ ପ୍ରଥମ ଉଇକେଟରେ ୧୭୨ ରନ୍ ଯୋଡିଥିଲେ। ଏହା ସହିତ ଆଇପିଏଲରେ ସର୍ବାଧିକ ୬ ଶତକ ହାସଲକାରୀ କ୍ରିସ୍ ଗେଲ୍‌ଙ୍କ ସମକକ୍ଷ ହୋଇଛନ୍ତି କୋହଲି।

**କୋହଲି-ଡୁପ୍ଲେସି ୧୭୨ ରନ ଭାଗୀଦାରି**

ହାଇଦ୍ରାବାଦ ପକ୍ଷରୁ ଭୁବନେଶ୍ୱର କୁମାର ଓ ଟି. ନଟରାଜନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ବିଜୟ ସହ ୧୪ ପଏଣ୍ଟ ଅର୍ଜନ କରିଥିବା ଆରସିବି ପ୍ଲେ ଅଫ୍‌ର ନିକଟତର ହୋଇଛି।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୬/୫(ହେନରିଚ୍ କ୍ଲାସେନ୍-୧୦୪, ହ୍ୟାରୀ ବ୍ରୁକ୍-୨୭*, ଏଡେନ୍ ମାରକ୍ରମ-୧୮, ମାଇକେଲ ବ୍ରେସୱେଲ-୨/୧୩, ମହମ୍ମଦ ସିରାଜ-୧/୧୭, ହର୍ଷଲ ପଟେଲ-୧/୩୭)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୨ ଓଭରରେ ୧୮୭/୨(ବିରାଟ କୋହଲି-୧୦୦, ଫାଫ୍ ଡୁ ପ୍ଲେସି-୭୧, ଟି. ନଟରାଜନ-୧/୩୪, ଭୁବନେଶ୍ୱର କୁମାର-୧/୪୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୭ | ୫ | ୧୫ | +୦.୩୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | +୦.୧୮୦ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | -୦.୩୦୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୫ | ୮ | ୧୦ | -୦.୫୭୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୪ | ୯ | ୮ | -୦.୫୫୮ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

# ମହାରାଷ୍ଟ୍ର ବିପକ୍ଷରେ ଓଡ଼ିଶାର ବୃହତ ବିଜୟ


ଓଡ଼ିଶା ସବ୍‌ଜୁନିୟର ପୁରୁଷ ହକି ଦଳ।

**ସବ୍ ଜୁନିୟର ହକି**

**ଭୁବନେଶ୍ୱର,୧୮।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ୧୩ ତମ ଜାତୀୟ ସବ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟ ଗୁରୁବାର ଆରମ୍ଭ ହୋଇଛି। ଗୁରୁବାର ଓଡ଼ିଶା ଦଳ ମହାରାଷ୍ଟ୍ରକୁ ୧୮-୦ରେ ବୃହତ ବ୍ୟବଧାନରେ ହରାଇ ନିଜର ଅଭିଯାନ ଆରମ୍ଭ କରିଛି। ଦିନର ପ୍ରଥମ ମ୍ୟାଚରେ ତାମିଲନାଡୁ ୮-୨ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବିହାର ୫-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି। ସେହିପରି ମଧ୍ୟପ୍ରଦେଶ ୨୭-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି।

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ,୧୮।୫(ପି.ଟି.)**

ପରାଜୟ ସହିତ ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ କରିଛି ଭାରତୀୟ ମହିଳା ହକି ଦଳ। ଗୁରୁବାର ଅନୁଷ୍ଠିତ ପ୍ରଥମ ହକି ଟେଷ୍ଟରେ ଭାରତ ୪-୨ଗୋଲରେ ପରାଜିତ ହୋଇଛି। ମେଟ୍ ଷ୍ଟାଡିୟମରେ ବିଶ୍ୱ ମାନ୍ୟତାରେ ୩ ନମ୍ବର ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ୬ ମିନିଟ ବ୍ୟବଧାନରେ ଅଷ୍ଟ୍ରେଲିଆ ଦୁଇଟି ଗୋଲ ଦେଇଥିଲା। ପ୍ରଥମ କ୍ୱାର୍ଟରରେ ଘରୋଇ ଦଳକୁ ଦୁଇଟି ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ସବିତା ଏହାକୁ ସେଭ୍ କରିବାରେ ସଫଳ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ଆଶଲିଙ୍ଗ ଉଟ୍ରି(୨୧ ମିନିଟ) ଓ ମ୍ୟାଡି ଫିଜ୍‌ପ୍ୟାଟ୍ରିକ୍ (୨୭ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ୨-୦ରେ ଆଗୁଆ କରିଥିଲେ। ଭାରତ ପକ୍ଷରୁ ସଙ୍ଗୀତା କୁମାରୀ ୨୯ ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ତୃତୀୟ କ୍ୱାର୍ଟରରେ ଅଷ୍ଟ୍ରେଲିଆ ଆଲିସ୍ ଆର୍ନୋଟ୍ (୩୨ ମିନିଟ୍) ଓ କର୍ଟନି ସ୍କନେଲ୍ (୩୫ ମିନିଟ୍) ଗୋଟିଏ ଲେଖାଏ ଗୋଲ କରିଥିଲେ। ୪୦ତମ ମିନିଟରେ ଭାରତ ପକ୍ଷରୁ ଶର୍ମିଳା ଦେବୀ ଆଉ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ ପକ୍ଷରୁ ଗୋଲ ଦେବାର ପ୍ରୟାସ ହୋଇଥିଲେ ହେଁ କୌଣସି ଗୋଲ ସ୍କୋର ହୋଇ ନ ଥିଲା। ସମାନ ଭେନ୍ୟୁରେ ଶନିବାର ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଭାରତୀୟ ଦଳ ଏହି ସିରିଜରେ ୩ମ୍ୟାଚ୍ ଖେଳିବା ସହିତ ଅଷ୍ଟ୍ରେଲିଆ ଏ' ସହିତ ଦୁଇଟି ମ୍ୟାଚ୍ ଖେଳିବ। ଭାରତ ଏହି ମ୍ୟାଚ୍‌ର ଅନ୍ତିମ କ୍ୱାର୍ଟରରେ ଯୁବ ଗୋଲକିପର ବିଚ୍ଚୁ ଦେବୀଙ୍କୁ ଖେଳାଇଥିଲା। ୫୪ ତମ ମିନିଟରେ ଅଷ୍ଟ୍ରେଲିଆକୁ ଦୁଇଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ଉଭୟ ମଉକାରେ ସେ ଗୋଲ୍ ସେଭ୍ କରିଥିଲେ।

# ପ୍ଲେ ଅଫ୍ ଆଶାରେ କିଙ୍ଗ୍ସ, ରୟାଲ୍ସ

**ଧର୍ମଶାଳା,୧୮।୫(ପି.ଟି.)**

ଆଇପିଏଲ୍‌ର ଜଟିଳ ପ୍ଲେ ଅଫ୍ ଅଙ୍କକଷା ମଧ୍ୟରେ ନିଜର ଅନ୍ତିମ ମ୍ୟାଚ୍ ଖେଳିବେ ରାଜସ୍ଥାନ ରୟାଲ୍ସ ଓ ପଞ୍ଜାବ କିଙ୍ଗ୍ସ। ଉଭୟ ଦଳର ପ୍ରଦର୍ଶନ ଅସ୍ଥିର ରହିଛି। ଅନ୍ତିମ ମ୍ୟାଚରେ ଉଭୟ ଦଳ ପରସ୍ପରକୁ ଭେଟୁଥିବା ବେଳେ ଏହି ମ୍ୟାଚ୍ ଜିତି ପ୍ଲେ ଅଫ୍‌ର ସାମାନ୍ୟ ସମ୍ଭାବନା ବଜାୟ ରଖିବାକୁ ଚେଷ୍ଟା କରିବେ। ଉଭୟ ଦଳ ୧୩ ମ୍ୟାଚ୍ ଖେଳି ୬ ବିଜୟ ସହିତ ୧୨ ପଏଣ୍ଟ ହାସଲ କରିଛନ୍ତି। କୌଣସି ଦଳ ବିଜୟ ହେଲେ ୧୪ ପଏଣ୍ଟ ସହିତ ଏହା ଅନ୍ୟ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବ। ପଞ୍ଜାବ କିଙ୍ଗ୍ସର ବୋଲିଂ ବିଭାଗ ବେଶ୍ ଦୁର୍ବଳ ରହିଥିବା ବେଳେ ରାଜସ୍ଥାନ ଉଭୟ ବ୍ୟାଟିଂ ଓ ବୋଲିଂରେ ଦୁର୍ବଳ ପ୍ରଦର୍ଶନ କରିଛି। ପଞ୍ଜାବ ନିକଟରେ କାଗିସୋ ରାବାଡା, ଅର୍ଶଦୀପ ସିଂ ଓ ସାମ୍ କୁରାନଙ୍କ ଭଳି ବୋଲର ରହିଥିଲେ ହେଁ ଦଳ ଏହାର ଫାଇଦା ଉଠାଇ ପାରିନାହିଁ। ୩ ବୋଲରଙ୍କ ଇକୋନୋମି ୧୦ ଉପରେ ରହିଛି, ଯାହାକି ଚିନ୍ତାଜନକ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟର ଅଧା ଯାଏ ପର୍ପଲ କ୍ୟାପ ଦୌଡରେ ରହିଥିବା ଅର୍ଶଦୀପଙ୍କ ବୋଲିଂ ଏତେଟା ପ୍ରଭାବଶାଳୀ ରହିନାହିଁ। ରାବାଡା ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ନ ଥିବା ବେଳେ ସାମ୍ କୁରାନ୍‌ଙ୍କ ପ୍ରଦର୍ଶନରେ ମଧ୍ୟ ସ୍ଥିରତା ନାହିଁ। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ହରପ୍ରୀତ ବ୍ରାରଙ୍କୁ ମ୍ୟାଚ୍‌ର ଅନ୍ତିମ ଓଭର ପକାଇବାକୁ ଦେଇଥିଲେ ଶିଖର ଧାୱନ। ଏହି ଓଭରରେ ୨୦ ରନ୍ ବ୍ୟୟ କରିବା ମ୍ୟାଚରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ସେହିପରି ଶିଖର ଧାୱନଙ୍କ ବ୍ୟାଟ୍ ମଧ୍ୟ ନୀରବ ରହିଛି। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ଟୁର୍ନାମେଣ୍ଟ ଆରମ୍ଭରୁ ବେଶ୍ ଶକ୍ତିଶାଳୀ ଦଳ ମନେହେଉଥିଲା। ପ୍ରଥମ ୫ ମ୍ୟାଚରୁ ୪ଟିରେ ବିଜୟୀ ହୋଇଥିଲା ଦଳ। ଯୁଜବେନ୍ଦ୍ର ଚହଲ ଓ ଯଶସ୍ୱୀ ଜୟସ୍ୱାଲଙ୍କ ପରି ଖେଳାଳି ବ୍ୟକ୍ତିଗତ ଭାବରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସମର୍ଥ ହୋଇଥିଲେ। ତେବେ କିଛି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହାରିବା ରୟାଲ୍ସକୁ ମହଙ୍ଗା ପଡିଥିଲା। ଜୋସ୍ ବଟଲର ଚଳିତ ସିଜନ ଦୃଢ ଭାବରେ ଆରମ୍ଭ କରିଥିବା ବେଳେ ପରେ ସମାନ ବ୍ୟାଟିଂ ନଜର ଆସି ନ ଥିଲା। ବୋଲିଂରେ ଆର. ଅଶ୍ୱିନ୍, ଚହଲ, ଟ୍ରେଣ୍ଟ ବୋଲ୍ଟ ଓ ସନ୍ଦୀପ ଶର୍ମାଙ୍କ ପ୍ରଦର୍ଶନ ମଧ୍ୟ ଠିକ୍‌ଠାକ ରହିଛି।


ରାଜସ୍ଥାନ ରୟାଲ୍ସ ଦଳର ଅଭ୍ୟାସ।


ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଫୁଟବଲ ଦଳର ଅଭ୍ୟାସ।

# ମୋନିକାଙ୍କ ୨୦୦ ମ୍ୟାଚ ମାଇଲଖୁଣ୍ଟ

**ନୂଆଦିଲ୍ଲୀ, ୧୮।୫:** ଗୁରୁବାର ଅଷ୍ଟ୍ରେଲିଆ ବିପକ୍ଷରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଭାରତୀୟ ମହିଳା ହକି ତାରକା ମୋନିକା ମଲିକ। ମ୍ୟାଚ ପୂର୍ବରୁ ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ତାଙ୍କୁ ୨୦୦ ଲେଖାଥିବା ସ୍ୱତନ୍ତ୍ର ଜର୍ସି ପ୍ରଦାନ କରିଥିଲେ। ଭାରତୀୟ ଦଳର ଜଣେ ଦକ୍ଷ ମିଡ୍‌ଫିଲ୍ଡରଭାବେ ପରିଚିତ ୨୯ ବର୍ଷୀୟା ମୋନିକା ୨୦୧୨ରେ ୨୦୧୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ନାପ୍ଲେସଠାରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ଚଣ୍ଡିଗଡ଼ର ଏହି ଖେଳାଳି ଭାରତୀୟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି। ଦକ୍ଷିଣ କୋରିଆର ଇଞ୍ଚିଅନଠାରେ ୨୦୧୪ରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ଭାରତୀୟ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ୨୦୧୬ରେ ରିଓରେ ଖେଳିବାରେ ମଧ୍ୟ ତାଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ୨୦୧୭ ମହିଳା ଏସିଆ କପ୍‌ର ଫାଇନାଲରେ ଭାରତ ପ୍ରତିପକ୍ଷ ଚାଇନାକୁ ପରାସ୍ତ କରିଥିଲା। ଏଥିରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ମଧ୍ୟ ସେ ସଦସ୍ୟ ଥିଲେ। ମୋନିକା ଜଣେ ଡବଲ ଅଲିମ୍ପିଆନ। ରିଓ ବ୍ୟତୀତ ସେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଖେଳିଥିଲେ। ସେଠାରେ ଭାରତ ଐତିହାସିକ ୪ର୍ଥ ସ୍ଥାନ ହାସଲ କରିଥିଲା। ଏଫ୍‌ଆଇଏଚ୍ ନେଶନ୍ସ କପ ବିଜୟୀ ଭାରତୀୟ ଦଳ ପକ୍ଷରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ। ଏହାଦ୍ୱାରା ଭାରତ ୨୦୨୩-୨୪ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ୨୦୦ତମ ମ୍ୟାଚ ଖେଳିଥିବାରୁ ମୋନିକାଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ